# ଧରିତ୍ରୀ DHARITRI

ବାଲେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୨ /୨୦୧୯ (୧୬ ପୃଷ୍ଠା) | Balasore, Tuesday, February 12/ 2019 | ★★★★

୪୫ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଦ୍ୱିତୀୟ ସ୍ଥାନରେ କୁଲଦୀପ

ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଆଇସିସି ଟି୨୦ ର୍ୟାଙ୍କିଙ୍ଗର ବୋଲିଂ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉଠି କ୍ୟାରିୟର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି।

୧୪

୧୦

## ପିତାଙ୍କୁ ଉପହାର ଉତ୍ସର୍ଗ କଲେ ଅନୁପମ

ଅନୁପମ ଖେର୍‌ଙ୍କ ମେଡିକାଲ ଡ୍ରାମା ସିରିଜ୍ 'ନ୍ୟୁ ଆମଷ୍ଟରଡମ୍' ଆଉଟଷ୍ଟାଣ୍ଡିଂ କାଷ୍ଟ ଆୱାର୍ଡ ଲାଭ କରିଥିବା ବେଳେ ସେ ପିତାଙ୍କ ଉଦ୍ଦେଶ୍ୟରେ ଏହା ଉତ୍ସର୍ଗ କରିଛନ୍ତି।



■ କମୁଛି ପୋଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା

# ଥାନାରେ ପଡ଼ିଛି ୧୧ହଜାର ମାମଲା

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୧୧।୨

କମିଶନରେଟ ପୋଲିସର ବିଭିନ୍ନ ଥାନାରେ ବହୁ ସଂଖ୍ୟାରେ ମାମଲା ପଡ଼ିରହିଛି। ଗତ ୧୧ ବର୍ଷ ମଧ୍ୟରେ ଥାନାଗୁଡ଼ିକରେ ମୋଟ ୧୧ ହଜାର ୬୧ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେଥିମଧ୍ୟରେ ୯୪ ହତ୍ୟା ଏବଂ ୧୪୩ ବଳାତ୍କାର ଭଳି ସଙ୍ଗିନ ମାମଲା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିବର୍ଷ ବଳକା ମାମଲା ହାର ବଢ଼ି ବଢ଼ି ଚାଲିଛି। ଏହାକୁ ଅନୁଧ୍ୟାନ କଲେ ଜଣାପଡୁଛି କମିଶନରେଟ ପୋଲିସ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଦିନକୁ ଦିନ କମିବାରେ ଲାଗିଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୧୧ ବର୍ଷ ମଧ୍ୟରେ କମିଶନରେଟ ପୋଲିସର ୨୧ଟି ଥାନାରେ ଏସବୁ ମାମଲା ପଡ଼ିରହିଛି। ସେଥିମଧ୍ୟରେ କ୍ୟାପିଟାଲ ଥାନାରେ ୭୭୮ ମାମଲା ଥିବାବେଳେ ଖାରବେଳନଗର ଥାନାରେ ୬୪୫, ମହିଳା ଥାନାରେ ୨୬୬, ଲିଙ୍ଗରାଜ ଥାନାରେ ୨୩୬, ଏୟାରଫିଲ୍ଡ ଥାନାରେ ୩୬୮, ଧଉଳି ଥାନାରେ ୧୦୪, ଜଟଣୀ ଥାନାରେ ୬୬୫, ତମାଣ୍ଡୋ ଥାନାରେ ୫୯ ଏବଂ ବିଦ୍ୟୁତ୍ ଥାନାରେ ୪ ମାମଲା ରହିଛି। ସେହିଭଳି ଖଣ୍ଡଗିରି ଥାନାରେ ୧୧୪୦, ବଡଗଡ ଥାନାରେ ୭୪୩, ଲକ୍ଷ୍ମୀସାଗର ଥାନାରେ ୬୨୮, ବାଲିପାଟଣା ଥାନାରେ ୨୦୧, ବାଲିଅନ୍ତା ଥାନାରେ ୫୧୨, ନୟାପଲ୍ଲୀ ଥାନାରେ ୧୨୫୬, ମଞ୍ଚେଶ୍ୱର ଥାନାରେ ୮୧୫, ଶହୀଦନଗର ଥାନାରେ ସର୍ବାଧିକ ୧୪୨୫ ମାମଲା ରହିଛି। ଏହାବ୍ୟତୀତ ଚନ୍ଦ୍ରଶେଖରପୁର ଥାନାରେ ୭୪୫, ଇନ୍‌ଫୋସିଟି ଥାନାରେ ୩୦୪, ଚନ୍ଦକା ଥାନାରେ ୧୧୪ ଏବଂ ନନ୍ଦନକାନନ ଥାନାରେ ୫୩ ମାମଲା ପଡିରହିଛି। ନୟାପଲ୍ଲୀ, ମଞ୍ଚେଶ୍ୱର, ଖଣ୍ଡଗିରି, ଶହୀଦନଗର ଥାନାରେ ଏକାଧିକ ହତ୍ୟା ମାମଲା ରହିଛି। ବର୍ଷ ଅନୁଯାୟୀ ଦେଖିଲେ, ୨୦୦୭ରେ ୧୪୫ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ୨୦୦୮ରେ ୧୭୪, ୨୦୦୯ରେ ୧୪୩, ୨୦୧୦ରେ ୧୭୯, ୨୦୧୧ରେ ୧୮୨, ୨୦୧୨ରେ ୩୨୯, ୨୦୧୩ରେ ୫୩୭, ୨୦୧୪ରେ ୭୧୯, ୨୦୧୫ରେ ୧୨୨୬, ୨୦୧୬ରେ ୧୬୨୬, ୨୦୧୭ରେ ୨୪୩୪ ମାମଲା ରହିଛି। ଏ କ୍ଷେତ୍ରରେ ୨୦୧୮ ବର୍ଷର ନଭେମ୍ବର ସୁଦ୍ଧା ୩୩୬୭ ମାମଲା ରହିଛି।

ଏସବୁ ମାମଲାରେ ଅଭିଯୁକ୍ତ ଗିରଫ ନ ହେବା, ଲୁଟ୍ ଏବଂ ଚୋରି ସମ୍ପତ୍ତି ଉଦ୍ଧାର ନ ହେବା ଯୋଗୁ ଅପରାଧର ଶିକାର ବ୍ୟକ୍ତିମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ପ୍ରିୟା ସକ୍‌ସେନା। ପ୍ରିୟାଙ୍କ କହିବାନୁଯାୟୀ, ୨୦୧୮ ମାର୍ଚ୍ଚ ୧୧ରେ ତାଙ୍କ ସ୍ୱାମୀଙ୍କୁ ଚିରଗୋଟୋଲା ବସ୍ତିର ଜଣେ ବ୍ୟକ୍ତି କିରୋସିନରେ ପୋଡି ହତ୍ୟା କଲେ। ଏନେଇ ସେ ଇନ୍‌ଫୋସିଟି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ତାଙ୍କ ସ୍ୱାମୀ ଗୁରୁତର ହୋଇ ହସ୍ପିଟାଲରେ ପଡିଥିବା ବେଳେ ଘଟଣା କିଭଳି ଘଟିଥିଲା ତାହା କହିଥିଲେ। ତାହାର ଭିଡିଓ ରେକର୍ଡିଂ ଦିଆଯାଇଥିଲେ ମଧ୍ୟ ପୋଲିସ ଚାପରେ ଚୁପ୍ ରହିଛି। ଅଭିଯୁକ୍ତଙ୍କୁ ଗିରଫ କଲା ନାହିଁ। ଅଭିଯୁକ୍ତଙ୍କ ପ୍ରତି ଜଣେ ପୋଲିସ ଅଫିସରଙ୍କ ସହଯୋଗ ରହିଛି ବୋଲି ସେ କହିଛନ୍ତି। ସେହିପରି ଲୁଟ୍‌ର ଶିକାର ହୋଇଥିବା ଭଗବତ ବାସୁଦେବ କହିବାନୁଯାୟୀ, ଘାଟିକିଆ ଅଞ୍ଚଳରେ ୨୦୧୮ ନଭେମ୍ବର ୩ ତାରିଖ ବିଳମ୍ବିତ ରାତିରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ୩୦ ହଜାର ଟଙ୍କା ଲୁଟିନେଲେ। ସେ ଏଟିଏମ୍‌ରୁ ଟଙ୍କା କାଢି ବାହାରୁଥିବାବେଳେ ଏଭଳି ଲୁଟ୍‌ର ଶିକାର ହୋଇଥିଲେ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲା, କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କଲାନାହିଁ। ବାରମ୍ବାର ଥାନାକୁ ଦୌଡିଥିଲେ ମଧ୍ୟ କିଛି ଫଳ ମିଳିଲାନାହିଁ। ପୋଲିସ ଜାଣିଶୁଣି ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉଛି ବୋଲି ସେ କହିଛନ୍ତି।

☞ପୃଷ୍ଠା-୪

### ୧୧ ବର୍ଷର ବିଫଳତା

- ■ ୯୪ ହତ୍ୟା, ୧୪୩ ବଳାତ୍କାର ମାମଲାରେ ପୋଲିସ ବିଫଳ
- ■ ବଢ଼ିଚାଲିଛି ବଳକା ମାମଲା ହାର

### କଂକ୍ରିଟ୍ ଜଙ୍ଗଲର ସବୁଜ ଖେତ



ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଏକ ଚିନାବାଦାମ କିଆରିରେ ଦୁଇ ଚାଷୀ। (ଫଟୋ: ବିକାଶ)

## ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଚନ୍ଦ୍ରାବାବୁଙ୍କ ଅନଶନ

ସମର୍ଥନ ନାଁରେ ବିରୋଧୀ ଏକାଠି

ନୂଆଦିଲ୍ଲୀ,୧୧।୨(ପି.ଟି.)

ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ନୂଆଦିଲ୍ଲୀର ଆନ୍ଧ୍ରଭବନରେ ସୋମବାର ଅନଶନରେ ବସିଥିବା ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ଜୋରଦାର ବର୍ଷିଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ ନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଧର୍ମ ପାଳନକୁ ଅବହେଳା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଚନ୍ଦ୍ରାବାବୁଙ୍କ ଅନଶନକୁ ସମର୍ଥନ ନାଁରେ ବିରୋଧୀ ଦଳ ନେତାମାନେ ପୁଣି ଥରେ ଏକାଠି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଥିଲେ କଂଗ୍ରେସ ☞ପୃଷ୍ଠା-୪

■ ଲୋକାୟୁକ୍ତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଛାଟ

# ସତ୍ୟପାଠ ଦାଖଲ କଲେ ସରକାର

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ସୁପ୍ରିମକୋର୍ଟଙ୍କ ତାଗିଦ ପରେ ରାଜ୍ୟରେ ଲୋକାୟୁକ୍ତ ଗଠନ କରିବାକୁ ସରକାର ବାଧ୍ୟ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି କରାଯିବ। ଆସନ୍ତା ଏପ୍ରିଲ ୮ ତାରିଖ ସୁଦ୍ଧା ଦୁର୍ନୀତି ନିରୋଧୀ ସଂଗଠନ ଲୋକାୟୁକ୍ତ କାର୍ଯ୍ୟକ୍ଷମ ହେବ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୋମବାର ସୁପ୍ରିମକୋର୍ଟରେ ଏଭଳି ଏକ ସତ୍ୟପାଠ ଦାଖଲ କରିଛନ୍ତି।

ମୁଖ୍ୟ ଶାସନ ସଚିବ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ସର୍ଚ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ୨୦୧୮ ଡିସେମ୍ବର ୨୪ ତାରିଖରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଲୋକାୟୁକ୍ତ ରୁଲ୍ ୨୦୧୮ ସେକ୍ସନ-୪(୪) ଓ ରୁଲ୍ ୧୦ ଅନୁଯାୟୀ ସଦସ୍ୟମାନଙ୍କର ନାମ ଚୂଡ଼ାନ୍ତ କରାଯିବା ସହ ଏ ନେଇ ଗାଇଡ ଲାଇନ ପ୍ରସ୍ତୁତ କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଦୁଇଟି ଇଂଲିଶ ଓ ଦୁଇଟି ଓଡ଼ିଆ ପ୍ରମୁଖ ଖବରକାଗଜରେ ବିଜ୍ଞାପନ ଦିଆଯାଇଛି। ଏହାଛଡ଼ା ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଲାଗି ସୁପ୍ରିମକୋର୍ଟ ରେଜିଷ୍ଟ୍ରାର, ୨୪ ଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ୨୨ଟି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି, ନିର୍ଦ୍ଦେଶକମାନଙ୍କୁ ଉକ୍ତ ପଦବୀ ପାଇଁ ଆବେଦନ କରିବା ସକାଶେ ଅନୁରୋଧ କରାଯାଇଥିଲା। ୨୦୧୯ ଜାନୁୟାରୀ ୮ ଓ ୯ ତାରିଖରେ ଅନୁଷ୍ଠିତ ସର୍ଚ୍ଚ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନାମ ଚୂଡ଼ାନ୍ତ କରାଯାଇ ଜାନୁୟାରୀ ୯ ☞ପୃଷ୍ଠା-୪

- ■ ମାର୍ଚ୍ଚ ୩୧ ସୁଦ୍ଧା ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତ ହେବେ
- ■ ଏପ୍ରିଲ ୮ରୁ କାର୍ଯ୍ୟକାରୀ ହେବ ଲୋକାୟୁକ୍ତ
- ■ ଆଜି ବସିବ ଚୟନ କମିଟି

### ଆଜିର ସମ୍ପାଦକୀୟ

**ବିବେକକୁ ବ୍ୟବହାର**

### ଆଜିର ମନ୍ତବ୍ୟ

"ଲୋକପାଳ ଆଇନ କାର୍ଯ୍ୟକାରୀ ହୋଇଥିଲେ ରାଫାଲ ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନମ୍ବର ୱାନ ଅଭିଯୁକ୍ତ ହୋଇଥାନ୍ତେ।

– ବୀରାପ୍ପା ମୋଇଲା, କଂଗ୍ରେସ ନେତା

### କିଛି ତଥ୍ୟ

୨୦୧୮ର ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶର ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରକୁ ୦.୨୧ ନିୟୁତ ଡଲାରର ଏଫ୍‌ଡିଆଇ ଆସିଛି।

–ବାଣିଜ୍ୟ ମନ୍ତ୍ରଣାଳୟ


SUDHAKAR PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE | 11.02.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 78 | 129 | 139 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers










# ଚାରା ବାଣ୍ଟିଲେ ନବଦମ୍ପତି

**ନିଆରା ବିବାହ**
- ପରିବେଶ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ
- ଉପହାର ଆଣିବା ମନା

ଭଦ୍ରକ ଅଫିସ, ୧୧।୨

ସାଧାରଣତଃ ବାହାଘରରେ ରୋଶଣି, ବାଣ ଓ ଉପହାର ଏକ ପ୍ରଥା ହୋଇଯାଇଛି। ନିମନ୍ତ୍ରିତ ଅତିଥିମାନେ ବାହାଘରରେ ଭୋଜି ଖାଇ ବରକନ୍ୟାଙ୍କୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ହେଲେ ଏପରି ଏକ ନିଆରା ବାହାଘର ଯେଉଁଠି ଉପହାର ନେବା ପାଇଁ ନିମନ୍ତ୍ରଣ କାର୍ଡରେ ସ୍ପଷ୍ଟ ମନା କରାଯାଇଥିଲା। ବଦଳରେ ବିବାହ ମଣ୍ଡପରୁ ଭୋଜି ଖାଇ ଫେରୁଥିବା ଅତିଥିମାନେ ନବଦମ୍ପତିଙ୍କଠାରୁ ଚାରା ଉପହାର ଆଣି ବେଶ୍ ଖୁସିରେ ଘରକୁ ଫେରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

ଭଦ୍ରକ ବନ୍ତ ଛକ ଷ୍ଟାଡିୟମ ରୋଡର ଅବସରପ୍ରାପ୍ତ ଫେକରର କର୍ମଚାରୀ ଦିଲୀପ ନାୟକ ଗତ ଜାନୁୟାରୀ ୨୭ ତାରିଖରେ ତାଙ୍କ ବଡ଼ପୁଅଙ୍କ ବାହାଘର କରି ଏଭଳି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ତାଙ୍କ ବଡ଼ପୁଅ ଇଞ୍ଜିନିୟର ଦିନେଶଙ୍କ ସହିତ ବାସୁଦେବପୁର ଅଞ୍ଚଳର ଶରତ ନାୟକଙ୍କ ଝିଅ ମୌସୁମୀଙ୍କ ବିବାହ ହୋଇଥିଲା। ଅତିଥିମାନେ ବିନା ଉପହାରରେ ଆସିବାକୁ ନିମନ୍ତ୍ରଣ ପତ୍ରରେ ଲେଖାଥିଲା। ସେହିପରି ପରିବେଶ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିନା ବାଣ, ରୋଶଣିରେ ନିରାଡ଼ମ୍ବର ଭାବେ ବିବାହ ସମ୍ପନ୍ନ ହୋଇଥିଲା। ଜାନୁୟାରୀ ୩୧ ତାରିଖରେ ଡିଆର୍‌ଡିଏ ରୋଡସ୍ଥିତ ଏକ ବିବାହ ମଣ୍ଡପରେ ଦିନେଶଙ୍କ ଚତୁର୍ଥୀ ଭୋଜି ଦିଆଯାଇଥିଲା। ଏଠାକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହ ନିରାମିଷ ଭୋଜି ଖାଇଥିଲେ। ଆଉ ଘରକୁ ଫେରିବା ସମୟରେ ସେମାନଙ୍କୁ ଗୋଟିଏ ଲେଖାଏ ଚାରା ନବଦମ୍ପତି ଉପହାର ଭାବେ ଦେଇଥିଲେ। ଏଥର ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଚାରା ରହିଥିଲା। ଅତିଥିମାନେ ମନ ମୁତାବକ ଚାରା ନବଦମ୍ପତିଙ୍କ ହାତରୁ ନେଇ ଘରକୁ ଫେରିଥିଲେ। ବାପାଙ୍କ ଏପରି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି ପୁଅ ବୋହୂ ଓ ନିମନ୍ତ୍ରିତ ଅତିଥିମାନେ। ତାଙ୍କର ଏଭଳି ପଦକ୍ଷେପକୁ ଭଦ୍ରକ ସହରବାସୀ ମଧ୍ୟ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ଏହି ବାହାଘରକୁ ବାଦ୍ ଦେଲେ ଦିଲୀପ ନିଜ ଘର ଓ ଅନ୍ୟାନ୍ୟ ସ୍ଥାନରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିସାରିଛନ୍ତି। ଏଥିପାଇଁ ସ୍ତ୍ରୀ ଶିକ୍ଷୟିତ୍ରୀ ଶିରୋମଣି ମହାପାତ୍ର ଓ ପରିବାର ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦିଲୀପ ପ୍ରତିକ୍ରିୟା ରଖିଛନ୍ତି।


ଅତିଥିମାନେ ନବଦମ୍ପତିଙ୍କଠାରୁ ଚାରା ଗ୍ରହଣ କରୁଛନ୍ତି।




■ ନାବାଳିକା ଅପହରଣ, ବଳାତ୍କାର ଘଟଣା

# ଜେଲ୍‌ଗଲେ ପୋଲିସ ଏଏସ୍‌ଆଇ, ଯୁବକ


ଗିରଫ ଯୁବକ ଓ ପୋଲିସ ଏଏସ୍‌ଆଇ।

ସୋହେଲା,୧୧।୨(ଡି.ଏନ.ଏ.)

ବରଗଡ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ସୋହେଲା ଥାନାର ଏଏସଆଇ ବନମାଳି କୁଅଁର ଓ ମେଲଛାମୁଣ୍ଡା ଗ୍ରାମର ରିକୁ ନାଗଙ୍କୁ ପୋଲିସ ଗିରଫ କରି ସୋମବାର ଅପରାହ୍ଣରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବରଗଡ଼ ଜେଲ୍‌କୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ରବିବାର ବିଳମ୍ବିତ ରାତିରେ ଏସ୍‌ପି ମୁକେଶ ଭାମୁ ଅଭିଯୁକ୍ତ ଏଏସ୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ ଏବଂ ତାଙ୍କୁ ସୋହେଲା ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣାରେ ବ୍ୟବହୃତ ବାଇକ୍ ସହିତ ପୀଡିତା ଓ ଅଭିଯୁକ୍ତମାନଙ୍କ ଲୁଗାପଟା ଜବତ ହୋଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉକ୍ତ ଛାତ୍ରୀ ଟିଉଶନ ଯାଇ ଆଉ ନ ଫେରିବାରୁ ପରିବାର ପକ୍ଷରୁ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ପରଦିନ ଅର୍ଥାତ୍ ଶନିବାର ସନ୍ଧ୍ୟାରେ ଅପହୃତା ଛାତ୍ରୀ ଜଣକ ଉଦ୍ଧାର ହେବା ପରେ ତାଙ୍କ ବୟାନ ଓ ମା’ ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଅପହରଣ ସହିତ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ରିକୁ ନାଗ ଓ ସୋହେଲା ଥାନାର ଏଏସ୍‌ଆଇ ବନମାଳି କୁଅଁରଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ବରଗଡ ଏସ୍‌ପି ଏଏସ୍‌ଆଇ କୁଅଁରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସୋମବାର ସକାଳେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ସୋହେଲା ଥାନାକୁ ଆସି ପୀଡିତା ଓ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଏହି ଘଟଣାରେ ଉଭୟ ଅଭିଯୁକ୍ତ ଦୋଷୀ ଅଟନ୍ତି ବୋଲି ସୂଚନା ଦେଇଥିଲେ। ଏହାପରେ ଏଏସଆଇ କୁଅଁରଙ୍କ ପୋଲିସ ପୋଷାକ ଖୋଲାଯାଇଥିଲା। ତାଙ୍କୁ ଥାନା ପରିସରରେ ଥିବା କ୍ୱାର୍ଟରକୁ ନେଇ ସେ ଏକ ବାକ୍ସରେ ରଖିଥିବା ସରକାରୀ ରିଭଲଭର ଓ ଗୁଳିକୁ ସଂଗ୍ରହ କରାଯାଇଥିଲା ଏବଂ ବରଗଡ ପୋଲିସ ରିଜର୍ଭରୁ ଆସିଥିବା ଜଣେ ଅଧିକାରୀଙ୍କୁ ତାହା ହସ୍ତାନ୍ତର କରାଯାଇଥିଲା। ପରେ ଉଭୟ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ଼ ପଠାଯାଇଥିଲା। ସୋହେଲା ଥାନାର ମହିଳା ସବଇନ୍ସପେକ୍ଟର ସୁଶୀଳା ଟିଗା ଘଟଣାର ତଦନ୍ତ କରୁଛନ୍ତି।

■ ରାଜ୍ୟର ଦୁର୍ଘଟଣା ମୃତ୍ୟୁ ହାର ଜାତୀୟଠାରୁ ଅଧିକ

# ପ୍ରତି ୧୦୦ ଦୁର୍ଘଟଣାରେ ୪୪ଜଣଙ୍କ ମୃତ୍ୟୁ

- ଉଦ୍‌ବେଗ ପ୍ରକାଶ କଲେ ଅର୍ଥମନ୍ତ୍ରୀ, ପରିବହନ ମନ୍ତ୍ରୀ
- ଆଶୁ ଚିକିତ୍ସା କ୍ଷେତ୍ରରେ ବିଫଳତାକୁ ଦାୟୀ କଲେ
- ନିୟମ ଉଲ୍ଲଂଘନକାରୀଙ୍କଠାରୁ ଇ-ଚାଲାଣ କଟାଯିବ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଦୁର୍ଘଟଣା ଜନିତ ମୃତ୍ୟୁ ହାର ଜାତୀୟ ହାରଠାରୁ ଅଧିକ ରହିଛି। ୨୦୧୭ରେ ଦୁର୍ଘଟଣାରେ ଦେଶରେ ମୋଟ ୧.୪୮ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ କେବଳ ଓଡ଼ିଶାରେ ୪ ହଜାର ୮ଶହ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଗତ ୧୦ବର୍ଷରେ ଏହି ସଂଖ୍ୟା ୩୦ ହଜାର ଟପିଛି। ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ୨୯ଜଣ ଓ ଓଡ଼ିଶାରେ ୪୪ ଜଣଙ୍କ ଜୀବନ ଯାଉଛି। ଏଥିରୁ ରାଜ୍ୟରେ ଦୁର୍ଘଟଣାର ଭୟଙ୍କର ସ୍ଥିତି ବାରି ହୋଇପଡୁଥିବା ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ସୋମବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବେହେରା ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ଘଟଣା ପରବର୍ତ୍ତୀ ଆଶୁ ଚିକିତ୍ସା କ୍ଷେତ୍ରରେ ଆମର ଦାୟିତ୍ୱହୀନତା ଓ ବିଫଳତାକୁ ଦାୟୀ କରିଛନ୍ତି।

ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ରାଜ୍ୟରେ ସଡ଼କ ଦୁର୍ଘଟଣା ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତିବର୍ଷ ୧୦ ପ୍ରତିଶତ ଦୁର୍ଘଟଣା ହାର ହ୍ରାସ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ରେ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୨୦ ସୁଦ୍ଧା ଦୁର୍ଘଟଣା ହାର ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଗୁରୁତ୍ୱାରୋପ କରିଥିବାବେଳେ ରାଜ୍ୟରେ କିନ୍ତୁ ଏହାର ବିପରୀତ ସ୍ଥିତି ପ୍ରତିଫଳିତ ହୋଇଛି। ୨୦୧୫ ତୁଳନାରେ ୨୦୧୬ ଓ ୨୦୧୭ରେ ଦୁର୍ଘଟଣା ହାର ୭.୩୩% ବୃଦ୍ଧି ପାଇଛି। ୨୦୧୮ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୪୨୭୦ଟି ଦୁର୍ଘଟଣା ଘଟିଥିବାବେଳେ ୨୦୧୭ ତୁଳନାରେ ଏହି ହାର ୮.୪୩% ପ୍ରତିଶତ ଅଧିକ ରହିଛି। ତେଣୁ ଦୁର୍ଘଟଣା ହାର ହ୍ରାସ କରିବା ପାଇଁ ଜାତୀୟ ରାଜପଥର ରାମେଶ୍ୱରଠାରୁ ଚଣ୍ଡିଖୋଲ ମଧ୍ୟରେ ୨୪ଟି ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ଏହି କ୍ୟାମେରା ଗାଡ଼ିର ଗତି ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଏହି ଆଧାରରେ ନିୟମ ଭଙ୍ଗକାରୀ ଚାଳକ ଓ ଗାଡ଼ି ଉପରେ ଇ–ଚାଲାଣ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ଏହି ଉତ୍ସବରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଗଗନ କୁମାର ଧଳ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ୍, ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ହ୍ରାସ ଦିଗରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରୋଡ୍ ସେଫ୍ଟି ଆକ୍ସନ୍ ପ୍ଲାନ୍ ଓ ଗୁଡ୍ ସାମରିଟାନ୍ ପଲିସି ଉନ୍ମୋଚନ କରାଯାଇଥିଲା। ସଡ଼କ ସୁରକ୍ଷା ସମ୍ପର୍କରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା। ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।




# ସଡ଼କ ସୁରକ୍ଷା ସପ୍ତାହ ଶେଷଦିନରେ ଦୁର୍ଘଟଣା: ଗଲା ୧୫ ଜୀବନ

ମାଲକାନଗିରି/ଅନୁଗୋଳ/ଖୋର୍ଦ୍ଧା/ବୌଦ୍ଧ/ଟିଟିଲାଗଡ଼/ସୁନ୍ଦରଗଡ଼/କେନ୍ଦୁଝର, ୧୧।୨ (ଡି.ଏନ.ଏ./ସ୍ୱ.ପ୍ର.)

ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଶେଷଦିନରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୫ ଜୀବନ ଯାଇଛି। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲାରେ ୫, ଅନୁଗୋଳରେ ୩, ସୁନ୍ଦରଗଡ଼ରେ ୨, ଖୋର୍ଦ୍ଧା, ବରଗଡ଼, ବଲାଙ୍ଗୀର ଏବଂ କେନ୍ଦୁଝର ଜିଲାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି।

କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଏକ ପିକ୍ଅପ୍ ଭ୍ୟାନ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ଅନ୍ତର୍ଗତ କାଠିଗୁଡା ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଙ୍ଗାମର ରାମଚନ୍ଦ୍ର ଖରା, ଶିରାଗୁଡାର ଡମ୍ବୁ ଗୌଡ, ପାତ୍ରଗୁଡାର ରାମଚନ୍ଦ୍ର ପୁଡିଆ, ଜୟପୁର କୁମ୍ଭାରସାହିର ଅନିଲ ଜେନା ପ୍ରାଣ ହରାଇଛନ୍ତି। ଏଥିରେ ୧୮ଜଣ ଗୁରୁତର ହୋଇଛନ୍ତି। ସେହିପରି ବାଲିମେଳା-କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତାର ଏମ୍.ଭି.-୩୮ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଅନିଲ ଜେନାଙ୍କ ଜୀବନ ଯାଇଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। କୋରାପୁଟ-ସୁନାବେଡା ୨୬ନମ୍ବର ଜାତୀୟ ରାଜପଥର ନୂଆ କଲୋନୀଠାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ପରଜାଲିମକା ଗ୍ରାମର ପଦଲାମ ମାଝି (୩୦)।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଖମାର ଗାଁ ଜଗନ୍ନାଥ ମନ୍ଦିର ନିକଟ ୧୪୯ନଂ. ଜାତୀୟ ରାଜପଥରେ କାର୍ ସାଇକେଲକୁ ଧକ୍କା ଦେଇ ରାସ୍ତାକଡରେ ଥିବା ଘରେ ପଶିଯାଇଥିଲା। ଏଥିରେ ସାଇକେଲ ଆରୋହୀ ଚିକନ ଖିଲାର (୩୦)ଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା-କୃତ୍ତିବାସପୁର ରାସ୍ତାର ବରପାଲି ଗ୍ରାମ ବାଟାବାୟାଣୀଠାରେ ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦାମୋଦରପୁର ଗ୍ରାମର ଧଡ଼ିଆ ନାୟକ (୩୦) ଓ ବାଲିପଙ୍ଗା ଗ୍ରାମର ବାବୁଲି ନାୟକ(୨୨)ଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକ ନିକଟରେ ଇଣ୍ଟରଭ୍ୟୁ ଦେବାକୁ ଆସିଥିବାବେଳେ ଟ୍ରକ୍ ଧକ୍କାରେ ଦୁଇ ଭଉଣୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ମଞ୍ଜୁଲା ମିଞ୍ଜ (୨୦), ଅଞ୍ଜନା ମିଞ୍ଜ (୧୮)। ଉଭୟେ ଏକ ନମ୍ବରବିହୀନ ଗାଡ଼ିରେ ରାଉରକେଲା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥ ସୁବୁଦ୍ଧି ପାଟଣା ଛକରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର ଧକ୍କାରେ ତୋଟାପଡ଼ାର ଭାଗୀରଥି ଭୁଜବଳ (୫୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ଅନୁରୂପଭାବେ ବଲାଙ୍ଗୀର ଜିଲା ବେଲଗାଁ-ଟିଟିଲାଗଡ଼ ୫୯ନଂ. ଜାତୀୟ ରାଜପଥର ରିଗ୍ଡୁଲ ଗ୍ରାମ ନିକଟରେ ପିକଅପ୍ ଭ୍ୟାନ ଓଲଟି ଟିଟିଲାଗଡ଼ ଥାନା ନାନାଝର ଗ୍ରାମର ରାମ ଭୋଇ (୩୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ନିର୍ବନ୍ଧ କାମ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବୌଦ୍ଧ ଜିଲା ମନମୁଣ୍ଡାଠାରୁ ୨କିମି ଦୂର ବାସୁଦେବପାଲି କ୍ରିଷ୍ଣା ଢାବା ନିକଟରେ ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସମ୍ବଲପୁର ଜିଲା ମାନେଶ୍ୱରର ବଣ୍ଟି ବେହେରା (୨୮)ଙ୍କ ମୃତ୍ୟୁ ଘଟିଛି। ବରଗଡ଼ ଜିଲା ପାଇକମାଳ ଥାନା ମଲଦା ପାହାଡ଼ି ଢାବା ନିକଟରେ ଅପରାହ୍ନ ୪ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଭୁବନେଶ୍ୱରପୁର ଗ୍ରାମର ଗୌର ବରିହା ପ୍ରାଣ ହରାଇଛନ୍ତି। କେନ୍ଦୁଝର ଜିଲା ବାଂଶପାଣି ରେଲଷ୍ଟେଶନ ନିକଟରେ ଟାଟା-ବିଶାଖାପାଟଣା ଦ୍ରୁତଗାମୀ ପାସେଞ୍ଜର ଟ୍ରେନ୍‌ରେ କଟିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରିନାହିଁ। ୧ନଂ. ପ୍ଲାଟ୍‌ଫର୍ମରୁ ୧୦୦ ମିଟର ଦୂର ଟ୍ରେନ ଲାଇନରେ ଯୁବକଙ୍କ ବିଖଣ୍ଡିତ ମୃତଦେହ ପଡ଼ିଥିଲା। ଏହା ଆତ୍ମହତ୍ୟା ହୋଇଥାଇପାରେ ବୋଲି ଆଲୋଚନା ହେଉଛି।

■ ସାତକୋଶିଆରେ ବ୍ୟାଘ୍ର ବଂଶ ବୃଦ୍ଧି ଯୋଜନା ଫେଲ୍

# ଏନ୍‌ଟିସିଏ ନିର୍ଦ୍ଦେଶକୁ ଗିଳିଦେଲା ବନ ବିଭାଗ

ଭୁବନେଶ୍ୱର, ୧୧।୨ (ବ୍ୟୁରୋ)

■ ମହାବୀର' ମୃତ୍ୟୁର ଦୋଷୀଙ୍କୁ ସୁରକ୍ଷା
■ ଅନ୍ଧାରରେ 'ସୁନ୍ଦରୀ'ର ଭାଗ୍ୟ
■ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ପ୍ରକଳ୍ପରେ ମଧ୍ୟପ୍ରଦେଶରୁ ୬ଟି ବାଘ ଅଣାଯିବାର ଯୋଜନା ରହିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଟି ମହାବଳ ଅଣାଯାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛଡ଼ା ଯାଇଥିଲା। ଏହି ପ୍ରକଳ୍ପକୁ ନେଇ ସେତେବେଳେ ବନ ବିଭାଗ ଅତ୍ୟନ୍ତ ଉଚ୍ଚାଭିଳାଷୀ ହୋଇପଡ଼ିଥିଲା। କିନ୍ତୁ ସାତକୋଶିଆକୁ ଆସିଥିବା ବାଘୁଣୀ 'ସୁନ୍ଦରୀ' ମଣିଷ ଖାଇଥିବା ଅଭିଯୋଗ ଆସିବା ଓ ବାଘ 'ମହାବୀର'ର ଅକସ୍ମାତ ମୃତ୍ୟୁ ଏହି ପ୍ରକଳ୍ପରେ ରକ୍ତଛିଟା ପକାଇଥିଲା। ଏହି ଦୁଇ ଘଟଣାରେ ଦୋଷ ଖସାଇବା ପାଇଁ ହୋଇଥିବା ଷଡଯନ୍ତ୍ରକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଧରିବା ପରେ ବନ ବିଭାଗ ଏକ ପ୍ରକାର ହରଡ଼ ଘଟଣାରେ ପଡ଼ିଯାଇଥିଲା। ଏବେ ଏନ୍‌ଟିସିଏ ଦେଇଥିବା ରିପୋର୍ଟକୁ ଚାପି ଦିଆଯାଇଥିବା ଅଭିଯୋଗ ଉଠୁଛି। ଏପରିକି ଏନ୍‌ଟିସିଏ ନିର୍ଦ୍ଦେଶକୁ ବନ ବିଭାଗ କାର୍ଯ୍ୟକାରୀ ନ କରି ଚାପି ଦେବାକୁ ଆଉ ଏକ ଷଡ଼ଯନ୍ତ୍ର କରିଥିବା କୁହାଯାଉଛି। ମହାବୀର ମୃତ୍ୟୁର ଦୋଷୀ କିଏ ଏଯାଏ ଜଣାପଡି ନ ଥିବାବେଳେ 'ସୁନ୍ଦରୀ'ର ଭବିଷ୍ୟତକୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ବାଘକୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ୍ ମାରିଥିବାବେଳେ ଏହି ବୃହତ ପ୍ରକଳ୍ପ କ୍ରମଶଃ ଅନ୍ଧାର ଘେରକୁ ଠେଲି ହୋଇଯାଉଛି।

'ସୁନ୍ଦରୀ' ଆସିବା ପରଠାରୁ ସାତକୋଶିଆ ଚର୍ଚ୍ଚାରେ ରହି ଆସିଛି। 'ସୁନ୍ଦରୀ' ମଣିଷ ଓ ବହୁ ଗୃହପାଳିତ ପଶୁ ମାରିବା ଅଭିଯୋଗ ଆସିବା ପରେ ତାକୁ ଏନ୍‌କ୍ଲୋଜର ଭିତରେ ବନ୍ଦୀ କରି ରଖାଯାଇଛି। ସେହିପରି 'ମହାବୀର'ର ମୃତ୍ୟୁ ଏଯାଏ ରହସ୍ୟ ଘେରରେ ରହିଛି। ଝିଙ୍କ ମାରିଖାଇବା ଦ୍ୱାରା ତା'ର ମୃତ୍ୟୁ ହୋଇଥିବା ବନ ବିଭାଗ କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏନ୍‌ଟିସିଏ ଓ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ବିଶେଷଜ୍ଞମାନେ ବନ ବିଭାଗ ରିପୋର୍ଟକୁ ଭୁଲ୍ ପ୍ରମାଣିତ କରିଥିଲେ। ମହାବୀର ଶିକାରୀଙ୍କ ଫାଶରେ ପଡ଼ିଥିବା ଓ ବେକରେ ଘା' ସଂକ୍ରମଣ ଯୋଗୁ ମୃତ୍ୟୁ ହୋଇଥିବା ଏନ୍‌ଟିସିଏ ରିପୋର୍ଟ ଦେଇଥିଲା। ଏଥିସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ଏନ୍‌ଟିସିଏ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲା। କିନ୍ତୁ ଏହି ଚିଠି ଯେପରି ଶୀତଳ ଭଣ୍ଡାରରେ ରହିଯାଇଛି। କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ଦୋଷୀ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ଉଠୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ବନଖଣ୍ଡ ଅଧିକାରୀଙ୍କ ସମୟରେ 'ମହାବୀର'ର ମୃତ୍ୟୁ ହୋଇଥିଲା, ସମ୍ପୃକ୍ତ ଅଧିକାରୀଙ୍କୁ ଏହି ଘଟଣାର ତଦନ୍ତ ଭାର ଦିଆଯିବା ବିଭାଗୀୟ କାର୍ଯ୍ୟଧାରାକୁ ପଦାରେ ପକାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ବାଘୁଣୀ 'ସୁନ୍ଦରୀ' ଏନ୍‌କ୍ଲୋଜର ଭିତରେ ରହିଛି। ତା'ର ସ୍ୱାଭାବରେ ମଧ୍ୟ ପରିବର୍ତ୍ତନ ଆସିବାରେ ଲାଗିଛି। ଏତେ ଦିନ ଏନ୍‌କ୍ଲୋଜର ଭିତରେ ରଖାଗଲେ ପରବର୍ତ୍ତୀ ସମୟରେ ଜଙ୍ଗଲରେ ରହିବା ତା' ପାଇଁ କଷ୍ଟକର ହୋଇପଡ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଇତିମଧ୍ୟରେ ବାଘୁଣୀକୁ ଜଙ୍ଗଲରେ ଛଡ଼ାଯିବା ପାଇଁ ବ୍ୟବସ୍ଥା ହୋଇଛି। ତା'ର ଗତିବିଧିକୁ ନଜର ରଖିବା ପାଇଁ ଶିମିଳିପାଳରୁ ଦୁଇଟି ହାତୀ ସେଠାକୁ ଯାଇଛନ୍ତି। କିନ୍ତୁ ସୁନ୍ଦରୀକୁ କେବେ ଛଡ଼ାଯିବ ତାହା ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରୁ ନାହିଁ। ଆଗକୁ ନିର୍ବାଚନ ଆସୁଥିବାରୁ 'ସୁନ୍ଦରୀ'କୁ ଜଙ୍ଗଲରେ ଛଡ଼ାଗଲେ କାଳେ ପୁଣି କିଛି ଘଟଣା ଘଟିବ ଓ ଅଡୁଆ ପରିସ୍ଥିତି ଉପୁଜିବ ସେହି ଭୟ ଏବେ ବନ ବିଭାଗ ଓ ସରକାରଙ୍କୁ ଘାରିଛି। କାରଣ ସୁନ୍ଦରୀକୁ ଛଡ଼ାଗଲେ ସ୍ଥାନୀୟ ଲୋକେ ବିରୋଧ କରିବେ ଓ ସରକାରଙ୍କୁ ଜବାବ ଦେବା ପାଇଁ ସେମାନେ ନିର୍ବାଚନରୁ ମଧ୍ୟ ଓହରିପାରନ୍ତି। ତେଣୁ ନିର୍ବାଚନ ପୂର୍ବରୁ ସୁନ୍ଦରୀକୁ ଜଙ୍ଗଲରେ ନ ଛାଡ଼ିପାରନ୍ତି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଏହି ଦୁଇ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି, ସୁନ୍ଦରୀ ବିଷୟରେ ବର୍ତ୍ତମାନ ସୁଦ୍ଧା ଚିନ୍ତା କରାଯାଇ ନାହିଁ। ମହାବୀର ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ଉତ୍ତର ଦେଇପାରିବେ। କିନ୍ତୁ ପିସିସିଏଫ୍ ସନ୍ଦୀପ ତ୍ରିପାଠୀଙ୍କୁ ଅନେକ ଥର ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ରାଜ୍ୟ ପଞ୍ଚାୟତ ସମିତି ମହାସଂଘ

ଭୁବନେଶ୍ୱର, ୧୧।୨ (ବ୍ୟୁରୋ)

ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ପଞ୍ଚାୟତ ସମିତି ସଭ୍ୟା/ସଭ୍ୟ ମହାସଂଘର କର୍ମକର୍ତ୍ତା ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝିଙ୍କ ତତ୍ତ୍ୱାବଧାନରେ ସଂଘର ସଦସ୍ୟମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବାହ୍ନରେ ଭେଟି ବିଭିନ୍ନ ଦାବି ସମ୍ପର୍କରେ ଜଣାଇଛନ୍ତି। ସଂଘର ମୁଖ୍ୟତଃ ୧୦ଟି ଦାବି ରହିଛି। ଏହି ଦାବିକୁ ବିଚାରକୁ ନେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

ସଂଘ ସଭାପତି ଶରତ କୁମାର ଖିଲାର କହିଛନ୍ତି ଯେ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ସଭ୍ୟ(ନୋମିନି)ଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଉନ୍ନତିମୂଳକ କାର୍ଯ୍ୟରେ ସରପଞ୍ଚଙ୍କ ସହ ନୋମିନି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷରକୁ ବାଧ୍ୟତାମୂଳକ, ନୋମିନିଙ୍କ ବାର୍ଷିକ ଉନ୍ନୟନ ପାଣ୍ଠି ୩୦ ଲକ୍ଷ ଏବଂ ମାସିକ ଭତ୍ତା ୧୮୮୦ରୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ନେଇ ଦାବି ରଖିଛୁ। ସେହିପରି ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ବିଭିନ୍ନ ପ୍ରମାଣପତ୍ର ଚିହ୍ନଟରେ ନୋମିନିଙ୍କୁ କ୍ଷମତା ପ୍ରଦାନ, ବାର୍ଷିକ କାର୍ଯ୍ୟଖସଡ଼ା ଅନୁମୋଦନରେ ଦସ୍ତଖତ ଅନ୍ତର୍ଭୁକ୍ତ, ସରପଞ୍ଚଙ୍କୁ ଦିଆଯାଉଥିବା ସମସ୍ତ କ୍ଷମତା ନୋମିନିଙ୍କୁ ପ୍ରଦାନ ଏବଂ ୫ ବର୍ଷର ଅବଧି ସରିବା ପରେ ପେନ୍‌ସନ ପ୍ରଦାନ କରାଯାଉ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୭.୯୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଆସିକା, ୧୧।୨ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ସିଙ୍ଗିପୁର ଗ୍ରାମ ନିକଟରେ ସୋମବାର ଭୋରରେ ପୋଲିସ ଚଢ଼ାଉ କରି ଗଞ୍ଜେଇ ଚାଲାଣ କରୁଥିବା ଏକ ଟ୍ରକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ମଳିପଡ଼ାର ରୋହିତ କୁମାର ଗଜେନ୍ଦ୍ର, ବ୍ରହ୍ମପୁର ଟାଉନ ଥାନା ଖଲାସି ସାହିର ଜି. କାଳିବାବୁ ଓ ଫୁଲବାଣୀ ଟାଉନ ଥାନା ନାରାୟଣୀ ମନ୍ଦିର ରୋଡର ସୁଶାନ୍ତ କୁମାର ଦିଗାଲ। ଟ୍ରକ ସହ କ୍ୟାବିନରେ ୨୫ଟି ପ୍ୟାକେଟରେ ଥିବା ୭ କୁଇଣ୍ଟାଲ ୯୪ କେଜି ଗଞ୍ଜେଇ, ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୪ ହଜାର ଟଙ୍କା ଓ ୩ ମୋବାଇଲ ଫୋନ ପୋଲିସ ଜବତ କରିଛି। ଗଜପତି ଜିଲା ମୋହନାରୁ ଶେରଗଡ-ପାଟପୁର-ଆସିକା ଦେଇ ଭଞ୍ଜନଗର-ଫୁଲବାଣୀ ରାସ୍ତାରେ ଯାଉଥିବା ଟ୍ରକଟି ଆଗ୍ରା ଓ ଦିଲ୍ଲୀ ଯାଇଥାନ୍ତା ବୋଲି ତଦନ୍ତ ପରେ ଜଣାପଡ଼ିଛି। ଅପରାହ୍ନରେ ଗାଙ୍ଗପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ଏହି ସୂଚନା ଦେଇଛି।

ଓଆର ୦୪ଏଲ ୪୪୨୯ ନମ୍ବର ବିଶିଷ୍ଟ ଟ୍ରକର ଡ୍ରାଇଭର ପଛ କ୍ୟାବିନ ତଳେ ଏକ ବାକ୍ସ ତିଆରି କରି ଅଭିଯୁକ୍ତମାନେ ଗଞ୍ଜେଇ ପ୍ୟାକେଟ ଚାଲାଣ କରୁଥିବା ଗାଙ୍ଗପୁର ପୋଲିସକୁ ସୂଚନା ମିଳିଥିଲା।


ଜବତ ଗଞ୍ଜେଇ ସହ ଟ୍ରକ୍।

ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାସଙ୍କ ତତ୍ତ୍ୱାବଧାନରେ ସିଙ୍ଗିପୁର ଗ୍ରାମ ନିକଟରେ ଚଢାଉ କରାଯାଇ ଉକ୍ତ ଟ୍ରକୁ ଜବତ କରାଯାଇଥିଲା। ଏ ନେଇ ଗାଙ୍ଗପୁର ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ନଂ.୨୧/୧୯ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାସ, ଗାଙ୍ଗପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ଓ ବେଲଗୁଣ୍ଠା ତହସିଲଦାର ସୁବଳ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ଭୋଗ ଖାଇ ୬୦ ଛାତ୍ରୀଛାତ୍ର ଅସୁସ୍ଥ

ବାରିପଦା ଅଫିସ, ୧୧।୨

■ ରଙ୍ଗାମାଟିଆରେ ଡାକ୍ତରୀ ଦଳ
■ ରକ୍ତ ନମୁନା ସଂଗ୍ରହ

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ ରଙ୍ଗାମାଟିଆ (ବି) ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ଭୋଗ ଖାଇ ୬୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସୋମବାର ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏଥିସହ ଏକ ଡାକ୍ତରୀ ଦଳ ରଙ୍ଗାମାଟିଆ ଗାଁକୁ ଯାଇ ଅନ୍ୟ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରଙ୍ଗାମାଟିଆ (ବି) ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୦ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଗତ ରବିବାର ବିଦ୍ୟାଳୟରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ଏ ନେଇ ସ୍କୁଲରେ ଚୁଡାରେ କଦଳୀ, ଅଙ୍ଗୁର, ଗୁଡ ଏବଂ ସେଉ ମିଶାଇ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ କରାଯାଇଥିଲା। ସେହି ଭୋଗକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରର ପିଲା ଏବଂ କେତେଜଣ ଅଭିଭାବକ ଖାଇଥିଲେ।


ସୋମବାର ଭୋର ସମୟରେ ୩୭ ପିଲାଙ୍କର ପ୍ରଥମେ ପେଟ କାଟିବା ସହ ଝାଡାବାନ୍ତି ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରାଙ୍କ ସହ ଅଭିଭାବକ ମିଶି ଅସୁସ୍ଥ ପିଲାଙ୍କୁ ପ୍ରଥମେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ହେବାରୁ କେତେ ଜଣ ଛାତ୍ରୀଛାତ୍ରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ନିଆଯାଇଥିଲା। କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ ଛାତ୍ରୀଛାତ୍ର ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ୪୫ ଛାତ୍ରୀଛାତ୍ର ଚିକିତ୍ସିତ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ବାରିପଦା ମେଡିକାଲରେ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ସିଆରସିସି ଜଗଦୀଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝାଶୁଝା କରୁଛନ୍ତି।


ଜଣେ ଛାତ୍ରୀଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଛି।

SBI Life INSURANCE
With Us, You're Sure
Celebrate life

ଏସ୍‌ବିଆଇ ଲାଇଫ୍ ଟର୍ମ ପ୍ଲାନ୍‌ସ ।
ମୋର 'ମୁଁ' ରୁ 'ଆମେ' କୁ ପାହୁଣ୍ଡ

ଯେତେବେଳେ ଆପଣ ଆପଣଙ୍କ ନିଜ ପୂର୍ବରୁ ଅନ୍ୟ କାହାରି ଜୀବନର ଯତ୍ନ ନେବାକୁ ଆରମ୍ଭ କରନ୍ତି, ଆପଣ 'ମୁଁ' ରୁ 'ଆମ'କୁ ପାହୁଣ୍ଡ ବଢାଇ ଥାନ୍ତି । ସେମାନଙ୍କୁ ଏସ୍‌ବିଆଇ ଲାଇଫ୍ ଟର୍ମ ପ୍ଲାନ୍‌ସ ସହିତ ସୁରକ୍ଷା ପ୍ରଦାନ କରନ୍ତୁ ଯାହାକି ସେମାନଙ୍କୁ ସେମାନଙ୍କ ସମଗ୍ର ଜୀବନ ପାଇଁ ବିତ୍ତୀୟ ସୁରକ୍ଷା ପ୍ରଦାନ କରିବ।



ଆମର ଟର୍ମ ପ୍ଲାନ୍‌ସ ବିଷୟରେ ଅଧିକ ଜାଣିବା ପାଇଁ ଭିଜିଟ୍ କରନ୍ତୁ www.sbilife.co.in

ମିଛ/କପଟ ଫୋନ କଲ୍ ପ୍ରତି ସାବଧାନ!
IRDAI ବୀମା ପଲିସୀ ବିକିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା ଭଳି କାର୍ଯ୍ୟ କରେ ନାହିଁ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।

ଉପରୋକ୍ତ ପ୍ଲାନ ନାମଗୁଡ଼ିକ କେବଳ ପ୍ଲାନ କେଟଗରୀଙ୍କ ନାମ । ଆପଦାବଳୀ, ସର୍ତ୍ତ ଓ ନିୟମାବଳୀ ବିଷୟରେ ଅଧିକ ବିବରଣୀ ପାଇଁ, ବିକ୍ରୀ ସମ୍ପନ୍ନ କରିବା ଆଗରୁ ଧ୍ୟାନପୂର୍ବକ ବିକ୍ରୟ ପୁସ୍ତିକା ପଢ଼ିବାକୁ ଅନୁରୋଧ। ଉପରେ ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ଭାରତୀୟ ଷ୍ଟେଟ ବ୍ୟାଙ୍କ'ର ସ୍ୱତ୍ତ୍ୱ ଅଟେ ଏବଂ ଲାଇସେନ୍ସ ଅନ୍ତର୍ଗତ ଏସ୍‌ବିଆଇ ଲାଇଫ୍ ଏହାକୁ ବ୍ୟବହାର କରୁଛି। ଏସ୍‌ବିଆଇ ଲାଇଫ୍ ଇନ୍‌ସୁରାନ୍ସ କମ୍ପାନୀ ଲିମିଟେଡ । ରେଜିଷ୍ଟର୍ଡ ଓ କର୍ପୋରେଟ୍ କାର୍ଯ୍ୟାଳୟ : ନଟରାଜ, ଏମ୍. ଭି. ରୋଡ ଓ ୱେଷ୍ଟର୍ନ ଏକ୍ସପ୍ରେସ ହାଇୱେ ଜଙ୍କ୍‌ଶନ୍, ଅନ୍ଧେରୀ (ପୂର୍ବ), ମୁମ୍ବାଇ - 400 069। IRDAI ରେଜିଷ୍ଟର୍ଡ ନମ୍ବର 111. CIN: L99999MH2000PLC129113 • ୱେବ୍‌ସାଇଟ୍ : www.sbilife.co.in • ଇ-ମେଲ୍ : info@sbilife.co.in • ନିଃଶୁଳ୍କ : 1800-22-9090 (ଦିନ 9:00 ରୁ ରାତି 9:00 ପର୍ଯ୍ୟନ୍ତ) • 'Celebrate' 56161 କୁ SMS କରନ୍ତୁ। Term.ver.01-02-19 ADVT ORI

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରୀୟା
ପରିବାରବର୍ଗ


ହୃଷୀକେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଅଭିଯୋଗ ସତ୍ତ୍ୱେ ବଳାତ୍କାର ଦଫା ଲଗାଇଲାନି ପୋଲିସ

**ଭୁବନେଶ୍ୱର,(ବ୍ୟୁରୋ)/ଜଟଣୀ,୧୧।୨(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ସୋମବାର ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ଘଟଣାଟି ଘଟିଛି କମିଶନରେଟ୍ ପୋଲିସ ଅଧୀନ ଜଟଣୀ ଥାନା ଅଞ୍ଚଳରେ। ନାବାଳିକାଙ୍କ ମା' ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଜଟଣୀ ପୋଲିସ କେବଳ ଆଇପିସି ଦଫା ୩୦୨ ଅନୁଯାୟୀ ହତ୍ୟା ମାମଲା(ନଂ. ୪୭/୧୯) ରୁଜୁ କରିଛି। ବଳାତ୍କାର ଦଫା ଲଗାଇନାହିଁ। ଅନେକ ଘଟଣାରେ ପୋଲିସର ଆପରାଧିକ ଚରିତ୍ର ସାମ୍ନାକୁ ଆସିଛି। ବିଶେଷକରି ଗତ ଶୁକ୍ରବାର ବରଗଡ଼ ଜିଲା ସୋହେଲା ଥାନା ପରିସରରେ ଯାହା ଘଟିଲା ତାହା ଲଜ୍ଜାର ସୀମା ଟପିଗଲା। କାରଣ ଜଣେ ନାବାଳିକାଙ୍କୁ ଘର ଭିତରେ ବନ୍ଦ ରଖି ବଳାତ୍କାର କରାଯାଇଥିଲା। ଏନେଇ ଥାନାର ଏଏସ୍ଆଇ ବନମାଳୀ କୁଅଁର ଗିରଫ ହୋଇଛନ୍ତି। ଖାକିରେ ଏଭଳି କଳଙ୍କକୁ ଲୋକେ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ଜଟଣୀ ପୋଲିସର ଉପରୋକ୍ତ କାର୍ଯ୍ୟ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଭଳି ହୋଇଛି।

ଜଟଣୀ ଥାନାରେ ନାବାଳିକାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ସେ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରନ୍ତି। ଘରେ କେବଳ ମା'ଝିଅ ରହୁଥିବାବେଳେ ଝିଅ ଗାଁ ସ୍କୁଲରେ ନବମ ଶ୍ରେଣୀରେ ପଢ଼ୁଥିଲେ। ସବୁଦିନ ପରି ସୋମବାର ସକାଳେ ନାବାଳିକାଙ୍କ ମା' ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ପୂର୍ବାହ୍ଣ ପ୍ରାୟ ୯ଟାରେ ସେ ଘରକୁ ଫେରିବା ପରେ ଝିଅ ମିକ୍ସର ଖାଉଥିବା ଦେଖିଥିଲେ। ଏହାପରେ ସେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫେରିଥିଲେ। ସେଠାରୁ ସେ ପୁଣି ଘରକୁ ଫେରିବା


ନାବାଳିକାଙ୍କ ମା' ଥାନାରେ ଦେଇଥିବା ଏତଲାର କିଛି ଅଂଶ।

ବେଳେ ଗଜାନନ ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କ ଘରୁ ବାହାରି ଦୌଡ଼ି ପଳାଇଥିଲେ। ଘର ଭିତରକୁ ଯିବା ପରେ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଝିଅ ଉଲଗ୍ନ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେ ପଡ଼ୋଶୀଙ୍କ ସହାୟତାରେ ଝିଅକୁ ତଳକୁ ଆଣିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ନାବାଳିକାଙ୍କ ଗଳାର ଦୁଇପାର୍ଶ୍ୱରେ ଶକ୍ତ ଦାଗ ରହିଛି। ତେଣୁ ତାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଘଟଣାସ୍ଥଳରେ ଗୁଟ୍‌ଖା ଜରି, ବିଡ଼ି ଆଦି ପଡ଼ିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଜଟଣୀ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘରୁ ବିଭିନ୍ନ ନମୁନା ସଂଗ୍ରହ କରିଥିବାବେଳେ ପୋଲିସ ନାବାଳିକାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ହେଲେ କାହିଁକି ବଳାତ୍କାର ଦଫା ଲଗାଗଲା ନାହିଁ ବୋଲି ପଚରାଯିବାରୁ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି ଯେ, ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଦଫା ଲାଗିଛି। ସେ ବଳାତ୍କାର ସମ୍ପର୍କରେ ଲେଖିନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟରୁ ବଳାତ୍କାର କିମ୍ବା ଆତ୍ମହତ୍ୟା ଜଣାପଡ଼ିଲେ ସେହି ଅନୁଯାୟୀ ଦଫା ପରିବର୍ତ୍ତନ ହେବ।

# ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ କଲେ ଆଇନଜୀବୀ

**କଟକ ଅଫିସ, ୧୧।୨**

ଭାରତୀୟ ଆଇନଜୀବୀ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଦାବି ନେଇ ସୋମବାର ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଅବସରରେ କଟକରେ ଆଇନଜୀବୀମାନେ କୋର୍ଟ କାର୍ଯ୍ୟ ଛାଡ଼ି ରାସ୍ତାକୁ ଓହ୍ଲାଇଥିଲେ। ହାଇକୋର୍ଟ ବାର୍ ସାମ୍ନାରେ ସମସ୍ତ ଆଇନଜୀବୀ ଏକଜୁଟ ହେବା ପରେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କ ନେତୃତ୍ୱରେ ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତି ପ୍ରମୁଖ ଆଇନଜୀବୀଙ୍କ ବିଭିନ୍ନ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

### ଜିଲାପାଳଙ୍କୁ ସ୍ମାରକପତ୍ର

ସ୍ମାରକପତ୍ର ଜରିଆରେ ଓକିଲ ଓ ତାଙ୍କ ପରିବାରବର୍ଗଙ୍କ ପାଇଁ ବୀମା ବ୍ୟବସ୍ଥା, ନୂଆକରି ଓକିଲାତି କରୁଥିବା ଓକିଲମାନଙ୍କ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ୧୦ହଜାର ଟଙ୍କା ଷ୍ଟାଇପେଣ୍ଡ, ଓକିଲଙ୍କ ଅକାଳ ମୃତ୍ୟୁ କିମ୍ବା ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାର ପାଇଁ ଆର୍ଥିକ ସହାୟତା, ଶସ୍ତାରେ ଜମି ଯୋଗାଇଦେବା, ଯୋଗ୍ୟତାସମ୍ପନ୍ନ ଆଇନଜୀବୀଙ୍କୁ ସରକାରୀ ପଦପଦବୀରେ ଦାୟିତ୍ୱ ନିର୍ବାହ ପାଇଁ ନିଯୁକ୍ତି ଦେବା ସହିତ ଆଇନସେବା ପ୍ରାଧିକରଣ ଆଇନରେ ସଂଶୋଧନ ଆଣିବାକୁ ଦାବି କରାଯାଇଛି। ମଙ୍ଗଳବାର ଆଇନଜୀବୀମାନେ ଭୁବନେଶ୍ୱରରେ ଏକଜୁଟ ହୋଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାର କାର୍ଯ୍ୟକ୍ରମ ରହିଛି।

# ଗଜପତିର କ୍ରିଷ୍ଟଜ୍ୟୋତି ହେବେ ଆମେରିକାର ବୋହୂ

ପାରଳାଖେମୁଣ୍ଡି, ୧୧।୨(ସ୍ୱ.ପ୍ର.)- ପ୍ରଥମ ଦେଖାରେ ଭଲପାଇବସିଲେ ଆଉ ହୃଦୟ ବି ଦେଲେ। ଏହାପରେ ଜୀବନସାଥି କରିବାର ପ୍ରସ୍ତାବ ରଖିଲେ ଆମେରିକୀୟ ଯୁବକ ଏମ୍.ଏସ୍.ମିଲର। ପରିବାର ସମ୍ମତିରେ ଏହି ପ୍ରସ୍ତାବକୁ ସ୍ୱାଗତ କରି ହାତ ବଢାଇଲେ ଗଜପତି ଜିଲାର ଝିଅ କ୍ରୀଷ୍ଟଜ୍ୟୋତି ବର୍ଦ୍ଧନ। ଉଭୟଙ୍କ ମଧ୍ୟରେ ଆସନ୍ତା ଜୁଲାଇରେ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ଅନୁଷ୍ଠିତ ହେବ। ତେବେ ଏହା ପୂର୍ବରୁ ସୋମବାର ପାରଳାଖେମୁଣ୍ଡିସ୍ଥିତ ଜିଲା ନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁହେଁ ଆଇନଗତ ଭାବେ ପରସ୍ପରର ହାତ ଧରିଛନ୍ତି। ଏହାଦ୍ୱାରା ପାରମ୍ପରିକ ରୀତିରେ ବିବାହ ଉତ୍ସବ ନିମନ୍ତେ ପଥ ପରିଷ୍କାର ହେଲା ବୋଲି କ୍ରୀଷ୍ଟଜ୍ୟୋତିଙ୍କ ବାପା ସନ୍ତମୂର୍ତ୍ତୀ ବର୍ଦ୍ଧନ କହିଛନ୍ତି।

ସୂଚନା ଅନୁଯାୟୀ, ମିଲର ସମ୍ପ୍ରତି ଆମେରିକାର ଇଣ୍ଡିଆନା ସହରସ୍ଥ ଏକ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଗଜପତି ଜିଲା ରାୟଗଡ ବ୍ଲକ ଅଞ୍ଚଳର ସନ୍ତମୂର୍ତ୍ତୀ ବର୍ଦ୍ଧନଙ୍କ ଝିଅ କ୍ରୀଷ୍ଟଜ୍ୟୋତି ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତିମହାବିଦ୍ୟାଳୟରେ ଏମ୍.କମ୍ ପଢିବା ପରେ କୋଲକାତାରେ ଏକ କମ୍ପାନୀରେ ଅର୍ଥ ସଂଯୋଜକ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ମିଲର କଲିକତାକୁ କୌଣସି କାମରେ ଆସିଥିଲେ। ସେଠାରେ ସେ କ୍ରୀଷ୍ଟଜ୍ୟୋତିଙ୍କୁ ଦେଖିଥିଲେ। ପ୍ରଥମ ଦେଖାରେ ହିଁ ତାଙ୍କୁ ଭଲ ପାଇବସିଥିଲେ। ଏ ନେଇ ସେ କ୍ରୀଷ୍ଟଜ୍ୟୋତିଙ୍କ ନିକଟକୁ ବିବାହ ପ୍ରସ୍ତାବ ପଠାଇଥିଲେ। କ୍ରୀଷ୍ଟଜ୍ୟୋତି ଓ ତାଙ୍କ ପରିବାର ଏଥିରେ ରାଜି ହେବାରୁ କଥା ଆଗେଇଥିଲା। ଆସନ୍ତା ଜୁଲାଇ ୫ତାରିଖରେ ରାୟଗଡ ଚର୍ଚ୍ଚରେ ବିବାହ ଉତ୍ସବ ଆୟୋଜନ ନିମନ୍ତେ ସ୍ଥିର ହୋଇଛି।


## classified




**SALE**

Jypsy King, OR 02-S, 4 WD, petrol all papers ok, look like new for sale. 9437746913. D-11062




**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍କାରୁ ବିକ୍ରିହେବ। 9178660666. D-65558

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

Tamando ବଜାର ପଛପଟେ ଏବଂ Infocity- II ପାଚେରି ପାଖରେ plot ପ୍ଲଟ ମିଳୁଅଛି। 9439864322. D-65356

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

**Layout approved & Jatni BDO approved plot sale near Adyant +2 Science College, Gangapada, Bhubaneswar, facility- 30' road, boundarywall, electric, children park & temple, cost @ 700 per sqft. Mob: 7682927930.** D-11076

Gharabari individual (2000, 5400) plots at Pahal, Utkalheight, Jharapada, Duplex at Patia (76L), Hanspal for immediate sale. Details: 7008304833 (ବିଷ୍ଣୁ). D-11088




New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

**୧୨ତମ ଜନ୍ମବାର୍ଷିକ ଶୁଭେଚ୍ଛା**


(ଶ୍ରୀୟା)

**ପ୍ରୀତିପର୍ଣ୍ଣା ପଟନାୟକ**

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ଶୁଭେଚ୍ଛା ସହ: ବାବା, ମାମା, ଅଜା, ରିନୁ ଅପା, ସିପ୍ରା, ବାବି ମାମୁ, ନିତୁ ଭାଇ, ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୧୧୦୮୯

**ଶୁଭ ଜନ୍ମଦିନର ଅଭିନନ୍ଦନ**



**ହୃଷୀକେଶ**

ଆମ ପାଇଁ ସିଏ ପଥ ପ୍ରଦର୍ଶକ,
ମୁଖେଥାଏ ସଦା ହସ।
ହୃଦୟରେ ଥାଏ ଅସରନ୍ତି ସ୍ନେହ,
ନାମ ତାଙ୍କ ହୃଷୀକେଶ।
କର୍ମରେ ଭରସା କର୍ମ ତାଙ୍କ ନିଶା
କର୍ମରେ ଥାଏ ଆନନ୍ଦ।
ଶୁଭ ଜନ୍ମଦିନେ ଶୁଭାଶିଷ ଢାଳି
ଦିଅନ୍ତୁ ପ୍ରଭୁ ଗୋବିନ୍ଦ। ଧ-୬୨୦୭୦


# ୧୫ରୁ ଆଭ୍ୟନ୍ତରୀଣ, ୧୭ରେ ଉପକୂଳରେ କୁଆପଥର ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୧।୨(ବ୍ୟୁରୋ)- ଆସନ୍ତା ୧୫ରୁ ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଘଡଘଡି ସହ ହେବ । କେତେକ ସ୍ଥାନରେ କୁଆପଥର ବୃଷ୍ଟି ହେବ । ୧୭ ଓ ୧୮ରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଆଦି ଜିଲାରେ ଘଡଘଡି ସହ ବର୍ଷା ହେବ। ପଶ୍ଚିମା ବାୟୁ ପ୍ରଭାବ ଯୋଗୁ ପାଗରେ ଏଭଳି ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ଦୁଇଦିନ ହେବ ରାଜ୍ୟରେ ଶୀତ ପରିମାଣ ବୃଦ୍ଧି ପାଇଛି। ପାରଦ ୩ରୁ ୪ଡିଗ୍ରୀ ତଳକୁ ଖସି ଆସିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଲେସିୟସକୁ ଛୁଇଁଛି। ଆସନ୍ତା ୪୮ ଘଣ୍ଟା ଯାଏ ପାରଦ ତଳ ମୁହାଁ ହେବ।


**ମନେ ପଡ଼ନ୍ତି**

**୧୬ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ**
ସହକାରୀ ଆୟୁକ୍ତ, କେନ୍ଦ୍ର ଉତ୍ପାଦ ସୀମାଶୁଳ୍କ ବିଭାଗ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ପବିତ୍ର ମାଘସପ୍ତମୀ

ଚାହୁଁ ଚାହୁଁ ୧୫ବର୍ଷ ବିତିଗଲା। ଅବର୍ତ୍ତମାନରେ ଆପଣଙ୍କ ସ୍ମୃତି ଏବେବି ଉଜ୍ଜୀବିତ ରହିଛି। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ପତ୍ନୀ- ମନି, ଝିଅ- ରୁନୁ, ପିନ୍ତୁ, ଜ୍ୱାଇଁ- ଲକ୍ଷ୍ମୀନାରାୟଣ, ବିରଜା, ପୁଅ- ସାଇ, ବୋହୂ- ଇତି, ନାତିନାତୁଣୀ ଓ ପଟ୍ଟନାୟକ ପରିବାରବର୍ଗ। ଧ-୧୧୦୭୯


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

## ସତ୍ୟପାଠ ଦାଖଲ...

ତାରିଖରେ ଚୟନ କମିଟି ଅଧ୍ୟକ୍ଷଙ୍କ ନିକଟରେ ଚୂଡାନ୍ତ ତାଲିକା ଦାଖଲ କରାଯାଇଛି। ଫେବୃୟାରୀ ୧୨ ତାରିଖରେ ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନାମ ଚୂଡାନ୍ତ କରାଯିବ । ପରେ ଏହାକୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହାକୁ ବିଜ୍ଞପ୍ତି ଆକାରରେ ପ୍ରକାଶ କରାଯିବ । ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବା ସହିତ ଏପ୍ରିଲ ୮ରୁ ରାଜ୍ୟରେ ଲୋକାୟୁକ୍ତ କାର୍ଯ୍ୟାଳୟ କାର୍ଯ୍ୟ ଆରମ୍ଭ କରିବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ପ୍ରସ୍ତୁତ କରିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏପରିକି ୨୦୧୫ ଜାନୁୟାରୀ ୧୬ରୁ ଏହି ଆଇନ କାର୍ଯ୍ୟକାରୀ ହୋଇଛି । ଓଡ଼ିଶା ସର୍ଚ୍ଚ କମିଟି ରୁଲ୍ ପ୍ରସ୍ତୁତ କରିବା କାର୍ଯ୍ୟ ଜାରି ରହିଛି ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା। ତେବେ ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ୨୦୧୮ ଜୁଲାଇ ୧୦ ତାରିଖ ସୁଦ୍ଧା ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ କୋର୍ଟ ୨୦୧୮ ଏପ୍ରିଲ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତ ଗଠନ ନେଇ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ୨୦୧୮ ଅକ୍ଟୋବରରେ ପୁଣି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ୩ ମାସ ମହଲତ ଦେବାକୁ ଆବେଦନ କରିଥିଲେ। କିନ୍ତୁ ଓଡ଼ିଶାର ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେବା ସହ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି କରାଯିବ ସେ ନେଇ ଜଣାଇବାକୁ କୋର୍ଟ ତାଗିଦ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ ଡିସେମ୍ବର ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାୟୁକ୍ତ ଚୟନ କମିଟି ବୈଠକରେ ସର୍ଚ୍ଚ କମିଟି ପାଇଁ ସଦସ୍ୟଙ୍କ ନାମ ଚୟନ କରାଯାଇଥିଲା। ସେହି କମିଟି ଲୋକାୟୁକ୍ତ ନିଯୁକ୍ତି ପାଇଁ ୫ ଜଣଙ୍କ ନାମ ସୁପାରିସ କରିଥିବା ବେଳେ ଲୋକାୟୁକ୍ତ ସଦସ୍ୟ ପାଇଁ ୧୫ ଜଣଙ୍କ ନାମ ସୁପାରିସ କରିଥିଲା। ଲୋକାୟୁକ୍ତ ମଣ୍ଡଳ ପାଇଁ ୬ ଜଣ ସଦସ୍ୟଙ୍କ ଚୂଡାନ୍ତ ନାମ ୩୦ ଦିନ ମଧ୍ୟରେ ପଠାଇବାକୁ ଚୟନ କମିଟି ସର୍ଚ୍ଚ କମିଟିକୁ ନିର୍ଦ୍ଦେଶ ଦେଇଥିଲା। ଏଠାରେ ଓଡ଼ିଶା ବିଧାନସଭା ୨୦୧୪ ଫେବୃୟାରୀ ୧୪ରେ ଲୋକାୟୁକ୍ତ ବିଲ୍ ପାରିତ ହୋଇଥିଲା। ୨୦୧୫ ଫେବୃୟାରୀ ୧୪ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା।

୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରାଯାଇଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ । ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭା ମଧ୍ୟ ଅଚଳ ହୋଇଥିଲା।

## ଆନ୍ଧ୍ରକୁ ସ୍ୱତନ୍ତ୍ର...

ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜ୍‌ରିୱାଲ, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ପ୍ରମୁଖ ନେତା। ଦେଶର ସୁରକ୍ଷା ଲାଗି ସବୁ ରାଜନୈତିକ ଦଳ ଏକାଠି ହେବା ଜରୁରୀ ହୋଇପଡିଛି ବୋଲି ଟିଡିପି ନେତା କହିଛନ୍ତି।

୨୦୧୪ରେ ରାଜ୍ୟ ବିଭାଜନ ବେଳେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ। ଏଥିସହିତ ରାଜ୍ୟବାସୀଙ୍କ ପ୍ରତି ମୋଦି ଯଦି ବ୍ୟକ୍ତିଗତ ଆକ୍ରମଣ କରନ୍ତି, ତେବେ ଏହାର ଉପଯୁକ୍ତ ଶିକ୍ଷା ପାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ମୋଦି ସରକାର ଦେଶ ତଥା ଗଣତନ୍ତ୍ର ପ୍ରତି ବିପଦ ବୋଲି ଚନ୍ଦ୍ରାବାବୁ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ଟିଡିପିର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବ।

ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ଲାଗି ଚନ୍ଦ୍ରାବାବୁ ବିରୋଧୀ ଦଳଗୁଡିକୁ ଏକାଠି କରିବାରେ ଲାଗିଛନ୍ତି। ଭାଜପା ବିରୋଧୀ ମେଣ୍ଟ ଗଠନ କରିବା ନିମନ୍ତେ ଗତ ୩ ମାସ ମଧ୍ୟରେ ସେ ବିରୋଧୀ ଦଳ ନେତାମାନଙ୍କ ସହ ଏକାଧିକ ବୈଠକ କରିଛନ୍ତି।

ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସମର୍ଥନ ଜଣାଇଛନ୍ତି। ଆନ୍ଧ୍ରପ୍ରଦେଶ ବିଭାଜନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆଉ ବିଳମ୍ବ ନ କରି ତୁରନ୍ତ ପୂରଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆନ୍ଧ୍ର ଲୋକଙ୍କଠାରୁ ଅର୍ଥ ଚୋରି କରି ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ସେହିପରି କେଜ୍‌ରିୱାଲ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦି ବିରୋଧୀ ରାଜ୍ୟଗୁଡିକ ପ୍ରତି ଯେଉଁଭଳି ବ୍ୟବହାର ଦେଖାଉଛନ୍ତି, ସେଥିରୁ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭଳି ଜଣାପଡୁଥିବା କେଜ୍‌ରିୱାଲ କହିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନଶନସ୍ଥଳକୁ ଆସିପାରି ନ ଥିଲେ ମଧ୍ୟ ସମର୍ଥନ ଜଣାଇଛନ୍ତି। ଆମେ ଚନ୍ଦ୍ରାବାବୁଙ୍କ ସହ ରହିଛୁ ବୋଲି ଅଖିଳେଶ ଟୁଇଟ୍ କରିଛନ୍ତି।

## ଥାନାରେ ପଡ଼ିଛି...

ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କୁହନ୍ତି, ଥାନାଗୁଡ଼ିକରେ ମାମଲା ପଡି ରହିବାର ମୁଖ୍ୟ କାରଣ ହେଲା ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କାରଣ। ବସ୍ତି ଅଞ୍ଚଳରେ ଅଧିକାଂଶ ଆପରାଧିକ କାର୍ଯ୍ୟକଳାପ ଘଟୁଛି। ଥାନାରେ ଏକାଧିକ ମାମଲା ରୁଜୁ ହେଉଥିଲେ ମଧ୍ୟ ପୋଲିସ ରାଜନୈତିକ କିମ୍ବା ଅର୍ଥନୈତିକ କାରଣରୁ ତାହାର ତଦନ୍ତ କରୁନାହିଁ, ଯେଉଁଥିପାଇଁ ମାମଲା ସଂଖ୍ୟା ବର୍ଷକୁ ବର୍ଷ ବଢ଼ି ଚାଲିଛି। ଯଦି ପୋଲିସ ଅର୍ଥନୈତିକ ଓ ରାଜନୈତିକ ଚାପରେ ଆସିବ ନାହିଁ, ତେବେ ତଦନ୍ତ ଠିକ୍‌ରେ ଶେଷ ହେବ।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ମାମଲା ପଡ଼ିରହିବାର ମୁଖ୍ୟ କାରଣ ହେଉଛି କର୍ମଚାରୀମାନେ କର୍ତ୍ତବ୍ୟରେ ଅବହେଳା କରିବା। ସେମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଏହାସହ ତଦନ୍ତକାରୀ ଅଧିକାରୀମାନେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦାୟିତ୍ୱରେ ରହୁଛନ୍ତି। ଫଳରେ ତଦନ୍ତ କରିବାକୁ ସେମାନେ ସମୟ ପାଉନାହାନ୍ତି। ସେହିଭଳି ଅଭିଯୋଗକାରୀ ଯଦି ଗରିବ ଲୋକ, ତେବେ ତାଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉନି। କେବଳ ମାମଲା ରୁଜୁ କରି ଚୁପ୍ ବସୁଛି। ଗରିବ ଲୋକଟି ଅର୍ଥ ଦେଇପାରୁ ନ ଥିବାରୁ ସେମାନଙ୍କ ମାମଲା ପଡ଼ି ରହୁଛି।

ଏ ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଥାନାଗୁଡ଼ିକରେ ପୋଲିସ କର୍ମଚାରୀଙ୍କ ଅଭାବ ରହୁଛି। ଏପରି କି ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଥିବାରୁ ତଦନ୍ତ ଠିକ୍ ଭାବେ ହୋଇପାରୁନି। ଯଦି ଲ ଆଣ୍ଡ ଅର୍ଡର ଅଲଗା ହୁଏ, ତେବେ ମାମଲା ଠିକ୍‌ରେ କ୍ଲୋଜ ହେବ। ମୁଁ ଖୁବ୍‌ଶୀଘ୍ର ମାମଲା ଶେଷ କରିବାକୁ ଥାନାଗୁଡ଼ିକୁ ନିର୍ଦ୍ଦେଶ ଦେବି ବୋଲି ମହାନ୍ତି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତିନିକେନ୍ଦ୍ରରେ ଗ୍ରହମାନେ ଅବସ୍ଥାନ କରିଥିବାରୁ ଯେଉଁ କାମ ଆରମ୍ଭ କରିବେ ତାହା ନିଷ୍ଫଳ ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ଦେବଦର୍ଶନ ସାଙ୍ଗକୁ ଦୂରଯାତ୍ରା କରିବାର ସୁଯୋଗ ପାଇପାରନ୍ତି। କିନ୍ତୁ ଚତୁର୍ଥସ୍ଥ ରାହୁ ଓ ରାଶିରେ ଚନ୍ଦ୍ର ପାରିବାରିକ ସମସ୍ୟା ନେଇ ଚିନ୍ତାପ୍ରକଟ କରିପାରନ୍ତି।

**ବୃଷ** ଶୁକ୍ର ଓ ଶନି ତୃତୀୟାଧିପ ଚନ୍ଦ୍ରଙ୍କଠାରୁ କୋଣଭାବରେ ଥିବାରୁ ସମ୍ପର୍କୀୟମାନଙ୍କ ସାହାଯ୍ୟରେ ଅର୍ଥଲାଭ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହୋଇପାରନ୍ତି। ଅବହେଳାବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଶେଷ କରି ନ ପାରି ଦୁଃଖ ଅନୁଭବ କରିପାରନ୍ତି।

**ମିଥୁନ** ସପ୍ତମ କେନ୍ଦ୍ରରେ ଶୁକ୍ର ଓ ଶନି ସ୍ୱାମୀ/ସ୍ତ୍ରୀଙ୍କ ମତପାର୍ଥକ୍ୟ, ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ କିମ୍ବା ବିବାଦୀୟ କ୍ଷେତ୍ରରେ ଅପଦସ୍ଥ ହେବାକୁ ପଡ଼ିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ।

**କର୍କଟ** ଧନାଧିପ ରାହୁ ଦୃଷ୍ଟିରେ ଥିବାରୁ ଧନହାନି, ସାଧାରଣ କଥାରେ ଯୁକ୍ତିତର୍କ ଜନିତ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। କୌଣସି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଧାତୁ, ଅଳଙ୍କାର, ଗୃହୋପକରଣ କ୍ରୟ କରିପାରନ୍ତି।

**ସିଂହ** ତୃତୀୟ ସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟିରେ ଥିବାରୁ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟରେ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ। କୌଣସି ସମସ୍ୟାକୁ ନେଇ ଅଫିସ୍‌ରେ ମନମାରି ବସି ରହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** ଚତୁର୍ଥ ସପ୍ତମାଧିପ ଚନ୍ଦ୍ରଙ୍କଠାରୁ ଷଡ଼ାଷ୍ଟକ ସ୍ଥିତିରେ ରହି ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରେ ରଖିପାରନ୍ତି। ପାରିବାରିକ କ୍ଷେତ୍ରଜନିତ ଦ୍ୱନ୍ଦ୍ୱରେ ପଡ଼ି କେତେକ କାମକୁ ଚେଷ୍ଟା କଲେ ମଧ୍ୟ ଆରମ୍ଭ କରିପାରିବେ ନାହିଁ। କିନ୍ତୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଧନାଧିପ ଧନସ୍ଥାନକୁ ପୂର୍ଣ୍ଣ ଦୃଷ୍ଟି ଦେଉଥିବାରୁ ଅର୍ଥ, ସମ୍ମାନ, ଗୃହୋପଯୋଗୀ ଜମିଜମା, ଯାନବାହନାଦି ପ୍ରାପ୍ତି ଯୋଗ ରହିଛି। ଆଜିର କର୍ମକ୍ଷେତ୍ରରେ କୌଣସି ସମ୍ପର୍କୀୟ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କର୍ମ ସମ୍ପାଦନ କରିବେ। ଆକସ୍ମିକ ଭାବେ କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇପାରନ୍ତି।

**ବିଛା** ରାଶିରେ ଦେବଗୁରୁ ଥିଲେ ମଧ୍ୟ ପାପମଧ୍ୟସ୍ଥ ହେତୁ ପ୍ରତ୍ୟେକ କାମକୁ ଆଶା ଓ ଆକାଂକ୍ଷା ମଧ୍ୟରେ ଦ୍ୱିଧାଗ୍ରସ୍ତ କରାଇପାରନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମଗୁଡିକ କରିବାରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିପାରନ୍ତି।

**ଧନୁ** ରାଶିରେ ଶନି ହେତୁ ପ୍ରତ୍ୟେକ କାମରେ ନିରୁତ୍ସାହତା ଅନୁଭବ କରିବେ। ସମସ୍ତ ପ୍ରକାର ଭୋଗବିଳାସର ପରିବେଶ ମଧ୍ୟ ଉପଭୋଗ୍ୟ ହେବନାହିଁ। ସଭାସମିତିରେ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ହୋଇପାରେ। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ମକର** ଦ୍ୱାଦଶସ୍ଥ ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ଆପଣଙ୍କ ମନରେ ବିଳାସବ୍ୟସନ, ମନୋରଞ୍ଜନ, ଭ୍ରମଣ ଓ ବନ୍ଧୁମିଳନ ପାଇଁ ଅନୁପ୍ରେରିତ କରିବ। ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଘରକୁ ଖାଲିହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଆର୍ଥିକ ଅନଟନ କାରଣରୁ ଧାର କରଜ କରିବାକୁ ପଡ଼ିପାରେ।

**କୁମ୍ଭ** ଚନ୍ଦ୍ର ଓ ମଙ୍ଗଳ ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। କିନ୍ତୁ ଯେତେ ଭଲ କାମ କଲେ ମଧ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନେ ଦୋଷ ଖୋଜି ବୁଲିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହୋଇପାରନ୍ତି।

**ମୀନ** ଭାଗ୍ୟାଧିପତି ଚନ୍ଦ୍ରଙ୍କ ସହିତ ରହି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ପୂର୍ବସ୍ଥିରୀକୃତ କର୍ମାରମ୍ଭ ପାଇଁ ମନସ୍ଥ କରିପାରନ୍ତି। ଶନିଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ, ପରିବହନ, ଆଇନ ଅଦାଲତରୁ ସଫଳତା ପାଇବେ। ଉତ୍ତର ଭାଦ୍ରପଦ୍ ନକ୍ଷତ୍ରର ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ମାଘ ଶୁକ୍ଲପକ୍ଷର ତିଳସପ୍ତମୀ ମଙ୍ଗଳବାର, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ଯାତ୍ରା, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ଆଦିକବି ସାରଳା ଦାସ ଓ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ଫେବୃୟାରୀ ୧୨ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ମାସାନ୍ତ, ସକାଳ ଘ.୯ ।୧୩ମି. ଗତେ ଘ.୧୦ ।୩୫ମି. ମଧ୍ୟେ, ଘ.୧୨ ।୦୦ମି. ଗତେ ଘ.୧ ।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦ ।୩୫ମି. ଗତେ ଘ.୧ ।୫୮ମି. ମଧ୍ୟେ, ଘ.୨ ।୪୮ମି. ଗତେ ଘ.୪ ।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ.୨ ।୫୦ମି. ଗତେ ଘ.୪ ।୧୬ମି. ମଧ୍ୟେ ରାହୁକାଳ ।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

#### ପିଏମ୍-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ପିଏମ୍-କିଷାନ ଯୋଜନା ପାଇଁ ହିତାଧିକାରୀଙ୍କ ତାଲିକା ପଠାଇବାକୁ ନିକଟରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ଏଯାଏଁ ତାଲିକା ପଠାଇନାହିଁ। କେନ୍ଦ୍ର ପ୍ରସ୍ତାବିତ ଆୟୁଷ୍ମାନ ଯୋଜନା ପରି ପିଏମ୍-କିଷାନ ଯୋଜନାକୁ ରାଜ୍ୟ ସରକାର ମନାକରି ଦେଇପାରନ୍ତି ବୋଲି ଆଲୋଚନା ହୋଇଥିଲା। ହେଲେ ସୋମବାର ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଥିବା ଚିଠି ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ଟାଣିଛି। ମୁଖ୍ୟମନ୍ତ୍ରୀ ଉକ୍ତ ଚିଠି ମାଧ୍ୟମରେ ପିଏମ୍-କିଷାନ ଯୋଜନାକୁ ପ୍ରଶଂସା କରିବା ସହ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି, ଯାହାକୁ ନେଇ କେନ୍ଦ୍ର-ରାଜ୍ୟ ଆରୋପ-ପ୍ରତ୍ୟାରୋପରେ ରାଜନୀତି ଭିନ୍ନ ମୋଡ଼ ନେଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିଏମ୍-କିଷାନ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ ଭାଗଚାଷୀ, ଭୂମିହୀନ ଏବଂ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଉ। କେନ୍ଦ୍ରର ଶତପ୍ରତିଶତ ଅର୍ଥରେ ଏହା ପ୍ରଦାନ କରାଯାଉଥିବାରୁ ଏହାକୁ ସ୍ୱାଗତ କରୁଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ଡିସେମ୍ବରରେ ରାଜ୍ୟ ସରକାରଙ୍କ ଦ୍ୱାରା କୃଷି ଓ କୃଷକ ସଶକ୍ତୀକରଣ ପାଇଁ 'କାଳିଆ' ଯୋଜନାର ଆରମ୍ଭ କରାଯାଇଛି। ଏଥିରେ ସିଧାସଳଖ ଭାବେ ରାଜ୍ୟର ୯୨ ପ୍ରତିଶତ ଚାଷୀବର୍ଗ ଉପକୃତ ହେବେ। ଏହି ବର୍ଗରେ ଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, ଭୂମିହୀନ କୃଷି ଶ୍ରମିକ ଏବଂ ନାମମାତ୍ର ଚାଷୀ ଉପକୃତ ହେବେ। ଗତ ଜାନୁୟାରୀରୁ ଏହି ଯୋଜନା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଯାଇଛି। ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ଆଗ୍ରହ ମଧ୍ୟ ଦେଖାଦେଇଛି। ଏଥିସହିତ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ତେଣୁ ଚାଷୀକୁଳର ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମ୍-କିଷାନ ଯୋଜନାରେ ଭାଗଚାଷୀ, ଭୂମିହୀନ ଏବଂ ନାମମାତ୍ର ଚାଷୀ ପରିବାରଙ୍କୁ ସାମିଲ କରାଯାଉ। ମୁଖ୍ୟମନ୍ତ୍ରୀଙ୍କ ଏହି ଚିଠିର ଜବାବ କେନ୍ଦ୍ର ସରକାର କିମ୍ବା ଭାଜପା କିପରି ରଖୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ରାଜ୍ୟ ଏଯାବତ୍ ଆୟୁଷ୍ମାନ ଯୋଜନା ଲାଗୁ କରି ନ ଥିବାରୁ କେନ୍ଦ୍ରୀୟ ନେତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ଜାରି ରଖିଛନ୍ତି। ହେଲେ ପିଏମ୍-କିଷାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପରାମର୍ଶ ଦେଇଛନ୍ତି। ତେଣୁ ରାଜନୈତିକ ଦୃଷ୍ଟିକୋଣରୁ ବଲ୍‌ଟି ଏବେ କେନ୍ଦ୍ର କୋର୍ଟରେ ରହିଛି। ଭବିଷ୍ୟତରେ ଏହି ଯୋଜନାକୁ ନେଇ କେନ୍ଦ୍ର-ରାଜ୍ୟ ମୁହାଁମୁହିଁ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

# ୧୭ ଜିଲାରେ ୩୮ ନୂଆ ଆହାର କେନ୍ଦ୍ର ଖୋଲିଲା

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**


ଆହାର କେନ୍ଦ୍ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

- ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ କଲେ ଲୋକାର୍ପଣ
- କେନ୍ଦ୍ର ସଂଖ୍ୟା ୧୫୭ ଛୁଇଁଲା
- ୱେବ୍‌ସାଇଟ୍‌ରେ ମିଳିବ ଆହାର ସୂଚନା
- ଇଚ୍ଛୁକ ବ୍ୟକ୍ତି ଦେଇପାରିବେ ଦାନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୋମବାର ରାଜ୍ୟର ୧୭ ଜିଲାର ୩୮ଟି ସ୍ଥାନରେ ନୂତନ ଆହାର କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ସଚିବାଳୟରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କେନ୍ଦ୍ରଗୁଡିକର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆହାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ଖୁସିର କଥା, ଆହାର କେନ୍ଦ୍ର ସଂଖ୍ୟା ୧୫୭ରେ ପହଞ୍ଚିଲା। ରାଜ୍ୟର ସବୁ ସହରାଞ୍ଚଳ ଏହି ଯୋଜନାରେ ସାମିଲ ହେଲା। ୫୬ଟି ଡାକ୍ତରଖାନା ପରିସରରେ ରାତିରେ ଖାଇବା ସୁବିଧା ମିଳିଲା। ଖାଦ୍ୟର ଗୁଣବତ୍ତା ଓ ପରିଷ୍କାର ପରିଚ୍ଛନ୍ନତା ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେବା ଉଚିତ। ପ୍ରତିଦିନ ପ୍ରାୟ ଏକ ଲକ୍ଷ ମିଲ୍ ଆହାର ଦ୍ୱାରା ସମ୍ଭବ ହୋଇପାରିଛି। ଏହି କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ବୋଲି ନବୀନ ପଟ୍ଟନାୟକ କହିଛନ୍ତି।

ଲୋକାର୍ପିତ ସେଣ୍ଟରଗୁଡିକ ମଧ୍ୟରେ ରାଜଧାନୀ ଉପକଣ୍ଠ ସିଜୁଆସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ) ପରିସରରେ ଏକ କେନ୍ଦ୍ର ରହିଛି। ମାତ୍ର ୫ ଟଙ୍କାରେ ଗୁଣାତ୍ମକ ମାନର ଭାତ ଓ ଡାଲମା ଜନସାଧାରଣଙ୍କୁ ଏହି ଯୋଜନା ଦ୍ୱାରା ପରଷା ଯାଉଛି। ୨୦୧୫ ଏପ୍ରିଲ ପହିଲାରୁ ଏହି ଆହାର ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି। ପ୍ରାଥମିକ ଭାବେ ୫ଟି ପୌରାଞ୍ଚଳର ୨୧ଟି ସ୍ଥାନରେ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରାୟ ୭.୨ କୋଟି ମିଲ ଜନସାଧାରଣଙ୍କୁ ଦିଆଯାଇସାରିଲାଣି। ଏହି ଯୋଜନା ଅନ୍ତର୍ଗତ ଖାଦ୍ୟ ପରିବହନ ପାଇଁ ୬୫ ଗାଡ଼ି ଏବଂ ୨୦୦ ବ୍ୟକ୍ତି ନିଯୁକ୍ତ ହୋଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ୧୫ ଏପ୍ରିଲ ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୦୦ତମ ଆହାର କେନ୍ଦ୍ରର ଲୋକାର୍ପଣ କଟକଠାରେ ହୋଇଥିଲା। ସୋମବାର ଆଉ ୩୮ଟି ନୂତନ ଆହାର ସେଣ୍ଟରର ଶୁଭାରମ୍ଭ ହେବା ସହ ମୁଖ୍ୟମନ୍ତ୍ରୀ ଏହି ସମ୍ବନ୍ଧୀୟ ଏକ ୱେବ୍‌ପୋର୍ଟାଲର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି ୱେବ୍‌ପୋର୍ଟାଲଟି ହେଉଛି-http://www.urban-odisha.gov.in/AAHAAR.ଏହି ୱେବ୍‌ସାଇଟ ଜରିଆରେ ଆହାର ଯୋଜନା ପାଇଁ ଇଚ୍ଛୁକ ବ୍ୟକ୍ତି ସହାୟତା ପ୍ରଦାନ କରିପାରିବେ। ସେହିପରି ଇଚ୍ଛୁକ ବ୍ୟକ୍ତିମାନେ ବିବାହ ବାର୍ଷିକୀ, ଜନ୍ମଦିନ, ଶ୍ରାଦ୍ଧ ତଥା ଅନ୍ୟ ଦିନମାନଙ୍କରେ ସ୍ୱେଚ୍ଛାକୃତ ଭାବେ ଯେକୌଣସି ନିର୍ଦ୍ଦିଷ୍ଟ ଆହାର କେନ୍ଦ୍ରକୁ ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରିପାରିବେ। ଆହାର କାର୍ଯ୍ୟକ୍ରମକୁ ନେଇ କୌଣସି ପରାମର୍ଶ ରହିଥିଲେ ୱେବସାଇଟ୍‌ର ଉପରୋକ୍ତ ଲିଙ୍କ୍‌ରେ 'ସଜେସନ୍' ଅପ୍‌ଶନକୁ ଯାଇ ପରାମର୍ଶ ଦେଇହେବ। ଆଧାର କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ମନିଟରିଂ କରାଯାଉଛି। ରାଜ୍ୟ ଆହାର ସୋସାଇଟି ଅଧୀନରେ ଗୋଟିଏ ଲେଖାଏ ଜେନେରାଲ ବଡି ଏବଂ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି। ଜେନେରାଲ ବଡିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରୁଥିବା ବେଳେ କାର୍ଯ୍ୟନିର୍ବାହୀ କମିଟିରେ ନଗର ଉନ୍ନୟନ ସଚିବ ଅଧ୍ୟକ୍ଷତା କରୁଛନ୍ତି। ଜିଲାସ୍ତରରେ ଜିଲା ଆହାର ସୋସାଇଟି ଏବଂ ମହାନଗରଗୁଡିକରେ ସିଟି ଆହାର ସୋସାଇଟି କାମ କରୁଛି। ରାଜ୍ୟସ୍ତରୀୟ ପ୍ରଶାସନିକ ବ୍ୟବସ୍ଥା ଭଳି ଜିଲାସ୍ତରରେ ମଧ୍ୟ ଜେନେରାଲ ଏବଂ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି। ଜିଲାଗୁଡିକରେ ଜିଲାପାଳ ଏବଂ ମହାନଗର ନିଗମରେ ପୌର ପ୍ରଶାସନ ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ଆହାର ସୋସାଇଟିଗୁଡିକ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ-୧୮୬୦ରେ ପଞ୍ଜିକୃତ ହୋଇଛି।

ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆହାର କେନ୍ଦ୍ର ଲୋକାର୍ପଣ ଅବସରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ଉଷା ଦେବୀ, ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ, ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ ଏବଂ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ମହିଳାଙ୍କ ମୁହଁରେ ହସ ଫୁଟାଇଛି ଉଜ୍ଜ୍ୱଳା'



ଉଜ୍ଜ୍ୱଳା ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଓ ଧର୍ମେନ୍ଦ୍ର ପ୍ରଧାନ।

**ଭୁବନେଶ୍ୱର,୧୧।୨**

- ରାଜ୍ୟ ବ୍ୟାପୀ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳନ
- ଭିଡିଓ କନ୍‌ଫରେନ୍ସିଂରେ ଯୋଗ ଦେଲେ ଦୁଇ କେନ୍ଦ୍ରମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମହିଳାଙ୍କ ମୁହଁରେ ହସ ଫୁଟାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରେ ଉଜ୍ଜ୍ୱଳା ଏକ ସଫଳତମ ଯୋଜନା ବୋଲି କେନ୍ଦ୍ର ପାନୀୟ ଜଳ ତଥା ପରିମଳ ମନ୍ତ୍ରୀ ଉମା ଭାରତୀ ସୋମବାର ସୂଚନା ଦେଇଛନ୍ତି। ଦେଶର ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ରାଜ୍ୟର ୩୦ ଜିଲାରେ ସୋମବାର ଅନୁଷ୍ଠିତ ହୋଇଥିବା ଉଜ୍ଜ୍ୱଳା ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉମା ଭାରତୀ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଯୋଗେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେ ହିତାଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଏହି ଯୋଜନାରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ସାମଗ୍ରିକ ଭାବେ ପ୍ରାସଙ୍ଗିକ ବାର୍ତ୍ତା ଏବଂ ଭିଡ଼ିଓ ମାଧ୍ୟମରେ ଜିଲ୍ଲାଗୁଡ଼ିକର ପ୍ରତି କ୍ଷେତ୍ରରେ ଉଜ୍ଜ୍ୱଳା ରଥ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲ୍‌ପିଜିର ସୁରକ୍ଷିତ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ହିତାଧିକାରୀମାନେ କାର୍ଯ୍ୟକ୍ରମରେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ଏଲ୍‌ପିଜି ସଂଯୋଗ ଧାରା ସମ୍ପର୍କରେ ଲୋକଙ୍କୁ ଜଣାଇବା ଲାଗି କାର୍ଯ୍ୟକ୍ରମ ଅବସରରେ ଷ୍ଟଲ ସ୍ଥାପନା କରାଯାଇଥିଲା। ଏଥିରେ ରାଜ୍ୟର ୫୦ ହଜାର ହିତାଧିକାରୀ ସାମିଲ ହୋଇଥିଲେ।

# ହକି ବିଶ୍ୱକପ୍‌ରେ ଦୁର୍ନୀତି ଅଭିଯୋଗ ଆଣିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧।୨(ବ୍ୟୁରୋ):** ହକି ବିଶ୍ୱକପରେ ଖର୍ଚ୍ଚର ହିସାବ ରାଜ୍ୟ ବିଧାନସଭାରେ ସରକାର ନ ଦେବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ରାଜ୍ୟରେ ଆୟୋଜିତ ହୋଇଥିବା ହକି ବିଶ୍ୱକପରେ କମନ ୱେଲ୍‌ଥ ଗେମ୍ ଭଳି ଦୁର୍ନୀତି ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ହକି ବିଶ୍ୱକପରେ ଓଡିଶା ସରକାରଙ୍କ ପାଖରେ ସଲମାନ ଖାନ୍ ଏବଂ ଶାହରୁଖ ଖାନ୍‌ଙ୍କୁ ଆଣି ନଚେଇବା ପାଇଁ ଟଙ୍କା ଅଛି, ହେଲେ ରାଜ୍ୟର ଶିକ୍ଷକଙ୍କୁ ଦରମା ଦେବାକୁ ସରକାରଙ୍କର ପଇସା ନାହିଁ। ହକି ପାଇଁ ଅନେକ ଟଙ୍କା କମ୍ପାନୀମାନଙ୍କଠାରୁ ଅଣଓଡିଆ ଅଫିସରମାନେ ବିଶେଷତଃ ଖେଳ ବିଭାଗ ତରଫରୁ ଆଦାୟ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସେଥିରେ ସଂଶ୍ଳିଷ୍ଟ ଅଛନ୍ତି । ସିଏଜି ଏଥିରେ ହସ୍ତକ୍ଷେପ କରିବା ସହ ଏହି ଚୋରିକୁ ଲୋକଲୋଚନକୁ ଆଣିବାକୁ ଧର୍ମେନ୍ଦ୍ର ଆଶାବ୍ୟକ୍ତ କରୁଥିବା କହିଛନ୍ତି । ଏହାସହ ଓଡିଶାରେ ଲୋକାୟୁକ୍ତ ନିଯୁକ୍ତି ନେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟରେ ବହୁ ସାମ୍ବିଧାନିକ ପଦବୀ ଖାଲି ରହିଛି । ରାଜ୍ୟ ସରକାର ଏ ନେଇ ଯଥାଶୀଘ୍ର କାର୍ଯ୍ୟ କରିବା ଉଚିତ।

ଧର୍ମେନ୍ଦ୍ରଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ଧର୍ମେନ୍ଦ୍ର ନିଜ ରାଜ୍ୟକୁ ତଳେ ପକାଇବା ପାଇଁ ଯାହା ନାହିଁ ତା' କହିଚାଲିଛନ୍ତି। ହକି ବିଶ୍ୱ କପ୍‌ର ସବୁ ଦାୟିତ୍ୱ ହକି ଫେଡେରେଶନ୍(ମହାସଂଘ) ତୁଲାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର କେବଳ ଆୟୋଜନ କରିଥିଲେ। ଅତି ସୁନ୍ଦରଭାବେ ସରକାର ଏହି ଦାୟିତ୍ୱ ତୁଲାଇଥିବାରୁ ସବୁଆଡୁ ପ୍ରଶଂସା ମିଳିଛି। ଏବେ ଧର୍ମେନ୍ଦ୍ରଙ୍କ କଥା ପବନରେ ବାଡି ବୁଲାଇବା ସହ ସମାନ ବୋଲି ସମୀର କହିଛନ୍ତି।





CLASSIFIED DISPLAY












ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ।
–ଶ୍ରୀମା



# ବିବେକକୁ ବ୍ୟବହାର

ସରକାରୀ ଚାକିରିରେ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ରାଜସ୍ଥାନରେ ଗୁଜ୍ଜର ସମ୍ପ୍ରଦାୟ ଅଡ଼ି ବସିଛନ୍ତି। ସେମାନଙ୍କ ଆନ୍ଦୋଳନ ଫେବୃୟାରୀ ୧୦ରେ ଉଗ୍ରରୂପ ଧାରଣ କରିଥିଲା। ବିକ୍ଷୋଭକାରୀମାନେ ସଡ଼କ, ରେଳରୋକୋ କରିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇଥିଲେ। ଫେବୃୟାରୀ ୧୧ରେ ଆନ୍ଦୋଳନ ୪ର୍ଥ ଦିନରେ ପହଞ୍ଚିଛି। ଫଳରେ ଅନେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ରାଜସ୍ଥାନର ଗୁଜ୍ଜର ଚାଷୀ ଓ ବଣିକ ସମ୍ପ୍ରଦାୟ ଭାବେ ଜଣାଶୁଣା। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ରେ ନେଇଛନ୍ତି। ହେଲେ ସର୍ବାଧିକ ପଛୁଆବର୍ଗ (ଏମ୍‌ବିସି) ମାନ୍ୟତା ପାଇବା ଦାବିରେ ସେମାନେ ଦୀର୍ଘବର୍ଷ ହେବ ଆନ୍ଦୋଳନ କରିଆସୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମ୍ପ୍ରଦାୟ ଦାବି ପୂରଣ ପାଇଁ ପୁଣି ଜାଗି ଉଠିଥିବା କୁହାଯାଉଛି। ବିଶେଷଜ୍ଞଙ୍କ ମତରେ ଉଚ୍ଚବର୍ଗରେ ଥିବା ଗରିବଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତି କେନ୍ଦ୍ର ସରକାର ନିକଟରେ ଘୋଷଣା କରିବା ପରେ ଗୁଜ୍ଜରମାନେ ସେଥିରୁ ଶକ୍ତି ପାଇଛନ୍ତି।

ଏହା ଯେ କେହି ବିଶ୍ୱାସ କରିବେ, ନିର୍ବାଚନ ଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଅପର୍ଯ୍ୟାପ୍ତ ଯୋଜନା ଓ ମାଗଣା ସୁବିଧା ଘୋଷଣା କରି ଜନସାଧାରଣଙ୍କୁ ଖୁସି କରିବା ଲାଗି ଚେଷ୍ଟା କରୁଛନ୍ତି। ଗୁଜ୍ଜର ବିକ୍ଷୋଭକାରୀମାନେ ଏହି ସମୟର ଫାଇଦା ଉଠାଇବା ପାଇଁ ଉଦ୍ୟମ କରୁଥିବା ବୁଝାପଡ଼ିଯାଉଛି। ଭାରତୀୟ ସମ୍ବିଧାନକୁ ଦେଖିଲେ ଜାତିଗତ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ଯାଇପାରିବ ନାହିଁ। କେବଳ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏଥିରେ ପରିବର୍ତ୍ତନ ଅଣାଯାଇପାରିବ। ନିକଟରେ ତାହା ମୋଦି ସରକାର ପାର୍ଲାମେଣ୍ଟରେ କରିଦେଇଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ, ଯାହାର ଅର୍ଥ ହେଲା ଆଗୁଆ ଜାତିର ପଛୁଆ ଲୋକଙ୍କୁ ସନ୍ତୁଷ୍ଟ କରି ଭୋଟ ଆଣିବା ପାଇଁ ଏହି ସରକାରର ଉଦ୍ୟମ ପୂର୍ବରୁ ସମ୍ବିଧାନରେ ଥିବା ୫୦ ପ୍ରତିଶତ ସଂରକ୍ଷଣ ବନ୍ଧକୁ ଭାଙ୍ଗି ଦେଇଛି। ଏହା ସମସ୍ୟାକୁ କେବଳ ବୃଦ୍ଧି କରିଚାଲିବ। ଏଭଳିସ୍ଥଳେ ରାଜସ୍ଥାନର ଦୁଇ ମାସର ପୁରୁଣା ଅଶୋକ ଗେହଲଟ ସରକାର କିଛି ପଦକ୍ଷେପ ନେଇପାରୁ ନ ଥିବା ବେଳେ ଉଚ୍ଚବର୍ଗରେ ଆର୍ଥିକ ଦୁର୍ବଳଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରି ନରେନ୍ଦ୍ର ମୋଦି ସରକାର ଅଡୁଆରେ ପଡ଼ିଯାଇଛନ୍ତି। ତେଣୁ କେନ୍ଦ୍ର ସରକାର ଏ ଦିଗରେ ନୀରବ ରହିଥିବା ଦେଖିବାକୁ ମିଳୁଛି। ସେହିପରି ମୋଦି ସରକାର ନିଯୁକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବା ପାଇଁ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଯୁବପିଢ଼ିଙ୍କୁ ଯେଉଁ ଆଶା ଦେଖାଇଥିଲେ, ତାହା ଫୁସୁରି ଯାଇଛି। ସେ ସେତେବେଳେ କହିଥିଲେ ଯେ, କ୍ଷମତାକୁ ଆସିଲେ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦେବେ। ପ୍ରତିଶ୍ରୁତି ପାଳନ ହେବା ତ ଦୂରର କଥା, ବିଗତ ବର୍ଷଗୁଡ଼ିକରେ ଯେଉଁ ଧାରାରେ ଚାକିରି ସୁଯୋଗ ସୃଷ୍ଟି କରାଯାଉଥିଲା ସେଥିରେ ମଧ୍ୟ ଭଟ୍ଟା ପଡ଼ିଗଲା। ନିକଟରେ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ ପ୍ରଦର୍ଶିତ ତଥ୍ୟକୁ ଦେଖିଲେ ୪୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୭-୧୮ରେ ଏହା ଥିଲା ସବୁଠାରୁ ନ୍ୟୂନ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି। ଯେତେବେଳେ ଯୁବବର୍ଗଙ୍କ ପାଇଁ ଚାକିରି କରିବା ଲାଗି ଅନୁକୂଳ ବାତାବରଣ ଅଣାଯାଇପାରୁ ନାହିଁ, ସେତେବେଳେ ନିଯୁକ୍ତି ସକାଶେ ସ୍ଥାନ ସଂରକ୍ଷଣ ପ୍ରତିଶତ ବଢ଼ାଇ ଚାଲିବା ହାସ୍ୟାସ୍ପଦ ମନେହେଉଛି।

ଆଜି ଭାରତର ଜନସଂଖ୍ୟା ଦେଖିଲେ ୧୩୦ କୋଟି ଟପିଲାଣି। ସମୁଦାୟ ଜନସଂଖ୍ୟାର ଏକ ବୃହତ୍ ଭାଗ ହେଉଛନ୍ତି ଯୁବବର୍ଗ। ସମସ୍ତଙ୍କ ପାଇଁ ସରକାରୀ ଚାକିରି ଯୋଗାଇବା ସହଜ ନୁହେଁ। ସେଥିପାଇଁ ଔଦ୍ୟୋଗିକ ବିକାଶର ଆବଶ୍ୟକତା ରହିଛି। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନା ଭଲ ଭାବେ ବୁଝିସାରିଛି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାକିରି ଦେଇ ହେବ ନାହିଁ। ସେଥିପାଇଁ ସେହି ଦେଶର ନାଗରିକଙ୍କୁ ଆତ୍ମନିର୍ଭରଶୀଳ ହେବା ଲାଗି ଶିକ୍ଷା ଦିଆଯାଉଛି। ଫଳରେ ଅନେକ ବ୍ୟକ୍ତି କ୍ଷୁଦ୍ର ଉଦ୍ୟୋଗ କରି ସେମାନଙ୍କ ଉତ୍ପାଦ ଦେଶ ଓ ବିଦେଶକୁ ପଠାଇ ପାରୁଛନ୍ତି। ଏକଦା ଭାରତରେ କୁଟୀର ଶିଳ୍ପ ବିକଶିତ ହୋଇଥିଲା। ହେଲେ ଏହାର ନାଗରିକମାନେ ବ୍ୟବସାୟ ସହ ଜଞ୍ଜାଳ ଓ ବିପଦ ଲାଗି ରହିଥିବା ଆଶଙ୍କା କରି ଧୀରେ ଧୀରେ ସେଥିରୁ ନିବୃତ୍ତ ହେଲେ। କେତେକ କ୍ଷେତ୍ରରେ ନିଜ କୌଳିକ ବୃତ୍ତିକୁ ବ୍ୟାପକ କରି କିଭଳି ନୂଆ ସମ୍ଭାବନା ସୃଷ୍ଟି କରାଯାଇପାରିବ, ସେ ଦିଗରେ ଯୁବପିଢ଼ି ଚିନ୍ତା ବା ଚେଷ୍ଟା ନ କରି ଚାକିରି ପଛରେ ଧାଇଁବାରୁ ବେରୋଜଗାରଙ୍କ ସଂଖ୍ୟା ବଢ଼ିଚାଲିଛି ବୋଲି କୁହାଯାଇପାରେ। ଆଜିର ଏକବିଂଶ ଶତାବ୍ଦୀର ଯୁବତୀଯୁବକମାନେ ଧରାବନ୍ଧା ଶଗଡ଼ ଗୁଳାରେ ନ ଯାଇ କିଛି ନୂଆ କରିବା ଲାଗି ଚେଷ୍ଟା କଲେ ହୁଏତ ଏଥିରେ ପରିବର୍ତ୍ତନ ଅଣାଯାଇପାରନ୍ତା।

ସମୟ ଆସିଲାଣି, ଆମ ଦେଶର ରାଜନେତାମାନଙ୍କ ବାତୁଲାମିରେ ଭାସି ନ ଯାଇ ଜନସାଧାରଣ ବିଶେଷକରି ଯୁବବର୍ଗ ନିଜର ବିବେକ ବ୍ୟବହାର କରିବେ। କଂଗ୍ରେସ ହେଉ ବା ଭାଜପା କେହି ବି ବେକାର ଯୁବତୀଯୁବକଙ୍କ ହାତରେ ଚାକିରି ଦେଇପାରିବେ ନାହିଁ। ସେଥିପାଇଁ ଆଜିକାଲିର ଭାରତୀୟମାନେ ନିଜକୁ ସ୍ୱାବଲମ୍ବୀ ହେବା ସକାଶେ ପ୍ରସ୍ତୁତ ହେବା ଅତ୍ୟନ୍ତ ଆବଶ୍ୟକ। ସରକାରୀ ଚାକିରିର ସଂଖ୍ୟା ଅତି ନ୍ୟୂନ। ସେଗୁଡ଼ିକ ମଧ୍ୟରୁ ଖାଲି ପଡ଼ିଥିବା ପଦବୀ ମଧ୍ୟ ସମ୍ପୂର୍ଣ୍ଣ ପୂରଣ କରାଯାଇପାରୁ ନାହିଁ। ତେଣୁ ଚାକିରି ନୁହେଁ, ନିଜ ରୋଜଗାର ପନ୍ଥା ନିଜେ ଭାବିବାକୁ ଆମେ ବାଧ୍ୟ ହେବା କଥା।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୪

- ଦକ୍ଷିଣ ଆଫ୍ରିକାର ଜଣେ ତୁଙ୍ଗ କୃଷ୍ଣକାୟ ନେତା ସାବେଲୋ ଫାମା ତାଞ୍ଜାନିଆର ମରୋଗୋରୋ ସହରରେ ଏକ କାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।
- ଓଡ଼ିଶାରେ କଂଗ୍ରେସ ଓ ଜନତା ଦଳର ବିକଳ୍ପ ରୂପେ ଏକ ମିଳିତ ବାମପନ୍ଥୀ ଶକ୍ତି ପ୍ରତିଷ୍ଠା ପାଇଁ ସିପିଆଇ ଓ ଏସ୍‌ୟୁସିଆଇ ପକ୍ଷରୁ ଅଭିଯାନ ଆରମ୍ଭ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | 2 | E | | D | 3 | 6 | | | | | | |
| E | 3 | | | | 5 | B | | | | | | | | 6 |
| 9 | C | | | | | E | | | | | | | | |
| 7 | | | | 6 | | | 0 | 5 | | | | | | |
| 6 | | | | | 1 | | 2 | | | | | 5 | B | |
| | | | | | B | A | C | D | E | 6 | | 4 | | |
| D | | | | | 7 | | | 2 | | | B | 8 | E | 5 |
| | | 5 | | D | | | 8 | | 1 | | | | | 0 |
| C | | | | | 9 | | | | | | 7 | 6 | | |
| | | | C | | | | 1 | 3 | | | | A | | |
| B | | | D | | | | | 9 | 6 | | E | | 1 | 7 |
| | | A | | | | 2 | C | | | | 3 | E | | D |
| | | | | | | | 3 | | 1 | | | B | 8 | |
| | E | | B | | | 3 | 5 | | 2 | 1 | | C | 0 | A |
| | | D | A | | | | | | | 9 | | 4 | B | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂରାଜି ଲିପି ରହିବ।

[illegible]

ଗତକାଲିର ଉତ୍ତର



ସହଦେବ ସାହୁ

# ସାର୍ବଜନୀନ ନ୍ୟୂନତମ ଆୟ

ଅର୍ଥନୀତି ବିଶାରଦମାନେ କହୁଛନ୍ତି ଆମ ଦେଶ ଏକ ୨.୭ ଟ୍ରିଲିଅନ ଡଲାର ଇକନମି, ପୃଥିବୀରେ ଷଷ୍ଠ ଧନୀ ଦେଶ। ଯଦି ଟଙ୍କାର କ୍ରୟମୂଲ୍ୟ ହାର ହିସାବରେ ଦେଖିବା ୯.୪୫ ଟ୍ରିଲିଅନ ଡଲାର ହେବ ଏବଂ ଭାରତ ହେବ ବିଶ୍ୱରେ ୩ୟ ଧନୀ ଦେଶ (୧ ଡଲାର = ୭୧ଟଙ୍କା, ୧ ଟ୍ରିଲିଅନ = ୧ ଲକ୍ଷ କୋଟି)। ଦେଶର ଏତେସମ୍ପଦ ପୁଣି ବର୍ଷକୁ ଶତକଡା ୭ଭାଗ ବୃଦ୍ଧି ପାଉଛି! ଆମର ଏଭଳି ଜିଡିପି ବୃଦ୍ଧି ହାର ଅନୁପାତରେ କର୍ମ ଯୋଗାଣ ବଢୁନାହିଁ। ବରଂ ଚଳିତ ବର୍ଷ ବେକାରି ବୃଦ୍ଧି ହାର ଗତ ୨୦ ବର୍ଷ ଭିତରେ ସର୍ବାଧିକ, ୬.୨%, ଏବେ ଜିଡିପିରେ ୧୦ ଶତାଂଶ ବୃଦ୍ଧି ହେଲେ କର୍ମଯୋଗାଣ ବୃଦ୍ଧି ହାର ୧ ଶତାଂଶ ହେଉଛି, ବଡ ନିରୁତ୍ସାହଜନକ! ତେଣୁ ଆମ ଦେଶର ଅଭିବୃଦ୍ଧି ଏକ ନିଜମା ଅଭିବୃଦ୍ଧି। କାରଣ କୁହାଯାଉଛି ଯେ ଉତ୍ପାଦନକାରୀ ଶିଳ୍ପ କାରଖାନା ବଢ଼ିଲେ ବି ସ୍ୱୟଂଚାଳିତ କଳ ବ୍ୟବସ୍ଥା (ଅଟୋମେଶନ) ବଢୁଥିବାରୁ ଚାକିରି ଆଉ ସେତେ ମିଳିବ ନାହିଁ; ବେକାର ସଂଖ୍ୟା ବଢ଼ି ବଢ଼ି ଚାଲିଲେ ଦେଶରେ ବିଶୃଙ୍ଖଳା ବଢ଼ିବ, ଗଣତନ୍ତ୍ର ବିପନ୍ନ ହେବ।

ଏ ସମସ୍ୟାର ସମାଧାନ କରିବ ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍, ସାର୍ବଜନୀନ ସର୍ବନିମ୍ନ ଆୟ ବ୍ୟବସ୍ଥା ବୋଲି ଏବେ କଥା ଉଠିଛି। ୨୦୧୯ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଭଳି ଜାତୀୟ ଦଳ ଏ କଥା ଉଠାଉଛି। ତେଲେଙ୍ଗାନା ପ୍ରଦେଶର 'ରୟତୁବନ୍ଧୁ' ଏବଂ ଓଡ଼ିଶାର 'କାଳିଆ' ଯୋଜନା ଏ ଦିଗରେ ଗୋଟିଏ ଗୋଟିଏ ପଦକ୍ଷେପ। ଯେତେବେଳେ ଲୋକେ ସବୁଦିନିଆ ଦାରିଦ୍ର୍ୟରେ ଅଛନ୍ତି ଏବଂ ସରକାର ଗରିବଙ୍କୁ ଲାଞ୍ଛନାହୀନ ସବ୍‌ସିଡି ବା ରିହାତି ଦେଇପାରୁନାହାନ୍ତି, ସେତେବେଳେ ବେସିକ୍ ଇନ୍‌କମ୍ ଲୋକର ବ୍ୟାଙ୍କ ଖାତାରେ ଜମା ହୋଇଯାଉ। ଏହା ବେରୋଜଗାରୀ ଭତ୍ତା ନୁହେଁ, ଏହା ଦରମା ଭଳି ଏକ ରୋଜଗାର। ଏଥିରେ ବ୍ୟକ୍ତିର ଆୟ କି ସମ୍ପତ୍ତି ଭଳି ସର୍ତ୍ତ ରହେ ନାହିଁ। ସର୍ବନିମ୍ନ ଆୟ ରାଷ୍ଟ୍ର ତରଫରୁ ଦିଆଯାଉ। ରୟତୁବନ୍ଧୁ ବା କାଳିଆ ଭଳି ଯୋଜନା ରୋଜଗାର ସମର୍ଥନକାରୀ, ରୋଜଗାର ନୁହେଁ। ବେସିକ୍ ଇନ୍‌କମ୍ ଏକ ଆୟ, ରାଷ୍ଟ୍ର ଦିଏ।

ଯଦି ବେସିକ୍ ଇନ୍‌କମ୍, ନିମ୍ନତମ ଆୟ, ଯୋଜନା ଚାଲୁ କରାଯାଏ ସାରା ଭାରତରେ ଆଖାଖୁଆଁ ପୁଞ୍ଜି ଦରକାର। ବର୍ଷକୁ ୩.୧ ଟ୍ରିଲିଅନ ଟଙ୍କା (୪.୫ ଲକ୍ଷ କୋଟି) ଦରକାର। ଆମ ଦେଶରେ ଯେତେ ପ୍ରକାର ରିହାତି, ସବସିଡି, ଏମ୍‌ଏଲ୍‌ଏ ଲ୍ୟାଡ୍, ଏମ୍‌ପି ଲ୍ୟାଡ୍ ଆଦି ସହିତ ମାଗଣା ସ୍କୁଲ ଭୋଜନ, ମଧ୍ୟାହ୍ନ ଭୋଜନ, ବୃଦ୍ଧାବୃଦ୍ଧ ବିଧବା ଭତ୍ତା, ମଙ୍ଗଳସୂତ୍ର, ଲାପଟପ, ଛତା, କୋଟା ଭଳି ଭୋଟରଙ୍କୁ ଭୁଲାଇବା ଉପହାର ଆଦିକୁ ମିଶାଇଲେ ବର୍ଷକୁ ୩.୧ ଟ୍ରିଲିଅନ ଟଙ୍କା (୪.୫ ଲକ୍ଷ କୋଟି) ମିଳିଯିବ। ସବୁଠୁ ବଡ଼ କଥା ହେବ ଦେଶରେ ଲୋକଙ୍କ ଚରିତ୍ରରେ ସୁଧାର ଆସିଯିବ, ସିଧାସଳଖ ବ୍ୟାଙ୍କରେ ଜମା ହେଉଥିବାରୁ ଲାଞ୍ଛନିକ ବା ଅନୈତିକ ଆଚରଣ ଲୋକସଂସ୍କୃତିରୁ ଉଠିଯିବ, ସାର୍ବଜନୀନ ଜୀବନରେ ସାଧୁତା ଆସିଯିବ। ସମସ୍ତେ ବେସିକ୍ ଇନ୍‌କମ୍ ପାଉଥିବାରୁ ଚୋରି ଡକାୟତି ବହୁତ କମିଯିବ, ସମାଜରେ ଶିଶୁ କି ମଣିଷ ଚାଲାଣ ଆଶଙ୍କା ରହିବ ନାହିଁ। ସମସ୍ତେ ବେସିକ୍ ଆୟ ପାଉଥିବାରୁ ଶିଶୁଶ୍ରମିକ ବା ବାଦନ ସମସ୍ୟା ନ ଥିବ। ଶାସନ ବ୍ୟବସ୍ଥା ସୁସ୍ଥ ହୋଇଯିବ। ନେତାମାନଙ୍କ ବାହାପିଆ କଥା ଦେବାର ପଡ଼ିବ ନାହିଁ, ସେବା ମନୋବୃତ୍ତି ଥିବା ଲୋକ ଲୋକପ୍ରତିନିଧି ହୋଇପାରିବେ, ଟଙ୍କା ବାଣ୍ଟିବା ଲୋକ ନୁହେଁ। ଋଣଛାଡ଼ ବା ବୀମା ଭଳି ଚାଷୀପ୍ରତି ଯୋଜନା ଲୋକଙ୍କୁ କୃଷିକ୍ଷେତ୍ରରେ ବନ୍ଧାହୋଇ ରହିବାକୁ ଉତ୍ସାହିତ କରେ, କୃଷିପ୍ରଧାନ ଦେଶେ ଅର୍ଥନୀତିର ଅଭିବୃଦ୍ଧି ସେତେ ଭଲ ହୁଏ ନାହିଁ। କୃଷକକେନ୍ଦ୍ରିକ ଯୋଜନା ତୁଳନାରେ ସାର୍ବଜନୀନ ନ୍ୟୂନତମ ଆୟ ବରଂ ବେଶି ଯୁକ୍ତିଯୁକ୍ତ ମନେହୁଏ। ଏଥିରେ କୌଣସି ବୃତ୍ତି ବା ପେସା ବା ଜମି ମାଲିକାନା ଉପରେ ଜୋର ଦିଆଯାଏ ନାହିଁ କି କୌଣସି କାମର ମାପ ଉପରେ ଏହା ନିର୍ଭର କରେ ନାହିଁ। ତେଣୁ ବିଭିନ୍ନ ବର୍ଗରେ ଲୋକଙ୍କୁ ଭାଗ କରି ଖାତା ରଖିବା ଦରକାର ନାହିଁ। ଆୟକର ବିଭାଗ ଭଳି କମ୍ପ୍ୟୁଟର ସବୁ ହିସାବ ରଖିବ। କେବଳ ସମସ୍ୟା ରହିବ ବଜେଟର। ୨୦୧୭-୧୮ ମୂଲ୍ୟରେ ଦେଖିଲେ ୨ ବୟସ୍କ ଓ ୩ ପିଲା ଥିବା ୫ କୁଣ୍ଡିଆ ପରିବାର ପାଇଁ ବର୍ଷକୁ ପ୍ରାୟ ୧୮ହଜାର ଟଙ୍କା ଦରକାର। ଅର୍ଥନୀତିଜ୍ଞ ପ୍ରଣବ ବର୍ଦ୍ଧନଙ୍କ ମତରେ ୧୬ହଜାର ଟଙ୍କା। ଦେଶର ମୋଟ ଖର୍ଚ୍ଚ ହେବ ୪.୩ ଟ୍ରିଲିଅନ ଟଙ୍କା ବା ଜିଡିପିର ଶତକଡ଼ା ୩ ଭାଗରୁ କମ୍।

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବର୍ତ୍ତମାନର ସବ୍‌ସିଡି ଓ ୱେଲଫେୟାର ଯୋଜନା ଭିତରେ ବହୁତ ଗଳାବାଟ, ତୋସରପାତ ଓ ଗରଷିଆଦି ରହିଛି, ଆମ ଚରିତ୍ର ଯାହା ଏଭଳି ଦୁରାଚାରରୁ ଆମେ ରକ୍ଷା ପାଇପାରିବା ନାହିଁ। ଆୟକରଦାତାଙ୍କୁ ଛାଡି ସମସ୍ତଙ୍କୁ ଏକ ଗ୍ୟାରେଣ୍ଟିଥିବା ରୋଜଗାର ଦେବା ଉଚିତ ହେବ।

ବେସିକ୍ ଇନ୍‌କମ୍ ପରିମାଣ ସବୁ କାଳରେ ଦେଶର ମିନିମମ୍ ୱେଜ୍ (ସରକାର ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରି)ଠାରୁ କମ୍ କରାଯାଇଥାଏ। ଆମ ରାଜ୍ୟରେ ଅଣକୁଶଳୀ ଶ୍ରମିକର ଦୈନିକ ମଜୁରି ଦିନକୁ ୨୮୦ଟଙ୍କା, ମାସକୁ ୨୦ ଦିନ ଧରି ୫୬୦୦ର ୪୦%, ୨୨୪୦ଟଙ୍କା ହୋଇଥିବାରୁ ବେସିକ୍ ଇନ୍‌କମ୍ ୨୦୦୦ ଟଙ୍କା ହେବା କଥା– ପିଲାଙ୍କୁଆ ଓ ବଡ଼ ପ୍ରତ୍ୟେକଙ୍କୁ।

ଏ ସବୁଥିରେ ଦରକାର ହେଉଛି ରାଜନୈତିକ ଇଚ୍ଛାଶକ୍ତି। ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର, ସିଧାସଳଖ ଉପଭୋକ୍ତାର ହିସାବ ଖାତାରେ ଜମା ଦେବା କଥା ଚାଲୁ ହୋଇଗଲାଣି। ସବୁ ଢଙ୍ଗ ରଙ୍ଗର ହିସାବ ଉଠାଇ ଦେଇ କେବଳ ବେସିକ୍ ଇନ୍‌କମ୍ ହିସାବ ରହିବ।

ସମସ୍ତେ ଚାହୁଁଛନ୍ତି ବେସିକ୍ ଇନ୍‌କମ୍ ବ୍ୟବସ୍ଥା ଚାଲୁହେଉ, କିନ୍ତୁ ନଜିର ଚାହୁଁଛନ୍ତି। କେହି ତ ପ୍ରଥମେ ଆରମ୍ଭ କରିବା କଥା। ଆମେ କାହିଁକି ଆରମ୍ଭ ନ କରିବା? ତଥାପି ଆମ ଆଗରେ ଗୋଟିଏ ଉଦାହରଣ ଅଛି, ତାହା ହେଉଛି ଆମେରିକାର ଗୋଟିଏ ପ୍ରଦେଶ ଆଲାସ୍କାର। ୧୯୫୯ରେ ରାଜ୍ୟପାହ୍ୟା ପାଇଥିବା ଆମେରିକାର ଏହି ପ୍ରଦେଶ ୧୯୮୨ରୁ ଯେଉଁ ବ୍ୟବସ୍ଥା କରିଛି ଜାଣିବା କଥା। ଖଣିଜ ତେଲ ଓ ଅନ୍ୟ ଖଣିଜ ପଦାର୍ଥରୁ ରାଜ୍ୟ ସରକାର ପାଉଥିବା ରୟାଲଟି ବା ରାଜଭାଗରୁ ଏକ ସ୍ୱତନ୍ତ୍ର ପାଣ୍ଠିରେ ରଖିଛନ୍ତି, ଆଲାସ୍କା ପରମାନେଣ୍ଟ ଫଣ୍ଡ। ଏହାକୁ ନିବେଶ କରି ସରକାର ଯେଉଁ ଲାଭାଂଶ ପାଆନ୍ତି ତାହାକୁ ବାଣ୍ଟି ପ୍ରତ୍ୟେକ ବାସିନ୍ଦାକୁ ତା' ଆକାଉଣ୍ଟରେ ପ୍ରତିବର୍ଷ ୧୦୦୦ରୁ ୨୦୦୦ ଡଲାର ଭିତରେ ଦିଅନ୍ତି। ତେଲ ଦର କମ୍ ବେଶି ହେଲେ ଡିଭିଡେଣ୍ଡ କମ୍ ବେଶି ହୁଏ। ୨୦୧୭ରେ ସରକାର ବୟସ୍କ ଓ ପିଲାଙ୍କୁ ମିଶାଇ ମୁଣ୍ଡ ପିଛା ୧୧୦୦ ଡଲାର ଡିଭିଡେଣ୍ଡ ଦେଇଥିଲେ। ପାଞ୍ଚ କୁଟୁମ୍ବ ବାଲା ପରିବାରଟିଏ ୫୫୦୦ ଡଲାର ପାଇଥିଲା। ଏହି ଡିଭିଡେଣ୍ଡ ଲୋକଙ୍କୁ ବେକାର ବା ଅଳସୁଆ କରି ନ ଥିଲା। ବରଂ ଆଲାସ୍କାରେ ପାର୍ଟଟାଇମ୍ କାମ ଶତକଡା ୧.୮ଭାଗ ବଢ଼ିଥିଲା। ବେସିକ୍ ଇନ୍‌କମ୍ ପାଉଥିବା ପରିବାରରେ ଉଚ୍ଚଶିକ୍ଷାର ବିସ୍ତାର ଘଟିଛି। ଆଗରୁ ଅବହେଳିତ ଥିବା ପରିବାରର ପିଲାମାନେ ପାଠପଢ଼ା ଛାଡୁନାହାନ୍ତି, ବରଂ ବେଶି ବର୍ଷ ପଢ଼ାପଢ଼ି କରିବାକୁ ଉତ୍ସାହିତ ହେଉଛନ୍ତି। ବେସିକ୍ ଇନ୍‌କମ୍ ଦେବା ବିପକ୍ଷରେ ଗୋଟିଏ ବଡ଼ ଚିନ୍ତା ଥିଲା, ଯଦି ତୁମେ ଲୋକଙ୍କୁ ବିନା କାମରେ ଟଙ୍କା ଦେବ ତେବେ ସେମାନେ କାହିଁକି କାମ କରିବେ? କିନ୍ତୁ ଆଲାସ୍କା ତାହା ଭୁଲ ପ୍ରମାଣ କରିଛି।

ଫିନ୍‌ଲାଣ୍ଡରେ ୨୦୧୭ରୁ ଆଂଶିକ ଭାବେ ଇନ୍‌କମ୍ ପ୍ରୋଗ୍ରାମ ଚାଲୁ ହୋଇଛି, ତାହା କେବଳ ବେକାରମାନଙ୍କୁ ଦିଆଯାଉଛି। ଏହା ପରୀକ୍ଷାମୂଳକ ଭାବେ ଚାଲିଛି। ଫିନ୍‌ଲାଣ୍ଡରେ ଅନେକ ଲୋକ ବେସିକ୍ ଇନ୍‌କମ୍ ପାଇ ଅଳସୁଆ ହୋଇଗଲେ। କିନ୍ତୁ ଏହା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ପରିବାର ପରିବାର ଭିତରେ ଅସମାନତା ଉପରେ ଯେଉଁ ଚିନ୍ତା ଥିଲା ଏବଂ ଯେଉଁ କାର୍ଯ୍ୟକ୍ଷେତ୍ରରେ ଅଟୋମେଶନ ବଢୁଥିବାରୁ ବେକାରି ବଢ଼ିବାରେ ଯେଉଁ ଚିନ୍ତା ଥିଲା, ତାକୁ ବେସିକ୍ ଇନ୍‌କମ୍ ସମାଧାନ କରୁଛି। ତେବେ ଫିନ୍‌ଲାଣ୍ଡ ସରକାର ବର୍ଷକ ପାଇଁ ବେସିକ୍ ଇନ୍‌କମ୍ ପ୍ରୋଗ୍ରାମ ଚାଲୁ କରିଥିଲେ ଓ ବର୍ଷ ଶେଷରେ ତାହାକୁ ବନ୍ଦ କରିଥିଲେ। ଏ ବର୍ଷ ବି ଚାଲୁ ରଖିବେ କିନ୍ତୁ ଗୋଟିଏ ସର୍ତ୍ତରେ ଯେ ଯେଉଁ ବେକାର ବ୍ୟକ୍ତି ଚାକିରି ଖୋଜିବାକୁ ଚେଷ୍ଟା କରିବ ନାହିଁ କିମ୍ବା କାମ ପାଇଁ ତାଲିମନେବା ଲାଗି ମଙ୍ଗିବ ନାହିଁ ତାକୁ ବେସିକ୍ ଇନ୍‌କମ୍ ମିଳିବ ନାହିଁ। ଆମ ଦେଶରେ ଯୁବା ବର୍ଗର ଲୋକେ ବେସିକ୍ ଇନ୍‌କମ୍ ପାଇଗଲେ ଘରେ ବସି ତାସ୍ ଖେଳିବେ। ପେନ୍ ସ୍କୁଲ ଅଫ୍ ସୋସିଆଲ ପଲିସି ଆଣ୍ଡ ପ୍ରାକ୍ଟିସ୍ ସର୍ଭେ କରି ଆଶ୍ଚର୍ଯ୍ୟଜନକ ଫଳ ପାଇଛି ଯେ ଜଣେ ସାଧାରଣ ଆଲାସ୍କା ନାଗରିକ ଆମେରିକାର ଅନ୍ୟ ରାଜ୍ୟର ବାସିନ୍ଦାଙ୍କ ଭଳି କାମ କରୁଛନ୍ତି। ଯେତେବେଳେ ଲୋକେ ଅଧିକା ପଇସା ପାଉଛନ୍ତି ସେମାନେ ଖର୍ଚ୍ଚ ବଢ଼ାଇ ଦିଅନ୍ତି। ପଡ଼ିଶାରେ ଥିବା ଦୋକାନୀ ଯଥା ଚା ଜଳଖିଆ ବା ଦରଜୀ ଦୋକାନ ଆଦିରେ ବେଶି କିଣାକିଣା ଚାଲେ। ତେଣୁ ସେ ଦୋକାନଗୁଡ଼ିକରେ ମାଲିକମାନେ ଅଧିକ ଲୋକ ରଖନ୍ତି। ଏ ଦୁଇଟି ଯାକ କଥା ମିଶାଇ ଦେଲେ ଦେଖାଯାଏ ଯେ ଆଲାସ୍କାର ୟୁନିଭର୍ସାଲ୍ ଇନ୍‌କମ୍ ପ୍ରୋଗ୍ରାମ ସେଠାକାର କର୍ମସଂସ୍ଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଉନାହିଁ।

ଫିନ୍‌ଲାଣ୍ଡରେ ଦଶେ ଲୋକଙ୍କୁ ସେମାନେ ବେକାର ଥିବାରୁ କିମ୍ବା ପାର୍ଟଟାଇମ କାମ କରୁଥିବାରୁ ଅର୍ଥାତ୍ ସରକାରୀଖାତାରେ ନିୟମିତ ରୋଜଗାରୀ ତାଲିକାରେ ନ ଥିବାରୁ ସେମାନଙ୍କୁ ବେସିକ୍ ଇନ୍‌କମ୍ ଦିଆଯାଉଥିଲା। ଟିକସଦାତାମାନେ ଯେତେବେଳେ ଜାଣନ୍ତି ଯେ ତାଙ୍କ ଟିକସର କିଛି ଅଂଶ ଗରିବଙ୍କୁ ନଗଦ ଆକାରରେ ମିଳୁଛି ସେତେବେଳେ ସେମାନେ ଅଧିକା ଟିକସ ଦେବାକୁ ଅରାଜି ହେଉନାହାନ୍ତି। ତେଣୁ ଫିନ୍‌ଲାଣ୍ଡରେ ଅନ୍ୟ ଦେଶ ତୁଳନାରେ ଅଧିକ ଟିକସ ଦେଉଥିଲେ ବି ଲୋକେ ଖୁସି ରହୁଛନ୍ତି। ଆଲାସ୍କାରେ ଖେଞ୍ଚାଗଲା ବେଶିରୁ ବେଶି ମହିଳା କାମରେ ଲାଗିଗଲେ, କାରଣ ଯାହା ପଇସା ପାଇଲେ ସେଥିରେ କାର୍ କିଣିଲେ, ଦୂରକୁ ଯାଇ କାମ କରିପାରିଲେ।

sahadevasahoo@gmail.com



ଡ. କୁଳାଙ୍ଗାର

# ଘରଣୀ ଓ ସ୍ମାର୍ଟ ଫୋନ୍

ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଏବେ ସ୍ମାର୍ଟ ଫୋନ୍ ହେଉଛି ଅତ୍ୟନ୍ତ ଆବଶ୍ୟକ ଦ୍ରବ୍ୟ। ନାରୀ ଆଉ ପୂର୍ବପରି ଅବଳା ହୋଇନାହିଁ। ଏବେ ପରିବାରରେ ଉଭୟ ମହିଳା ଓ ସ୍ମାର୍ଟ ଫୋନ୍ ଅପରିହାର୍ଯ୍ୟ। ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ ପରି ଏବେ ମଣିଷ ସୁନ୍ଦର ଦିଶେ ସ୍ମାର୍ଟ ଫୋନ୍ ଥିଲେ। ଉଭୟ ଘରଣୀ ଓ ସ୍ମାର୍ଟ ଫୋନ୍‌କୁ ଯିଏ ସୁରକ୍ଷିତ ରଖିପାରେ ସିଏ ହେଉଛି ଅସଲ ମରଦ।

ସ୍ମାର୍ଟ ଫୋନ୍ ପ୍ରଭାବରେ ଆଜିକାଲି ବହୁନାରୀ ଓଭରସ୍ମାର୍ଟ ହୋଇସାରିଲେଣି। ଏହାର ପ୍ରମାଣ ହେଲା ତା'ର ସ୍ତ୍ରୀ। ତା' ସ୍ତ୍ରୀ ଆଗରୁ ଟିଭିରେ ଓଡ଼ିଆ ସିରିଏଲ ଦେଖିସାରିଲା ପରେ ଖାଇଦେଇ ଶୋଇ ପଡୁଥିଲା। କିଛିମାସ ହେଲା ସିଏ ଦରମାରୁ କାଟି ତା' ପାଇଁ ସ୍ମାର୍ଟ ଫୋନ୍‌ଟିଏ ଆଣିଦେଲା ପରେ ସ୍ତ୍ରୀ ତା'ର ଆଉ ରାତିରେ ଶୋଉନି। ରାତିସାରା ତା' ଘରର ଲାଇଟ୍ ଜଳୁଥିବାରୁ କଲୋନୀବାଲାଏ ଶାନ୍ତିରେ ଶୋଇ ପାରୁଛନ୍ତି। କଲୋନୀରେ ଆଉ ପୂର୍ବପରି ଚୋରିଭୟ ନାହିଁ। କେବଳ ଲାଇଟ୍ ନୁହେଁ, ମଝିରେ ମଝିରେ ଚାଟିଂରେ ମେସେଜ୍ ପଢ଼ି ଘରଣୀର ଉଚ୍ଛୁଳା ହସ ଏବଂ ଆସିଥିବା ଭିଡିଓ ଶବ୍ଦରେ କଲୋନୀଟି ନିଶାର୍ଦ୍ଧରେ ମଧ୍ୟ ଚଳଚଞ୍ଚଳ ଲାଗୁଛି। ଯଦି କୋଉଠି ଟିକେ ଖୁଣ୍ଟଖାଣ୍ଟ ଶୁଭିଲା ଘରଣୀ ଝରକା ବାଟେ ସ୍ମାର୍ଟ ଫୋନ୍‌ର ଟର୍ଚ୍ଚ ପକେଇ ଦେଖିଦେଉଛନ୍ତି!

ଅବଶ୍ୟ ମାଉମା ଆଜିକାଲି ଟିକିଏ ଡେରିରେ ଉଠୁଛନ୍ତି। କିନ୍ତୁ ସକାଳୁ ବିଶେଷ କିଛି କାମ ରହୁ ନ ଥିବାରୁ ଏଥିରେ ବିଶେଷ କିଛି ଅସୁବିଧା ହେଉନାହିଁ। ମେସେଜ୍‌ରୁ ଶିଖି ଆଜିକାଲି ସକାଳୁ ଉଠି ଗୁଡ୍‌ମର୍ଣ୍ଣିଂ କହୁଛନ୍ତି। ଉଠୁଉଠୁ ସ୍ମାର୍ଟ ଫୋନ୍‌ରେ ଭକ୍ତିଗୀତ ବଜେଇ ଘରକୁ ଆଧ୍ୟାତ୍ମିକ ପରିବେଶରେ ଅଳଙ୍କୃତ କରିବା ସହ ମୋବାଇଲରୁ ଭିଡିଓ ଦେଖି ବିଭିନ୍ନ ଯୋଗ କରୁଛନ୍ତି। ଫଳସ୍ୱରୂପ ତା' ଘରଣୀ ଆଜିକାଲି କୁଆଡ଼େ ଅଧିକ ଫିଟ୍ ଓ ସୁନ୍ଦରୀ ଦିଶୁଛି ବୋଲି ବନ୍ଧୁ ପୁରୁଷ ବନ୍ଧୁ ହ୍ୱାଟ୍‌ସଆପ୍‌ରେ ମେସେଜ୍ ଦେଇ ଫେସ୍‌ବୁକ୍‌ରେ ଲୋଡ୍ ହୋଇଥିବା ଫଟୋ ସବୁକୁ ଲାଇକ୍ କରିବା ସହ ଅସମ୍ଭବ କମେଣ୍ଟ ଦେଉଛନ୍ତି।

ସ୍ମାର୍ଟ ଫୋନ୍ କରିଆରେ ପଡ୍ଡ଼ି ମହୋଦୟା ତାଙ୍କର ଘରଲୋକ, ଗାଆଁଲୋକ, ସାଙ୍ଗସାଥି, ଦୂର ସମ୍ପର୍କୀୟଙ୍କ ସହିତ ନିୟମିତ ସମ୍ପର୍କରେ ଅଛନ୍ତି। ଶାଶୁଘର ଲୋକଙ୍କ କଥା ପଡିଲେ ଆଗରୁ ତାଙ୍କର ମିଜାଜ୍ ଗରମ ହୋଇଯାଉଥିଲା, ଏବେ ଶାଶୁଘର ଲୋକଙ୍କ ସହ କଥାବାର୍ତ୍ତା ହେବା ବେଳକୁ ତାଙ୍କ ସ୍ମାର୍ଟଫୋନ୍ ଗରମ ହୋଇଯାଉଛି!

ହାତରେ ସ୍ମାର୍ଟ ଫୋନ୍ ଧରେଇବା ପରେ କେବଳ ଘରଣୀର ନୁହେଁ, ତା'ର ମଧ୍ୟ ବହୁ ଲାଭହୋଇଛି। ସବୁଠୁ ବଡ଼କଥାଟି ହେଲା ଆଜିକାଲି ଘରେ କଳିକଜିଆ, ରାଗରୁଷା କମିଛି। ଆଗରୁ କଥାକଥାରେ ଚିଡିଚିଡି ହୋଇ ଗାଳି ଦେଉଥିବା ଘରଣୀ ଆଜିକାଲି ମୋବାଇଲ୍‌ରେ ବ୍ୟସ୍ତ ରହିବା କାରଣରୁ ଆଉ ଗାଳି ଦେବାକୁ ଟାଇମ୍ ମିଳୁନାହିଁ।

ଘରୁ ବାହାରିଲା ବେଳେ ଦୃଷ୍ଟିରୁ ଅନ୍ତର ହେବା ପର୍ଯ୍ୟନ୍ତ ଆସିଲା ବେଳେ ଅମୁକ ଆଣିବ ସମୁକ ଆଣିବ ବୋଲି ଫରମାଇସ୍ କରିବାଟା ଘରଣୀମାନଙ୍କର ଆଦତ। ଏବେ କିନ୍ତୁ ଘରଣୀ ହ୍ୱାଟ୍‌ସଆପ୍‌ରେ ସଉଦା ତାଲିକା, ଆବଶ୍ୟକ ଓଜନର ପରିବା ଓ ବ୍ରାଣ୍ଡ ସାଇଜ୍ ଆଦି ମେସେଜ୍ କରିଦେଉଛନ୍ତି। ଅନ୍‌ଲାଇନ୍ ଶପିଂରେ ପାରଙ୍ଗମ ହେବା ଫଳରେ ଘରଣୀ କିଣାକିଣି କରିବାକୁ ବଜାର ଯାଇ ଝିଅପିଆର ଅତିରିକ୍ତ ଖର୍ଚ୍ଚ କମିଛି।

ଘରଣୀ ମାତ୍ରେ ହିଁ ତ ସନ୍ଦେହୀ। ଯଦି ଘରକୁ ଶୀଘ୍ର ଫେରିଲ କାରଣ କୁହ! ଡେରିରେ ଫେରିଲେ କାରଣ ଦର୍ଶାଅ। ଖୁସିମନରେ ଫେରିଲେ, କାହାକୁ ଦେଖା କରିଛ କୁହ? ପୂର୍ବପରି ଏସବୁ ଆଉ ତାକୁ ଶୁଣିବାକୁ ପଡୁନାହିଁ। କାରଣ ସନ୍ଦେହ ଉଦ୍ରେକ ହେବା ମାତ୍ରେ ଘରଣୀ ଭିଡିଓ କଲ୍ କରି ସବୁକିଛି ତଦାରଖ କରିଦେଉଛନ୍ତି।

ପୂର୍ବରୁ ଘରଣୀମାନଙ୍କର ଲୋଭଥିଲା ନୂଆଶାଢ଼ି ଅବା ଅଳଙ୍କାରରେ, ଏବେ କିନ୍ତୁ ସେମାନଙ୍କର ଲୋଭ ସ୍ୱାମୀମାନଙ୍କର ସ୍ମାର୍ଟ ଫୋନ୍ ଲକ୍‌ର ପାସ୍‌ୱାର୍ଡରେ। ବନ୍ଧୁ ଫନ୍ଦିଫିକର କରି ଘରଣୀ ତା'ର ପାସ୍‌ୱାର୍ଡ ଜାଣିନେଇଛନ୍ତି। ଦିନେ ସିଏ ଗାଧୁଆଘରେ ପଶିଥିଲା ବେଳେ ଘରଣୀ ତା'ର ମୋବାଇଲଟିକୁ ଖୋଲି ବିଭିନ୍ନ ଚାଟ୍‌ର ହିଷ୍ଟ୍ରି ସବୁକୁ ଖେଳେଇ ଚାଲିଲେ। କୋଉ ଝିଅକୁ ସିଏ ରାତି ଅଧରେ ଉତ୍ତର ଦେଇଛି, କାହାର ଫଟୋ ଦେଖି ସୁନ୍ଦରୀ ବୋଲି କହିଛି ସବୁକୁ ପଢ଼ି ଜଳି ଉଠିଲେ।

ସିଏ ଗାଧୁଆଘରୁ ବାହାରୁ ବାହାରୁ ଘରଣୀ ତା'ର ଆରମ୍ଭ କରିଦେଲେ ଶବ୍ଦବର୍ଷଣ। ଲାଜ ନାହିଁ? ବୁଢ଼ାଟିଏ ହେଲଣି, ଏୟା କରୁଛ! ଘରଣୀଙ୍କ ଝିଙ୍ଗାସରେ ମର୍ମାହତ ହୋଇ ସିଏ ସ୍ମାର୍ଟ ଫୋନ୍ ଛାଡି ଗୋଟିଏ ସାଧାରଣ ମୋବାଇଲ ଧରୁଛି। ଘରଣୀ ମହୋଦୟା କିନ୍ତୁ ସେମିତି ସ୍ମାର୍ଟ ଅଛନ୍ତି!

ମାର୍ଫତ୍- ଗାନ୍ଧୀ ପଣ୍ଡା, କଳାପଡ଼ା-ଲେନ୍ୟା, ଅଳରା, ନରସିଂହପୁର, କଟକ, ମୋ- ୯୩୩୮୫୪୧୩୦୯

## ଏଇ ଭାରତରେ

ମନୋବଳ ଦୃଢ଼ ଥିଲେ ଜଣେ ଦୁର୍ବଳ ବ୍ୟକ୍ତି ବି ଅସାଧ୍ୟ ସାଧନ କରିପାରେ। ବୃଦ୍ଧ ବୟସରେ ବି କୌଣସି ବ୍ୟକ୍ତି ଘୋଡା ସହ ତାଳ ଦେଇ ଦୌଡି ପାରନ୍ତି। ଏହା ଅସମ୍ଭବ ମନେହେଲେ ମଧ୍ୟ ସତ୍ୟ। ଏପରି ଏକ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଛି ଜଣେ ୬୬ ବର୍ଷ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ। ପଞ୍ଜାବର ବଟାଲାସ୍ଥିତ ତଲୱଣ୍ଡି ଝିଟ୍ଟାର ବାସିନ୍ଦା ବଲୱନ୍ତ ସିଂ ବାର୍ଦ୍ଧକ୍ୟରେ ଉପନୀତ ହୋଇଥିଲେ ମଧ୍ୟ ପ୍ରତିଦିନ ଘୋଡା ସହ ଦୌଡ ପ୍ରତିଯୋଗିତା କରୁଛନ୍ତି। ନାଁ ଯେପରି ବଲୱନ୍ତ, ବାସ୍ତବରେ ସେ ସେହିପରି ବଳବନ୍ତ ଓ ସୁସ୍ଥ। ବୟସରେ ବୃଦ୍ଧ ହେଲେ ମଧ୍ୟ ବାର୍ଦ୍ଧକ୍ୟ ଯେପରି ତାଙ୍କୁ ସ୍ପର୍ଶ କରିନାହିଁ। ପ୍ରତିଦିନ ସକାଳୁ ସେ ଘୋଡା ସହ ପ୍ରାୟ ୨ କିଲୋମିଟର ଦୌଡିଥାନ୍ତି। ସେଥିପାଇଁ ସ୍ଥାନୀୟ ଲୋକେ ତାଙ୍କୁ ବଲୱନ୍ତ ଘୋଡା ବୋଲି ଶ୍ରଦ୍ଧାରେ ଡାକନ୍ତି। ବଲୱନ୍ତ ଗାଁଠାରୁ ଗୁରୁଦାସପୁର ମଧ୍ୟରେ ଥିବା ୩୧ କିଲୋମିଟର ଦୂରତାକୁ ମାତ୍ର ଦେଢ଼ ଘଣ୍ଟାରେ ଅତିକ୍ରମ କରିଥାଆନ୍ତି। ଇତିମଧ୍ୟରେ ସେ ଶହେରୁ ଅଧିକ ମେଡାଲ ଏବଂ ଟ୍ରଫି ଜିଣି ସାରିଛନ୍ତି। ୧୮ ବର୍ଷ ବୟସରୁ ସେ ଦଉଡି ଖେଳିବା ଆରମ୍ଭ କରିଥିଲେ। କିଛି ଦିନ ତଳେ ବିଏସ୍‌ଏଫ୍ ପକ୍ଷରୁ ଆୟୋଜିତ ଦୌଡ ପ୍ରତିଯୋଗିତାରେ ସେ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ।

## ଚିରନ୍ତନୀ

ତୋଳିଲ କେତେ କୀର୍ତ୍ତି ନର
ଖୋଳିଲ କେତେ ମାଟି
ଲେଖିଲ ନାମ, ଲେଖିଲ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ସାହିତ୍ୟ ଅବହେଳିତ

ମହାଶୟ,

ଆମ ଓଡ଼ିଶାରେ କେତେଗୋଟି ହାତଗଣତି ଶିଶୁ କିଶୋର ପତ୍ରିକା ପ୍ରକାଶିତ ହୋଇଥାଏ। କେତେକ ଖବରକାଗଜ କିଛି କିଛି ଶିଶୁ ସାହିତ୍ୟ ନିମନ୍ତେ ପ୍ରୟାସୀ। ମାତ୍ର ପୂର୍ବରୁ ପ୍ରକାଶ ପାଉଥିବା 'ଶିଶୁ ଲେଖା' ନିୟମିତ ହୋଇପାରିଲା ନାହିଁ। ତାହା ବାହାରରେ ଉପଲବ୍ଧ ନୁହେଁ। ଅନେକ ବିଦ୍ୟମାନ ଚାଟଶାଳି ପାଠ ବା ବର୍ଣ୍ଣବୋଧ ପ୍ରକାଶ ପାଇ ବିକ୍ରୟ ହେଉଛି। ମାତ୍ର ସରକାରଙ୍କ ଶିକ୍ଷା ବିଭାଗର ନିର୍ଭୁଲ ପ୍ରାମାଣିକ ବର୍ଣ୍ଣବୋଧ ପ୍ରକାଶ ପାଇ କାହିଁକି ବିକ୍ରୟ ହେଉନାହିଁ, ତାହା ଜାଣି ହେଉନାହିଁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ବିଧାନସଭାର ଧାର୍ଯ୍ୟ ଦିବସ ହ୍ରାସ ନ ଘଟୁ

ଓଡ଼ିଶା ବିଧାନସଭା ଅଧିବେଶନ କରଦାତାମାନଙ୍କ ଅର୍ଥରେ ଚାଲେ। ବିଧାନସଭା ମନ୍ଦିର ସଦୃଶ। ଏଠାରେ ରାଜ୍ୟର ଶାସନଖସଡା ପ୍ରସ୍ତୁତ ହୁଏ। ବିଧାୟକମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟାକୁ ଉପସ୍ଥାପନ କରିବାର ସୁଯୋଗ ମିଳିବା ସଙ୍ଗେ ସଙ୍ଗେ ପ୍ରତିକାର ପାଇଁ ମଧ୍ୟ ବିଭାଗୀୟ ମନ୍ତ୍ରୀମାନଙ୍କର ପ୍ରତିଶ୍ରୁତି ମିଳେ। କିନ୍ତୁ ଦୁଃଖର କଥା ବିଧାନସଭା ଅଧିବେଶନ ଯେତିକି ଦିନ ଚାଲିବା କଥା ଚାଲିପାରୁନି ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଉପସ୍ଥାପିତ ହୋଇପାରୁନି। ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ଦାୟୀ। ତେଣୁ ଅନୁରୋଧ ରାଜ୍ୟର ମଙ୍ଗଳ ପାଇଁ ଧାର୍ଯ୍ୟ ଦିବସକୁ ଅଯଥା ହୋହଲ୍ଲା କରି ହ୍ରାସ କରନ୍ତୁ ନାହିଁ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଚାକିରିଆ ଓ ପେନ୍‌ସନଭୋଗୀ ବି 'କାଳିଆ'ରେ

ଅନେକ ବଡ଼ବଡ଼ିଆ ପ୍ରକୃତ ହିତାଧିକାରୀଙ୍କ ଅଧିକାରକୁ ଛଡାଇ ନେଉଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାରେ ସରକାରୀ ଚାକିରିଆ ଓ ପେନ୍‌ସନଭୋଗୀ ସାମିଲ ହୋଇ ପ୍ରଥମ କିସ୍ତିର ୫ ହଜାର ଟଙ୍କାକୁ ଅକ୍ତିଆର କରିନେଇଛନ୍ତି ଓ ନେବା ପାଇଁ ଅପେକ୍ଷାରେ ଅଛନ୍ତି। ଏଥିପ୍ରତି ସରକାର ବି ସଜାଗ ହେବା ଦରକାର। ଏଭଳି ଯଦି ହୁଏ ତେବେ ପ୍ରକୃତ ହିତାଧିକାରୀମାନେ ଉପକୃତ ହେବେ ତ?

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଅଣଦେଖା ପ୍ରତିବାଦରେ ସମାବେଶ

କୋଷ୍ଠା, ୧୧।୨(ଡି.ଏନ.ଏ.): ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଶୁଳିଆପଦାରେ ବୁଢ଼ାବୁଢ଼ୀ ପାଚିକା ଓ ସହାୟିକା କର୍ମଚାରୀ ମହିଳା ସଂଘର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶତାଧିକ ପାଚିକା ଓ ସହାୟିକା ଏକତ୍ରିତ ହୋଇଥିଲେ। ପାଚିକା ଓ ସହାୟିକାଙ୍କୁ ସରକାର ଅଣଦେଖା କରୁଥିବାରୁ ଏହି ସମାବେଶ ହୋଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରଥମେ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। କମିଟିର ସଭାନେତ୍ରୀ ଭାବେ ବନାନୀ ମହାନ୍ତ, ଉପସଭାନେତ୍ରୀ ଭାବେ ଶକୁନ୍ତଳା ସୋରେନ, ସମ୍ପାଦିକା ଅନସୂୟା ଧଳ, ସହସମ୍ପାଦିକା ଭାବେ ବାସନ୍ତୀ ରଣା, କୋଷାଧ୍ୟକ୍ଷ ସୁକାନ୍ତି ଧଳ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ୪ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁଳିଆପଦା ବିଡିଓଙ୍କ ମାଧ୍ୟମରେ ପ୍ରେରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ଫାଇଦା ନେବାକୁ ବାଉଳା

ବାରିପଦା ଅଫିସ, ୧୧।୨

ବାରିପଦା ପୌର ପରିଷଦର କାର୍ଯ୍ୟକାଳ ମଙ୍ଗଳବାର ସମାପ୍ତି ହେବ। ଏଥିପାଇଁ ରାଜନୀତି ସରଗରମ ହୋଇପଡ଼ିଛି। ଏହି ପୌର ପରିଷଦ ବିଜୁ ଜନତା ଦଖଲରେ ୫ ବର୍ଷ କାର୍ଯ୍ୟକାରୀ ହୋଇଥିଲା। ନିର୍ବାଚନ ଇସ୍ତାହାର ଦେଇ ବିଜୁ ଜନତା ଦଳ ପୂରଣ କରି ପାରି ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ମଧ୍ୟ ହେଉଛି। ଶେଷ ଦିନରେ ପୌର ପରିଷଦର ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଭଳି କାର୍ଯ୍ୟକ୍ରମ ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ୭ ଟି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟିକରଣ, ଦୁଇଟି ବସଷ୍ଟପ, ମାର୍କେଟ କମ୍ପ୍ଲେକ୍ସ, ଓ ବାଉଣ୍ଡାରୀରେ ସ୍ୱତନ୍ତ୍ର ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। କେବଳ ଉଦ୍‌ଘାଟନ ଓ ଶିଳାନ୍ୟାସ କରି ପ୍ରକଳ୍ପ ନାଁରେ ଫାଇଦା ନେବାକୁ ବାଉଳା ହୋଇ ଏହି କାର୍ଯ୍ୟକ୍ରମ କରାଯାଉଥିବା ଚର୍ଚ୍ଚା ଜୋର ଧରିଛି। ୧ କୋଟି ୭୭ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟ ଅଟକଳରେ ବଡ ପୋଖରୀ, ୧ କୋଟି ୪୮ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ଅଟକଳରେ ଚାପଳ ପୋଖରୀ ସହ ଅନ୍ୟ ବହୁ ଟଙ୍କା ବ୍ୟୟ ଅଟକଳରେ ଅନେକ କାର୍ଯ୍ୟର ଶିଳାନ୍ୟାସ କରାଯିବ। କେସି



ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।

ସର୍କଲ ମାର୍କେଟ କମ୍ପ୍ଲେକ୍ସ ଓ ବାଉଣ୍ଡି ପ୍ରକଳ୍ପର ନିର୍ମାଣ ଶେଷ ହୋଇ ଯାଇଥିବା ବେଳେ କଚେରୀ ରୋଡ଼ ଓ ଅମ୍ବିକା ମନ୍ଦିର ଛକରେ ନିର୍ମାଣ ହେଉଥିବା ବସ ଷ୍ଟପ ଗୁଡିକର ନିର୍ମାଣ କାର୍ଯ୍ୟ ସୋମବାର ସନ୍ଧ୍ୟା ସୁଦ୍ଧା ଶେଷ ହୋଇ ନାହିଁ। ରାତି ସାରା କାର୍ଯ୍ୟ କରି ସମ୍ପୂର୍ଣ୍ଣ କରିବାକୁ କଣ୍ଟ୍ରାକ୍ଟରମାନେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। କାର୍ଯ୍ୟକାଳ ଶେଷ ଦିନରେ ବି ରାଜନୈତିକ ଫାଇଦା ନେବାକୁ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ଜେଏମ୍‌ଏମ୍ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ

- ଆଜି ମାରାଥନ ଶିଳାନ୍ୟାସ, ଉଦ୍‌ଘାଟନ
- ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ନିର୍ମାଣ କାର୍ଯ୍ୟ

କେଶରୀ ଜେନା କହିଛନ୍ତି। ଏହାର ଉତ୍ତର ରଖି ଜିଲ୍ଲା ଯୁବ ବିଜେଡି ସଭାପତି ତଥା ବାରିପଦା ପୌର ପରିଷଦ ଉପାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି କହିଛନ୍ତି ଯେ, ବାରିପଦା ସହରବାସୀଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧାର ସୁଯୋଗ ଦେବା ପାଇଁ ପୌର ପରିଷଦ ଚେଷ୍ଟା ଜାରି ରଖିଥିଲା। ଶେଷ ଦିନରେ ଏହି ବିଭିନ୍ନ ପ୍ରକଳ୍ପ ସହରବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଉଛି।

## ସଫଳତା ପାଇଁ ଦୃଢ଼ ମନୋବଳ ଲୋଡ଼ା

ବଡ଼ସାହି, ୧୧।୨ (ସ୍ୱ.ପ୍ର)

ସ୍ଥାନୀୟ ଚନ୍ଦନପୁର ନୂତନ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଧୁଛନ୍ଦା ଗିରି ଅଧ୍ୟକ୍ଷତା କରିଥିଲେ। ମାଣ୍ଡୀ ବି.ଏନ ହାଇସ୍କୁଲର ପ୍ରଧାନଶିକ୍ଷକ ସରୋଜ କୁମାର ବେହେରା ମୁଖ୍ୟଅତିଥି, ବେତନଟୀ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ସିଂହ ମୁଖ୍ୟବକ୍ତା ଏବଂ ପରିଚାଳନା କମିଟି ସଭାପତି ପିଲୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୃଢ଼ ମନୋବଳ ଦ୍ୱାରା ସଫଳତାର ସହ ଲକ୍ଷ୍ୟପଥରେ ପହଞ୍ଚି ହେବ ବୋଲି ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ସତ୍ୟନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ମରଣିକା 'ଚନ୍ଦ୍ରମା' ଉନ୍ମୋଚନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅଭିମନ୍ୟୁ ସାହୁଆ, ପ୍ରତିମା କର, ଚିନ୍ମୟୀ ଆରଖଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍ସ ମ୍ୟାନେଜ୍‌ମେଣ୍ଟ ଶାଖା (SAMB), ୯/୩୪, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ (ଓସକାର୍ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୭୬୬୬୯, E-mail: sbi.10130@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ "ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ: ୨୭.୦୨.୨୦୧୯**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ., ସା: ଓଲରା, ପୋ: ବନ୍ତଳା, ବଡଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୪୦୨୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, ନିର୍ଦ୍ଦେଶକମାନେ: (୧) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୨) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ | ଜାମିନ୍‌ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ ଅଗ୍ରୱାଲା, (୨) ଶ୍ରୀ ବନଓ୍ୱାରିଲାଲ ଅଗ୍ରୱାଲା, ପିତା: ୰ ବାଲୁରାମ ଅଗ୍ରୱାଲା, (୩) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ / କର୍ପୋରେଟ୍ ଜାମିନ୍‌ଦାର: ମେସର୍ସ ଗାଲାକ୍ସି ଟାଏ-ଅପ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ପିତା: ବନଓ୍ୱାରିଲାଲ୍ ଅଗ୍ରୱାଲା, ସା: ୨୭, ୱେଷ୍ଟର୍ଣ୍ଣ ଷ୍ଟ୍ରିଟ୍, ୩ୟ ମହଲା, ମିନି ବିଲ୍ଡିଂ, କୋଲକାତା-୭୦୦୦୧୨ (ପଶ୍ଚିମ ବଙ୍ଗ) | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. | ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. (ରାଇସ୍ ମିଲ୍ ୩୭ଟିପିଏଚ୍ କ୍ଷମତା ବିଶିଷ୍ଟ)ର ନାମରେ ଥିବା ଜମି ଏବଂ ଗୃହ, କାରଖାନା ଏବଂ ଯନ୍ତ୍ରପାତି, ସେଡ୍ ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୯, ପ୍ଲଟ ନଂ.: ୩୫, କ୍ଷେତ୍ର: ଏକର ୦.୬୬ ଡିସିମିଲି, ଖାତା ନଂ.: ୫୪୯/୫୩, ପ୍ଲଟ ନଂ.: ୪୦, କ୍ଷେତ୍ର: ଏକର ୨.୧୪ ଡିସିମିଲି, ଖାତା ନଂ.: ୪୨୭, ପ୍ଲଟ ନଂ.: ୪୪, କ୍ଷେତ୍ର: ଏକର ୦.୨୦ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୩୬୧, ପ୍ଲଟ ନଂ.: ୨୪, କ୍ଷେତ୍ର: ଏକର ୦.୩୩ ଡିସିମିଲି, ଖାତା ନଂ.: ୧୯୨, ପ୍ଲଟ ନଂ.: ୪୧, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୩୫୦, ପ୍ଲଟ ନଂ.: ୩୪, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୨୪୩, ପ୍ଲଟ ନଂ.: ୨୯, କ୍ଷେତ୍ର: ଏକର ୦.୧୦ ଡିସିମିଲି, ଖାତା ନଂ.: ୧୯୭, ପ୍ଲଟ ନଂ.: ୩୧, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୩୦୬, ପ୍ଲଟ ନଂ.: ୨୮, କ୍ଷେତ୍ର: ଏକର ୦.୪୯ ଡିସିମିଲି, ଖାତା ନଂ.: ୩୧୨, ପ୍ଲଟ ନଂ.: ୩୨, କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୧୫୯, ପ୍ଲଟ ନଂ.: ୩୩, କ୍ଷେତ୍ର: ଏକର ୦.୪୧ ଡିସିମିଲି, ଖାତା ନଂ.: ୨୬୦, ପ୍ଲଟ ନଂ.: ୨୫, କ୍ଷେତ୍ର: ଏକର ୨.୭୧ ଡିସିମିଲି, ଖାତା ନଂ.: ୩୯୦, ପ୍ଲଟ ନଂ.: ୪୨, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୨୦୪, ପ୍ଲଟ ନଂ.: ୪୭, କ୍ଷେତ୍ର: ଏକର ୦.୮୭ ଡିସିମିଲି, ଖାତା ନଂ.: ୪୨୪, ପ୍ଲଟ ନଂ.: ୪୬, କ୍ଷେତ୍ର: ଏକର ୦.୧୯ ଡିସିମିଲି, **ମୋଟ କ୍ଷେତ୍ର: ଏକର ୯.୯୭ ଡିସିମିଲି,** **ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ଜମି ଏବଂ ଗୃହ, ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୭, ପ୍ଲଟ ନଂ.: ୧୧, କ୍ଷେତ୍ର: ଏକର ୦.୭୫ ଡିସିମିଲି, ଖାତା ନଂ.: ୪୫୦, ପ୍ଲଟ ନଂ.: ୨୨, କ୍ଷେତ୍ର: ଏକର ୦.୨୯ ଡିସିମିଲି, ଖାତା ନଂ.: ୪୯୮, ପ୍ଲଟ ନଂ.: ୧୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୫୪୯/୪୬, ପ୍ଲଟ ନଂ.: ୮, କ୍ଷେତ୍ର: ଏକର ୦.୭୨ ଡିସିମିଲି, ଖାତା ନଂ.: ୩୧୩, ପ୍ଲଟ ନଂ.: ୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୯୩, ପ୍ଲଟ ନଂ.: ୭/୯୬୪, କ୍ଷେତ୍ର: ଏକର ୦.୩୦ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୨୩, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୭/୯୬୩, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ.: ୫୪୯/୫୧, ପ୍ଲଟ ନଂ.: ୯, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୫୪୯/୫୦, ପ୍ଲଟ ନଂ.: ୧୬, କ୍ଷେତ୍ର: ଏକର ୦.୫୩ ଡିସିମିଲି, ଖାତା ନଂ.: ୩୯୫, ପ୍ଲଟ ନଂ.: ୬, କ୍ଷେତ୍ର: ଏକର ୧.୩୭ ଡିସିମିଲି, ଖାତା ନଂ.: ୨୪୨, ପ୍ଲଟ ନଂ.: ୧୦, କ୍ଷେତ୍ର: ଏକର ୦.୧୭ ଡିସିମିଲି, ଖାତା ନଂ.: ୨୯୧, ପ୍ଲଟ ନଂ.: ୧୫, କ୍ଷେତ୍ର: ଏକର ୦.୬୦ ଡିସିମିଲି, ଖାତା ନଂ.: ୫୪୯/୫୪, ପ୍ଲଟ ନଂ.: ୨୧, କ୍ଷେତ୍ର: ଏକର ୨.୧୨ ଡିସିମିଲି, **ମୋଟ କ୍ଷେତ୍ର: ଏକର ୮.୩୦ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡଚଣା, ଜିଲ୍ଲା: ଯାଜପୁର, ଯାହାର ଖାତା ନଂ.: ୧୩୮, ପ୍ଲଟ ନଂ.: ୪୩, କ୍ଷେତ୍ର: ଏକର ୧.୨୦ ଡିସିମିଲି, ଖାତା ନଂ.: ୪୫୪, ପ୍ଲଟ ନଂ.: ୩୦, କ୍ଷେତ୍ର: ଏକର ୦.୪୮ ଡିସିମିଲି, **ମୋଟ କ୍ଷେତ୍ର: ଏକର ୧.୬୮ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ମୌଜା: ଓଲରା, ଯାଜପୁର, ଖାତା ନଂ.: ୫୪୯/୬୩, ପ୍ଲଟ ନଂ.: ୨୦, କ୍ଷେତ୍ର: ଏକର ୧.୦୬ ଡିସିମିଲି, **ସମୁଦାୟ ମୋଟ କ୍ଷେତ୍ର: ଏକର ୨୧.୦୧ ଡିସିମିଲି।** | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୧୨୮/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | ଋଣଗ୍ରହୀତା: ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ, ନିର୍ଦ୍ଦେଶକମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪ | ଜାମିନ୍‌ଦାରମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ, ପିତା- ରାମ କୈଳାସ ଅଗ୍ରୱାଲ, ୨) ଶ୍ରୀମତୀ ବବିତା ଅଗ୍ରୱାଲ, ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନ୍‌ସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୪ | ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ., ଶ୍ରୀ ସଞ୍ଜୟ ଅଗ୍ରୱାଲ | (କ) ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ଗୋପାଳପାଲ୍ଲୀ, ବିଜୟନଗର, ଜିଲ୍ଲା: ଦେବଗଡ଼, ଖାତା ନଂ.: ୫୬/୨୦, ପ୍ଲଟ୍ ନଂ.: ୬୨୭/୧୦୬୯, ୬୨୭/୧୦୭୦, ୬୨୭/୧୦୭୪, ୬୫୦/୧୦୭୯, ୬୨୭/୧୦୭୧, ୬୨୭/୧୦୭୫, ୬୫୦/୧୦୮୦, ୬୫୦/୧୦୮୧, ୬୨୭/୧୦୭୩ ଏବଂ ୬୫୦/୧୦୭୮, **ସମୁଦାୟ କ୍ଷେତ୍ର: ଏକର୫.୬୨ଡିସିମିଲି,** କିସମ: ଘରବାରୀ ଏବଂ ଶିଳ୍ପାଞ୍ଚଳକୁ ପରିବର୍ତ୍ତନ ହୋଇନାହିଁ। **(ଖ) ସଞ୍ଜୟ ଅଗ୍ରୱାଲଙ୍କ** ନାମରେ ଥିବା ଖାଲି ଜମି ଯାହାର ମୌଜା: ଯୋରପାଲି, କିରୋଡିମଲ ନଗର, ଜିଲ୍ଲା: ରାୟଗଡା, ଖାତା ନଂ.: ୧୧, ପ୍ଲଟ୍ ନଂ.: ୨୪୩/୨, ୨୪୩/୩, ୨୪୪/୧, ୨୫୦/୨, ୨୪୭/୧, ୨୪୭/୨ ଏବଂ ୨୫୪/୧, **ସମୁଦାୟ କ୍ଷେତ୍ର: ଏକର ୪.୪୨ ଡିସିମିଲି,** କିସମ: ଘରବାରି, **(ଗ) ବିଏମ୍‌ଆର ରାଇସ୍ ମିଲ୍ ପ୍ରା. ଲିଃ**ର ନାମରେ ଥିବା କଳକବ୍ଜା ଏବଂ ଯନ୍ତ୍ରପାତି (ଟ୍ରକ୍ ଏବଂ ଲୋଡ଼ର ବ୍ୟତିତ) | ୧୮.୦୨.୨୦୧୫ ସୁଦ୍ଧା ଟ.୩,୦୮,୯୨,୭୧୦/- + ୧୯.୦୨.୨୦୧୫ ଠାରୁ ପରବର୍ତ୍ତିସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୯୪,୦୦,୦୦୦/- ଟ.୧୯,୪୦,୦୦୦/- (ଖ)ଟ.୨,୦୮,୦୦,୦୦୦/- ଟ.୨୦,୮୦,୦୦୦/- (ଗ)ଟ.୧,୪୯,୦୦,୦୦୦/- ଟ.୧୪,୯୦,୦୦୦/- / ୧୦.୧୨.୨୦୧୪ |
| ୩. | ଋଣଗ୍ରହୀତା: ଶ୍ରୀ ମେଟାଲିକ୍ସ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ପ୍ଲଟ୍ ନଂ.: ୫୪୬, ପ୍ରଥମ ମହଲା, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ନିର୍ଦ୍ଦେଶକମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ, ସା: ପାୱାର ହାଉସ୍ ରୋଡ଼, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, ୨) ଶ୍ରୀ ମୁରଲୀଧର ଅଗ୍ରୱାଲ, ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, ୩) ଅଂଶୁଲ କୁମାର ଅଗ୍ରୱାଲ, ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ଜାମିନ୍‌ଦାରମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ, ସା: ପାୱାର ହାଉସ୍ ରୋଡ଼, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, ୨) ଶ୍ରୀ ମୁରଲୀଧର ଅଗ୍ରୱାଲ, ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, ୩) ଅଂଶୁଲ କୁମାର ଅଗ୍ରୱାଲ, ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ଼, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୰ ପ୍ରମୋଦ କୁମାର ଅଗ୍ରୱାଲ | ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର ମୌଜା: ବଡବିଲ୍, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୪୫୮/୬୧୭, ପ୍ଲଟ ନଂ.: ୧୧୭୯/୨୬୧୫ ଏବଂ ୧୮୧୦/୨୬୧୬, କ୍ଷେତ୍ର: ଏକର ୦.୦୫୦ଡିସିମିଲି, କିସମ: ଘରବାରି। | ୩୧.୧୨.୨୦୧୨ ସୁଦ୍ଧା ଟ.୫,୧୧,୫୫,୩୦୦/- + ୦୧.୦୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯୫,୦୦,୦୦୦/- / ଟ.୯,୫୦,୦୦୦/- / ୨୩.୦୫.୨୦୧୩ |
| ୪. | ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୪୯୧୨(ପି), ଇଏ-୫୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୂ ଭୂଷଣ ନାୟକ, ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ. ଏବଂ ଶ୍ରୀ କୌଶିକ ମହାନ୍ତି | (କ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.ର ନାମରେ ଥିବା ୧) କାରଖାନା ଜମି ଏବଂ ଗୃହ, ୨) କାରଖାନା ଏବଂ ଯନ୍ତ୍ରପାତି ଏବଂ ସେଡ୍ ଆଦି ସମ୍ପତ୍ତି ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ୭୮୭, ପ୍ଲଟ୍ ନଂ.: ୨୩୦୩(ପି), ୨୩୦୮(ପି), ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୯୧, ୯୧/ଏ, ୯୧/ବି, କ୍ଷେତ୍ର: ଏକର୧.୩୧୬ଡିସିମିଲି, କିସମ: ଶିଳ୍ପାଞ୍ଚଳ, **(ଖ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.**ର ନାମରେ ଥିବା ୧) କାରଖାନା ଜମି, ୨) ସେଡ୍ ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ପ୍ଲଟ୍ ନଂ.: ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୬୯, କ୍ଷେତ୍ର: ଏକର୧.୦୦୪ଡିସିମିଲି, କିସମ: ଶିଳ୍ପାଞ୍ଚଳ, **(ଗ) ଶ୍ରୀ କୌଶିକ ମହାନ୍ତିଙ୍କ** ନାମରେ ଥିବା ଫ୍ରିହୋଲ୍ଡ ଜମି ଏବଂ ଆଜବେଷ୍ଟସ୍ ଛାତ ଥିବା ଆଉଟହାଉସ୍ ଯାହାର ମୌଜା: କଳାରାହାଙ୍ଗ, ଭୁବନେଶ୍ୱର, ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୯୮, କ୍ଷେତ୍ର: ଏକର୮.୪୦୦ଡିସିମିଲିରୁ ଏକର୦.୧୧୧ଡିସିମିଲି, ମ୍ୟୁଟେଟେଡ ଖାତା ନଂ.: ୭୨୫/୧୪୧୭, ପ୍ଲଟ୍ ନଂ.: ୨୯୮/୪୧୫୦, କିସମ: ଘରବାରି। | ୨୦.୦୩.୨୦୧୭ ସୁଦ୍ଧା ଟ.୧୧,୩୯,୧୧,୩୫୯.୭୦ + ୨୧.୦୩.୨୦୧୭ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)୧)ଟ.୧,୪୮,୦୦,୦୦୦/- ଟ.୧୪,୮୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଖ)୧)ଟ.୯୧,୦୦,୦୦୦/- ଟ.୯,୧୦,୦୦୦/- ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/- (ଗ) ଟ.୮୯,୦୦,୦୦୦/- ଟ.୮,୯୦,୦୦୦/- / ୨୧.୦୩.୨୦୧୭ |
| ୫. | ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ ବିଧୂ ଭୂଷଣ ନାୟକ, ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, ୩) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୪) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅବିନାଶ ମହାନ୍ତି | (କ) କାରଖାନା ଜମି ଏବଂ ଗୃହ, (ଖ) କାରଖାନା, ଯନ୍ତ୍ରପାତି ଏବଂ ଫ୍ୟାକ୍ଟ୍ରି ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଣିଛତ୍ର, ମଳିପଡା ଛକ, ଖାତା ନଂ.: ୫୦୦/୪୯, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୭୫୦ ଡିସିମିଲି, ପ୍ଲଟ୍ ନଂ.: ୧୫/୧୨୬୨, କ୍ଷେତ୍ର: ଏକର୦.୯୦୦ଡିସିମିଲି, କିସମ: ଘରବାରି, **ମାଲିକାନା- ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. ଏବଂ ଅବିନାଶ ମହାନ୍ତି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. କୁ ଲିଜ୍ ଦିଆଯାଇଅଛି)**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୫୦୦/୫୦, ପ୍ଲଟ୍ ନଂ.: ୧୫, କ୍ଷେତ୍ର: ଏକର୨.୦୦୦ଡିସିମିଲି, କିସମ: ଘରବାରି, **ସମୁଦାୟ କ୍ଷେତ୍ର: ଏକର୩.୬୫୦ଡିସିମିଲ** | ୩୧.୧୦.୨୦୧୩ ସୁଦ୍ଧା ଟ.୧୧,୯୭,୭୦,୫୭୩/- + ୦୧.୧୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୭୭,୦୦,୦୦୦/- ଟ.୧୭,୭୦,୦୦୦/- (ଖ)ଟ.୧,୫୨,୦୦,୦୦୦/- ଟ.୧୫,୨୦,୦୦୦/-/ ୨୦.୦୧.୨୦୧୪ |
| ୬. | ଋଣଗ୍ରହୀତା: ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ., ସା: ପ୍ଲଟ୍ ନଂ.: ଏମ୍-୭୨, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୪, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି | ଜାମିନ୍‌ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି, ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ଼, ଭୁବନେଶ୍ୱର-୭୫୧୦୧୪, ୨) ଶ୍ରୀ କୌଶିକ ମହାନ୍ତି, ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, ୩) ଶ୍ରୀ ଅଂଶୁମାନ ସାମନ୍ତରାୟ, ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, ୪) ଶ୍ରୀ ବିଧୂ ଭୂଷଣ ନାୟକ, ଡୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ. | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.ର ନାମରେ ଥିବା (କ) ଫ୍ୟାକ୍ଟ୍ରି ଜମି, (ଖ) ଫ୍ୟାକ୍ଟ୍ରି ଗୃହ ଏବଂ (ଗ) ଫ୍ୟାକ୍ଟ୍ରି ସେଡ୍ ଯାହାକି ରାମନଗର, ମୌଜା: ଖୁଣ୍ଟୁଣୀ, ଜିଲ୍ଲା: କଟକ, ଖାତା ନଂ.: ୨୩୪/୨୯୭, ପ୍ଲଟ୍ ନଂ.: ୭୯/୮୬୭/୯୨୮, କ୍ଷେତ୍ର: ଏକର୦.୮୧ ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୨/୧୨୪୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୬/୧୨୪୭, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୭/୧୨୪୬, କ୍ଷେତ୍ର: ଏକର୦.୩୮ଡିସିମିଲି, ପ୍ଲଟ୍ ନଂ.: ୭୮୫/୯୧୯/୧୨୪୫, କ୍ଷେତ୍ର: ଏକର୦.୪୦ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୧୨୪୪, କ୍ଷେତ୍ର: ଏକର୦.୨୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୫୪ଡିସିମିଲି,** କିସମ: କାରଖାନା | ୧୯.୦୧.୨୦୧୪ ସୁଦ୍ଧା ଟ.୭,୨୬,୬୭,୩୧୭/- + ୨୦.୦୧.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/- (ଖ)ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/- (ଗ)ଟ.୩୩,୦୦,୦୦୦/- / ଟ.୩,୩୦,୦୦୦/- / ୨୦.୦୧.୨୦୧୪ |
| ୭. | ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ., କାରଖାନା: ସା: କୁଟୁଗାଁ, ପୋ: ଚିପିନ୍ଦା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | ଜାମିନ୍‌ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୨) ଶ୍ରୀ ଗଣେଶ କୁମାର ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ୩) ଶ୍ରୀମତୀ ଶକୁନ୍ତଳା ଦେବୀ, ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, ୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ, ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, କର୍ପୋରେଟ୍ ଜାମିନ୍‌ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ. | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ର କାରଖାନା ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓର୍ ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର ୦.୪୬ ଡିସିମିଲି, ପୁରୁଣା ଖାତା ନଂ.: ୭୫, ପ୍ଲଟ୍ ନଂ.: ୭୩୨, ୭୩୫, ୭୩୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୪, ୦.୩୬, ୦.୫୩ ଡିସିମିଲି, ପୁରୁଣା ଖାତା ନଂ.: ୩୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୩୦, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୩୧ ଡିସିମିଲି, ପୁରୁଣା ଖାତା ନଂ.: ୧୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୨୬, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୧୭ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୪, ପୁରୁଣା ଖାତା ନଂ.: ୨୯, ପ୍ଲଟ୍ ନଂ.: ୬୫୬, କ୍ଷେତ୍ର: ଏକର ୦.୪୨ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୩, ପୁରୁଣା ଖାତା ନଂ.: ୩୮, ପ୍ଲଟ୍ ନଂ.: ୭୭୫, କ୍ଷେତ୍ର: ଏକର ୨.୨୬ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୭୨୩, କ୍ଷେତ୍ର: ଏକର ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, **ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି। (ଖ) ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି,** କିସମ: ଘରବାରି (ଏହା ଶକୁନ୍ତଳା ଦେବୀ ଏବଂ ଗଣେଶ କୁମାର ଶର୍ମାଙ୍କ ଗୃହ ଋଣ ନିମନ୍ତେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। **(ଗ) ଶ୍ରୀ ମହେଶ କୁମାର ଶର୍ମା**ଙ୍କ ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। **(ଘ) ଶ୍ରୀ ଗଣେଶ କୁମାର ଶର୍ମା**ଙ୍କ ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୭୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/- (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/- (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

* କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍‌ର ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

**ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୩, ୪(କ)୨), ୪(ଖ)୧), ୪(ଖ)୨), ୪(ଗ), ୬(କ), ୬(ଖ), ୬(ଗ), ୭(ଗ) ଏବଂ ୭(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡିକ ନିମନ୍ତେ - ଟ.୫୦,୦୦୦/-**

କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: **ତା.୨୫.୦୨.୨୦୧୯ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ**

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: **୨୧.୦୨.୨୦୧୯** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ଣ ୪.୦୦ଘଟିକା

ଇ-ନିଲାମ ତାରିଖ ଏବଂ ସମୟ: **ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଏବଂ ଅନ୍‌ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ଇ-ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.** ର ୱେବସାଇଟ **https://bankeauctions.com** ମାଧ୍ୟମରେ ଉପରେ ବର୍ଣ୍ଣିତ ତା୨୭.୦୨.୨୦୧୯ରିଖରେ ସମ୍ପନ୍ନ ହେବ। ଇ-ନିଲାମ ସମ୍ପର୍କରେ ବିସ୍ତୃତ ତଥ୍ୟ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଉପରୋକ୍ତ ୱେବସାଇଟ୍ **https://bankeauctions.com** ରେ ଦେଖିପାରିବେ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧୀନ ଭାବେ ସମ୍ପତ୍ତି ଉପରେ ଥିବା ଏନ୍‌କମ୍ବ୍ରାନ୍ସ, ଟାଇଟଲ ଏବଂ ଦାବୀ/ଅଧିକାର/ଦେୟ ସମ୍ପର୍କରେ ଯାଞ୍ଚ କରିନେବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କର କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଗଠନ କରେ ନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଇ କିମ୍ବା ନଥାଇ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତରେ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କ ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ପରିମାଣ RTGS/NEFT ମାଧ୍ୟମରେ **Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SAMB, Bhubaneswar"** ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ହେବା ଉଚିତ୍।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ହୋଇଥିବା ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡି ରଖିବା ଉଚିତ୍। ଇଚ୍ଛୁକ ନିଲାମଧାରୀମାନେ ଇମେଲ ଆଇଡି ନିବନ୍ଧନ ଆବଶ୍ୟକ, ଟ୍ରେନିଂ ଏବଂ ଅନ୍ୟ ସହାୟତା ପାଇଁ **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com** ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧୀୟ ଯେକୌଣସି ସୂଚନା ନିମନ୍ତେ **Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in** ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଠାରେ **ତା୨୫.୦୨.୨୦୧୯ରିଖ ଅପରାହ୍ଣ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://bankeauctions.com** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍‌ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର.ନଂ. ୧ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୨ ଏବଂ ୩ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୪, ୫ ଏବଂ ୬ ନିମନ୍ତେ - Mob: 8658562113 ଏବଂ ସମ୍ପତ୍ତି କ୍ର.ନଂ. ୭ ନିମନ୍ତେ- Mob: 7377977178** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s C1 India Pvt. Ltd.**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତୃଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s C1 India Pvt. Ltd.** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିୟୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୬) **ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।**

ତାରିଖ : ୧୧.୦୨.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକ ମୃତ

ଖୁଣ୍ଟା, ୧୧।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା - ବାରିପଦା ପୁରୁଣାପାଣି ଛକ ରାସ୍ତା ନିକଟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାମହଦ ଗ୍ରାମର ଦିଲୀପ ବଙ୍ଗାଳ। ରବିବାର ରାତିରେ ସେ ନିଜ ଘରକୁ ଚାଲି ଚାଲି ଫେରୁଥିବା ବେଳେ ବାରିପଦାରୁ ଉଦଳା ଅଭିମୁଖେ ଆସୁଥିବା ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଉଭୟେ ଛିଟିକି ପଡ଼ିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିଲୀପଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ବାଇକ ଆରୋହୀ ସାର୍ଥକ ସ୍ୱରୂପ ପଣ୍ଡାଙ୍କୁ ପ୍ରଥମେ ଖୁଣ୍ଟା ଏବଂ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଦିଲୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କପ୍ତିପଦା, ୧୧।୨(ଡ଼ି.ଏନ୍.ଏ): କପ୍ତିପଦା ବ୍ଲକ ଅଧିନ ଚକ୍ରଧରପୁର ପଞ୍ଚାୟତ ସଦାନନ୍ଦପୁର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଡିଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତି ସଭାପତିତ୍ୱ କରିଛନ୍ତି। ମୁଖ୍ୟଅତିଥି ଭାବେ ସରପଞ୍ଚ ରୀନା ନାୟକ, ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ନରୋତମ ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଅନାଦି ଚରଣ ସାହୁ, ସିଆରସିସି ଜ୍ଞାନରଞ୍ଜନ ପ୍ରଧାନ, ଶିକ୍ଷା କମିଟି ସଭାପତି ରାଜେଶ ସିଂ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଉଦେଶ୍ୟରେ ବହୁ ଉପାଦେୟ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଅନାଦିଚରଣ ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ନିରଞ୍ଜନ ରାଉତ, ଗଣେଶ୍ୱର ନାୟକଙ୍କ ସମେତ ଶିକ୍ଷାକମିଟିର ସଦସ୍ୟାସଦସ୍ୟ ଓ ଗ୍ରାମବାସୀ ଏହି ଉତ୍ସବରେ ସହଯୋଗ କରିଥିଲେ।

## ■ ହିତାଧିକାରୀଙ୍କୁ ମିଳୁନି ବିଲ୍

# ଲାଞ୍ଚ ନ ଦେଲେ ମିଳୁଛି ଧମକ

କପ୍ତିପଦା,୧୧।୨,(ଡି.ଏନ.ଏ)

କପ୍ତିପଦା ବ୍ଲକ୍‌ରେ ନିର୍ମାଣ କରାଯାଉଥିବା ପାଇଖାନା ଗୁଡିକର ବିଲ୍ ମିଳିବାରେ ଅହେତୁକ ବିଳମ୍ବ ହେଉଛି । ଯାହା ଫଳରେ ହିତାଧିକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁ ନାହାନ୍ତି । ସମ୍ପୃକ୍ତ ବିଭାଗ ପକ୍ଷରୁ ଯଥାଶୀଘ୍ର କାମ ସାରିବାକୁ ତାଗିଦ୍ କରାଯାଉଛି। ମାତ୍ର ପାଇଖାନା ନିର୍ମାଣ ସରିବାର ୬ ମାସ ବିତିବା ପରେ ମଧ୍ୟ ବିଲ ପୈଠ କରାଯାଉ ନ ଥିବା ଅଭିଯୋଗ ଉଠିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଶାଳଚୁଆ ପଞ୍ଚାୟତରେ। ଉକ୍ତ ପଞ୍ଚାୟତରେ ୧୩ ଜଣ ହିତାଧିକାରୀ ଏ ସଂକ୍ରାନ୍ତରେ କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲିକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଏହି ଗ୍ରାମର ୧୩ ଜଣ ହିତାଧିକାରୀଙ୍କୁ ୨୦୧୮ ମସିହା ୧୮ ଜୁନରେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା । ଫଳରେ ହିତାଧିକାରୀମାନେ କୌଣସି ଠିକାଦାରଙ୍କୁ କାମ ନ ଦେଇ ନିଜେ ନିଜେ ସେମାନଙ୍କର ପାଇଖାନା ନିର୍ମାଣ କରିଥିଲେ । ବିଭିନ୍ନ ସ୍ଥାନରୁ ଇଟା, ସିମେଣ୍ଟ ଓ ବାଲି ଧାର ସୂତ୍ରରେ ଆଣି ବିଭାଗୀୟ ତାଗିଦ ଅନୁସାରେ ଦେଢ ମାସ ମଧ୍ୟରେ କାମ ସାରିଥିଲେ । କଥା ଥିଲା ତୁରନ୍ତ ବିଲ ପୈଠ ହେଲେ ସେମାନେ ବାକିରେ ଆଣି ଥିବା ଜିନିଷର ଟଙ୍କା ମାଲିକଙ୍କୁ ପୈଠ କରିବେ। ମାତ୍ର ଠିକ୍ ସମୟରେ ଟଙ୍କା ପୈଠ କରିପାରି ନ ଥିବାରୁ କେତେକ ହିତାଧିକାରୀ ରୋଷର ଶିକାର ହୋଇଥିବା ଜଣାଯାଇଛି । ବହୁ ଆପତ୍ତି ଅଭିଯୋଗ ପରେ ଏହି କାର୍ଯ୍ୟକୁ ତଦାରଖ କରୁଥିବା ବ୍ଲକ୍ ସଂଯୋଜକ ଓ କ୍ଲଷ୍ଟର ସଂଯୋଜକ ଗତ କିଛି ଦିନ ତଳେ ହିତାଧିକାରୀ ମାନଙ୍କ ଘରକୁ ଯାଇ ପାଇଖାନା ନିର୍ମାଣ କାମର ଯାଞ୍ଚ କରିଥିଲେ। ଏହା ପରେ ପ୍ରତି ହିତାଧିକାରୀଙ୍କ ଠାରୁ ୧ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ୧ ହଜାର ଟଙ୍କା ନ ଦେଲେ ସେମାନଙ୍କର ବିଲ୍ କୌଣସି ପରିସ୍ଥିତିରେ ମଧ୍ୟ ହୋଇ ପାରିବ ନାହିଁ ବୋଲି ଧମକ ଦେଇଥିବା ହିତାଧିକାରୀ ଦୁର୍ଗାପ୍ରସାଦ ରଥ ଓ ବୃନ୍ଦାବନ ରଥ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଠିକାଦାରମାନେ କରୁଥିବା ଏହି କାମର ବିଲ ସଙ୍ଗେ ସଙ୍ଗେ ହୋଇଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ନିଜ କାମ ନିଜେ କଲେ ସେମାନଙ୍କୁ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଜାଣିଶୁଣି ହଇରାଣ କରାଯାଉଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓଙ୍କୁ ପଚାରିବାରୁ ଅଭିଯୋଗ ପାଇଥିବା ସେ କହିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ କୈଫତ୍ ମାଗିଛି। ଲାଞ୍ଚ ସମ୍ପର୍କରେ ବ୍ଲକ୍ ସଂଯୋଜକ ଓ କ୍ଲଷ୍ଟର ସଂଯୋଜକ ଅସ୍ୱୀକାର କରିଛନ୍ତି। ଖୁବଶୀଘ୍ର ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ବ୍ୟବସ୍ଥା କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ଡାଲି,**
**ଟିକିଏ ମାଗିଲେ ଦଉଥା ଡାଳି ।**

ଆଗକାଳରେ କୋଳଥ ଗରିବମାନଙ୍କର ଖାଦ୍ୟ ରୂପେ ଗଣା ହେଉଥିଲା। ସହଜରେ ମିଳୁଥିବା ଓ ଅଳ୍ପ ଦାମିକିଆ ଜିନିଷ ଟିକିଏ ମାଗୁଥିଲେ ତାକୁ ବହୁତ ବା ଅଧିକ ଦେଲେ କିଛି କ୍ଷତି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଂସା ଲୋଟା;**
**ଯାହା ହାବୁଡୁଛି ଅଣ୍ଟାକୁ ଉଠା ।**

ଚୋରର ପ୍ରକୃତି ଚୋରି କରିବା। ସୁବିଧା ସୁଯୋଗ ପାଇଲେ ଆଗପଛ କି ଭଲମନ୍ଦ ନ ବିଚାରି ଜିନିଷ ଉଠେଇନେବା ସେମାନଙ୍କ ଚିରାଚରିତ ଅଭ୍ୟାସ ହୋଇଥାଏ। ଯାହା ପାଉଛ ଧର ନୀତିରେ ଯେତେବେଳେ ଯାହା ମିଳୁଛି ତାକୁ ନେବା ଲାଗି ବ୍ୟାକୁଳ ହୋଇ ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜବରଦଖଲ ଉଚ୍ଛେଦ କଲା ବନ ବିଭାଗ

ବଡ଼ସାହି, ୧୧।୨ (ସ୍ୱ.ପ୍ର.)

ବଡ଼ସାହି-ସୁହାଗପୁର ରିଜର୍ଭ ଜଙ୍ଗଲ ମଧ୍ୟରେ ଜବରଦଖଲ କରି ନିର୍ମାଣ କରାଯାଇଥିବା ରାସ୍ତାକୁ ବନ ବିଭାଗ ପକ୍ଷରୁ ସୋମବାର ଉଚ୍ଛେଦ କରାଯାଇଛି। ଡିଏଫ୍‌ଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଢୁକୁରା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବଡ଼ସାହି ଫରେଷ୍ଟର ପ୍ରଦୀପ ଦେହୁରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଜବରଦଖଲ ରାସ୍ତାରେ ପଡ଼ିଥିବା ମାଟି, ମୋରମ ଉଠାଇ ଦେଇଛନ୍ତି। ସେହିପରି ଜେସିବିରେ ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନ ଖୋଳାଯାଇ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି। ରିଜର୍ଭ ଜଙ୍ଗଲକୁ କାଟି ରାସ୍ତା ନିର୍ମାଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ଜେନା ପ୍ରକାଶ କରିଛନ୍ତି। ଜବରଦଖଲ ଉଚ୍ଛେଦ ପରେ ବିଭାଗ ପକ୍ଷରୁ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ଜଣାଯାଇଛି। ସେହିପରି ବାରାହୀ ମନ୍ଦିର ପାର୍ଶ୍ୱରେ ଜବରଦଖଲ କରି ପୋତାଯାଇଥିବା ସିମେଣ୍ଟ ଖୁଣ୍ଟକୁ ଉଚ୍ଛେଦ କରାଯାଇଛି।



ବନ ବିଭାଗ ପକ୍ଷରୁ ଜବର ଦଖଲ ଉଚ୍ଛେଦ ।

# ଅମଲାଙ୍କୁ ପଦୋନ୍ନତି ଦିଆଯାଉ

ବାରିପଦା ଅଫିସ,୧୧।୨

ଚାକିରି ହେଉ କିମ୍ବା ସାଧାରଣ ଜୀବନରେ ସବୁ କ୍ଷେତ୍ରରେ ବରିଷ୍ଠତା, କାର୍ଯ୍ୟଦକ୍ଷତା ଓ ସାଧୁତା ଆଧାରରେ କନିଷ୍ଠକୁ ପଦୋନ୍ନତି ଦିଆଯାଇ ଉଚ୍ଚ ଆସନରେ ଅଧିଷ୍ଠିତ କରାଯାଉଛି। ଏଭଳି ବ୍ୟବସ୍ଥା ଏବେ ଜିଲା ଶିକ୍ଷା ଅଧିକାରୀଙ୍କ କ୍ଷେତ୍ରରେ ପ୍ରହସନ ପାଲଟିଛି। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ହେଉଛନ୍ତି ଶିକ୍ଷା ବିଭାଗର ଅମଲାଙ୍କ ପଦୋନ୍ନତି ନିୟନ୍ତ୍ରଣକାରୀ ଜିଲାସ୍ତରୀୟ ଅଧିକାରୀ। ବିଡମ୍ବନାର ବିଷୟ ଯେ, ଗତ ୫ବର୍ଷ ମଧ୍ୟରେ ଥରୁଟିଏ ବି ପଦନ୍ନୋତି କମିଟି ବୈଠକ ବସାଇବାକୁ ଆବଶ୍ୟକ ମନେ କରାଯାଇ ନାହିଁ ବୋଲି ଅମଲା ସଂଘ ପକ୍ଷରୁ କୁହାଯାଇଛି। ଓଡ଼ିଶା ଅମଲା ସଂଘ ମୟୂରଭଞ୍ଜ ଶାଖା ଏବଂ ଓଡ଼ିଶା ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ମୟୂରଭଞ୍ଜ ଶାଖା ବିଗତ ଦିନରେ ବହୁବାର ଏ ନେଇ ବିଭିନ୍ନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୌଣସି ସୁଫଳ ମିଳିପାରି ନାହିଁ। ତେବେ ସଂଘ ପକ୍ଷରୁ ମଧ୍ୟ ବର୍ତ୍ତମାନ ଜିଲା ଶିକ୍ଷା ଅଧିକାରୀଙ୍କ ଠାରେ ଏନେଇ ଅଭିଯୋଗ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଅମଲାଙ୍କ ପଦୋନ୍ନତି ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏପରି ସ୍ଥଳେ ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଏ ନେଇ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ। ଏହି ଦାବିକୁ ଆସନ୍ତା ୧୫ଦିନ ମଧ୍ୟରେ ଯୋଗ୍ୟ ଅମଲାମାନଙ୍କୁ ପଦୋନ୍ନତି ଦେବାରେ ବ୍ୟବସ୍ଥା କରା ନ ଗଲେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ହାସଲ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଗଣମାଧ୍ୟମ ସଂଯୋଜକ ଶାନ୍ତନୁ କୁମାର କର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

# ରଥ କାଠ ଅନୁକୂଳ

କପ୍ତିପଦା,୧୧।୨(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍‌ର ନୁଦଡ଼ିହା ଜଗନ୍ନାଥ ମନ୍ଦିରର ରଥ ନିର୍ମାଣ ପାଇଁ ପୂର୍ବ ପରମ୍ପରା ଅନୁଯାୟୀ ରବିବାର ଶ୍ରୀପଞ୍ଚମୀ ଅବସରରେ ରଥ କାଠ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ଅଧ୍ୟାପକ ନକୁଳ ଜେନା, ଉପଦେଷ୍ଟା ସୁଧାଂଶୁ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସର୍ବଣାଘାଟି ଗ୍ରାମରେ ଏକ ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିଲା । ମନ୍ଦିରର ପୂଜକ ଓ ବହୁ କର୍ମକାଣ୍ଡବିତ୍ ବୈଦିକ ବିଧି ଅନୁସାରେ ସୋମବାର ପୂର୍ବାହ୍ନରେ ଯଜ୍ଞକର୍ମ ଆରମ୍ଭ କରିଥିଲେ। ଗୁରୁ ପୂଜା, ସୂର୍ଯ୍ୟ ପୂଜା ସମ୍ପାଦନ ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ଗ୍ରାମର ଦିବାକର ନାୟକ, ଭଗବାନ ବେହେରା, ଚିନ୍ତାମଣି ବେହେରା ଓ ତାଙ୍କର ସହଧର୍ମିଣୀ ଯଜ୍ଞର କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ ପରେ ଚିହ୍ନଟ ହୋଇଥିବା ଗଛକୁ କଟାଯାଇ ଏକ ସୁସଜ୍ଜିତ ଶଗଡ଼ିରେ ନୁଦଡ଼ିହାସ୍ଥିତ ଜଗନ୍ନାଥ ମନ୍ଦିର ରଥଖଳାକୁ ଅଣାଯାଇଥିଲା। ଏହି ସମୟରେ ଶଙ୍ଖ, ଘଂଟା, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସର୍ବଣାଘାଟିଠାରୁ ନୁଦଡ଼ିହା ମନ୍ଦିର ପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଶୋଭାଯାତ୍ରାରେ ପିଙ୍ଗୁ, ନୁଦଡ଼ିହା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ମନ୍ଦିର କମିଟିର ପୁରୋଧା ସୁଧାଂଶୁ ଦାଶ, ସମାଜସେବୀ ମନୋରଞ୍ଜନ ମଲ୍ଲିକ୍, ଶଶଧର ସ୍ୱାଇଁ, ମନରଥ ଲେଙ୍କା, ବୃନ୍ଦାବନ ମହାନ୍ତି, ବିଜୟାନନ୍ଦ ନାୟକ, ବୃନ୍ଦାବନ ବେହେରା, ବୃନ୍ଦାବନ ବେହେରା, ଜଗନ୍ନାଥ ରାଉତ, ମଳୟ ସିଂବାବୁ, ଚନ୍ଦ୍ରଶେଖର ଦାସବାବୁ ପ୍ରତାପ ବେହେରା, ଗ୍ରାମର ବହୁ ଉତ୍ସାହୀ ଯୁବକଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସଂପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଭାସ୍କର ମଢ଼େଇ, ବିଜେଡ଼ିର ଆଶାୟୀ ପ୍ରାର୍ଥୀ ଭାସ୍କର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସର୍ବଶେଷରେ ସମସ୍ତ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

# ବିପ୍ଳବୀ ବାବା ତିଲକାଙ୍କ ଜୟନ୍ତୀ



ପଥପ୍ରାନ୍ତ ସଭାରେ ଉପସ୍ଥିତ ନେତୃମଣ୍ଡଳୀ।

ଉଦଳା, ୧୧।୨ (ଡି.ଏନ.ଏ.)

ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝିଙ୍କ ୨୬୯ତମ ଜୟନ୍ତୀ ସୋମବାର ଉଦଳାଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଉଦଳା ସହରାଞ୍ଚଳରେ ଥିବା ଥାନା ଛକ ଗୋଲେଇ ନିକଟରେ ପଥପ୍ରାନ୍ତ ସଭା ହୋଇଥିଲା। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଦସ୍ୟ ଚକ୍ରଧର ସିଂ, ଯୁବନେତା ଦୁଃଖୀଶ୍ୟାମ ମୁର୍ମୁ, ନୁଦଡିହା ସରପଞ୍ଚ କାହ୍ନୁ ସୋରେନ, ପୂର୍ବତନ ସରପଞ୍ଚ ଠୁମ୍ପୁ ମୁର୍ମୁ, ଯୁବନେତା ଶିରୁ ସୋରେନ, ଉପେନ୍ଦ୍ର ହେମ୍ବ୍ରମ, ଦେବାଶିଷ ଘୋଷଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସେମାନେ ବାବା ତିଲକାଙ୍କ ଜୀବନୀ ଏବଂ ତାଙ୍କ ବୀରତ୍ୱର କାହାଣୀକୁ ନେଇ ବକ୍ତବ୍ୟ ରଖିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୧୧।୨

ବାରିପଦା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ସଭାପତି ପ୍ରବୀର କୁମାର ବସାଙ୍କ ନେତୃତ୍ୱରେ ୭ ଶହରୁ ଅଧିକ ସଦସ୍ୟଙ୍କ ସମେତ ଜିଲାର ବେତନଟୀ, କରିଆ, ରାଇରଙ୍ଗପୁର, ଉଦଳା ଓ ଉପଖଣ୍ଡ ଓକିଲ ସଂଘର ସଦସ୍ୟ କଚେରି ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅତିରିକ୍ତ ଜିଲାପାଳ ଆବୋଲି ନରଭାଣେଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରିତ କରାଯାଇଛି। ଓକିଲ ତଥା ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ବୀମା ବ୍ୟବସ୍ଥା କରାଯାଉ, ୧୦ ହଜାର ଷଟାଇପେଣ୍ଡ ପ୍ରଦାନ ଏପରି ଆଦି ଦାବି ଉପସ୍ଥାପନ କରାଯାଇଥିଲା ବୋଲି ଜିଲା ଓକିଲ ସଂଘର ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାଛଡା ଓକିଲ ସଂଘର ସଦସ୍ୟମାନେ ଭୁବନେଶ୍ୱର ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ମଙ୍ଗଳବାର ମଧ୍ୟ କାର୍ଯ୍ୟରୁ ନିବୃତ ରହିବେ ବୋଲି ଜଣାଇଛନ୍ତି।

# ସରିଲା ସୋର ମହୋତ୍ସବ

ସୋର,୧୧।୨(ଡି.ଏନ.ଏ.)

ଦୀର୍ଘ ୧ସପ୍ତାହ ଧରି ଚାଲିଥିବା ସୋର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବନ୍ଦେ ମାତ୍‌ରମ୍ କଲ୍‌ଚରାଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ମହୋତ୍ସବରେ ଗୌରୀଶଙ୍କର ଘଡ଼େଇଙ୍କ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଡା. କରୁଣାକର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସୋର ଉପେନ୍ଦ୍ରନାଥ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମିକାନ୍ତ ପାଢୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସୋର ପୁରୁବାଇ କନ୍ୟାଶ୍ରମର ସମ୍ପାଦିକା ସୁମତି ମହାନ୍ତି ଯୋଗଦେଇଥିଲେ। ସୋର ମହୋତ୍ସବ କମିଟି ଅଧ୍ୟକ୍ଷ ଶଶି କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କଣ୍ଠଶିଳ୍ପୀ ସାରେଗାମା ମେଗା ସିରିଏଲ୍‌ର ଅବିନାଶ କୁମାର, ତ୍ରୀଷା ଦାସ ଏବଂ ଧାରାବାହିକ କ୍ୱାଇଁ ନଂ ୱାନ୍‌ର ଅଙ୍କିତ୍, ସୁଲଗ୍ନା ଓ ନନ୍‌ସେନ୍ସମଣି ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ସମ୍ପାଦକ ଅଜିତ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ।
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

CO-OPERATIVE INADIA
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ଜଳେଶ୍ୱରରେ ଆହାର କେନ୍ଦ୍ର ଉଦ୍‌ଘାଟିତ



**ଜଳେଶ୍ୱର, ୧୧।୨(ଡି.ଏନ୍.ଏ.):** ରାଜ୍ୟସରକାରଙ୍କ ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ ଅନୁଯାୟୀ ସମଗ୍ର ରାଜ୍ୟରେ ଥିବା ୧୭ ଟି ଜିଲା ର ୩୮ ଟି ଆହାର କେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସିଂ ମାଧମରେ ଉଦ୍‌ଘାଟନ କରାଯାଇଛି। ଜଳେଶ୍ୱର ସହର ନୂଆବଜାର ସ୍ଥିତ ଜିକେ ଭଟ୍ଟର ଡାକ୍ତରଖାନା ପରିସରରେ ଉକ୍ତ ୩୮ଟି କେନ୍ଦ୍ର ମଧ୍ୟରୁ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଆହାର କେନ୍ଦ୍ର ଜଳେଶ୍ୱର ଅଞ୍ଚଳରେ ପ୍ରଥମଥର ପାଇଁ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଜଳେଶ୍ୱର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଧାରୀ ବାରିକ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଉପଜିଲାପାଳ ନିଲୁ ମହାପାତ୍ର, ବ୍ଲକ ଅଧକ୍ଷା ସବିତାରାଣି ଦଳାଇ, ଉପାଧକ୍ଷ ବ୍ରଜମୋହନ ପ୍ରଧାନ, କନିଷ୍କ ବୋଧିସତ୍ତ୍ୱ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଏହିଭଳି ଜନହିତକର ଯୋଜନାକୁ ପ୍ରଶଂସା କରିଥିଲେ। ଏଣିକି ଜଳେଶ୍ୱର ସହର ବିଶେଷକରି ଡାକ୍ତରଖାନାକୁ ଆସୁଥିବା ଗରିବ ଶ୍ରେଣୀର ଲୋକମାନେ ରବିବାର ବ୍ୟତୀତ ଦୈନିକ ଦିବା ୧୧ଟାରୁ ୩ ଟା ମଧ୍ୟରେ ୫ଟଙ୍କା ଦେଇ ଉକ୍ତ ଆହାରକେନ୍ଦ୍ରରୁ ଭୋଜନ କରିପାରିବେ ବୋଲି ଜିଲା ଆହାର ସମିତି ତରଫରୁ ଉକ୍ତ ସଭାରେ ସୂଚନା ଦିଆଯାଇଥିଲା।

### 'ସମର୍ପଣ' ଦିବସ ପାଳନ



**ସଜନାଗଡ଼, ୧୧।୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ଧୋବଶିଳା ଗ୍ରାମପଞ୍ଚାୟତ ୯୩ନମ୍ବର ବୁଥ୍‌ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ 'ସମର୍ପଣ' ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ନିର୍ବାଚନମଣ୍ଡଳୀ ପ୍ରଭାରୀ ସିପ୍ରା ବାଜପେୟୀ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ର ଶେଖର ନନ୍ଦ, ଅଭୟ ମିଶ୍ର, ତାପସ ମହାନ୍ତି, କମଳା ମହାକୁଡ଼, ମନୋରଞ୍ଜନ ବେହେରା ଏବଂ ଦଳର ବହୁ ପ୍ରମୁଖ କର୍ମକର୍ତ୍ତା ଉକ୍ତ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଭାଜପା ସଙ୍ଗଠନକୁ ଆଗକୁ ନେବା ପାଇଁ ନିଜ ନିଜର ସକ୍ଷମ ଅନୁସାରେ ନମୋ ଆପ୍ ଏବଂ ଦାନ ପେଟିକାରେ ସମର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଆପାଳ, ୧୧।୨(ସ୍ୱ.ପ୍ର):** ବାଲିଆପାଳ ଉପାନ୍ତ ଅଞ୍ଚଳରେ ଅବସ୍ଥିତ ମଣିଭଦ୍ର ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବାଲିଆପାଳର ବରିଷ୍ଠ ଶିକ୍ଷକ ମାଧ୍ୟାଧର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ଶିକ୍ଷା ଜିଲାର ପୂର୍ବତନ ଶିକ୍ଷାଧିକାରୀ ସୀତାରାମ କୁହ୍ଲାରୀ ଯୋଗଦେଇ ପିଲାମାନଙ୍କୁ ମା', ମାଟି ଓ ମାତୃଭାଷାର ନିରନ୍ତର ସେବା କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ତଥା କବି ନଳିନୀକାନ୍ତ ପାଢ଼ୀ ଯୋଗଦେଇ ଗୁରୁଜନଙ୍କ ପ୍ରତି ଭକ୍ତି ଓ ମାର୍ଜିତ ବ୍ୟବହାର ମଣିଷକୁ ଭଲ କରି ଗଢ଼ି ତୋଳେ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଯତୀନ୍ଦ୍ର କୁହ୍ଲାରୀ, ବରେନ୍ଦ୍ର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ଜ୍ୟୋତି, ଅଭିଳାଷ କୁହ୍ଲାରୀ, ଶଶୀକାନ୍ତ କୁହ୍ଲାରୀ, ରବୀନ୍ଦ୍ର ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ।

# ନାଲିଫିତା ତଳେ 'କେନ୍ଦ୍ରୀୟ ପାକଶାଳା'

- ସମସ୍ୟାର ହୋଇପାରୁନି ସମାଧାନ
- ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଚେତାବନୀ

**ବାଲେଶ୍ୱର ଅଫିସ, ୧୧।୨**

ଦେଶରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଉନ୍ନତ ପାଠ ପଢ଼ା ସାଙ୍ଗକୁ ମଧ୍ୟାହ୍ନଭୋଜନର ମାନ ବଢ଼ାଇବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟସରକାର ମିଳିତ ଭାବେ 'କେନ୍ଦ୍ରୀୟ ପାକଶାଳା' ମାଧ୍ୟମରେ ସ୍କୁଲ୍‌ମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇବା ଏକ ଦୀର୍ଘସୂତ୍ରୀ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାକୁ ଦେଶରେ ଏକକାଳୀନ ପ୍ରଣୟନ କରିବା ସମ୍ଭବ ହୋଇପାରି ନଥିବା ବେଳେ ପ୍ରଥମେ ସହରଗୁଡ଼ିକରେ ପ୍ରଣୟନ କରିଥିଲେ। ଅଭିଜ୍ଞ ସମ୍ପନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ଆହ୍ୱାନ ଦେଇଥିଲେ। ରାଜ୍ୟର ପ୍ରଥମ ପର୍ଯ୍ୟାୟରେ କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, କେନ୍ଦୁଝର ଓ ରାଉରକେଲାରେ ସଫଳ ଭାବେ 'କେନ୍ଦ୍ରୀୟ ପାକଶାଳା' ମାଧ୍ୟମରେ ଯୋଗାଇ ଦିଆଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଖୋର୍ଦ୍ଧା, ନୟାଗଡ଼, କୋରାପୁଟ, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ ଓ ବଲାଙ୍ଗୀରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ରାଜ୍ୟସ୍ତରୀୟ ଷ୍ଟିୟରିଂ କମ୍ ମନିଟରିଂ କମିଟି ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ଆବେଦନ କରିଥିବା ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ତାଲିକା ଜିଲାପାଳଙ୍କୁ ପଠାଇ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ସହ ଚୁକ୍ତିନାମା କରି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ।




ଶେରଗଡ଼ ସ୍ଥିତ 'କେନ୍ଦ୍ରୀୟ ପାକଶାଳା'

ଏହି କ୍ରମରେ 'ବାଗ୍‌ଡ଼ଙ୍ଗା ପଶ୍ଚିମଘେରୀ ବିଶାଳାକ୍ଷ୍ମୀ କ୍ଲବ' ସ୍ୱେଚ୍ଛାସେବୀ ସଙ୍ଗଠନ କୋରାପୁଟ ଏବଂ ବାଲେଶ୍ୱର ଜିଲା ପାଇଁ ଚୟନ ହୋଇଥିଲା। ବାଲେଶ୍ୱର ଜିଲା ରେମୁଣା ବ୍ଲକ ସେରଗଡ଼ ଠାରେ ଅତ୍ୟାଧୁନିକ 'କେନ୍ଦ୍ରୀୟ ପାକଶାଳା' ସ୍ଥାପନ କରାଯିବା ପରେ ଜିଲାପାଳ, ଜିଲା ଶିକ୍ଷାଧିକାରୀ ଏବଂ ଡେଭଲପ୍‌ମେଣ୍ଟ କମିଟି ଉକ୍ତ ସ୍ଥାନକୁ ପରିଦର୍ଶନ କରିଥିଲେ। ଗତ ୨୦୧୮ ଜୁନ୍ ୧୩ ତାରିଖରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ସହ ଉକ୍ତ ସଂସ୍ଥା ଶୁଭାରମ୍ଭ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଚୁକ୍ତି ଏବଂ ନିର୍ଦ୍ଦେଶନାମା ଅନୁସାରେ ୨ମାସର ରନ୍ଧା ଖର୍ଚ୍ଚ ଅଗ୍ରୀମ ଦେବା ବଦଳରେ ମଧ୍ୟାହ୍ନଭୋଜନର ରାଜ୍ୟ ନୋଡାଲ ଅଧିକାରୀ ଗଙ୍ଗାଧର ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ରାଉତ ଟଙ୍କା ପ୍ରଦାନ ବଦଳରେ ପୁନର୍ବାର ସଂସ୍ଥା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ସଂସ୍ଥାଟି ପଞ୍ଜାବର ୮ଟି ଜିଲା ଏବଂ ଓଡ଼ିଶାର କୋରାପୁଟରେ ସୁରୁଖୁରୁ ଭାବେ କାର୍ଯ୍ୟ କରୁଥିବା ବେଳେ ବାଲେଶ୍ୱର ପାଇଁ ଉପୁଜୁଥିବା ସମସ୍ୟା ଅଧିକାରୀମାନେ ସମାଧାନ ନ କରିବା ରହସ୍ୟ ଜଣାପଡୁନାହିଁ।

ଅନ୍ୟପକ୍ଷରେ ସଂସ୍ଥାର ସ୍ଥାନୀୟ ସହଯୋଗୀ ତଥା କୋଷାଧ୍ୟକ୍ଷ ଗୌରହରି ରାଉଳଙ୍କ କହିବାନୁସାରେ ଉକ୍ତ ଯୋଜନାର ରାଜ୍ୟସ୍ତରୀୟ ଷ୍ଟିୟରିଂ କମ୍ ମନିଟରିଂ କମିଟିରେ ଅନୁମୋଦନ ପାଇବା ପର ଠାରୁ ଶେରଗଡ଼ରେ ମାସିକ ୮୧ହଜାର ଟଙ୍କା ଭଡ଼ାସୂତ୍ରରେ ଜମି ନେଇ ୧୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଘର ନିର୍ମାଣ କରିବା, ୫୦ଲକ୍ଷ ଟଙ୍କାରେ ଉପକରଣ କିଣିବା, କର୍ମଚାରୀଙ୍କୁ ଦରମା ବାବଦରେ ୩ଲକ୍ଷରୁ ଉର୍ଦ୍ଧ୍ୱ ମୋଟ୍ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରିସାରିଛି। ସମସ୍ତ କାଗଜପତ୍ର ଠିକ୍‌ଠାକ୍ ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଆକ୍ରୋଶରେ ଶିକାର କରିବାକୁ ଚେଷ୍ଟା କରୁଛନ୍ତି। ଆବଶ୍ୟକ ପଡ଼ିଲେ ଉଚ୍ଚନ୍ୟାୟାଳୟରେ ଦ୍ୱାରସ୍ଥ ହେବାର ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ମଧ୍ୟାହ୍ନଭୋଜନର ରାଜ୍ୟ ନୋଡାଲ ଅଧିକାରୀ ଗଙ୍ଗାଧର ସାହୁଙ୍କୁ ପଚାରିବାରୁ ସେ କହନ୍ତି, 'ବାଗ୍‌ଡ଼ଙ୍ଗା ପଶ୍ଚିମଘେରୀ ବିଶାଳାକ୍ଷ୍ମୀ କ୍ଲବ' ସ୍ୱେଚ୍ଛାସେବୀ ସଙ୍ଗଠନର କେତେକ ଜାଲି କାଗଜପତ୍ର ବିଭାଗୀୟ ଅଧିକାରୀଙ୍କୁ ଦେଇ ଚଞ୍ଚକତା ପୂର୍ବକ ଉକ୍ତ ଯୋଜନାରେ ସାମିଲ ହୋଇଛି। ପ୍ରଶାସନିକ ତଦନ୍ତ ଜାରି ରହିଛି। ଆବଶ୍ୟକ ପଡ଼ିଲେ ଏହାକୁ କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।




ଶିବିରରେ ଉପସ୍ଥିତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ।

# ୮୪ ଅଭିଯୋଗର ହେଲା ଶୁଣାଣି

**ସଜନାଗଡ଼, ୧୧।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ଏହି ଶିବିରରେ ଯୋଗଦେଇଥିଲେ। ନୀଳଗିରି ପଞ୍ଚାୟତସମିତି ସଭାଗୃହରେ ମୋଟ୍ ୮୪ଟି ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ବ୍ୟକ୍ତିଗତ ୨୨ଟି, ବାର୍ଦ୍ଧକ୍ୟ, ବିଧବା ଭତ୍ତା, ବିଜୁ ପକ୍କାଘର, ଜମିଜମା ସଂକ୍ରାନ୍ତୀୟ ହୋଇଥିବା ବେଳେ ୬୨ଟି ସାମୂହିକ ରାସ୍ତା ନିର୍ମାଣ, ଅଙ୍ଗନୱାଡ଼ି, ବିଦ୍ୟୁତ୍ ଜଳଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ଔପଦାର ନିବାସୀ ରାମଚନ୍ଦ୍ର ବିନ୍ଧାଣୀଙ୍କୁ ୫ହଜାର ଟଙ୍କାର ଚେକ୍ ଚିକିତ୍ସା ନିମନ୍ତେ ପ୍ରଦାନ ସହ ଅନ୍ୟାନ୍ୟ ଅଭିଯୋଗ ସମ୍ପୃକ୍ତ ଅଧିକାରୀ ସମାଧାନ ନିମନ୍ତେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡ. ସନ୍ତୋଷ ପାତ୍ର, ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜାନକୀ ସିଂ, ସ୍ଥାନୀୟ ଉପଜିଲାପାଳ ବିଶାଲ ସିଂହ, ବିଡିଓ ରାମଦାସ ଟୁଡୁ, ତହସିଲଦାର ରାଜେନ୍ଦ୍ର ପଣ୍ଡା, ଜିଲା ଓ ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଏମ୍‌ପିଙ୍କ ପ୍ରତିନିଧି ଗତିକୃଷ୍ଣ ନନ୍ଦ, ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ।

# ୪ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୧୧।୨(ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ କର୍ମଚାରୀ ସ୍ଥାନୀୟ ଉପଖଣ୍ଡର ବିଭିନ୍ନସ୍ଥାନରେ ସୋମବାର ଚଢ଼ାଉକରି ୪ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ବିଭାଗରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଥାନାର ରଞ୍ଜନ ସାମଲ, ଉମାକାନ୍ତ ଖଣ୍ଡେଇ, ବିକ୍ରମ ମାଝୀ, ଭଗବାନ ମାଝୀ। ଚଢ଼ାଉରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇଦିନ କାର୍ଯ୍ୟ ଛାଡ଼ିଲେ ଆଇନଜୀବୀ

**ବାଲେଶ୍ୱର ଅଫିସ, ୧୧।୨**

ବାଲେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ୫ଦଫା ଦାବି ନେଇ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ସୋମବାର ଏବଂ ମଙ୍ଗଳବାର ଦୁଇଦିନ ଧରି କାର୍ଯ୍ୟ ଛାଡ଼ ଆନ୍ଦୋଳନ କରିଥିବା ଏକ ଖବରଦାତା ସମ୍ମିଳନୀରେ ସୋମବାର ପୂର୍ବାହ୍ନରେ ଜିଲା ବାର୍ ଆସୋସିଏଶନ୍ ସଭାପତି ନିରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

ଭାରତୀୟ ଆଇନଜୀବୀ ପରିଷଦ ଆନୁକୂଲ୍ୟରେ ନୂଆଦିଲ୍ଲୀ ସ୍ଥିତ ବାର୍ କାଉନସିଲ ଅଡିଟୋରିୟମ୍‌ରେ ଗତ ୨ତାରିଖରେ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତିକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଭାରତବର୍ଷରେ ଆଇନଜୀବୀମାନଙ୍କ ନିମନ୍ତେ ୫ଦଫା ଦାବି ଉପସ୍ଥାପନା କରାଯାଇଥିଲା। ଦେଶର ପ୍ରତ୍ୟେକ ବାର୍ ଆସୋସିଏଶନ୍ ପାଇଁ ଅତ୍ୟାବଶ୍ୟକ ବାସଗୃହ, ସରଞ୍ଜାମ, ଲାଇବ୍ରେରୀ, ଇଣ୍ଟରନେଟ୍, ଶୌଚାଳୟ, ଆଇନଜୀବୀ ପରିବାରଙ୍କୁ ବୀମାଭୁକ୍ତ, ନୂତନ ଭାବରେ ଆଇନଜୀବୀରେ ଯୋଗଦେଉଥିବା ଆଇନଜୀବୀଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କା ଭତ୍ତା,

### ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ବାର୍ ଆସୋସିଏଶନ୍ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଯାଉଛନ୍ତି।

ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟୟବରାଦ, ଗୃହ ନିର୍ମାଣ ପାଇଁ ଶସ୍ତାରେ ଜମି ଯୋଗାଇବା, ଲିଗାଲ ସର୍ଭିସ୍ ଅଥୋରିଟି ଆକ୍ଟରେ ଆବଶ୍ୟକ ସଂଶୋଧନ କରାଯାଇ ଆଇନଜୀବୀମାନଙ୍କ ଯୋଗ୍ୟତା ଅନୁସାରେ ପଦପଦବୀରେ ଦାୟିତ୍ୱ ନିର୍ବାହ, ଯୋଗ୍ୟତା ସମ୍ପନ୍ନ ଆଇନଜୀବୀଙ୍କୁ ବିଭିନ୍ନ ଟ୍ରିବ୍ୟୁନାଲ, କମିଶନର, ଫୋରମ୍ ଏବଂ ଅଥୋରିଟିରେ ନିଯୁକ୍ତି ଭଳି ଦାବି କରାଯାଇଥିଲା। ଦାବି ପୂରଣ ନ ହେଲେ ଆଇନଜୀବୀ ସମାଜ ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋମବାରଠାରୁ ଦେଶର ସମସ୍ତ ବାର୍ ଆସୋସିଏଶନ୍ ପକ୍ଷରୁ କାର୍ଯ୍ୟଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଛି। ବାଲେଶ୍ୱରରେ ମଧ୍ୟ ଭାରତୀୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶକ୍ରମେ ଜିଲା ବାର୍ ଆସୋସିଏଶନ୍ ଉପସଭାପତି ନୃସିଂହ ଚରଣ ନାୟକ, ସମ୍ପାଦକ ସମ୍ମିତ କୁମାର ନନ୍ଦୀ, ସହସମ୍ପାଦକ ସୂର୍ଯ୍ୟକାନ୍ତ କର, ବସନ୍ତ ପ୍ରଧାନ, କୋଷାଧ୍ୟକ୍ଷ ସିଦ୍ଧାର୍ଥ କୁମାର କମିଲା, ଅନ୍ନପୂର୍ଣ୍ଣା ରାଉତ, ମାନସ ବିହାରୀ ଅଗସ୍ତି, ପଙ୍କଜ ଧିର, ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ କାର୍ଯ୍ୟଛାଡ଼ ଆନ୍ଦୋଳନ ଜାରି ରହିଛି।

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓକିଲ ସଂଘର ଦାବିପତ୍ର

**ଜଳେଶ୍ୱର, ୧୧।୨ (ଡି.ଏନ୍.ଏ.):** ଅଖିଳ ଭାରତ ଆଇନ୍‌ଜୀବୀ ପରିଷଦର ନିଷ୍ପତ୍ତି କ୍ରମେ ସୋମବାର ଜଳେଶ୍ୱର ଓକିଲ ସଂଘର ତରଫରୁ ଓକିଲମାନଙ୍କ ବିଭିନ୍ନ ଦାବି ନେଇ ୨ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ସଂଘର ସଭ୍ୟମାନେ କୋର୍ଟ ପରିସରରୁ ଶୋଭାଯାତ୍ରାରେ ବାହାରି ତହସିଲ ସମ୍ମୁଖରେ ପହଞ୍ଚିଥିଲେ। ସଂଘର ସଭାପତି ଚିନ୍ମୟ କୁମାର ଦାସ, ସମ୍ପାଦକ ମଦନମୋହନ ରାଉଳ, ଉପ ସଭାପତି କମଳାକାନ୍ତ ପତି, ସଭ୍ୟ ସତ୍ୟସୁନ୍ଦର ଦାସ, ଅବଧୂତ ଜେନା ପ୍ରମୁଖ ଏଥିରେ ଭାଗନେଇଥିଲେ।

# ମୋଟରସାଇକେଲ, ସ୍କୁଟର ଉପରେ ଆକର୍ଷଣୀୟ ଅଫର୍

**ବାଲେଶ୍ୱର ଅଫିସ, ୧୧।୨**

ବିଶ୍ୱର ସର୍ବାଧିକ ବ୍ରିକି ହେଉଥିବା ଦୁଇଚକିଆ ବାହନ, ହିରୋର ବାଲେଶ୍ୱର ପାଇଁ ଅଧିକୃତ ବିକ୍ରେତା ନିଲମ୍ ମୋଟର୍ସ ଏବଂ ତାଙ୍କର ସବ୍‌ଡିଲରଙ୍କ ଦ୍ୱାରା ଏକ ଆକର୍ଷଣୀୟ ଅଫର୍ ଉପରେ ଏକ ପ୍ରେସ୍ ବିବୃତିରେ ନିଲମ ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ନନ୍ଦକିଶୋର ସରାଓଗି ସୂଚନା ଦେଇଛନ୍ତି।

ହିରୋର ଯେକୌଣସି ମୋଟରସାଇକେଲ ୧୫ଶହରୁ ୨୫ଶହ ଟଙ୍କା ରିହାତି ସମୟ ଫେବୃୟାରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ରହିବ। ଏହାସହିତ ହିରୋ ଫାଇନାନ୍ସ ଦ୍ୱାରା ମାତ୍ର ୬.୯୯% ସୁଧ ହାରରେ ଏହି ସୁବିଧା ଉପଲବ୍ଧ ହେବାର ସୂଚନା ଦେଇଛନ୍ତି। ସୋର, ବସ୍ତା, ଖଇରା, ନୀଳଗିରି ଏବଂ ମାର୍କୋଣାରେ ଥିବା ସହଯୋଗୀ ଡିଲର ମଧ୍ୟ ସାମିଲ ଥିବାବେଳେ ଗ୍ରାହକମାନେ ନିଲମ୍ ମୋଟର୍ସରୁ 'ହିରୋ ଫାଇନାନ୍ସ' ଦ୍ୱାରା ପ୍ରତ୍ୟେକ ଗାଡ଼ି ଉପରେ 'ସ୍କ୍ରାଚ୍ କାର୍ଡ ମାଧ୍ୟମରେ ସର୍ବନିମ୍ନ ୧ହଜାର ଟଙ୍କା କିମ୍ବା ଉର୍ଦ୍ଧ୍ୱ ମୂଲ୍ୟର ସୁନିଶ୍ଚିତ ଉପହାର ବ୍ୟବସ୍ଥା ରହିଛି ବୋଲି ଜଣାଇଛନ୍ତି।

# ଅଙ୍ଗନୱାଡ଼ି ସ୍ଥାନାନ୍ତର ନେଇ ଆମରଣ ଅନଶନ

**ବାଲେଶ୍ୱର ଅଫିସ, ୧୧।୨**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର ବଡ଼ତାଳପଦା ଅଙ୍ଗନୱାଡ଼ି କେନ୍ଦ୍ର-୧ର ସ୍ଥାନାନ୍ତର ନେଇ ଉକ୍ତ ଗ୍ରାମର ଲୋକେ ସୋମବାର ପୂର୍ବାହ୍ନରୁ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଫିସ୍ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି।

ଘଟଣାରୁ ପ୍ରକାଶ, ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରଟି ତାଳପଦା ୟୁଜିୟୁପି ସ୍କୁଲରେ ଦୀର୍ଘଦିନ ଧରି ଚାଲିଆସୁଥିଲା। କାଳକ୍ରମେ ଉକ୍ତ ଅଞ୍ଚଳର ମାତ୍ର ୨/୩ ଜଣ ପିଲା ଥିବାବେଳେ ୧କି.ମି. ଦୂର ହରିଜନସାହିରୁ ୩୦ରୁ ଅଧିକ ପିଲା ଉକ୍ତ କେନ୍ଦ୍ରକୁ ଆସୁଥିଲେ। କିଛିଦିନ ପୂର୍ବରୁ ହରିଜନସାହି କମ୍ୟୁନିଟି ସେଣ୍ଟର ନିର୍ମାଣ ହେବା ପରେ ସେଠାକାର ଲୋକମାନେ କମ୍ୟୁନିଟି ସେଣ୍ଟରରେ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଇବା ପାଇଁ ଦାବି କରିଥିଲେ। ଏନେଇ ଶିଶୁ



ଅଙ୍ଗନୱାଡ଼ି ସ୍ଥାନାନ୍ତରକୁ ନେଇ ଜିଲାପାଳ ଅଫିସ୍ ସମ୍ମୁଖରେ କର୍ମୀମାନେ।

ଜିଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଇବା ପରେ ମଧ୍ୟ ସ୍ଥାନୀୟ ଅଙ୍ଗନୱାଡ଼ିକର୍ମୀ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କୁ କାର୍ଯ୍ୟରୁ ବହିଷ୍କାର, ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ଥାନାନ୍ତରିତ କରି ନୂତନ କର୍ମୀ ଓ ସହାୟିକା ନିଯୁକ୍ତି, କେନ୍ଦ୍ରରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ବଞ୍ଚିତ ଥିବା ସରକାରୀ ସହାୟତା ଯୋଗାଇବା ଦାବିରେ ୱାର୍ଡସଭ୍ୟ ମନ୍ମଥ ବେହେରା, ସୁବଳ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍ମୃତିରଞ୍ଜନ ଖୁଣ୍ଟିଆ, ସୁମି ଦଳାଇ, ପ୍ରଭାତୀ ମଙ୍ଗରାଜ, ବୁଲା ଦଳାଇ, ଗୋବିନ୍ଦ ମଙ୍ଗରାଜ ପ୍ରମୁଖ ଆମରଣ ଅନଶନରେ ବସିଛନ୍ତି।

# କୋଶମ୍ବନଗର ଘୋଷଣା କଲେ କୋଶମ୍ବାଧିପତି

**ରେମୁଣା, ୧୧।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଭୀମପୁରା ପଞ୍ଚାୟତ ୧୦ନଂ ୱାର୍ଡ଼ରେ ନୂତନ ଭାବେ ବସତି ସ୍ଥାପନ କରିଥିବା ୫୦ରୁ ଉର୍ଦ୍ଧ୍ୱ ନେଇ ଗଠିତ ଅଞ୍ଚଳକୁ କୋଶମ୍ବନଗର ବୋଲି କୋଶମ୍ବାଧିପତି ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଅତୀତରେ ବାଲେଶ୍ୱର ପୁରାତନ ନାମ କୋଶମ୍ବ ଥିଲା ବୋଲି ଐତିହାସିକମାନେ କହନ୍ତି। ବାଲେଶ୍ୱର ପୂର୍ବନାମ କୋଶମ୍ବକୁ ପ୍ରତିଷ୍ଠିତ କରିବା ପାଇଁ ୨୦୦୯ ମସିହାରେ ତତ୍କାଳୀନ ଜିଲାପାଳ ଡ. ଅଲେଖ ଚନ୍ଦ୍ର ପତିହାରୀ କୋଶମ୍ବ ମହୋତ୍ସବ ଆୟୋଜନ କରିବା ସହ କୋଶମ୍ବିକା ନାମରେ ଏକ ମୁଖପତ୍ର ପ୍ରକାଶ ପାଇଥିଲା। ଏହି କୋଶମ୍ବ ନାମକୁ ଉଜ୍ଜୀବିତ ରଖି ପୂର୍ବସୁରୀଙ୍କ ଜଣାଇବା ପାଇଁ ଶିଳ୍ପୀ କେଶୁ ଦାସଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଗହଣରେ ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରହୀ ରାଜକୀୟ ଓ ଆକର୍ଷଣୀୟ ପୋଷାକରେ ସୁସଜ୍ଜିତ କୋଶମ୍ବାଧିପତି ହୋଇ ଉକ୍ତ ନଗରର ନାମ କୋଶମ୍ବ ନଗର ଭାବେ ଘୋଷଣା କରିଥିଲେ। ଉପସ୍ଥିତ ସମସ୍ତେ ଏହାକୁ ସମର୍ଥନ ଜଣାଇଥିଲେ। ପରେ କୋଶମ୍ବାଧିପତି ନଗରର ପ୍ରତି ଘରକୁ ଯାଇ ସମସ୍ତଙ୍କ ମଧ୍ୟରେ ଭ୍ରାତୃଭାବ ବଢ଼ାଇବା ସହ ପ୍ଲାଷ୍ଟିକ ପ୍ରଦୂଷଣ, ବୃକ୍ଷରୋପଣ, ନିଶା ନିବାରଣ, ସଡ଼କ ସୁରକ୍ଷା ଅଭିଯାନ ପ୍ରଭୃତି ବିଷୟରେ ସଚେତନ ହେବା ପାଇଁ ବାର୍ତ୍ତା ଦେଇ ନଗର ପରିଭ୍ରମଣ କରିଥିଲେ। ପବିତ୍ର ଶ୍ରୀପଞ୍ଚମୀ ଅବସରରେ ବସନ୍ତ ପଞ୍ଚମୀ ଉତ୍ସବ ପାଳନ କରିବା ସହ କୋଶମ୍ବ ସାହିତ୍ୟ ସଭାରେ କବିତା ପାଠ କରାଯାଇଥିଲା। ଏଥିରେ ଡ. ଭାଗବତ ପ୍ରସାଦ ସାସ, ଡ. କରୁଣାକର ରାଉଳ, ରାମଚନ୍ଦ୍ର ମାଝି, ବୈକୁଣ୍ଠ ନାଥ ପାତ୍ର, ଗଗନ ସେଠୀ, ଇନାୟତ ଅଲ୍ଲୀ, ପ୍ରଣତୀ ମହାପାତ୍ର, ପଦ୍ମଲୋଚନ ପ୍ରଧାନ, ପ୍ରବୀର ପାତ୍ର, ଦୃମର ପାତ୍ର, ସୁନୀଲ ପଣ୍ଡା, ପ୍ରଶାନ୍ତ ପଟେଲ ଯୋଗଦେଇ କବିତା ପାଠ କରିଥିଲେ। ଜଳେଶ୍ୱରର ପାଲା ଗାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପାଲା ପରିବେଷଣ କାରାଯାଇଥିଲା। କୋଶମ୍ବାଧିପତିଙ୍କ ନଗର ପରିବେଷଣ ସମୟରେ ବହୁ ଗ୍ରାମବାସୀ ସାମିଲ ଥିଲେ। ସନ୍ଧ୍ୟାରେ ପାଲା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଜନସାଧାରଣ ଉପଭୋଗ କରିଥିଲେ।




କୋଶମ୍ବନଗର ଘୋଷଣା ଅବସରରେ କୋଶମ୍ବାଧିପତି।

### କଲେଜ ଛାତ୍ରୀ ଅପହରଣ, ମାମଲା ରୁଜୁ

**ଜଳେଶ୍ୱର, ୧୧।୨(ଡି.ଏନ.ଏ.):** ଜଳେଶ୍ୱର ନାମ୍ପୋ ଅଞ୍ଚଳର ଜଣେ +୨ ପ୍ରଥମବର୍ଷର ଛାତ୍ରୀଙ୍କୁ ନାମ୍ପୋ ଅଞ୍ଚଳର ପୂର୍ବପଲ୍ଲୀ ଗ୍ରାମର ସୁଶାନ୍ତ ସିଂ ଅନ୍ୟଜଣଙ୍କର ସହଯୋଗରେ ଅପହରଣ କରାଯାଇଥିବା ଜଳେଶ୍ୱର ଥାନାରେ ଅପହୃତା ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକ୍ରମେ ଏକ ଅପହରଣ ମାମଲା (ନଂ.୨୮/୨୦୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ବାଲେଶ୍ୱର ପ୍ରିମିୟର ଲିଗ୍: ଝାଡ଼େଶ୍ୱର ୱାରିୟର୍ସ ଚାମ୍ପିୟନ

**ବାଲେଶ୍ୱର ଅଫିସ, ୧୧।୨**

ବାଲେଶ୍ୱର ପ୍ରିମିୟର ଲିଗ୍ ସିଜନ୍-୧୦ ସମସ୍ତ ମ୍ୟାଚ୍ ସ୍ଥାନୀୟ ପରମିଟ୍ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବେଳେ ରବିବାର ରାତି ୧୧ଟା ସମୟରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଝାଡ଼େଶ୍ୱର ୱାରିୟର୍ସ ଏବଂ ବାଲେଶ୍ୱର ଲାୟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାଡ଼େଶ୍ୱର ୱାରିୟର୍ସ ୮୧ ରନ୍ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ବାଲେଶ୍ୱର ଲାୟନ ରନର୍ସଅପ୍ ହୋଇଛି।

ଝାଡ଼େଶ୍ୱର ୱାରିୟର୍ସ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୯୦ ରନ୍ କରିଥିଲେ। ଦଳ ତରଫରୁ ତପନ ମୁର୍ମୁ ୬୯ ରନ୍, କ୍ଷମାସାଗର ବଳ ୫୦ ରନ୍ କରିଥିବା ବେଳେ ଲାୟନ ପକ୍ଷରୁ ସାଏଦ ଜାକି, ହରିଶଙ୍କର ଘୋଷ, ଦେବାଶିଷ ମହାନ୍ତି ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଲାୟନ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ୮ ଉଇକେଟ୍ ବିନିମୟରେ ୧୦୯ ରନ୍ କରି ୮୧ ରନ୍‌ର ବୃହତ୍ ପରାଜୟ ବରଣ କରିଥିଲା। ଦଳ ତରଫରୁ ଆନାମୁଲ ହକ୍ ଓ ଦେବାଶିଷ ମହାନ୍ତି ୨୪ ରନ୍ ଲେଖାଏଁ କରିଥିବା ବେଳେ ଝାଡ଼େଶ୍ୱର ତରଫରୁ ବୀରେନ୍ଦ୍ର ସିଂ ୩ଟି, କ୍ଷମାସାଗର ବଳ ୨ଟି ଏବଂ ସୁନିଲ କୁମାର ବେହେରା ୧ଟି ଲେଖାଏଁ ଉଇକେଟ୍ ନେଇଥିଲେ। କ୍ଷମାସାଗର ବଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍, ସୁନିଲ କୁମାର ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ବେଷ୍ଟ ବୋଲର, ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ସମ୍ମାନିତ କରାଯାଇଥିଲା। ଅଶ୍ୱିନୀ ସାମଲ, ପ୍ରୀତିରଞ୍ଜନ ବିଜୟ ସିଂ ଓ ନୀଳମାଧବ ବିଶ୍ୱାଳ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ରାହୁଲ ସିଂ, ମଳୟ ସେନାପତି, ଅମିତ, ଅମିତାଭ ମହାକୁଡ଼ ସ୍କୋରର ଦାୟିତ୍ୱରେ ଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଏବଂ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଉପସ୍ଥିତ ଥିବାବେଳେ ଆସୋସିଏଶନ୍‌ର ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି, ସମ୍ପାଦକ ସପନ କୁମାର ଖିଲାର, ବିପିଏଲ୍ ଚେୟାରମ୍ୟାନ୍ ରାଜେଶ ମହାପାତ୍ର ଉପସ୍ଥିତ ରହି ବିପିଏଲ୍ ସିଜିନ୍-୧୦ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ଅର୍ଥରାଶିର ଚେକ୍ ପ୍ରଦାନ କରିଥିଲେ। ଅଭ୍ୟୁଦୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସେଖ ଇଫତିହାର, ବିଶ୍ୱରଞ୍ଜନ ରାଉତ, ସିନଥ ମହାରଣା, ସାନ୍ତନୁ ଦାସ, ନାରାୟଣ ଦାସ, ସମ୍ମିତ ବେହେରା, ଏସ୍‌କେ ଜିଲା, ମଣ୍ଟୁ ପେରିୱାଲ, ସଂଗ୍ରାମ ପଣ୍ଡା, ଦିଲ୍ଲୀପ ଦାସ, ରାଜେଶ ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍‌କୁ ସଫଳ ସହ ପରିଚାଳନା କରିବାରେ କାର୍ଯ୍ୟନିର୍ବାହ କରିଥିଲେ।

### କ୍ଷମାସାଗର ବଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟ୍ରଫି ସହ ଝାଡ଼େଶ୍ୱର ୱାରିୟର୍ସ ଖେଳାଳି।



ଚୌକିଦାରଙ୍କ ସ୍ୱାର୍ଥ ପାଇଁ ସାଧୁତା, ଜାତୀୟ ସ୍ୱାର୍ଥ ଏବଂ ଦେଶର ନିରାପତ୍ତା ସହ ସାଲିସ କରାଯାଇପାରେ ।
- ମାୟାବତୀ, ବିଏସ୍‌ପି ଅଧକ୍ଷା

# ୟୁପିରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

## ପ୍ରିୟଙ୍କାଙ୍କ ମେଗା ରୋଡ୍ ଶୋ
## ରାହୁଲ, ଜ୍ୟୋତିରାଦିତ୍ୟ ସାମିଲ



**ଲକ୍ଷ୍ନୌ,୧୧।୨**

ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ସୋମବାର କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି। ପୂର୍ବ ଉତ୍ତରପ୍ରଦେଶ ପାଇଁ ଦଳର ମହାସଚିବ ନିଯୁକ୍ତ ହେବା ପରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଥମ ଥର ଉତ୍ତରପ୍ରଦେଶ ଗସ୍ତରେ ଯାଇଥିବାବେଳେ ତାଙ୍କୁ ଲକ୍ଷ୍ନୌରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିମାନ ବନ୍ଦରରୁ ପ୍ରିୟଙ୍କାଙ୍କୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ୨୫ କିଲୋମିଟର ମେଗା ରୋଡ୍ ଶୋ'ରେ ନିଆଯାଇଥିଲା। ଏଥିରେ ଲକ୍ଷାଧିକ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ରୋଡ୍ ଶୋ'ରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପ୍ରଦେଶ କଂଗ୍ରେସ ସଭାପତି ରାଜ ବବର ମଧ୍ୟ ଉପସ୍ଥିତ ଥିଲେ। ସକ୍ରିୟ ରାଜନୀତିରେ ପ୍ରଦାର୍ପଣ କରିଥିବା ପ୍ରିୟଙ୍କାଙ୍କୁ ଦେଖିବା ଲାଗି ଲୋକମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିଲା।

ଆସନ୍ତୁ ନୂଆ ଭବିଷ୍ୟତ ଗଢ଼ିବା ବୋଲି ପ୍ରିୟଙ୍କା ଆହ୍ୱାନ ଦେଇଥିଲେ। କଂଗ୍ରେସ ୟୁପିରୁ ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛି। ଦଳ ଏଠାରେ ଦୁର୍ବଳ ରହିପାରିବ ନାହିଁ। ପ୍ରିୟଙ୍କା ଏବଂ ଜ୍ୟୋତିରାଦିତ୍ୟ ୟୁପିରେ ଦଳକୁ ପୁଣି ଥରେ ମଜଭୁତ କରିବେ। କଂଗ୍ରେସ ଉତ୍ତରପ୍ରଦେଶରେ ସରକାର ଗଢ଼ିବ ବୋଲି ରାହୁଲ କହିଛନ୍ତି। ସବୁଠୁ ଜନବହୁଳ ରାଜ୍ୟ ୟୁପିରେ କଂଗ୍ରେସ ଏକାକୀ ଲଢ଼ିବ ବୋଲି ସେ ଦୋହରାଇଥିଲେ।

ରାହୁଲ ରାଫାଲ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ରମାଗତ ଭାବେ ଟାର୍ଗେଟ କରି ଚାଲିଥିବାବେଳେ ରୋଡ ଶୋ'ରେ ମଧ୍ୟ ସେହି ପ୍ରସଙ୍ଗ ଉଠାଇଥିଲେ। ପ୍ରତି ଚୁକ୍ତିନାମାରେ ଦୁର୍ନୀତି ରୋକିବା ଲାଗି ସର୍ତ୍ତାବଳୀ ରଖାଯାଇଥାଏ। ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଲାଭବାନ କରିବା ଲାଗି ମୋଦି ଉକ୍ତ ଦୁର୍ନୀତିନିରୋଧୀ ଧାରାକୁ ବାଦ୍ ଦେଇଥିବା ରାହୁଲ କହିଥିଲେ। ପ୍ରଧାନମନ୍ତ୍ରୀ କୃଷକଙ୍କୁ ଅଣଦେଖା କରି ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛନ୍ତି। ଚୌକିଦାର ହୋଇ ଦେଶର ସମ୍ପତ୍ତିକୁ ଜଗିବେ ବୋଲି କହିଥିବା ମୋଦି ଶିଳ୍ପପତିମାନଙ୍କୁ୩.୫ ଲକ୍ଷ କୋଟିଟଙ୍କା ଋଣ ଛାଡ଼ କରିଛନ୍ତି ବୋଲି ରାହୁଲ କହିଥିଲେ।

୨୦୧୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ୟୁପିରେ ୨ଟି ଆସନ ଜିତିଥିଲା। କିଛି ଦିନ ପୂର୍ବରୁ ଶେଷ ହୋଇଥିବା ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଢ଼ିବା ରାହୁଲଙ୍କର ବଡ଼ ସଫଳତା ଥିଲା। ତାଙ୍କ ପ୍ରତି ଜନସମର୍ଥନ ବୃଦ୍ଧି ପାଇଛି। ଆଗାମୀ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ରାହୁଲ ଅଣ୍ଟା ଭିଡିଥିବାବେଳେ ବିଭିନ୍ନ ଦଳ ସହ ମେଣ୍ଟ ଯୋଜନାରେ ଅଛନ୍ତି। ତେବେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଏବଂ ବହୁଜନ ସମାଜ ପାର୍ଟି ଅଧକ୍ଷା ମାୟାବତୀ କଂଗ୍ରେସକୁ ବାଦ୍ ଦେଇ ମେଣ୍ଟ କରିବା ଫଳରେ ଉକ୍ତ ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ରାହୁଲ ଭଉଣୀ ପ୍ରିୟଙ୍କା ଏବଂ ଯୁବନେତା ଜ୍ୟୋତିରାଦିତ୍ୟଙ୍କୁ ଉକ୍ତ ରାଜ୍ୟର ଦାୟିତ୍ୱ ଦେଇଛନ୍ତି।

## ସଂକ୍ଷେପରେ

### ଅନ୍ତରୀଣ ବଜେଟ ଲୋକ ସଭାରେ ଗୃହୀତ



**ନୂଆଦିଲ୍ଲୀ,୧୧।୨**-କଂଗ୍ରେସ ଏବଂ ବାମଦଳ ସଦସ୍ୟମାନଙ୍କ କକ୍ଷତ୍ୟାଗ ମଧ୍ୟରେ ଲୋକ ସଭାରେ ସୋମବାର ଅନ୍ତରୀଣ ବଜେଟ ଗୃହୀତ ହୋଇଯାଇଛି। ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଫେବୃୟାରୀ ୧ରେ ଏହି ବଜେଟ ଉପସ୍ଥାପନ କରିଥିଲେ। ବଜେଟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୬୦୦୦ ଟଙ୍କା ପଠାଇବା ଲାଗି ବ୍ୟବସ୍ଥା ହୋଇଛି। ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବିରୋଧୀ ଦଳଗୁଡିକର ଜୋରଦାର ପ୍ରତିବାଦ ମଧ୍ୟରେ ଗୋୟଲ ବିନିଯୋଗ ବିଲ୍ ଏବଂ ଅର୍ଥ ବିଲ୍ ଆଗତ କରିଥିଲେ। ଅର୍ଥମନ୍ତ୍ରୀ ଉତ୍ତର ରଖିବା ପରେ ବାଚନିକ ଭୋଟରେ ବିଲ୍ ଗୃହୀତ ହୋଇଥିଲା। ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ଏବଂ ବଜେଟରେ ସମସ୍ତଙ୍କ ହିତକୁ ଦୃଷ୍ଟି ଦିଆଯାଇଛି। ଗରିବ, କୃଷକ ଏବଂ ମଧ୍ୟବିତ୍ତଙ୍କୁ ବଜେଟରେ ସରକାର ପ୍ରାଥମିକତା ଦେଇଥିବା ଗୋୟଲ କହିଥିଲେ।

### ବିକାନେର ଜମି ଦୁର୍ନୀତି ମାମଲା
### ଜେରା ପାଇଁ ଜୟପୁରରେ ରବର୍ଟ

**ନୂଆଦିଲ୍ଲୀ,୧୧।୨(ପି.ଟି.)**-ବିଦେଶରେ ସମ୍ପତ୍ତି କ୍ରୟରେ ହୋଇଥିବା ଅନୈତିକ ଅର୍ଥ କାରବାର ନେଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଗତ ସପ୍ତାହରେ ତୃତୀୟଥର ସ୍ଥାନୀୟ ଇଡି କାର୍ଯ୍ୟାଳୟରେ ଜେରାର ସମ୍ମୁଖୀନ ହୋଇଥିବା ବେଳେ ରାଜସ୍ଥାନର ବିକାନେର ଜମି କିଣା ଦୁର୍ନୀତି ମାମଲାରେ ତଦନ୍ତରେ ସହଯୋଗ କରିବାକୁ ତାଙ୍କ ମା' ମୌରିନଙ୍କ ସହ ସେ ଜୟପୁର ଗସ୍ତ କରିଛନ୍ତି। ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜୟପୁରର ଭବାନୀ ସିଂ ରୋଡସ୍ଥିତ ଇଡି କାର୍ଯ୍ୟାଳୟରେ ଭଦ୍ରା ଏବଂ ତାଙ୍କ ମା' ହାଜର ହେବେ। ଏହି ମାମଲାରେ ଭଦ୍ରାଙ୍କ ସ୍କାଏଲାଇଟ କମ୍ପାନୀ ପ୍ରାଇଭେଟ୍ ଲି.ର ଅନ୍ୟ ସହଯୋଗୀମାନଙ୍କୁ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### 'ଶସ୍ତା ରାଜନୀତି କରୁଛି କଂଗ୍ରେସ'

**ନୂଆଦିଲ୍ଲୀ,୧୧।୨(ପି.ଟି.)**-ଜାତିପ୍ରଥାକୁ ନେଇ ତାଙ୍କର ବୟାନକୁ ପ୍ରସଙ୍ଗ କରି କଂଗ୍ରେସ ଶସ୍ତା ରାଜନୀତି ଚଳାଇଛି ଏବଂ ଘୃଣାକୁ ପ୍ରୋତ୍ସାହନ ଦେଉଛି ବୋଲି କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି। ନିକଟରେ ପୁଣେରେ ଏକ ଜନସଭାକୁ ସମ୍ବୋଧିତ କରି ଜାତିପ୍ରଥା ଉପରେ ଗଡ଼କରୀ ବିବାଦୀୟ ମନ୍ତବ୍ୟ ରଖିଥିଲେ। ଜାତିପ୍ରଥାରେ ସେ ବିଶ୍ୱାସ କରୁ ନ ଥିବା କହିଥିଲେ। ମୋ ନିର୍ବାଚନ ମଣ୍ଡଳୀରେ ଜାତିର କୌଣସି ସ୍ଥାନ ନାହିଁ। ଯିଏ ଏ ବିଷୟରେ ଚର୍ଚ୍ଚା କରିବ ସେ



ତାଙ୍କୁ ଚାପୁଡ଼ା ମାରିବେ ବୋଲି ସୂଚାଇଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଗଡ଼କରୀ ପୁଣିଥରେ ତାଙ୍କ ଦଳ ଭାଜପାକୁ ସିଧାସଳଖ ଟାର୍ଗେଟ୍ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଭାଜପା ଜାତିରେ ଭେଦଭାବ ସୃଷ୍ଟି କରୁଥିବାରୁ ଗଡକରୀ ଏହାକୁ ବିରୋଧ କରିବାକୁ ଯାଇ ଏହି ବିସ୍ଫୋରକ ବୟାନ ଦେଇଥିବା ମଧ୍ୟପ୍ରଦେଶର କଂଗ୍ରେସର ନେତୃବୃନ୍ଦ କହିଥିଲେ। ଏପରି କି ଜାତିପ୍ରଥାକୁ ନେଇ ଭାଜପାର ନୀତି ଆଦର୍ଶକୁ ସମାଲୋଚନା କରିଥିଲେ।

# ରାଫାଲ ଚୁକ୍ତିନାମାରୁ ଦୁର୍ନୀତି ନିରୋଧୀ ସର୍ତ୍ତ ବାଦ୍




**ନୂଆଦିଲ୍ଲୀ,୧୧।୨(ପି.ଟି.)**

ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିଆସୁଥିବା ଏନ୍‌ଡିଏ ସରକାର ଆଉ ଏକ ଅଭିଯୋଗରେ ଛନ୍ଦିହୋଇଯାଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର ପୂର୍ବରୁ ସେଥିରୁ ଦୁର୍ନୀତି ନିରୋଧୀ ସର୍ତ୍ତ ଏବଂ ଏସ୍‌କ୍ରୋ ଆକାଉଣ୍ଟ (ତୃତୀୟ ପକ୍ଷ ଆକାଉଣ୍ଟ) ବ୍ୟବସ୍ଥାକୁ ବାଦ୍ ଦିଆଯାଇଥିବା ଏକ ଇଂରାଜୀ ଖବରକାଗଜରେ ପ୍ରକାଶ ପାଇବା ପରେ ବିରୋଧୀ ପୁଣି ନରେନ୍ଦ୍ର ମୋଦି ସରକାରକୁ ଟାର୍ଗେଟ କରିଛନ୍ତି। ଯୁଦ୍ଧବିମାନ ନିର୍ମାଣକାରୀ କମ୍ପାନୀ ଡାସଲ୍ଟ ଆଭିଏଶନକୁ ସରକାରଙ୍କ ପକ୍ଷରୁ ଏହା ଅଭୂତପୂର୍ବ ଅନୁକମ୍ପା ବୋଲି ରିପୋର୍ଟରେ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଫ୍ରାନ୍ସ ସହ ଏକ ସମାନ୍ତରାଳ ବୁଝାମଣା କରିଥିବାବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ବିରୋଧ କରିଥିବା ପୂର୍ବରୁ ଉକ୍ତ ଖବରକାଗଜ ପ୍ରକାଶ କରିଥିଲା। ରିପୋର୍ଟ ଅନୁଯାୟୀ ଯୋଗାଣ ନିୟମାବଳୀରୁ ଅନାବଶ୍ୟକ ହସ୍ତକ୍ଷେପ, ଏଜେଣ୍ଟ କିମ୍ବା ଏଜେନ୍ସୀ କମିଶନ ପାଇଁ ଦଣ୍ଡବିଧାନ ଆଦି ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟାର ଧାରାକୁ ବାଦ୍ ଦିଆଯାଇଛି। ୨୦୧୬ ସେପ୍ଟେମ୍ବର ୨୩ରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଆନ୍ତଃସରକାରୀ ରାଜିନାମା ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ଡାସଲ୍ଟ ରାଫାଲ ବିମାନର ଯୋଗାଣକାରୀ ଏବଂ ଏମ୍‌ବିଡିଏ ଫ୍ରାନ୍ସ ଭାରତୀୟ ବାୟୁସେନାକୁ ଅସ୍ତ୍ର ପ୍ୟାକେଜ୍ ଯୋଗାଣକାରୀ ବୋଲି ଉଲ୍ଲେଖ କରାଯାଇଥିଲା। ଶେଷ ମୁହୂର୍ତ୍ତରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଦୁର୍ନୀତି ନିରୋଧୀ ସର୍ତ୍ତାବଳୀ ବାଦ୍ ଦେବା ପଛରେ କ'ଣ ସ୍ୱାର୍ଥ ଥିଲା ବୋଲି ପ୍ରଶ୍ନ ଉଠିଛି।

# ଅଡିଓ କ୍ଲିପ୍ ମାମଲା: ଏସ୍‌ଆଇଟି ତଦନ୍ତ ଘୋଷଣା କଲେ କୁମାରସ୍ୱାମୀ

**ବେଙ୍ଗାଲୁରୁ,୧୧।୨(ପି.ଟି.)**

କର୍ନାଟକରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଭାଜପା ଚକ୍ରାନ୍ତ ଚଳାଇଥିବା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ଅଭିଯୋଗ କରିଆସୁଥିବାବେଳେ ଜଣେ ଜେଡିଏସ୍ ବିଧାୟକଙ୍କ ସହ ରାଜ୍ୟ ଭାଜପା ମୁଖ୍ୟ ୟେଦୁରାପ୍ପାଙ୍କ ଅଡିଓ ବାର୍ତ୍ତାଳାପର ଏସ୍‌ଆଇଟି ତଦନ୍ତ ଘୋଷଣା କରିଛନ୍ତି। ଏହି ଅଡିଓ କ୍ଲିପ୍‌ରେ କର୍ନାଟକ ବିଧାନସଭା ବାଚସ୍ପତି ରମେଶ କୁମାରଙ୍କ ନାମ ନିଆଯାଇଛି। ଭାଜପାରେ ସାମିଲ୍ ହେବାକୁ ଚାହୁଁଥିବା ବିଧାୟକଙ୍କ ସପକ୍ଷରେ ନିଷ୍ପତ୍ତି ରଖିବା ପାଇଁ ୟେଦୁରାପ୍ପା ତାଙ୍କୁ ୫୦ କୋଟିର ପ୍ରଲୋଭନ ଦେଇଥିବା ସେଥିରେ ଉଲ୍ଲେଖ ରହିଛି। ଏହା ବାଚସ୍ପତିଙ୍କ ପଦ ମର୍ଯ୍ୟାଦା ପ୍ରତି ଶକ୍ତ ଆଘାତ



ହୋଇଥିବାରୁ ତାଙ୍କର ପରାମର୍ଶ କ୍ରମେ ସୋମବାର ବିଧାନସଭାରେ କୁମାରସ୍ୱାମୀ ଅଡିଓ କ୍ଲିପ୍‌ର ନିରପେକ୍ଷ ତଦନ୍ତ ନେଇ ଏସ୍‌ଆଇଟିଗଠନ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ବାଚସ୍ପତି ରମେଶ କୁମାର କହିଛନ୍ତି। ତେବେ ସରକାରଙ୍କ ଏସ୍‌ଆଇଟି ତଦନ୍ତ ଉପରେ ଭରସା ନ ଥିବା କହି ଭାଜପା ସଦସ୍ୟମାନେ ଏହାକୁ ବିରୋଧ କରିଛନ୍ତି।

# ନିର୍ବାଚନୀ ପାଣ୍ଠିର ସ୍ୱଚ୍ଛତା ଲାଗି ଶାହଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୧।୨(ପି.ଟି.)**

ନିର୍ବାଚନୀ ପାଣ୍ଠିର ସ୍ୱଚ୍ଛତା ଉପରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ଜୋର ଦେଇଛନ୍ତି। କଳାଧନ ରଖିଥିବା ବିଲ୍ଡର, ଠିକାଦାର ଓ ଶିଳ୍ପପତିଙ୍କ ପୁଞ୍ଜିରେ ନୁହେଁ କର୍ମୀମାନଙ୍କ ଚାନ୍ଦାରେ ଦଳ ଚାଲିବା ଉଚିତ ବୋଲି ସେ କହିଛନ୍ତି। ଦଳୀୟ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଶାହ କହିଥିଲେ, ସାଧୁତା ମାର୍ଗରେ ଭାଜପା ଅନ୍ୟ ଦଳଗୁଡିକୁ ଦିଗ୍‌ଦର୍ଶନ ଦେବାର ଦାୟିତ୍ୱ ନେବା ଉଚିତ। ନମୋ ଆପ୍ ମାଧ୍ୟମରେ ପ୍ରତି ବୁଥ୍‌ରୁ ଦୁଇ ଜଣ କର୍ମୀ ୧୦୦୦ ଟଙ୍କା ଦାନ



କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ନିର୍ବାଚନୀ ଖର୍ଚ୍ଚ କିପରି କମାଯାଇପାରିବ ସେନେଇ ସର୍ବସାଧାରଣରେ ଆଲୋଚନା ହେବା ଉଚିତ ବୋଲି ଶାହ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶାହା ଦଳୀୟ ପାଣ୍ଠିକୁ ଏହି ଅବସରରେ ୧୦୦୦ ଟଙ୍କା ଦାନ କରିଥିଲେ।

## ଫୁରସତ

# ଗଗନୟାନ ପାଇଁ ୧୦ ଜଣଙ୍କୁ ତାଲିମ ଦେବ ବାୟୁସେନା

**ନୂଆଦିଲ୍ଲୀ:** ଦେଶର ପ୍ରଥମ ମାନବଯୁକ୍ତ ମହାକାଶଯାନ କାର୍ଯ୍ୟକ୍ରମ 'ଗଗନୟାନ' ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବାୟୁସେନାକୁ ଦାୟିତ୍ୱ ଦେଇଛି। ବାୟୁସେନାର ୧୦ ଯବାନଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯିବ। ଇସ୍ରୋ ଅଧକ୍ଷ କେ. ଶିବନ୍‌ଙ୍କ କହିବାନୁଯାୟୀ, ମହାକାଶଚାରୀ ଚୟନ ଓ ତାଲିମ ନିମନ୍ତେ ସବୁପ୍ରକାର ମାନଦଣ୍ଡ ଏବଂ ଆବଶ୍ୟକତା ନିର୍ଦ୍ଧାରଣ କରାଯାଇ ବାୟୁସେନାରେ ଦାଖଲ କରାଯାଇଛି। ବର୍ତ୍ତମାନ କ୍ରିଉ ମେମ୍ବର ଚୟନ ଓ ତାଲିମ ପାଇଁ ବାୟୁସେନା ସମ୍ପୂର୍ଣ୍ଣ କ୍ଷମତା ପାଇଛି। ମହାକାଶଚାରୀଙ୍କ ପ୍ରଥମ ଦୁଇ ସ୍ତରୀୟ ତାଲିମ ବାୟୁସେନାର



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ମେଡିସିନ୍ (ବେଙ୍ଗାଲୁରୁ)ଠାରେ ଅନୁଷ୍ଠିତ ହେବ ଏବଂ ଚୂଡାନ୍ତ ପର୍ଯ୍ୟାୟ ତାଲିମ ବିଦେଶରେ ହେବ। ୧୦ ତାଲିମପ୍ରାପ୍ତଙ୍କ ମଧ୍ୟରୁ ଚୂଡାନ୍ତ ପର୍ଯ୍ୟାୟରେ ୩ଜଣଙ୍କୁ ମହାକାଶ ଯାତ୍ରା ପାଇଁ ଚୟନ କରାଯିବ। ଦେଶ ବାହାରେ ତାଲିମ ପାଇଁ ରୁଷିଆ ଏବଂ ଫ୍ରାନ୍ସ ଭଳି ଦୁଇ-ତିନୋଟି ଦେଶ ଦୃଷ୍ଟିରେ ଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ଦେଶ ପକ୍ଷରୁ ଡକରା ଆସି ନ ଥିବା ଶିବନ୍ ପ୍ରକାଶ କରିଥିଲେ।

# ଗ୍ରାମୀ ଆୱାର୍ଡସ ୨୦୧୯: ବାଦ୍ ପଡ଼ିଲେ ଫାଲ୍‌ଗୁନୀ, ପ୍ରଶାନ୍ତ

**ଲସ୍ ଏଞ୍ଜେଲସ୍:** ଏଠାରେ ରବିବାର ଗ୍ରାମୀ ଆୱାର୍ଡସର ୬୧ତମ ସଂସ୍କରଣ ଆୟୋଜିତ ହୋଇଥିବାବେଳେ ପୁରସ୍କାରରୁବାଦ୍‌ପଡିଛନ୍ତିମୂଳଭାରତୀୟଫାଲ୍‌ଗୁନୀଶାହଏବଂ ପ୍ରଶାନ୍ତ ମିସ୍ତ୍ରି। ଏଥିରେ ଭାରତରୁ ଯୋଗ ଦେଇଥିଲେ ଗ୍ରାମୀ ତଥା ଓସ୍କାର ବିଜୟୀ ବିଶିଷ୍ଟ ସଂଗୀତଜ୍ଞ ଏ.ଆର. ରେହମନ୍।

ଲଣ୍ଡନରେ ଅବସ୍ଥାପିତ ଭାରତୀୟ ସଂଗୀତ ପ୍ରଯୋଜକ ତଥା ଇଞ୍ଜିନିୟର ପ୍ରଶାନ୍ତ ମିସ୍ତ୍ରିଙ୍କ ଆଲବମ୍ 'ସିମ୍ବଲ' ଗ୍ରାମୀ ଆୱାର୍ଡସର ବେଷ୍ଟ ଇମର୍ସିଭ୍ ଅଡିଓ ଆଲବମ୍ ପାଇଁ ମନୋନୀତ ହୋଇଥିଲେ ହେଁ ଏହି ସମ୍ମାନ ପାଇଥିଲା 'ଆଇ ଇନ୍ ଦି ସ୍କାଏ-୩୫ତମ ଆନିଭର୍ସରି ଏଡିଶନ୍'। ଅପରପକ୍ଷରେ ଫାଲ୍‌ଗୁନୀଙ୍କ ଆଲବମ୍ 'ଫାଲୁସ୍ ବାଜାର' ବେଷ୍ଟ ଚିଲ୍‌ଡ୍ରେନ୍ସ ମ୍ୟୁଜିକ୍ ପାଇଁ ମନୋନୀତ ହୋଇଥିଲା। କିନ୍ତୁ ଏହି ପୁରସ୍କାର 'ଅଲ୍ ଦି ସାଉଣ୍ଡ୍ସ' ପାଇଁ ଲୁସି କାଲଟନ୍ତି ଏବଂ ଜାଜ୍ କ୍ୟାଟ୍ସଙ୍କୁ ପ୍ରଦାନ କରାଯାଇଛି।

ଏହି ଅବସରରେ ରେହମନ୍, ରବିବାର ରାତିରେ ଉତ୍ସବ ଆରମ୍ଭ ପୂର୍ବରୁ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟ କରି



ଲକ୍ଷଲକ୍ଷ ପ୍ରଶଂସକଙ୍କୁ ଜଣାଇଛନ୍ତି।


ବେଷ୍ଟ ପପ୍ ଭୋକାଲ ଆଲବମ୍ କାଟାଗୋରିରେ ସିଙ୍ଗର ଆରିଆନା ଗ୍ରାଣ୍ଡେ ପ୍ରଥମ ଗ୍ରାମୀ ଆୱାର୍ଡ ପାଇଛନ୍ତି। ଉକ୍ତ ଗାୟିକା ଉତ୍ସବ ସ୍ଥଳରେ ଉପସ୍ଥିତ ନ ଥିବାରୁ ରେକର୍ଡିଂ ଏକାଡେମୀ ତାଙ୍କ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସାଉଣ୍ଡଗାର୍ଡେନ ସିଙ୍ଗର କ୍ରିସ କର୍ନେଲ ତାଙ୍କ ସଂଗୀତ 'ହ୍ୱେନ୍ ବ୍ୟାଡ ଡଜ୍ ଗୁଡ୍' ପାଇଁ ମରଣୋତ୍ତର ଭାବେ ଏହି ପୁରସ୍କାର ଲାଭ କରିଛନ୍ତି। ସ୍ୱର୍ଗତ ଗାୟକ ବେଷ୍ଟ ରକ୍ ପରଫରମାନ୍ସ କାଟାଗୋରିରେ ବିଜୟୀ ହୋଇଥିଲେ ଏବଂ ପୁରସ୍କାର ଗ୍ରହଣ କରିଥିଲେ ତାଙ୍କ ଦୁଇ ସନ୍ତାନ ଟୋନି ଏବଂ କ୍ରିଷ୍ଟୋଫର। ଏହି ଅବସରରେ ପୂର୍ବତନ ଫାଷ୍ଟ ଲେଡି ମିଶେଲେ ଓବାମା ୨୦୧୯ ଗ୍ରାମୀ ପୁରସ୍କାର ଉତ୍ସବ ସ୍ଥଳରେ ଅଚାନକ ଉପସ୍ଥିତ ହୋଇ ଅତିଥି ସତ୍କାରକଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଜୀବନରେ ସଂଗୀତର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ବର୍ଣ୍ଣନା କରିଥିଲେ। ମିଶେଲେ (୫୫)ଙ୍କ ସହିତ ଗ୍ରାମୀ ପୁରସ୍କାର ବିଜୟୀ ଲେଡି ଗାଗା, ଜାଡା ପିଙ୍କେଟ ସ୍ମିଥ୍ ଏବଂ ଜେନିଫର ଲୋପେଜ୍‌ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସୋମବାର କାର୍ଡି ବି ପ୍ରଥମ ସୋଲୋ ୱୁମ୍ୟାନ ଭାବେ ବେଷ୍ଟ ରାପ୍ ଆଲବମ୍ ଗ୍ରାମୀ ଆୱାର୍ଡ ଜିଣିଛନ୍ତି। ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ସ୍ପୋକନ୍ ୱାର୍ଡ ଆଲବମ୍ ପାଇଁ ଗ୍ରାମୀ ପୁରସ୍କାର ପାଇଛନ୍ତି। ବିଶିଷ୍ଟ ରେକର୍ଡ ପ୍ରଡ୍ୟୁସର କ୍ୱିନ୍ସ ଜୋନ୍ସ ତାଙ୍କ ଡକ୍ୟୁମେଣ୍ଟାରି 'କ୍ୱିନ୍ସି' ପାଇଁ ବେଷ୍ଟ ମ୍ୟୁଜିକ୍ ଫିଲ୍ମ କାଟାଗୋରିରେ ଗ୍ରାମି ପୁରସ୍କାର ବିଜୟୀ ହୋଇଛନ୍ତି।

## ଇତିହାସର ଆଇନାରେ

### ଫେବୃୟାରୀ ୧୨ର ପ୍ରମୁଖ ଘଟଣା

୧୮୫୫ ଫେବୃୟାରୀ ୧୨ରେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟି ପ୍ରତିଷ୍ଠା ହୋଇଥିଲା। ଏହା ଆମେରିକାର ପ୍ରଥମ ପ୍ରତିଷ୍ଠାନ, ଯେଉଁଠାରେ ବିଜ୍ଞାନଭିତ୍ତିକ କୃଷି ବିଷୟରେ ଉଚ୍ଚ ଶିକ୍ଷା ଦିଆଯାଏ।

୨୦୦୪ ଫେବୃୟାରୀ ୧୨ରେ ସାନ୍‌ଫ୍ରାନ୍‌ସିସ୍କୋ ନଗରୀରେ ସମଲିଙ୍ଗୀଙ୍କ ବିବାହ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୧.୫ |
| ଚାନ୍ଦବାଲି | ୨୭.୩ | ୧୪.୦ |
| କଟକ | ୨୯.୦ | ୧୨.୮ |
| ପାରାଦ୍ୱୀପ | ୨୬.୬ | ୧୫.୨ |
| ଭୁବନେଶ୍ୱର | ୨୯.୮ | ୧୩.୪ |
| ଗୋପାଳପୁର | ୨୯.୦ | ୧୭.୫ |
| ପୁରୀ | ୨୬.୨ | ୧୭.୦ |
| ଅନୁଗୋଳ | ୨୯.୧ | ୧୦.୦ |
| ବାରିପଦା | ୨୭.୪ | ୧୨.୦ |
| ଝାରସୁଗୁଡ଼ା | ୨୮.୨ | ୦୯.୫ |
| କେନ୍ଦୁଝର | ୨୬.୯ | ୧୦.୦ |
| ସମ୍ବଲପୁର | ୨୯.୬ | ୧୦.୯ |
| ସୁନ୍ଦରଗଡ଼ | --- | ୧୩.୦ |
| ହୀରାକୁଦ | ୨୮.୮ | ୧୨.୧ |
| ତାଳଚେର | ୨୯.୮ | ୧୪.୩ |
| ଭବାନୀପାଟଣା | ୩୦.୨ | ୧୧.୫ |
| ବଲାଙ୍ଗୀର | ୨୯.୬ | ୧୧.୦ |
| କୋରାପୁଟ | ୨୯.୬ | ୧୨.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୪.୬ | ୧୨.୨ |
| ସୋନପୁର | ୩୩.୮ | ୧୨.୬ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପିତାଙ୍କୁ ଉପହାର ଉତ୍ସର୍ଗ କଲେ ଅନୁପମ

**ମୁମ୍ବାଇ:** ବିଶିଷ୍ଟ ଅଭିନେତା ଅନୁପମ ଖେର୍‌ଙ୍କ ମେଡିକାଲ ଡ୍ରାମା ସିରିଜ୍ 'ନ୍ୟୁ ଆମଷ୍ଟରଡମ୍' ସ୍କାଡ୍ ଏ ଟିଭିଫେଷ୍ଟ ୨୦୧୯ରେ ଆଉଟଷ୍ଟାଣ୍ଡିଂ କାଷ୍ଟ ଆୱାର୍ଡ ଲାଭ କରିଛି। ଅନୁପମ ଏହି ପୁରସ୍କାର ସ୍ୱର୍ଗତ ପିତାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଆଟଲାଣ୍ଟାଠାରେ ରବିବାର ରାତିରେ ଅନୁପମ ଏହି ପୁରସ୍କାର ଲାଭ କରିଛନ୍ତି।

ଅନୁପମ ଏଥିରେ ଖୁସିହୋଇ ସୋସିଆଲ୍ ମିଡିଆରେ ଟୁଇଟ୍ କରିଛନ୍ତି। ସେଥିରେ ସେ ଲେଖିଛନ୍ତି, 'ପିତାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳନ ହେଉଥିବା ବେଳେ ତାଙ୍କୁ ଏହି ପୁରସ୍କାର ଉତ୍ସର୍ଗ କରୁଛି। ସେ ମୋର ସର୍ବୋତ୍ତମ ବନ୍ଧୁ ଏବଂ ଖୁବ୍ ବଡ ପ୍ରଶଂସକ।' ତାଙ୍କ ଘନିଷ୍ଠ ବନ୍ଧୁ ଅନିଲ କପୁର ମଧ୍ୟ ଟୁଇଟ୍ କରି ଲେଖିଛନ୍ତି, ଆମେ ଖୁବ୍ ଆନନ୍ଦ ଓ ଗର୍ବର ସହିତ ଆପଣଙ୍କ ଆସିବା ବାଟକୁ ଚାହିଁ ରହିଛୁ। ସ୍କାଡ୍ ଏ ଟିଭିଫେଷ୍ଟ ୨୦୧୯ରେ 'ନ୍ୟୁ ଆମଷ୍ଟରଡମ୍' ସିରିଜ୍ ଆଉଟ୍‌ଷ୍ଟାଣ୍ଡିଂ କାଷ୍ଟ ଜିତିଥିବାରୁ ଅଭିନନ୍ଦନ।' ଅନୁପମ ଏହାର ଜବାବ ଦେବା ସହିତ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, 'ପ୍ରିୟତମ ବନ୍ଧୁ ଅନିଲ, ଆପଣଙ୍କ ଭଲ ପାଇବା ଏବଂ ଗଭୀର ସ୍ନେହ ସଦିଚ୍ଛା ମୋ ପ୍ରତି ଢେର। ମୋତେ ସାହାଯ୍ୟ କରିବା ସହିତ ସର୍ବୋତ୍ତମ ପ୍ରଦର୍ଶନ ଲାଗି ପ୍ରେରଣା ମଧ୍ୟ ଦେଇଥିଲେ।'



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825.

## ସଂକ୍ଷେପରେ

### ଏଲ୍ଇଡି ବଲ୍ବ ବଣ୍ଟନକୁ ନେଇ ଗଣ୍ଡଗୋଳ

**ଭଣ୍ଡାରିପୋଖରୀ, ୧୧।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କୁରିଗାଁ ପଞ୍ଚାୟତ ଅଫିସ ପରିସରରେ ସୋମବାର ସରପଞ୍ଚ ଜୟନ୍ତୀ ବେହେରାଙ୍କ ଅଧକ୍ଷତାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଶନ କାର୍ଡଧାରୀଙ୍କୁ ଯୋଗାଇ ଦିଆଯାଉଥିବା ଏଲ୍ଇଡି ବଲ୍ବ ବଣ୍ଟନକୁ ନେଇ ଲୋକେ ଗଣ୍ଡଗୋଳ ସହ ହୋହଲ୍ଲା କରିଥିଲେ। ଫଳରେ କିଛି ସମୟ ପାଇଁ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚିବା ପରେ କାର୍ଯ୍ୟକ୍ରମ ସ୍ୱାଭାବିକ ହୋଇଥିଲା। ଅତିଥି ଭାବେ ଏପିଡି ରୂପାଲି ମହାପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଜୟାନନ୍ଦ ରାଉତ, ସମିତିସଭ୍ୟା ବେବିନା ବେହେରା, ଘନଶ୍ୟାମ ଥାଟୋଇ, ନରେନ୍ଦ୍ର ନାୟକ, ଦେବପ୍ରସନ୍ନ ମହାପାତ୍ର, ଦେବେନ୍ଦ୍ର ନାଥ ଧଳ, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ମୁନସି ମେଳଣ ନେଇ ପ୍ରସ୍ତୁତି

**ଭଣ୍ଡାରିପୋଖରୀ, ୧୧।୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ପରିସରରେ ମୁନସି ମେଳଣ ନେଇ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମେଳଣ କମିଟିର ସ୍ଥାୟୀ ସମ୍ପାଦକ ଥାନା ଅଧିକାରୀ ସୁକାନ୍ତି କେରେଇ ଉପସ୍ଥିତ ରହି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଗୋଲଖ ଚନ୍ଦ୍ର ବେହେରା, ରଜନୀକାନ୍ତ ଚନ୍ଦ, ବିରେନ୍ଦ୍ର ନାୟକ, ସତ୍ୟାନନ୍ଦ ମହାପାତ୍ର, ଲକ୍ଷ୍ମୀକାନ୍ତ ସାହୁ, ରାଜେନ୍ଦ୍ର ଖଣ୍ଡାଇ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ପ୍ରଶାନ୍ତ ସାହୁ, ଲଳିତ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୧୧।୨:** ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗରଦପୁରସ୍ଥିତ ଭାଗୀରଥି ପାଠାଗାର ସହଯୋଗରେ 'ଆମ ଗାଁ ଆମ ସାହିତ୍ୟ' କାର୍ଯ୍ୟକ୍ରମ ସତ୍ୟସାଇ ବିଷ୍ଣୁମୋହନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ଗ୍ରାମାଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ହିଁ ଓଡ଼ିଆ ସାହିତ୍ୟ ସୁଦୃଢ଼ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡ. କୃପାସିନ୍ଧୁ ନାୟକ, ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ବିଶିଷ୍ଟ ଅତିଥି ଏବଂ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମଣ କୁମାର ମହାନ୍ତି, ରବିନାରାୟଣ ଜେନା, ଦୀନବନ୍ଧୁ ମିଶ୍ର ଓ ଯୋଗେନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କବିତାପାଠ ସାଙ୍ଗକୁ ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପାଠାଗାର ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ କାର୍ଯ୍ୟକ୍ରମ ଓ ପାଠାଗାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ନିତ୍ୟାନନ୍ଦ ଦାସ ଅତିଥି ପରିଚୟ ପ୍ରଦାନ ଓ ପ୍ରଦ୍ୟୋତନ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

**ଭଣ୍ଡାରିପୋଖରୀ, ୧୧।୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରଣଜିତ ପଞ୍ଚାୟତର ମଞ୍ଜୁରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରୁ ଚୋରି ହୋଇଛି। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଫ୍ରିଜ, ଟେବୁଲ, ଫ୍ୟାନ, ଆଲ୍ମାଗାର୍ଡ, କୁଲର, ସିଲିଂଫ୍ୟାନ ଚୋରି କରି ନେଇଯାଇଥିବା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଅରୁଣ ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୫/୧୯) ରୁଜୁ କରାଯାଇ ସବଇନ୍ସପେକ୍ଟର ଅନୁରାଗ ମହାନ୍ତି ତଦନ୍ତ କରୁଛନ୍ତି।

### ଜନ ଅଭିଯୋଗ ଶୁଣାଣି

**ବାସୁଦେବପୁର, ୧୧।୨ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଚିନ୍ତାମଣି ସଭାଗୃହ ପରିସରରେ ସୋମବାର ଜିଲା ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୮୬ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଉତ୍ତମରାଓ, ଉପଜିଲାପାଳ ସୁଚାରୁ ବଳ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ସିଡିଏମ୍ଓ ମହମ୍ମଦ ଅବଦୁଲ ରଶିଦ, ବିଡିଓ ବୀରକିଶୋର ପାଣିଗ୍ରାହୀ, ତହସିଲଦାର ପ୍ରକାଶ ରାଉଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ।

# ଉପେକ୍ଷା ପ୍ରତିବାଦରେ ଗଣଧାରଣା

**ତିହିଡି, ୧୧।୨ (ଡି.ଏନ.ଏ.)**



ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଓ ସମର୍ଥକମାନେ ଧାରଣାରେ ବସିଛନ୍ତି।

ଭଦ୍ରକ ଜିଲା ତିହିଡି ବ୍ଲକର କେତେକ ସରପଞ୍ଚ ଏବଂ ସେମାନଙ୍କ ସମର୍ଥକ ପିଠା, କାଳିଆ ଯୋଜନାରେ ସରପଞ୍ଚ ଓ ସମିତିସଭ୍ୟାଙ୍କୁ ଉପେକ୍ଷା ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦେଇଥିଲେ। ଧାରଣାସ୍ଥଳରେ ମହିଳା ସରପଞ୍ଚମାନେ ମାଣ ବସାଇ ପୂଜାପାଠ କରିବା ସହ ଲକ୍ଷ୍ମୀପୁରାଣ ପଢ଼ିଥିଲେ। ଏହି ଯୋଜନାକୁ ନେଇ ବ୍ଲକ କାର୍ଯ୍ୟାଳୟ ଅପବିତ୍ର ହୋଇଥିବାରୁ ପବିତ୍ର କରିବାକୁ ସେମାନେ ପୂଜା କରିଥିବା କହିଥିଲେ।

ସରପଞ୍ଚ ଏବଂ ସେମାନଙ୍କ ସମର୍ଥକମାନେ ଶୋଭାଯାତ୍ରାରେ ତିହିଡ଼ି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସରପଞ୍ଚ ଅଳିକପ୍ରଭା ରାଉଳ, ସ୍ୱର୍ଣ୍ଣମୟୀ ଜେନା, ଝରଣା ଜେନା, ଉଷାକାନ୍ତ ନାୟକ, ପ୍ରମୋଦ ବେହେରା ଏବଂ ସେମାନଙ୍କ ସମର୍ଥକ ପୂର୍ବତନ ବ୍ଲକ ଅଧକ୍ଷ ଶୁକଦେବ ମଲିକ, ପ୍ରତାପ ଜେନା, ତପନ ରାଉଳ, ପ୍ରଦୀପ ବଳ, ଉମାକାନ୍ତ ଦାସ, ରାଜକିଶୋର ନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଧାରଣାସ୍ଥଳରେ ପହଞ୍ଚିଥିଲେ। ପିଠା ଓ କାଳିଆ ଯୋଜନାକୁ ଦଳୀୟ ଯୋଜନାରେ ପରିଣତ କରାଯାଇଥିବା, ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇ କାର୍ଯ୍ୟକ୍ରମ କରାଯାଉଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ। ବିଡିଓଙ୍କ ସହ ସରପଞ୍ଚଙ୍କ ଆଲୋଚନା ପରେ ମଧ୍ୟ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ଧାରଣା ଚାଲୁ ରହିଛି।

### ମାଣ ବସାଇ ଲକ୍ଷ୍ମୀପୁରାଣ ପଢ଼ିଲେ ମହିଳା ସରପଞ୍ଚ

# ପୃଥକ୍ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

**ବାସୁଦେବପୁର, ୧୧।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ପୃଥକ୍ ଦୁର୍ଘଟଣା ଘଟି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ବାସୁଦେବପୁର-ବାଲିଛନ୍ଦା ଘାଟ ରାସ୍ତାର ଜଗନ୍ନାଥୀ ଛକଠାରେ ରବିବାର ରାତିରେ ଏକ ବାଇକ୍ ଧକ୍କାରେ ସୁଦର୍ଶନପୁର ପଞ୍ଚାୟତ ଜଗନ୍ନାଥୀ ଗ୍ରାମର ଭାମାମଣି ସାହୁ(୭୫)ଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବାସୁଦେବପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ସେହିପରି ବାସୁଦେବପୁର-ପଦ୍ମପୁର ରାସ୍ତାର ଶୁକଦେବପୁର ଛକଠାରେ ଏକ ବାଇକ୍ ଓ ସାଇକେଲ ମୁହାଁମୁହିଁ ଧକ୍କାରେ ୪ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନିଉଇଣ୍ଡିଆ ସାହି ନିକଟବର୍ତ୍ତୀ ସେଠୀସାହି ଗ୍ରାମର କେଶବ ସେଠୀ(୩୩), ରାଜେନ୍ଦ୍ର ସେଠୀ(୨୭), ହେମନ୍ତ ବାରିକ(୧୭) ଓ ଦେବାଶିଷ ବାରିକ(୧୫)। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ପଠାଯାଇଛି।

# ଆଇନଜୀବୀଙ୍କ ଆନ୍ଦୋଳନ



ଶୋଭାଯାତ୍ରାରେ ଭଦ୍ରକର ଆଇନଜୀବୀମାନେ।

**ଭଦ୍ରକ ଅଫିସ, ୧୧।୨**

ବାର୍ କାଉନସିଲ ଅଫ୍ ଇଣ୍ଡିଆ ଡାକରାରେ ଭଦ୍ରକ ଜିଲାର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ଆଇନଜୀବୀଙ୍କ ଦୁଇଦିନିଆ ପ୍ରତିବାଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର ଭଦ୍ରକରେ ସାଧାରଣ ଅଧିବେଶନ ଓକିଲ ସଂଘ ସଭାପତି ବିଷ୍ଣୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶତାଧିକ ଆଇନଜୀବୀ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ବିକ୍ଷୋଭ କରିଥିଲେ। ଆଇନଜୀବୀ ନିରାକାର ଜେନା, ଦିବ୍ୟସିଂହ ନାୟକ, ସହିଲ ଅହେମଦ, ଗିରିଧାରୀ ନାଥ, ନିଶିକାନ୍ତ ନାୟକ ନେତୃତ୍ୱ ନେଇଥିଲେ। ଆଇନଜୀବୀଙ୍କ ବିବିଧ ଦାବି ଓ ସମସ୍ୟା ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ରଞ୍ଜନ ନାୟକ, ଦିଲୀପ ମହାପାତ୍ର, ତାହେର ଅହେମଦ, ସୂର୍ଯ୍ୟକାନ୍ତ କୁଅଁର, ପୂର୍ଣ୍ଣ ମହାନ୍ତି, ସୁରେନ୍ଦ୍ର କର, ଅମର ବାରିକ, ଅରୁଣ ଚାନ୍ଦ, ପାର୍ଥ ପଣ୍ଡା, ମଧୁସ୍ମିତା ପରିଡା, ମଧୁମିତା ଦାସ, ମନୋରମା ପାତ୍ର, ଶୋଭନ ଦେଓ, ବିଶ୍ୱଜିତ ରାଉତ ପ୍ରମୁଖ ସାମିଲ ଥିଲେ। ବାସୁଦେବପୁରଠାରେ ଅନୁରୂପ ଭାବେ ଓକିଲ ସଂଘ ସଭାପତି ନାରାୟଣ ନାୟକ, ସହସମ୍ପାଦକ ସ୍ମୃତିରଞ୍ଜନ ପଲିତା, ପ୍ରଦୀପ ମହାନ୍ତି, ଗୋବର୍ଦ୍ଧନ ବଳ, ସୌମ୍ୟରଞ୍ଜନ ଦାସ, ଚକ୍ରଧର ମହାଲିକ, ମହମ୍ମଦ ତାଲୁଦ ଖାଁ, ରମେଶ ଚନ୍ଦ୍ର ଓଝା ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ସଡ଼କ ସୁରକ୍ଷା ନେଇ ସଚେତନ କଲେ ଛାତ୍ରୀଛାତ୍ର

**ପଦ୍ମପୁର, ୧୧।୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଅଧୀନ ବେତଡ଼ା ସରସ୍ୱତୀ ଶିଶୁମନ୍ଦିର ଓ ବିଷ୍ଣୁବିନ୍ଧା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହ ଶିକ୍ଷାଧିକାରୀ ରମାକାନ୍ତ ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଦୁଇ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ଜାମୁଝାଡି-ବାସୁଦେବପୁର ରାସ୍ତାରେ ଯାତାୟାତ କରୁଥିବା ଯାନବାହାନ ଚାଳକଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ହେଲ୍‌ମେଟ ପିନ୍ଧିବା ସହ ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବାକୁ ବାଇକ୍ ଚାଳକଙ୍କୁ ସେମାନେ ବୁଝାଇଥିଲେ। ଏଥିସହ ହେଲ୍‌ମେଟ ବ୍ୟବହାର କରୁଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ବିଷ୍ଣୁବିନ୍ଧା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ପାଣିଗ୍ରାହୀ ଓ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ରାମକୃଷ୍ଣ ପତି ପରିଚାଳନା କରିଥିଲେ।

# ତହସିଲ ଅଫିସରେ ତାଲା ପକାଇଲେ ଜମାକାରୀ

**ଚାନ୍ଦବାଲି, ୧୧।୨ (ଡି.ଏନ.ଏ.)**


ଚାନ୍ଦବାଲି ତହସିଲ ଅଫିସ ପରିସରରେ ଜମାକାରୀମାନେ ହୋହଲ୍ଲା କରୁଛନ୍ତି।

କେତେକ ଉତ୍ତ୍ୟକ୍ତ କ୍ଷୁଦ୍ର ଜମାକାରୀ ସୋମବାର ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଫିସରେ ତାଲା ପକାଇ ପାଟିତୁଣ୍ଡ କରିଛନ୍ତି। ରୋଜଭ୍ୟାଲି କମ୍ପାନୀର କ୍ଷୁଦ୍ର ଜମାକାରୀ ସେମାନଙ୍କ ଆବଶ୍ୟକ କାଗଜପତ୍ର ଚଳିତମାସ ୧୨ ତାରିଖ ସୁଦ୍ଧା ନିଜ ଅଞ୍ଚଳର ଆର୍ଆଇ ଅଫିସରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ସମୟସୀମା ଆଉ ମାତ୍ର ଦୁଇଦିନ ବାକି ଥିବାବେଳେ ସୋମବାର ଆର୍ଆଇମାନେ ସେମାନଙ୍କ ଅଫିସରେ ଅନୁପସ୍ଥିତ ଥିବା ଦେଖି ଜମାକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ଆର୍ଆଇ ଅଫିସରୁ ଫେରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କେତେଜଣ ଆର୍ଆଇ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ଟ୍ରେନିଂରେ ଥିବା ଜଣାଯାଇଥିଲା। ଏଭଳି ଅବ୍ୟବସ୍ଥାକୁ ନେଇ ଜମାକାରୀମାନେ ପାଟିତୁଣ୍ଡ କରିବା ସହ କାଗଜପତ୍ର ଜମାର ସମୟସୀମା ବୃଦ୍ଧି ଦାବି କରି ତହସିଲ ଅଫିସରେ ତାଲା ପକାଇ ଦେଇଥିଲେ। ତହସିଲଦାର ସତ୍ୟଜିତ୍ ରାଉତ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ■ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

# ଭିଡିଓ କନ୍‌ଫରେନ୍ସିଂରେ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା

**ବନ୍ତ, ୧୧।୨ (ଡି.ଏନ.ଏ./ସ୍ୱ.ପ୍ର.)**


ଉଜ୍ଜ୍ୱଳା ଭିଡିଓ କନ୍‌ଫରେନ୍ସିଂରେ ଯୋଗ ଦେଇଥିବା ମହିଳାମାନେ।

ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଡିଓ କନଫେରେନ୍ସିଂ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ସୋମବାର ବନ୍ତ ବ୍ଲକରେ ବିଭିନ୍ନ ପଞ୍ଚାୟତରୁ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଭାରତ ଗ୍ୟାସ୍, ଆଇଓସିଏଲ୍ ଏବଂ ଏଚ୍‌ପିସିଏଲ୍‌ର ମିଳିତ ଆନୁକୂଲ୍ୟରେ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ବନ୍ତ ସ୍ଥିତ ସାଇସ୍ୱପ୍ନା ଗ୍ୟାସ୍ ଏଜେନ୍ସିର ସତ୍ତ୍ୱାଧିକାରୀ ସ୍ୱପ୍ନାରାଣୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଜ୍ଜ୍ୱଳା ଯୋଜନାର ବ୍ଲକ ସଂଯୋଜକ ରାଜୀବ ଲୋଚନ ସାହୁ ପରିଚାଳନା କରିଥିଲେ। ଭାଜପାର ଜିଲା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ମହିଳାଙ୍କ ସମ୍ମାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୯୦ ପ୍ରତିଶତ ମହିଳାଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ଜିଲା ନୋଡାଲ ଅଫିସର କାର୍ତ୍ତିକ ଚନ୍ଦ୍ର ଜେନା ଗ୍ୟାସ୍‌ର ବ୍ୟବହାର ସମ୍ପର୍କରେ ସଚେତନ କରାଇଥିଲେ। ସାମାଜିକ କର୍ମୀ ତପସ୍ୱିନୀ ମହାପାତ୍ର, ରୁକ୍ମଣୀ ଦାସ, ବ୍ଲକ ଭାଜପା ମଣ୍ଡଳ ସଭାନେତ୍ରୀ ପଙ୍କଜିନୀ ଲେଙ୍କା, ଦିଲୀପ ଦାଶ, ଗୌରହରି ନନ୍ଦ, ଗୋପାଳ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉମା ଭାରତୀ ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମସ୍ତ ଜିଲାର ହିତାଧିକାରୀଙ୍କ ସହ ହୋଇଥିବା ବାର୍ତ୍ତାଳାପକୁ ଉପସ୍ଥିତ ଲୋକେ ଉପଭୋଗ କରିଥିଲେ।

# ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ସାରସ୍ୱତ ସମାରୋହ


ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

**ଭଦ୍ରକ ଅଫିସ, ୧୧।୨**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶକ୍ତିଭବନ ସଭାଗୃହରେ ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମଞ୍ଚ ଉପସଭାପତି ଶରତ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗଗନ ବିହାରୀ ରାଉତ ଓ ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଅଶୋକ କୁମାର ନାୟକ ଯୋଗ ଦେଇଥିଲେ। ସଂଯୋଜକ ଭାବେ ରବୀନ୍ଦ୍ର ବେହୁରିଆ ଓ ପ୍ରବୀଣ ପୃଷ୍ଟି ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ବାବୁଲାଲ ଦାସ ସଭା ପରିଚାଳନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ଅଧିବକ୍ତା ମଞ୍ଚର ସଭାପତି ନିରାକାର ଜେନା ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଅନୁପ କୁମାର ଚନ୍ଦନ ଉଦ୍‌ଘାଟନ କରିଥିଲେ। ଡ. ବଳରାମ ମିଶ୍ର ମୁଖ୍ୟଅତିଥି, ଡ. ନରହରି ବେହେରା ଓ ପ୍ର. ଅଟଳ ବିହାରୀ ନାୟକ ବିଶିଷ୍ଟ ଅତିଥି, ଅଧ୍ୟାପକ ନାସିର ବକ୍ସ ମୁଖ୍ୟବକ୍ତା, ଇଂ. ଅଭୟ ସୂତାର ଅନ୍ୟତମ ଅତିଥି ଏବଂ ପ୍ରଜାପିତା ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ମଞ୍ଜୁ ଭଉଣୀ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଶାନ୍ତିଧାରା' ଓ ମଞ୍ଚର ବରିଷ୍ଠ ସଦସ୍ୟା ରେଣୁବାଳା ନାୟକଙ୍କ ଗଳ୍ପ ପୁସ୍ତକ 'ମାଟିଫୁଲ' ଉନ୍ମୋଚନ କରାଯାଇଥିଲା। ଡ. ନରହରି ବେହେରା ଗଳ୍ପ ପୁସ୍ତକର ସମୀକ୍ଷା କରିଥିଲେ। ସେହିପରି ଦାକ୍ଷା ଓ କାନ୍ତକବି ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଯୋଗ, ବିଜ୍ଞାନ ଶିବିର

**ଭଣ୍ଡାରିପୋଖରୀ, ୧୧।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବୌଦ୍ଧବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପତଞ୍ଜଳି ଯୋଗ ବେଦାନ୍ତ ସମିତି ଆନୁକୂଲ୍ୟରେ ନିଃଶୁଳ୍କ ଯୋଗ ଓ ବିଜ୍ଞାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ବର ରାଉତ ସଞ୍ଚାଳନା କରିଥିଲେ। ପତଞ୍ଜଳି ଭୁବନେଶ୍ୱର ଶାଖାର ରାଜ୍ୟ ପ୍ରଭାରୀ ତଥା ଯୋଗଗୁରୁ ପୀତାମ୍ବର ସାହୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଯୋଗ ହିଁ ଜଣେ ଅସୁସ୍ଥଙ୍କୁ ସୁସ୍ଥ କରିବାରେ ସହାୟକ ହୋଇଥାଏ ବୋଲି ସେ ପରାମର୍ଶ ଦେଇଥିଲେ। ଯୋଗ କରନ୍ତୁ, ନିରୋଗ ରୁହନ୍ତୁ ବୋଲି ସେ ବାର୍ତ୍ତା ଦେଇଥିଲେ। କପାଳଭାତି, ଅନୁଲୋମବିଲୋମ, ସବାସନ, ସୂର୍ଯ୍ୟ ନମସ୍କାର ଯୋଗ ପ୍ରାଣାୟମ ଶିକ୍ଷା ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳବାସୀ ଶିବିରରେ ଯୋଗଦେଇ ଯୋଗ ପ୍ରାଣାୟମ ଶିକ୍ଷା ଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନିର୍ମଳ ବିଶ୍ୱାଳ, ଅନସୂୟା ପୁହାଣ ପ୍ରମୁଖ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

# କଟକ ଟିମ୍ ଜିତିଲା ଟ୍ରଫି

**ଆରଡ଼ି, ୧୧।୨ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକର କୁଲେଇପଦା ମା'ଖରାଖାଇ ଯୁବ ପରିଷଦ ଆନୁକୂଲ୍ୟରେ ସୋମବାର ଦିନିକିଆ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଟକ, ବାଲେଶ୍ୱର, ଯାଜପୁର ଓ ଭଦ୍ରକ ଫୁଟବଲ ଟିମ୍ ଏଥିରେ ଭାଗ ନେଇଥିଲେ। କଟକ ଓ ଯାଜପୁର ଟିମ୍ ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। କଟକ ଟିମ୍ ୨-୦ ଗୋଲ୍‌ରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା। ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ କ୍ଲବ ଉପସଭାପତି ବିଭୁତି ବିଶ୍ୱାଳଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ମୁଖ୍ୟଅତିଥି, ଏଏସ୍ଆଇ ପ୍ରଦୀପ ନାୟକ ଓ ସାମାଜିକ କର୍ମୀ ଦୀପ୍ତିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଜୟୀ ଟିମ୍‌କୁ ଟ୍ରଫି ଓ ସମ୍ମାନିତ ଅତିଥି ପରାଜିତ ଟିମ୍‌କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ସୁଶାନ୍ତ ବିଶ୍ୱାଳ, ତାଜଉଦ୍ଦିନ ଖାନ, ରିଆଜ କାଦିର ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ପ୍ରଣୟ ଖଟୁଆ, ସମ୍ପାଦକ ତପନ ନାୟକ ପ୍ରମୁଖ ସହଯୋଗ କରିଥିଲେ।


ବିଜୟୀ ଟିମ୍‌ର କ୍ୟାପଟେନ ମୁଖ୍ୟଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଖୋଲିଲା ଆହାରକେନ୍ଦ୍ର

**ଧାମନଗର/ବାସୁଦେବପୁର/ଚାନ୍ଦବାଲି, ୧୧।୨ (ଡି.ଏନ.ଏ.)**


ଧାମନଗରଠାରେ ଆହାରକେନ୍ଦ୍ରରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଖାଦ୍ୟ ବଣ୍ଟନ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ଜରିଆରେ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଆହାର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଧାମନଗର ମେଡିକାଲ ନିକଟରେ ଉଦ୍‌ଘାଟନ ପରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଗରିବ ଲୋକଙ୍କୁ ୫ ଟଙ୍କାରେ ରନ୍ଧାଖାଦ୍ୟ ପରଷିଥିଲେ। ଶୁଭାରମ୍ଭ ପୂର୍ବରୁ ଶରତ ମହାନ୍ତିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ମଣ୍ଡଳ ଯୋଗଦେଇ ଧାମନଗର ଏନ୍ଏସି ଏରିଆରେ ଆହାର ଯୋଜନା ଲାଗୁ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଯତିନ୍ଦ୍ର ମିଶ୍ର ଯୋଗଦେଇ ଆହାର ଯୋଜନାରେ ପ୍ରକୃତ ଗରିବ ଲୋକଙ୍କୁ ସୁଯୋଗ ଦେବା ସହିତ ଭୋଜନ ପରେ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ତହସିଲଦାର ଲଗନଜିତ ବେହେରା, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢୀ, ନାରୀନେତ୍ରୀ ସ୍ୱପ୍ନାରାଣୀ ପଣ୍ଡା, ହବିବୁର ରହେମାନ, ସେକ୍ ଅବଦୁଲ ହକିମ, ଦୟାନିଧି ମିଶ୍ର, ସେକ୍ ଜାଫର ଅଲ୍ଲୀ, ଭାନୁପ୍ରକାଶ ପଲାଇ ଓ ସକିଲ ଅହେମଦ ପ୍ରମୁଖ ଯୋଗ ଦେଇଥିଲେ।

ବାସୁଦେବପୁର ସହରସ୍ଥିତ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ପରିସରରେ ଆହାରକେନ୍ଦ୍ର ଉଦ୍‌ଘାଟନ ପରେ ୩ ଶହରୁ ଊର୍ଦ୍ଧ୍ୱ ମିଲ୍ ପ୍ରସ୍ତୁତ କରାଯାଇ ଲୋକଙ୍କୁ ପରଷା ଯାଇଥିଲା। ଭଦ୍ରକ ଦାମୋଦରଜୀଉ ସେବାୟତନ ସ୍ୱେଚ୍ଛାସେବୀ ସଂଗଠନକୁ ଖାଦ୍ୟ ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ସୁଚାରୁ ବଳ, ତହସିଲଦାର ପ୍ରକାଶ ଚନ୍ଦ୍ର ରାଉଳ, ବିଡିଓ ବୀରକିଶୋର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ, ପୌରନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟ, ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ଆହାରକେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ବିଧାୟକ ବ୍ୟୋମକେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବସ୍‌ଷ୍ଟାଣ୍ଡ, ତହସିଲ, ବ୍ଲକ, ଥାନା, କୋର୍ଟ ନିକଟ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଏହି ଆହାରକେନ୍ଦ୍ରରୁ ଚାନ୍ଦବାଲିର ସାଧାରଣ ଲୋକେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଭଦ୍ରକ ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ଏନ୍ଏସିର ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାଶ, ଭିଜିଲାନ୍ସ ମନିଟରିଂ କମିଟି ସଭ୍ୟ ଅଶୋକ ବଳ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ନରେଶ ମାଝି, ଶରତ ସାହୁ ଓ ଖଗେଶ୍ୱର ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକମୁକ୍ତ ଦେଶ ଗଠନରେ ମହିଳାଙ୍କ ଭୂମିକା



ରେଣୁକା ସ୍ୱାଇଁ

ଆଧୁନିକ ଯୁଗରେ ପ୍ଲାଷ୍ଟିକ୍ ବ୍ୟବହାର ମନୁଷ୍ୟର ଦୈନନ୍ଦିନ ଜୀବନରେ ଯେତିକି ସାହାଯ୍ୟ କରୁଛି ତା'ଠାରୁ ଅଧିକ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ଯେଉଁଠି ଦେଖିବ, ଗଦା ଗଦା ପ୍ଲାଷ୍ଟିକ ପଡି ରହି ପରିବେଶକୁ ବିଷାକ୍ତ କରିବାରେ ଲାଗିଛି। ଏଗୁଡ଼ିକ ମାଟିରେ ମିଶି ନ ପାରିବାରୁ ଦିନକୁ ଦିନ ଏହାର ସଂଖ୍ୟା ବୃଦ୍ଧି ପାଉଛି। ସମସ୍ତେ ଏହାର ଭୟାବହତା ଉପଲବ୍ଧି କଲେ ମଧ୍ୟ ଏହା ବନ୍ଦ ହୋଇପାରୁନାହିଁ। ନଦୀ, ସମୁଦ୍ର, ପର୍ବତ, ଜଙ୍ଗଲ ଚାରିଆଡେ ପ୍ଲାଷ୍ଟିକର ପାହାଡ ଦେଖିବାକୁ ମିଳୁଛି। ଏପରିକି ମହାକାଶରେ ମଧ୍ୟ ପ୍ଲାଷ୍ଟିକ ଆବର୍ଜନା ଦେଖିବାକୁ ମିଳୁଛି।

ଏହି ସମସ୍ୟାକୁ ସମାଧାନ କରିବା ପାଇଁ ମହିଳାମାନେ ଅଣ୍ଟାଭିଡି ବାହାରି ଆସିବା ଉଚିତ। ଗୁଣ୍ଡୁଚିମୂଷା ଯେପରି ସେତୁବନ୍ଧ ବାନ୍ଧିବାରେ ସାହାଯ୍ୟ କରିଥିଲା ସେହିପରି ମହିଳାମାନେ ଆମ ଦେଶକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସାହାଯ୍ୟ କରିପାରିବେ। ଗୃହର ସମସ୍ତ ଦାୟିତ୍ୱ ବହୁଥିବାରୁ ମହିଳାମାନେ ଦୈନନ୍ଦିନ ଜୀବନରେ ଅଧିକ ପ୍ଲାଷ୍ଟିକ ବ୍ୟବହାର କରିଥାନ୍ତି। ସେମାନେ ଉପାୟ ବାହାରକରି ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରିପାରିବେ।

ବଜାରରୁ ପରିବାପତ୍ର ଓ ଅନ୍ୟାନ୍ୟ ସଉଦା କିଣିବାବେଳେ ସାଙ୍ଗରେ କପଡ଼ା ବ୍ୟାଗ ନେଲେ ପଲିଥିନ୍‌ର ବ୍ୟବହାର କମାଯାଇପାରିବ। ପୁରୁଷ ମାନେ ମଧ୍ୟ ଯେତେବେଳେ ବଜାରକୁ ଜିନିଷପତ୍ର ଆଣିବାକୁ ଯାଉଛନ୍ତି ସେମାନଙ୍କୁ ମନେପକାଇ କପଡା ବ୍ୟାଗ ବଢ଼ାଇଦେଲେ ତାହାଦ୍ୱାରା ମଧ୍ୟ ପ୍ଲାଷ୍ଟିକର ବ୍ୟବହାର କମାଯାଇପାରିବ। ପର୍ବପର୍ବାଣିରେ ମନ୍ଦିରକୁ ମହିଳାମାନେ ପଲିଥିନ୍‌ରେ ଭୋଗ ନେଇ ଯାଉଛନ୍ତି। ସେମାନେ ଯଦି ପିତଳ ଭୋଗଥାଳି ବ୍ୟବହାର କରନ୍ତେ ତେବେ ପଲିଥିନ୍ ବ୍ୟବହାର ହ୍ରାସ ପାଇପାରନ୍ତା ପିତଳ ଥାଳିରେ ଭୋଗ ଲଗାଇଲେ ମନରେ ଶାନ୍ତି ଆସେ ଏବଂ ଏହା ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଉପକାରୀ ।

ଆଜିକାଲି ସକାଳେ ସନ୍ଧ୍ୟାବେଳେ ମହିଳାମାନେ ଘରେ ଜଳଖିଆ ତିଆରି ନ କରି ବାହାରୁ ମଗାଇ ଖାଉଛନ୍ତି। ପୁରୁଷମାନେ ପଲିଥିନ୍‌ରେ ଜଳଖିଆ ନେଇ ଆସୁଛନ୍ତି। ଏଗୁଡ଼ିକ ପରିବେଶ ଅପରିଷ୍କାର କରୁଛି। ଯଦି ମହିଳାମାନେ ଟିଫିନ୍ ବାକ୍ସ ପୁରୁଷମାନଙ୍କୁ ଦିଅନ୍ତେ ତେବେ ଅନେକାଂଶରେ ଉପକାର ମିଳନ୍ତା। କାରଣ ପଲିଥିନ୍ ପ୍ୟାକେଟ୍‌ରେ ଖାଦ୍ୟ ପଦାର୍ଥ ଖାଇଲେ ପଲିଥିନ୍ ରଙ୍ଗ ପେଟ ଭିତରକୁ ଖାଦ୍ୟ ସହ ଯାଇ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରେ।

ସେହିପରି ପିଲାମାନଙ୍କୁ ପ୍ଲାଷ୍ଟିକରେ ପ୍ୟାକିଂ ହୋଇଥିବା ଖାଦ୍ୟ ଖାଇବାକୁ ନ ଦେଇ ପାରମ୍ପରିକ ଢ଼ାଞ୍ଚାରେ ମା'ମାନେ ଘରେ ତିଆରି କରିଦେବା ଉଚିତ୍। ଏହାଦ୍ୱାରା ପରିବେଶ ପରିଷ୍କାର ରହିବା ସହିତ ପିଲାମାନେ ଫାଷ୍ଟଫୁଡ୍ ନ ଖାଇ ବିଭିନ୍ନ ରୋଗରୁ ନିଜକୁ ରକ୍ଷା କରିପାରିବେ।

ଅଧିକାଂଶ ଘରେ ଅତିଥି ସତ୍କାର ନିମନ୍ତେ ମହିଳାମାନେ ଥଣ୍ଡାପାନୀୟ ପିଇବାକୁ ଦେଇଥାନ୍ତି। ଏହାଦ୍ୱାରା ଖୋଲା ପ୍ଲାଷ୍ଟିକ ବୋତଲଗୁଡିକର ସଂଖ୍ୟା ବଢୁଛି।

ଯଦି ଅତିଥିମାନଙ୍କୁ ଲେମ୍ବୁ, ଦହି ସରବତ, ପଇଡପାଣି ପିଇବାକୁ ଦିଆଯାଏ,ଏଥିରେ ସମ୍ମାନ ହାନି ହେବାର ସମ୍ଭାବନା ନ ଥାଏ। ବରଂ ସମ୍ମାନ ବୃଦ୍ଧି ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ସେହିପରି ପ୍ଲାଷ୍ଟିକ ଗ୍ଲାସରେ ଚା କିମ୍ବା ପାଣି ପିଇବାକୁ ନ ଦେଲେ ଆହୁରି ଭଲ ହୁଅନ୍ତା।

ଛୋଟ ଛୋଟ ଭୋଜିଭାତରେ ପ୍ଲାଷ୍ଟିକ ଥାଳି ବ୍ୟବହାର ନ କରି କଦଳୀପତ୍ର କିମ୍ବା ଖଲିପତ୍ର ବ୍ୟବହାର କଲେ ପରିବେଶ ସଫା ରହିପାରିବ। ମଦ ପିଉଥିବା ଲୋକ ଯେପରି ମଦ ଛାଡିବାକୁ ଧୀରେ ଧୀରେ ମଦ ପିଇବା କମାଇଥାଏ, ସେହିପରି ଧୀରେ ଧୀରେ ସବୁ ମହିଳା ସହଯୋଗ କଲେ ଏହି ମହାବିପଦରୁ ରକ୍ଷା ମିଳିପାରିବ। ମହିଳାମାନେ ଘରେ ଓ ବାହାରେ ସମସ୍ତଙ୍କୁ ସଚେତନ କରିପାରିଲେ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ। ପୃଥିବୀ ମାଆକୁ ଘୋର ସଙ୍କଟରୁ ରକ୍ଷା ମିଳିପାରିବ। ଏଥିପାଇଁ ସରକାର କଠୋର ନିୟମ ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରିବ ଉଚିତ । ତେଣୁ ସବୁ ଶ୍ରେଣୀର ଲୋକମାନେ ପରିସ୍ଥିତିକୁ ହୃଦୟଙ୍ଗମ କରି ଏହାର ସମାଧାନ ନିମନ୍ତେ ଆଗେଇ ଆସିବା ଉଚିତ୍।

*–ଅଧ୍ୟାପିକା, ଅର୍ଥନୀତି ବିଭାଗ*
*ହରିଶପୁର ବଳଦେବ ମହାବିଦ୍ୟାଳୟ*
*ବୋରିକିନା, ଜଗତ୍‌ସିଂହପୁର*
*ମୋ– ୮୦୧୮୨୪୧୪୨୪*







## ଏମାନେ କ'ଣ କରନ୍ତି





**ସୁଜାତା ପଟ୍ଟନାୟକ**(ଶିକ୍ଷୟିତ୍ରୀ,ସେଣ୍ଟ ଜୋସେଫ୍ ସ୍କୁଲ୍,ଛେଣ୍ଡ କଲୋନୀ, ରାଉରକେଲା): ମୁଁ ଯେହେତୁ ଟିକେ ସିଲାଇ ଶିଖିଛି ପାଖରେ ସବୁବେଳେ ଯେମିତି ହେଲେ ଗୋଟେ କପଡା ବ୍ୟାଗ୍ ରଖିଥାଏ। କେତେବେଳେ ବି ବ୍ୟାଗ୍ କାମରେ ଆସିବ। ଯଦି କୌଣସି ଦୋକାନୀ ଆମକୁ ଜରିରେ ଜିନିଷ ଦେଇଥାନ୍ତି ମୁଁ ତାଙ୍କୁ ମନାକରେ ପଲିଥିନ୍ ଦେବା ଲାଗି। ସ୍କୁଲ୍‌ରେ ଯଦି ପିଲାଙ୍କ ଟିଫିନ୍ କିଏ ପଲିଥିନ୍‌ରେ ବାନ୍ଧିକି ଆଣିଛନ୍ତି ତେବେ ସେ ପିଲାକୁ କହିବା ସହ ତା'ର ଅଭିଭାବକଙ୍କୁ କହିଥାଉ ଯେ ପଲିଥିନ୍‌ରେ ଖାଦ୍ୟ ଦିଅନ୍ତୁ ନାହିଁ। ସ୍କୁଲ୍‌ରେ ମଧ୍ୟ ପ୍ଲାଷ୍ଟିକ୍ ଫ୍ରି ଆୱାରନେସ୍ ହୋଇଥିଲା। ଏହାକୁ ଯଦି ସମସ୍ତେ ମାନନ୍ତେ ତେବେ ଆମ ପରିବେଶ ସୁସ୍ଥ ରହିବା ସହ ଭଲ ହୁଅନ୍ତା।

**ରଶ୍ମିରେଖା ମିଶ୍ର**(ଡେସ୍କ ଅଫିସର,ଓଡିଶା ସେକ୍ରେଟାରିଏଟ୍, ଏସଟି ଆଣ୍ଡ ଏସ୍‌ସି ଡିପାର୍ଟମେଣ୍ଟ):ପ୍ଲାଷ୍ଟିକ୍ ବ୍ୟାନ୍ ହେଲାପରେ ନିଜେ ଘରୁ ଗୋଟିଏ ବ୍ୟାଗ୍ ଆଣି ପାଖରେ ରଖିଥାଏ। ଆଗରୁ ଯେତେବେଳେ ପ୍ଲାଷ୍ଟିକ୍ ବ୍ୟାନ୍ ହୋଇନଥିଲା ସେତେବେଳେ ପଲିଥିନ୍‌ରେ ଜିନିଷ ନେଇ ଆସୁଥିଲି। ଏବେ କିନ୍ତୁ ଆଉ ଆଣୁନି। ପ୍ଲାଷ୍ଟିକ୍ ବ୍ୟାନ୍ ହେବା ଦ୍ୱାରା ନିଶ୍ଚିତ ରୂପେ ଆମ ପରିବେଶ ପ୍ରଦୂଷଣକୁ କିଛି ମାତ୍ରାରେ ରକ୍ଷା କରାଯାଇପାରେ। ପଲିଥିନ୍ ଚାରିଆଡେ ପଡିବା ଦ୍ୱାରା ଗାଈମାନେ ଏହାକୁ ଖାଇ ଦିଅନ୍ତି। ଫଳରେ ପର ମୁହୂର୍ତ୍ତରେ ସେମାନଙ୍କର ମୃତ୍ୟୁ ହୁଏ। ଏହା ବଦଳରେ ଆମେ ଯଦି କାଗଜଠୁଙ୍ଗା ଏବଂ କପଡା ବ୍ୟାଗ୍ ବ୍ୟବହାର କରିବା ଉଚିତ୍। ଏହି ନିୟମକୁ ମାନିଲେ ଜୀବଜନ୍ତୁମାନଙ୍କର ହିତ ସାଧନ ହେବା ସହ ନାନା ପ୍ରକାର ଅସୁବିଧାରୁ ରକ୍ଷା ପାଇପାରିବା।

---

ଇଏବି ଜଣେ ନାରୀ

# ସମାଜସେବାର ଅନ୍ୟତମ ମାଧ୍ୟମ ସାହିତ୍ୟ

**ସେ ଏକାଧାରରେ ଚଳଚ୍ଚିତ୍ର କାହାଣୀକାର ଏବଂ ସମାଜସେବୀ । ନିକଟରେ ପୁସ୍ତକ ପ୍ରକାଶନକୁ ଏହି ତାଲିକାରେ ସାମିଲ କରିଛନ୍ତି। ସେ ହେଲେ ପ୍ରତିଭାରାଣୀ ମହାନ୍ତି...**



ମୋତେ ସମାଜସେବାରୁ ଯେତିକି ଆନନ୍ଦ ମିଳେ ତାହା ଆଉ କେଉଁଠୁ ମିଳେନା। ମୋ ମତରେ ଏହାର ପ୍ରମୁଖ ମଧ୍ୟରେ ସାହିତ୍ୟ ଅନ୍ୟତମ। ସେଥିପାଇଁ ଲେଖାଲେଖି ସହ ନିଜକୁ ଜଡିତ ରଖିଛି ବୋଲି କହନ୍ତି ପ୍ରତିଭାରାଣୀ। ଓଡ଼ିଆ ଚଳଚ୍ଚିତ୍ର 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'ର କାହାଣୀ ରଚନା କରିଥିଲେ ସେ। ଏ ସମ୍ପର୍କରେ ସେ କହନ୍ତି, 'ସ୍କୁଲରେ ପଢ଼ିବା ଦିନରୁ ମୋର ଲେଖାଲେଖି ପ୍ରତି ଆଗ୍ରହ ଥିଲା। ତା'ପରେ ଗପ କବିତା ଲେଖିବା ଆରମ୍ଭ କରିଥିଲି। ଲେଖାଲେଖି ପ୍ରତି ରୁଚି ଦେଖି ମୋ ସ୍ୱାମୀ ଲୁଟୁ ମହାନ୍ତି ମୋତେ ଚଳଚ୍ଚିତ୍ର କାହାଣୀ ଲେଖିବାକୁ ଉତ୍ସାହିତ କରିଥିଲେ। ମୋ ମତରେ ଚଳଚ୍ଚିତ୍ର କାହାଣୀରେ ସମାଜରେ ଘଟୁଥିବା ଘଟଣାବଳୀ ଏଭଳି ପ୍ରତିଫଳିତ ହେବା ଦରକାର, ଯାହାକୁ ଆଧାର କରି ଲୋକମାନେ ଅନେକ କିଛି ଶିଖିପାରିବେ।' ନିକଟରେ ସେ ରଣପୁର ପ୍ରଜା ଆନ୍ଦୋଳନ ଉପରେ ରଚିତ ପୁସ୍ତକ 'ସଂଗ୍ରାମୀ ଶହୀଦ'ର ପ୍ରକାଶିକା ଦାୟିତ୍ୱ ତୁଲାଇଛନ୍ତି। 'ଏକାଥରେ ସାହିତ୍ୟ ଏବଂ ପ୍ରକାଶନ ସହ ଜଡିତ ରହି ତାହାକୁ ଠିକ୍ ଭାବରେ ଆଗକୁ ଆଗେଇ ନେବା ବଡ କଥା। ଅନ୍ୟପକ୍ଷରେ ଏପରି ଏକ ପୁସ୍ତକକୁ ପ୍ରକାଶନ କରିବା ପରେ ଏ କ୍ଷେତ୍ରରେ ଯୋଜନାବଦ୍ଧ ଭାବରେ ଆଗେଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି ବୋଲି କହନ୍ତି ରଣପୁରକୁ ନିଜର କର୍ମଭୂମି ଭାବରେ ବାଛି ନେଇଥିବା ପ୍ରତିଭାରାଣୀ।

# ବାସନରୁ ପୋଡ଼ା ଦାଗ ଛଡ଼ାଉଥିଲେ..



**ବେକିଂସୋଡା:** ଜଳିଥିବା ବାସନ ଉପରେ ବେକିଂ ସୋଡା ପକାଇବା ପରେ ତା' ଉପରେ ଲେମ୍ବୁ ରସ ପକାନ୍ତୁ। ଏହାପରେ ଗରମ ପାଣି ପକାଇ ଷ୍ଟିଲ ସ୍କ୍ରବ ସାହାଯ୍ୟରେ ଭଲ ଭାବେ ରଗଡନ୍ତୁ। ଏହାପରେ ଦେଖିବେ ଜଳିଥିବା ବାସନ କିପରି ଚମକୁଛି।

**ଲେମ୍ବୁରସ:**ଏକ ଲେମ୍ବୁର ରସକୁ ଜଳିଥିବା ବାସନ ଉପରେ ପକାଇବା ପରେ ତୁରନ୍ତ ଗରମ ପାଣି ଢାଳନ୍ତୁ। ଏହାପରେ ବାସନକୁ ରଗଡି ସଫା କରନ୍ତୁ।

**ଲୁଣ:** ପୋଡା ଦାଗ ଲାଗିଥିବା ବାସନରେ ଲୁଣ ପାଣି ଦେଇ ତାକୁ କିଛି ସମୟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାକୁ ସ୍କ୍ରବ ସାହାଯ୍ୟରେ ସଫା କରନ୍ତୁ, ଦେଖିବେ ଦାଗ ଦୂର ହୋଇଯାଇଛି।

**ଟମାଟୋ ରସ:** ଟମାଟୋ ରସ ଓ ପାଣିକୁ ପୋଡିଥିବା ବାସନରେ ପକାଇ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାଦ୍ୱାରା ବାସନକୁସନରୁ ପୋଡାଦାଗ ଦୂର ହୋଇ ଯାଇଥାଏ।

**ପିଆଜ:** ପିଆଜକୁ କାଟି ପାଣି ସହିତ ଫୁଟାନ୍ତୁ। ଏଥିରେ ପୋଡାଦାଗ ଲାଗିଥିବା ବାସନକୁସନକୁ କିଛି ସମୟ ପକାଇ ଦିଅନ୍ତୁ। କିଛି ସମୟ ପରେ ଏହି ଦାଗ ଛାଡିଯିବ।

**ସଫ୍ଟ ଡ୍ରିଙ୍କ:** ଆଲୁମିନିୟମ୍ ବାସନ ଯଦି ଜଳିଯାଇଛି, ସେଥିରୁ ପୋଡାଦାଗ ଦୂର କରିବାକୁ ହେଲେ ସେଥିରେ ସଫ୍ଟ ଡ୍ରିଙ୍କ ପକାଇ ହାଲୁକା ଆଞ୍ଚ ଉପରେ ଗରମ କରନ୍ତୁ। ଏହାଦ୍ୱାରା ଦାଗ ନରମ ହୋଇଯିବ। ଏହାପରେ ସ୍କ୍ରବର ସହାଯ୍ୟରେ ଦାଗ ସଫା କରନ୍ତୁ।

---

ସୌନ୍ଦର୍ଯ୍ୟ

# ଥ୍ରେଡିଂ ପରେ...

**ମୁହଁକୁ ସୁନ୍ଦର ଦେଖାଯିବାକୁ ହେଲେ ମହିଳାମାନେ ଥ୍ରେଡିଂ କରିଥାନ୍ତି । ଥ୍ରେଡିଂ ପରେ ସେମାନେ ଏମିତି କିଛି ଭୁଲ୍ କରିଥାନ୍ତି ତାହା ପରବର୍ତ୍ତୀ ସମୟରେ ଚିନ୍ତାର କାରଣ ହୋଇଥାଏ । ତେବେ ଏଭଳି ସମସ୍ୟାରୁ ଦୂରେଇ ରହିବାପାଇଁ ନିମ୍ନୋକ୍ତ ଟିପ୍ସକୁ ଆପଣାଇପାରିବେ.....**





**କରନ୍ତୁନି ମେକଅପ୍:**ଆପଣ ସବୁବେଳେ ଏହି ଭୁଲ୍ କରିଥାନ୍ତି। ଆପଣଙ୍କୁ କୌଣସି ବାହାଘର ପାର୍ଟି ଯିବାର ଥିଲେ ଥ୍ରେଡିଂ କରିବା ପରେ ତୁରନ୍ତ ମେକଅପ୍ କରିଦିଅନ୍ତି। ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥ୍ରେଡିଂ କରିବାର ୨୪ଘଣ୍ଟା ପରେ ମେକଅପ୍ କରିବା ଆବଶ୍ୟକ। ଏହା ଆପଣଙ୍କ ସ୍କିନ୍ ପାଇଁ ଭଲ। ଯଦି ଆପଣ ଏପରି କରୁନାହାନ୍ତି ତେବେ ଆପଣଙ୍କ ମୁହଁରେ ପିମ୍ପଲ୍ସ ହେବାର ଆଶଙ୍କା ରହିଛି।

**ମଶ୍ଚରାଇଜର ଲଗାନ୍ତୁ:** ଆପଣଙ୍କୁ କହିରଖୁଛୁ କିଛି ମହିଳାଙ୍କ କ୍ଷେତ୍ରରେ ଦେଖାଯାଏ ଥ୍ରେଡିଂ କରିବା ପରେ ଆଇବ୍ରୋକୁ ଏମିତି ଛାଡି ଦିଅନ୍ତୁ। ଏହାଦ୍ୱାରା ଆଇବ୍ରୋ ହାତକୁ ଟାଣ ଲାଗିଥାଏ। ଏହାଦ୍ୱାରା ମଧ୍ୟ ହାଇବ୍ରୋ ପୋଡାଜଳା କରିଥାଏ ଏବଂ କୁଣ୍ଡାଇ ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଆପଣଙ୍କୁ ମଶ୍ଚରାଇଜର ସାହାଯ୍ୟରେ ମସାଜ୍ କରିବା ଆବଶ୍ୟକ। ଏହା ଆଇବ୍ରୋକୁ ଠିକ୍ ରଖିଥାଏ।

**ହାତ ଲଗାଇବା:** ଆଇବ୍ରୋ କରିସାରିବା ପରେ ହାତକୁ ବାରମ୍ବାର ଛୁଇଁଥାନ୍ତି। ଏହା କରିବା ଆପଣଙ୍କ ପାଇଁ କ୍ଷତିକାରକ। ଆପଣ ଜାଣିବା ଦରକାର ଯେ ଏପରି କରିବା ଦ୍ୱାରା ଇନ୍‌ଫେକ୍‌ଶନ୍, କୁଣ୍ଡାଇ ହେବା ଏବଂ ବ୍ରେକ୍‌ଆଉଟ୍ସ ସମସ୍ୟା ମଧ୍ୟ ହୋଇପାରେ।

**କୁଣ୍ଡାଇବା:** ଆପଣ ଲକ୍ଷ୍ୟ କରିଥିବେ ଥ୍ରେଡିଂ କରିବା ପରେ ସଙ୍ଗେ ସଙ୍ଗେ କୁଣ୍ଡାଇ ହୋଇଥାଏ। ତାକୁ ମଧ୍ୟ କୁଣ୍ଡାଇବା କ୍ଷତିକାରକ ହୋଇଥାଏ। ଯଦି କୁଣ୍ଡାଇ ହେବା ଭଳି ଲାଗୁଥାଏ ତେବେ ଜମା କୁଣ୍ଡାନ୍ତୁ ନାହିଁ।

---


**PANCHAYATI RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, NABARANGPUR**
**Tel: (06858) 222643, E-Mail: eerwss_ngp@rediffmail.com/ eerwssngp@gmail.com**
**INVITATION FOR BIDS**
**No: RWSS_NGP_ONLINE_'06/2018-19 DATED:- 02.02.2019**

**No.1591-O:-** The Executive Engineer, RWS&S Division, Nabarangpur on behalf of Govt. of Odisha invites item rate/ percentage bid through e-procurement in double cover system according to norm of e-procurement system in on-line mode.

1 Name of the Work : Construction of different capacity Over Head Tank including its ancillary work in commissioned pipe water supply scheme and different Block in the Nabarangpur District.
2 No. of Works : 07 Nos. (Detailed Tender Call Notice available in the website)
3 Estimated Cost : Varies from approximately Rs. 86.68 Lakhs to Rs. 179.26 Lakhs
4 Tender Paper Cost : Rs. 6000.00 to Rs. 10000.00
5 Class of Contractor :

| Estimated cost up to Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 150.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 180 Days to 270 Days

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ ONLINE_06 of 2018-19 | 18.02.19 at 11.00 AM | 23.02.19 at 05.00 PM | 22.02.19 upt to 11.00 AM | 25.02.19 upto 03.30 PM | 26.02.19 at 11.00 AM |

7. Critical Dates :
- Further details can be seen in the bidding documents, which is avilable in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**25028/11/0011/1819** **Sd./- Executive Engineer, RWS&S Division, Nabarangpur,**



**PANCHAYAT SAMITI, NUAPADA, DIST: NUAPADA**
**BID IDENTIFICATION No: PS. NPD/04/2018-19**
**No. 1007 // DEV / Dtd. 10.02.2019**

The Block Development Officer, Nuapada on behalf of Governor of odisha invites percentage Rate bids in single cover system for the construction of works as detailed in the table, from the class of eligible Contractors as mentioned in column -5 (five) registered with the state governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building / Road works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state Government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl No. | Name of the work | Approximate value of work (Rs. in Lakh) | Period of completion | Class of contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Tribal world Outlet for TDCCOL, Nuapada at Dumerpani | 32,27,700.00 | 4 months | C & B | 32277.00 | 6000.00 |

1. The sale of Bid document shall start from Dt.11.02.2019 and close on Dt.20.02.2019 at 3.00 PM. in the office of the undersigned, Bids shall be received by this office up to 5.00 PM. on date.20.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the District website. **http://nuapada.nic.in** from 11.02.2019 to 20.02.2019.
3. Bid documents consisting of plans, specification the schedule of quantities and the set of terms & conditions of contract and other necessary documents can be seen in the office in the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.02.2019 at 11.30 AM. in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

**Sd./- Block Development Officer, Nuapada**



OFFICE OF THE NOTIFIED AREA COUNCIL, BIJEPUR
**At/PO/PS: Bijepur, Dist: Bargarh, Pin: 768032 (Odisha), E Mail ID: bijepurnac2018@gmail.com**
**No. 648** **Dt. 06.02.19**

**"e"-procurement Notice**

**Bid Identificatin No.EO/Bijepur/02/2018-19**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Nature of work | : | Civil work |
| 2. | No. of works | : | 14 Nos. |
| 3. | Estimated cost | : | As per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 10 hours of 12.02.2019 to 17 hours of 18.02.2019 |
| 6. | Last date/time for receipt of Bids in the portal. | : | Dt. 18.02.2019 upto 17 hours. |
| 7. | Bids received online shall be opened on | : | Dt. 21.02.2019 at 11 hours |
| 8. | Name and address of the Officer inviting Bid. | : | Executive Officer, NAC, Bijepur |

Further, the details can be seen from the procurement Portal www.tendersodisha.gov.in.

**Sd./- Executive Officer, NAC, Bijepur**



**OFFICE OF THE REGULATED MARKET COMMITEE, UDALA**
**At- Udala, Po - Udala**
**Dist- Mayurbhanja (Odisha), PIN- 757041**
**Tender Call Notice No. 43 / RMC Dated.07.02.2019**
**Bid Identification No.01/RMC- Udala/2018-19**
**e-procurement Notice IFB (Invitation for Bids)**

| Sr. No. | Item | Details |
|---|---|---|
| 1 | The Sub Collector Udala -Cum-Chairman RMC Udala invites Percentage Rate bids in Double cover system in ONLINE MODE only work as detailed below: | |
| 2 | Nature of the work | Construction of Farmers facilitation Centre and auction hall , Office cum laboratory, Toilet Block and Sinking of tube well for e-NAM Project at Kukurdima under RMC Udala. |
| 3 | Bid Cost | Rs.10000.00 online transfer. |
| 4 | EMD | 54606.00.00 online transfer. |
| 5 | Value of Tender | Rs.54,60,647.83 |
| 6 | Class of contractor | B To A Class |
| 7 | Availability of BID Documents in the website | Dt.11.02.2019 to 25.02.2019 up to 5.00 PM. |
| 8 | Last date / time of Receipt of bids in the portal | Dt.25.02.2019 up to 5.00 PM. |
| 9 | Date of opening of bid (Technical) | Dt.27.02.2019 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website : **https://tendersorissa.gov.in.** Any Addendum / Corrigendum / Cancellation of the tender etc can also be seen in the website: **https://tendersorissa.gov.in.** | |

***Sd./- Sub - Collector - cum - Chairman, RMC, Udala.***

| Dollar | Sensex | Nifty | Gold | Silver |
|---|---|---|---|---|
| 71.18 (13) | 151.45 ↓ 36,395.03 | 54.80 ↓ 10,888.80 | ₹55 ↓ 34,225.00 | ₹150 ↓ 41,100.00 |

ଏସ୍‌ଇଜେଡ ଉନ୍ନତୀକରଣ ଲାଗି ନିର୍ଦ୍ଧାରିତ ୨୩,୭୭୯ ହେକ୍ଟର ଜମି ଖାଲିପଡ଼ିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



ଗରିବ, କୃଷକ ଏବଂ ମଧ୍ୟବିତ୍ତଙ୍କ ଉନ୍ନତୀକରଣ ଲାଗି ଗତ ୪ ବର୍ଷ ଧରି ସରକାର ବିଭିନ୍ନ ନୀତି ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି।
– ପୀୟୂଷ ଗୋୟଲ, କେନ୍ଦ୍ର ଅର୍ଥ ମନ୍ତ୍ରୀ



## ସଂକ୍ଷେପରେ

### ଆୟକର ବିଭାଗର ଚଢ଼ାଉ ଦିଲ୍ଲୀରେ ୨୦ ହଜାର କୋଟିର ହାୱାଲା, ମନିଲଣ୍ଡରିଂ ର୍‍ୟାକେଟର ପର୍ଦ୍ଦାଫାଶ

ନୂଆଦିଲ୍ଲୀ,୧୧-୨: ଦିଲ୍ଲୀରେ ସକ୍ରିୟ ଥିବା ହାୱାଲା ଓ ମନିଲଣ୍ଡରିଂ ର୍‍ୟାକେଟର ପର୍ଦ୍ଦାଫାଶ କରିଛି ଆୟକର ବିଭାଗ। ବିଭାଗ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏହି ର୍‍ୟାକେଟ ଦ୍ୱାରା ପ୍ରାୟ ୨୦ ହଜାର କୋଟି ଟଙ୍କାର କାରବାର କରାଯାଉଥିଲା, ଯାହା ଧରାପଡ଼ିଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଦିଲ୍ଲୀ ଆୟକର ବିଭାଗର ଅଧିକାରୀମାନେ ଗତ କିଛି ସପ୍ତାହ ହେବ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିବା ପରେ ଏହି ର୍‍ୟାକେଟ ସମ୍ପର୍କରେ ଜାଣିପାରିଥିଲେ। ନୟା ବଜାର ଅଞ୍ଚଳରେ ସକ୍ରିୟ ଥିବା ଏହି ଗ୍ରୁପ୍ ସମ୍ପର୍କରେ ସର୍ଭେ କରାଯାଇଥିଲା। ସେମାନେ ଜାଲ୍ ବିଲ୍ ଜରିଆରେ ୧୮ ହଜାର କୋଟି ଟଙ୍କା ସରକାରଙ୍କୁ ଠକିଥିବା ଜଣାପଡିଛି। ଏହି ଗ୍ରୁପ୍ ଦ୍ୱାରା ଏକ ଡଜନରୁ ଅଧିକ ଭୂତ କମ୍ପାନୀ ଖୋଲାଯାଇଛି, ଯିଏକି ଜାଲ୍ ବିଲ୍ ଦେଉଛି। ତେବେ ତଦନ୍ତ ବାଧାପ୍ରାପ୍ତ ହେବା ଭୟରେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଆୟକର ବିଭାଗ ଏବେ ପ୍ରକାଶ କରିବାକୁ ମନା କରିଦେଇଛି। ସେହିପରି ସୁନିୟୋଜିତ ଭାବେ କାର୍ଯ୍ୟ କରୁଥିବା ଏକ ମନିଲଣ୍ଡରିଂ ର୍‍ୟାକେଟ୍‌କୁ ଆୟକର ବିଭାଗ ଧରିଛି। ପୁରୁଣା ଶେୟାରକୁ ଜାଲ୍ କରି ବର୍ତ୍ତମାନର ଶେୟାର ଦର୍ଶାଇ ଏହି ର୍‍ୟାକେଟ ବିକ୍ରି କରୁଥିଲା। ଏହାର ହିତାଧିକାରୀମାନେ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡିଛି। ଦୀର୍ଘ ବର୍ଷ ଧରି ଏହି କାରବାର ବିନା ବାଧାରେ ଚାଲିଛି। ଧରାପଡ଼ିଥିବା କାରବାର ପରିମାଣ ମୋଟ କାରବାରର ମାତ୍ର ଏକ ଅଂଶବିଶେଷ। ଏହି ର୍‍ୟାକେଟ ନିକଟରୁ ଅଣଘୋଷିତ ବିଦେଶୀ ବ୍ୟାଙ୍କ ଆକାଉଣ୍ଟ ମିଳିଛି ଏବଂ ଜିଏସ୍‌ଟି ଜାଲିଆତିରେ ସମ୍ପୃକ୍ତ ଥିବା ଜଣାପଡିଛି। ତଦନ୍ତକାରୀ ଦଳ ୧୦୦ କୋଟି ଟଙ୍କାର କାରବାର ଦର୍ଶାଉଥିବା ସ୍ୱାକ୍ଷରିତ,ଅଣସ୍ୱାକ୍ଷରିତ, ଏମ୍‌ଓୟୁ, ଚୁକ୍ତି, ନଗଦ ଋଣ ଏବଂ ଏଥିରୁ ମିଳିଥିବା ସୁଧ, ଆର୍ଥିକ ବିବାଦ ସମାଧାନର କାଗଜପତ୍ର ଏବଂ ନଗଦ ଅର୍ଥ, କ୍ୟାଶ ରିସିପ୍ଟ ଆଦି ଜବତ କରିଛନ୍ତି। ସେମାନେ ୧୫୦୦ କୋଟି ଟଙ୍କାର ଜାଲ୍ ରପ୍ତାନି କରିଥିବା ଜଣାପଡିଛି। ସମୁଦାୟ ଟିକସ ଫାଙ୍କି ପରିମାଣ ପ୍ରାୟ ୨୦ହଜାର କୋଟି ଟଙ୍କା ହେବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି।

### ୨୫ରେ ପୁଣି ହାଜର ଲାଗି ଟୁଇଟର ମୁଖ୍ୟଙ୍କୁ ସମନ

ନୂଆଦିଲ୍ଲୀ,୧୧-୨: ଟୁଇଟର ସିଇଓ ଜ୍ୟାକ୍ ଡୋର୍ସି ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ହାଜର ନ ହେବାରୁ ଆଇଟି ବ୍ୟାପାର ସଂକ୍ରାନ୍ତୀୟ ସଂସଦୀୟ କମିଟି ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। କମିଟି ପକ୍ଷରୁ ସୋମବାର ସେମାନଙ୍କୁ ପୁନର୍ବାର ସମନ ଜାରି କରାଯାଇଛି। ଆସନ୍ତା ୨୫ରେ ଉପସ୍ଥିତ ହେବା ଲାଗି ଏମ୍‌ପି ଅନୁରାଗ ଠାକୁରଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତସ୍ଥିତ ଟୁଇଟର ଅଫିସ୍‌ର ବରିଷ୍ଠ ଅଧିକାରୀମାନେ ସଂସଦ ଭବନରେ ପହଞ୍ଚି ହାଜର ହୋଇଥିଲେ ହେଁ କମିଟି ଭେଟିବାକୁ ମନା କରିଥିଲେ। ଫଳରେ ସେମାନେ ଫେରିଯିବାକୁ ବାଧ ହୋଇଥିଲେ। ସୂଚନାଥାଉ କି, ଟୁଇଟର ମୁଖ୍ୟଙ୍କ ହାଜର ହେବାରେ ବିଳମ୍ବକୁ ନେଇ ଦୁଇଥର ସଂସଦୀୟ କମିଟିର ବୈଠକକୁ ବାତିଲ କରାଗଲାଣି।

### ପେଟ୍ରୋଟେକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ


# ଭାରତ ହୋଇପାରେ ଦ୍ୱିତୀୟ ବୃହତ୍ ଅର୍ଥନୀତି

ନୂଆଦିଲ୍ଲୀ,୧୧-୨

ପ୍ରମୁଖ ଅର୍ଥନୀତିଗୁଡ଼ିକୁ ବିଚାରକୁ ନେଲେ ଭାରତର ଦ୍ରୁତ ଅଭିବୃଦ୍ଧି ଧାରା ଆଗାମୀ ଦିନଗୁଡ଼ିକରେ ବଜାୟ ରହିବ। ୨୦୩୦ ବେଳକୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବାର ସମ୍ଭାବନା ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭଳି ବିଶ୍ୱର ପ୍ରମୁଖ ଏଜେନ୍ସିଗୁଡ଼ିକ ଭାରତର ଦ୍ରୁତ ଅଭିବୃଦ୍ଧି ଧାରା ଜାରି ରହିବା ନେଇ ଆକଳନ କରିଛନ୍ତି। ବିଶ୍ୱର ଅନିଶ୍ଚିତ ଅର୍ଥନୈତିକ ପରିବେଶରୁ ଭାରତ ନିଜକୁ ବାହାର କରିବା ସହ ଏକ ଉନ୍ନତ ସ୍ଥାନ ବଜାୟ ରଖିଛି ବୋଲି ମୋଦି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଭାରତ ବିଶ୍ୱର ଷଷ୍ଠ ବୃହତ ଅର୍ଥନୀତି ହୋଇପାରିଛି। ଷ୍ଟାଣ୍ଡାର୍ଡଚାର୍ଟାର୍ଡ ରିପୋର୍ଟ ମୁତାବକ ୨୦୩୦ ବେଳକୁ ଆମେରିକାକୁ ପଛରେ ପକାଇ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବ। ୟୁଏସ୍‌କୁ ଟପି ତାଲିକାର ପ୍ରଥମ ସ୍ଥାନରେ ଚାଇନା ରହିବା ସହ ଆମେରିକା ତୃତୀୟ ସ୍ଥାନକୁ ଖସି ଆସିବ। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ମୂଲ୍ୟକୁ ନେଇ ମୋଦି କହିଛନ୍ତି ଯେ, ଏହି କ୍ଷେତ୍ରରେ ଏକ ଉତ୍ତରଦାୟିତ୍ୱ ଭିତ୍ତିକ ମୂଲ୍ୟ ବ୍ୟବସ୍ଥା ଆଣିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଉଭୟ ଗ୍ରାହକ ଏବଂ ଉତ୍ପାଦନକାରୀଙ୍କ ସ୍ୱାର୍ଥକୁ ନଜରରେ ରଖାଯିବ। ଏକ ସ୍ୱଚ୍ଛ ତଥା ସୁଗମ ବଜାର ବ୍ୟବସ୍ଥା ଆଡକୁ ଯିବାର ଆବଶ୍ୟକତା ରହିଛି। ଏହା ହେଲେ ଲୋକଙ୍କ ଶକ୍ତି ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଇ ପାରିବ।

ପ୍ୟାରିସ କ୍ଲାଇମେଟ କନଫରେନ୍ସର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ସରକାର ଅଗ୍ରସର ହେଉଥିବା ମୋଦି ପ୍ରକାଶ କରିଛନ୍ତି। ଭାରତ ବର୍ତ୍ତମାନ ଅଶୋଧିତ ତୈଳ ବିଶୋଧନରେ ବିଶ୍ୱର ଚତୁର୍ଥ ବୃହତ ରାଷ୍ଟ୍ର ଏବଂ ଉର୍ଜା ସଂରକ୍ଷଣରେ ପ୍ରଥମ ରାଷ୍ଟ୍ର ହୋଇଥିବା ମୋଦି କହିଛନ୍ତି। ୨୦୩୦ ବେଳକୁ ଦେଶର ବିଶୋଧନ କ୍ଷମତା ୨୦୦ ନିୟୁତ ମେଟ୍ରିକ ଟନକୁ ବୃଦ୍ଧି ଘଟିବ। ଗତ ବର୍ଷ ଜାତୀୟ ଜୈବ ଇନ୍ଧନ ନୀତି ସରକାର ଆଣିଛନ୍ତି। ଏହାବାଦ ଦ୍ୱିତୀୟ ଏବଂ ତୃତୀୟ ପିଢି ଜୈବ ଇନ୍ଧନ ଗବେଷଣାକୁ ବର୍ତ୍ତମାନ ପ୍ରୋତ୍ସାହିତ କରାଯାଉଥିବା ମୋଦି କାର୍ଯ୍ୟକ୍ରମ ଅବସରରେ ସ୍ପଷ୍ଟ କରିଛନ୍ତି। ୧୧ ରାଜ୍ୟରେ ଦ୍ୱିତୀୟ ପିଢିର ବାୟୋ ରିଫାଇନେରୀ ସ୍ଥାପନ କରାଯାଇଛି। ଶକ୍ତି କ୍ଷେତ୍ର ଲାଗି ସମନ୍ୱିତ ଯୋଜନା ଅନ୍ତର୍ଗତ ଶକ୍ତି ନିରାପତ୍ତା, ଉପଲବ୍ଧତା ତଥା ନିରନ୍ତରତାକୁ ଅଗ୍ରାଧିକାର ଦିଆଯାଉଛି। ସୌଭାଗ୍ୟ ଯୋଜନାରେ ଚଳିତ ବର୍ଷ ଦେଶର ସବୁ ଘରକୁ ଶତ ପ୍ରତିଶତ ବିଦ୍ୟୁତ ଯୋଗାଣ, ୱାର୍ଲଡ ବ୍ୟାଙ୍କର ଇଜ ଅଫ୍ ଇଲେକ୍‌ଟ୍ରିସିଟି ର୍‍ୟାଙ୍କିଙ୍ଗରେ ଭାରତର ସ୍ଥାନ ୧୧୧ରୁ ୨୯କୁ ବୃଦ୍ଧି, ଉଜାଲା ଯୋଜନାରେ ବାର୍ଷିକ ୧୭,୦୦୦ କୋଟି ଟଙ୍କାର ସଞ୍ଚୟ, ୬.୪ କୋଟି ପରିବାରକୁ ସ୍ୱଚ୍ଛ ଇନ୍ଧନ ଯୋଗାଣ ଉପରେ ସେ ଏଥିରେ ସୂଚନା ଦେଇଛନ୍ତି। ଉର୍ଜା କ୍ଷେତ୍ରରେ ଭାରତ ଅଭୁତପୂର୍ବ ସଫଳତା ପାଇଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ତୈଳ ଏବଂ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ସଂସ୍କାର ଦ୍ୱାରା ନୂଆ ନିବେଶ ଏବଂ ଜ୍ଞାନ କୌଶଳ ବ୍ୟବହାର ପ୍ରକ୍ରିୟା ସୁଗମ ହୋଇଥିବାବେଳେ ଉଜ୍ଜ୍ୱଳା ଏବଂ ସିଜିଡି ଭଳି ଯୋଜନା ଦ୍ୱାରା ଲୋକଙ୍କ ନିକଟରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ସହଜ ହୋଇଛି ବୋଲି ପ୍ରଧାନ କହିଛନ୍ତି।



କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧି।

- ଉର୍ଜା ସଂରକ୍ଷଣରେ ଭାରତ ପ୍ରଥମ: ମୋଦି
- ଶକ୍ତି କ୍ଷେତ୍ରରେ ଦେଶ ଅଭୁତପୂର୍ବ ସଫଳତା ପାଇଛି: ଧର୍ମେନ୍ଦ୍ର
- ୨୦୩୦ ସୁଦ୍ଧା ଦ୍ୱିତୀୟ ସ୍ଥାନରେ ରହିବ
- ଆମେରିକାକୁ ଟପି ଚାଇନା ପ୍ରଥମ ସ୍ଥାନରେ ରହିବ
- ଉଜାଲାରେ ବାର୍ଷିକ ୧୭,୦୦୦ କୋଟି ସଞ୍ଚୟ
- ଇଜ ଅଫ୍ ଇଲେକ୍‌ଟ୍ରିସିଟି ର୍‍ୟାଙ୍କିଙ୍ଗରେ ୨୯ତମ ସ୍ଥାନରେ ଭାରତ
- ଚଳିତ ବର୍ଷ ସୌଭାଗ୍ୟରେ ସବୁ ଘରକୁ ମିଳିବ ବିଦ୍ୟୁତ୍

### ୨୮ ହଜାର କୋଟି ଲାଭାଂଶ ଦେବ ଆର୍‌ବିଆଇ

ମୁମ୍ବାଇ,୧୧-୨

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜ ନିକଟରେ ଥିବା ଅତିରିକ୍ତ ପୁଞ୍ଜିକୁ କେନ୍ଦ୍ର ସରକାରଙ୍କୁ ଦେବାକୁ ରାଜି ନୁହେଁ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଅଡିଟ କମିଟି ଚଳିତ ଆର୍ଥିକ ବର୍ଷ ଲାଗି ସୀମିତ ଆକଳନ ଆଧାରରେ ସରକାରଙ୍କୁ ୨୮ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେବାକୁ ସ୍ଥିର କରିଛି। ଆସନ୍ତା ୧୮ରେ ହେବାକୁ ଥିବା ବୋର୍ଡ ବୈଠକରେ ଏ ସମ୍ପର୍କରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ଆର୍‌ବିଆଇ ପାଖରେ ପଡ଼ିରହିଥିବା ପୁଞ୍ଜିର ଏକ ଅଂଶବିଶେଷ ଦେବାକୁ କେନ୍ଦ୍ର ସରକାର କହିଆସୁଛନ୍ତି। ସରକାର ଏହି ଭଣ୍ଡାରକୁ ଅତିରିକ୍ତ ଭଣ୍ଡାର ବୋଲି ଅଭିହିତ କରୁଛନ୍ତି। ଉଲ୍ଲେଖଥାଉ କି, ରିଜର୍ଭ ବ୍ୟାଙ୍କ ନିକଟରେ କେତେ ପୁଞ୍ଜି ରହିବା ଆବଶ୍ୟକ ଅର୍ଥାତ୍ ଏହାର ଆର୍ଥିକ ଢାଞ୍ଚା କିପରି ହେବା ଉଚିତ ତାହା ସ୍ଥିର କରିବା ଲାଗି ପୂର୍ବତନ ଗଭର୍ନର ବିମଲ ଜାଲାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏହି କମିଟି ତାଙ୍କର ରିପୋର୍ଟ ଆର୍‌ବିଆଇକୁ ଦେବ। ଅନ୍ୟ ଦେଶ ତୁଳନାରେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଆବଶ୍ୟକତାଠାରୁ ଅଧିକ ପୁଞ୍ଜି ଭଣ୍ଡାର ରହିଛି ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇ ଆସୁଛନ୍ତି। ପ୍ରକାଶ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ୪୦ ହଜାର କୋଟି ଟଙ୍କାର ଲାଭାଂଶ ସରକାରଙ୍କୁ ଦେଇସାରିଥିବା ବେଳେ ଆର୍‌ବିଆଇଠାରୁ ଅତିରିକ୍ତ ୨୮ ହଜାର କୋଟି ଟଙ୍କା ମାଗୁଛି।

# କ୍ଷତିରେ ଅର୍ଦ୍ଧାଧିକ ରେଳ ଜୋନ

ନୂଆଦିଲ୍ଲୀ,୧୧-୨

ଦେଶର ମୋଟ ୧୭ ରେଳ ଜୋନ ମଧ୍ୟରୁ ଅର୍ଦ୍ଧାଧିକ ଅର୍ଥାତ୍ ୧୦ଟି ଏବେ ପରିଚାଳନାଗତ କ୍ଷତି ସହୁଛନ୍ତି। କଲିକତା ମେଟ୍ରୋ ମଧ୍ୟ ଏଥିରୁ ବାଦ ପଡ଼ିନି। ମାର୍ଚ୍ଚ ଶେଷ ସୁଦ୍ଧା ପରିଚାଳନା ଅନୁପାତକୁ ୯୮.୨%ରେ ସୀମିତ ରଖିବା ଲାଗି ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ୨୦୧୮ ଡିସେମ୍ବର ସୁଦ୍ଧା ପରିଚାଳନା ଅନୁପାତ ୧୧୦.୮% ରହିଥିବା ରେଲୱେର ଆଭ୍ୟନ୍ତରୀଣ ରିପୋର୍ଟରେ ଦର୍ଶାଯାଇଛି। ନଭେମ୍ବର ଶେଷ ସୁଦ୍ଧା ଉତ୍ତରାଞ୍ଚଳ ଜୋନର ପରିଚାଳନା ଅନୁପାତ ୧୫୦.୪% ରହିଥିବା ଏହାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପରିଚାଳନା ଅନୁପାତକୁ ଉନ୍ନତ କରିବା ଲାଗି ବିଭିନ୍ନ ଡିଭିଜନକୁ କୁହାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ଏହି ଜୋନ ଲାଗି ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ୧୧୬% ରହିଛି।

ସବୁ ଜୋନ ଲାଗି ପରିଚାଳନା ଅନୁପାତର ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ରେଳ ମନ୍ତ୍ରଣାଳୟ ଲାଗି ଏକ କଷ୍ଟକର ବ୍ୟାପାର ହେଉଛି। ନେଟ୍ ବିକ୍ରି ଏବଂ ରାଜସ୍ୱକୁ ନେଇ ପରିଚାଳନା ଅନୁପାତ ସାଧାରଣତଃ ବିଚାର କରାଯାଇଥାଏ। ଏହାକୁ ଦେଖିଲେ ଡିସେମ୍ବର ଶେଷ ସୁଦ୍ଧା ପ୍ରତି ୧୦୦ ଟଙ୍କା ପାଇବା ପାଇଁ ରେଳ ମନ୍ତ୍ରଣାଳୟ ୧୧୦ ଟଙ୍କା ଖର୍ଚ୍ଚ କରୁଛି। ବଜେଟ ତଥ୍ୟ ମୁତାବକ ଉତ୍ତର ପୂର୍ବ, ପୂର୍ବ ଉତ୍ତର ଫ୍ରଣ୍ଟିୟର, ଦକ୍ଷିଣ ଏବଂ ଦକ୍ଷିଣ କେନ୍ଦ୍ର ରେଳପଥର ପ୍ରଦର୍ଶନ ସବୁଠାରୁ ଖରାପ ରହିଛି। ଅପରପକ୍ଷରେ ପୂର୍ବତଟ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ଏବଂ ଉତ୍ତର କେନ୍ଦ୍ରୀୟ ଜୋନ ଭଲ ପ୍ରଦର୍ଶନ କରିବା ସହ ଅନ୍ୟ ଜୋନଗୁଡ଼ିକର କ୍ଷତିକୁ ଭରଣା କରୁଛନ୍ତି। ଏହି ଜୋନଗୁଡ଼ିକର ସାମଗ୍ରୀ ପରିବହନ ଉନ୍ନତ ରହିଥିବାରୁ ଭଲ ରାଜସ୍ୱ ମିଳୁଛି।

ରେଲୱେର ସଦ୍ୟତମ ଫାଇନାନସିଆଲ ରିଭ୍ୟୁ ମୁତାବକ ଏପ୍ରିଲ-ଡିସେମ୍ବରରେ ଏହା ୧.୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ଲାଭ କରିଛି। ୨୦୧୮ ବଜେଟରେ ଏହା ୧.୩୬ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଯାତ୍ରୀ ଏବଂ ମାଲ ପରିବହନଜନିତ ରାଜସ୍ୱ କମିଛି। ଏହି ସମୟରେ ଯାତ୍ରୀ ଶୃଙ୍ଖଳାରୁ ୩୮,୧୮୫ କୋଟି ଏବଂ ମାଲ ପରିବହନରୁ ୮୫, ୩୨୯ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ୨୦୦୭-୦୮ରେ ରେଲୱେର ପରିଚାଳନା ଅନୁପାତ ୭୫.୯% ଥିଲା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ଉନ୍ନତି ଆସିଛି। ୬ଷ୍ଠ ଏବଂ ୭ମ ବେତନ କମିଶନଙ୍କ ସୁପାରିସ ଲାଗୁ କରିବା ପରେ ରେଲୱେ ଖର୍ଚ୍ଚ ବଢିଛି। ଫଳରେ ୨୦୧୭-୧୮ରେ ରେଲୱେର ପରିଚାଳନା ଅନୁପାତ ୯୮.୪%ରୁ ଅଧିକ ରହିଛି। ବିଶେଷ କରି ପେନସନ ଏବଂ କର୍ମଚାରୀଙ୍କ ଲାଗି ରେଲୱେକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି।



- ଆୟଠାରୁ ବଳି ଯାଉଛି ବ୍ୟୟ
- ପ୍ରତି ୧୦୦ ଟଙ୍କା ପାଇବା ପାଇଁ ଖର୍ଚ୍ଚ ହେଉଛି ୧୧୦ ଟଙ୍କା

## ବନ୍ଦେ ଭାରତର ଭଡ଼ା ଶତାବ୍ଦୀର ଦେଢ଼ଗୁଣା

ନୂଆଦିଲ୍ଲୀ,୧୧-୨

ଦେଶର ସବୁଠାରୁ ମହଙ୍ଗା ଟ୍ରେନ ହେବାକୁ ଯାଉଛି ଟ୍ରେନ୧୮ ଅର୍ଥାତ୍ ବନ୍ଦେ ଭାରତ ଏକ୍ସପ୍ରେସ। ମାତ୍ର ୮ ଘଣ୍ଟାରେ ଦିଲ୍ଲୀରୁ ବାରାଣସୀ ଯିବାକୁ ଥିବା ଏହି ସେମି ହାଇସ୍ପିଡ ଟ୍ରେନର ଭଡ଼ା ଶତାବ୍ଦୀ ଏକ୍ସପ୍ରେସଠାରୁ ଦେଢ଼ଗୁଣା ଅଧିକ ହେବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ଏସି ଚେୟାର କାର୍ ପାଇଁ ଯାତ୍ରୀଙ୍କଠାରୁ ୧୮୫୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ପାଇଁ ୩୫୨୦ ଟଙ୍କା ଭଡ଼ା ନିଆଯିବ। ଏଥିରେ କ୍ୟାଟରିଂ ଚାର୍ଜ ଯୋଡାଯାଇଛି। ତେବେ ବାରାଣସୀରୁ ଦିଲ୍ଲୀ ଯାତ୍ରା ବେଳେ ଯାତ୍ରୀଙ୍କୁ ଏହାଠାରୁ କମ୍ ଭଡ଼ା ଦେବାକୁ ହେବ। ଏସି ଚେୟାର କାର୍ ପାଇଁ ୧୭୯୫ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ପାଇଁ ୩୪୭୦ ଟଙ୍କା ଆଦାୟ କରାଯିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।

### ବକେୟାର ଋଣ ପରିଶୋଧ

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ କମ୍ପାନୀଙ୍କୁ ଅନୁମତି

ନୂଆଦିଲ୍ଲୀ,୧୧-୨

ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ୨୨କମ୍ପାନୀଙ୍କୁ ନିଜର ବକେୟା ପ୍ରଦାନ ଲାଗି ଅନୁମତି ପାଇଛି। ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଟି) ପକ୍ଷରୁ ଏହି ଅନୁମତି ପ୍ରଦାନ କରାଯାଇଛି। ଏହାବ୍ୟତୀତ ବିଚାରପତି ଏସ.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇଜଣିଆ ଖଣ୍ଡପୀଠ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡି.କେ.ଜୈନଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ସମାଧାନ ପ୍ରକ୍ରିୟାକୁ ପରିଚାଳନା କରିବେ। ଏ ଦିଗରେ ଅପିଲୀୟ ନ୍ୟାୟାଧିକରଣ ଜାରି କରିଥିବା କଟକଣାକୁ ହଟାଇ ଦେବା ସହ ବିଦେଶରେ ଥିବା ଗ୍ରୁପ୍‌ର ୧୩୩ କମ୍ପାନୀର ସମାଧାନ ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୧ରେ ଇପିଏଫ୍‌ଓ ଟ୍ରଷ୍ଟ ବୈଠକ

## ସୁଧ ହାର ଅପରିବର୍ତ୍ତିତ ରହିବା ସମ୍ଭାବନା

ନୂଆଦିଲ୍ଲୀ,୧୧-୨

ଆସନ୍ତା ୨୧ରେ ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ(ଇପିଏଫ୍‌ଓ)ର ଟ୍ରଷ୍ଟିଜଙ୍କ ବୈଠକ ବସିବାକୁ ଯାଉଛି। ପେନସନ ପାଣ୍ଠି ପରିଚାଳନା କରୁଥିବା ଏହି ସଂଗଠନ ନିଜର ୬ କୋଟିରୁ ଅଧିକ ସଦସ୍ୟଙ୍କ ଲାଗି ଆସନ୍ତା ଆର୍ଥିକ ବର୍ଷରେ ସୁଧ ହାର ଅପରିବର୍ତ୍ତିତ ରଖିପାରେ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ପେନସନ ଫଣ୍ଡ ସୁଧ ହାର ୮.୫୫ ପ୍ରତିଶତକୁ ବଜାୟ ରହିବାକୁ ଯାଉଛି। ଉକ୍ତ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ତେବେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସୁଧ ହାର ବଢ଼ାଇବାର ଯଥେଷ୍ଟ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସୂଚନାଥାଉ କି, କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଇପିଏଫ୍‌ଓ ବୋର୍ଡ ଟ୍ରଷ୍ଟିଜର ବୈଠକରେ ସୁଧ ହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଏ। ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପରେ ପେନସନ ଫଣ୍ଡ ସଦସ୍ୟଙ୍କ ଆକାଉଣ୍ଟରେ ସୁଧକୁ କ୍ରେଡିଟ କରିଦିଆଯାଏ।

**ବିହନ ବିଶୋଧନ ଅଭିଯାନ ୨୦୧୮-୧୯ ରବି ଋତୁ**

ଆସନ୍ତା ୧୨।୦୨।୨୦୧୯ରୁ ୧୫।୦୨।୨୦୧୯ ତାରିଖ ପର୍ଯ୍ୟନ୍ତ ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରେ ବିହନ ବିଶୋଧନ ଅଭିଯାନର ତାଲିମ କାର୍ଯ୍ୟକ୍ରମ ହେବ। ଚାଷୀମାନଙ୍କର ଡାଲି ଜାତୀୟ ବିହନକୁ ମାଗଣାରେ ବିହନ ବିଶୋଧନ କରି ଦିଆଯିବ। ଏହି ଅଭିଯାନରେ ଯୋଗଦାନ ନିମନ୍ତେ ଅନୁରୋଧ ରହିଲା। ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଧାମନଗର

**ADVERTISEMENT**

**NO.249/SW/ Dt.07.02.2019**

Sealed tenders are invited from Registered Printing Press/ Supplying Agencies for Printing and supply of NUA ARUNIMA ABHYASA PUSTIKA PART - I & II. Intending Printing Press / Firms may download T & C from Website **www.angul.nic.in** and submit their tender latest by 1.00 PM. of 01.03.2019.

*Sd./-*
*Collector, Angul*

**DISTRICT OFFICE, ANGUL**
**(Social Welfare Section)**
**No.210 / SW Date - 02.02.2019**
**IST CORRIGENDUM**

**(TO TENDER CALL NOTICE No - 2361 DATED 15.12.2018 FOR ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

The following changes are made in the Tender Notice No - 2361 dated 15.12.2018 for engagement of Transport Contractor for Transporting of Wheat and Rice under SNP in Angul District.
1 - Last date for available of tender Paper - 19.02.2019 by 1.00 PM.
2 - Last date for Submission of Tender Paper - 20.02.2019 by 1.00 PM.
3 - Opening of Tender Paper - 20.02.2019 by 3.00 PM.
All other Terms and Condition of the tender remained unaltered.
Further details can be seen from the District website **www.angul.nic.in.**

*Sd./-*
*COLLECTOR, ANGUL*

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Office of the Deputy General Manager (Electrical).). E.H.T. (O&M) Division, Duburi (New), At: Bhitarmanika, PO: Pankapal, Dist: Jajpur-755026,
email: ehtm.div.nduburi@optcl.co.in, CIN: U40102OR2004SGC007553
(Connect us- Facebook/optcl.odisha, Twitter/optcl.odisha)
NO. TECH/03 DATE: 11.02.2019
**TENDER CALL NOTICE NO.- 03/18-19**
Sealed tenders are invited from contractors having valid Civil contract License, Electrical contract license, Labour license, valid PAN, ITCC & GST Registration Certificate to executive the work of "Painting of two Nos. of Power Transformer (ICT I & II 315MVA, 400/220KV) at 400/220KV Grid S/S, New Duburi" under EHT (O&M) Division, Duburi (New). Cost of tender paper is Rs. 2000/- + GST @ 12% = 2240/-, EMD @ 1% of the tendered value i.e. (Rs. 2100/-). Sale of tender documents is from Dt. 13.02.2019 to Dt. 23.02.2019 (During office hours). Last date of submission of tender is Dt. 25.02.2019 upto 01.00 PM. Date of opening of tender is Dt. 25.02.2019 at 3.00 PM. For details visit our website www.optcl.co.in
Corrigendum if any will be published in the website only.
Sd./- Dy. General Manager (Elect.),EHT (O&M) Division, Duburi (New)

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼** No.871-E
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: SUNDARGARH.**
**Notice No.795 / CDM & PHO / SNG / Dt.07.02.2019**
**(ଆପ୍ଲିକେସନ୍ ଫର୍ ପେଷ୍ଟ କଣ୍ଟ୍ରୋଲ୍ ପ୍ରୋଗ୍ରାମ୍ସ ଆଟ୍ ଡି.ଏଚ୍. ଏଚ୍, ସୁନ୍ଦରଗଡ଼)**
The sealed tenders are invited from the willing Agency / Organization / NGOs to quote the rates for Pest Control Programmes at **DHH,Sundargarh.** The bidders are requested to submit their sealed tenders to the office of the undersigned by Speed Post / Regd. Post / Courier Services only on or before Dt.20.02.2019 till 5.00 PM. The seal tenders will be opened on Dt.21.02.2019 at 1.00 PM. and after due date & time any tenders will not be entertained. The bidders must be super-scribed on the top-up envelope as "**Application for Pest Control Programme of DHH, Sundargarh.** The tender shall be opened in presence of Quoted agency / parties himself or their authorized representatives in the fixed date & time. The term & condition can be downloaded from the District website-**www.sundergarh.nic.in.**
The undersigned reserves the right to accept / reject all the tenders without assigning any reason thereof.
**Sd./- Dr.D.K. Sarangi,**
**Chief District Medical & Public Health Officer,**
**Sundargarh.**
10100/11/0080/1819

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**
**ଇ-ଟେଣ୍ଡର ନିମନ୍ତ୍ରଣ ସୂଚନା**

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଶ୍ରମିକ ଯୋଗାଣ ଏବଂ ଟଙ୍କା ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ସମର୍ଥ ଓ ଅଭିଜ୍ଞତା ଥିବା ଶ୍ରମିକ ଏବଂ ପରିବହନ ଠିକାଦାରଙ୍କ ଠାରୁ ଦୁଇ ବିଡ୍ ପ୍ରଣାଳୀରେ ଇ-ଟେଣ୍ଡର ନିମନ୍ତ୍ରଣ କରୁଛନ୍ତି । ଶ୍ରମିକ ଏବଂ ପରିବହନ ଠିକାଦାରଙ୍କର ପରିବହନ କ୍ଷେତ୍ରରେ ନ୍ୟୁନତମ ୫ ବର୍ଷ ଏବଂ ଶ୍ରମିକ ଯୋଗାଣ କ୍ଷେତ୍ରରେ ନ୍ୟୁନତମ ୩ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ଠିକାଦାରଙ୍କ ପାଖରେ (୧) ଟ୍ରକ (ଯଥେଷ୍ଟ ମୋଟେଇ ତଥା ଉପଯୁକ୍ତ ଲକିଙ୍ଗ ସିଷ୍ଟମ ଏବଂ **GPS** ବ୍ୟବସ୍ଥା ଥିବା ୯ ଟନ ବୋଝେଇ କ୍ଷମତାଶୀଳ) ଦ୍ୱାରା ଟଙ୍କା ଏବଂ ମୁଦ୍ରା ରିଜର୍ଭ ବ୍ୟାଙ୍କରୁ/କୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ମୁଦ୍ରା କୋଷରୁ/କୁ, ବ୍ୟାଙ୍କ ଶାଖାରୁ/କୁ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରେସରୁ/କୁ ଓ ଅନ୍ୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଇତ୍ୟାଦି ରୁ/କୁ ରୋଡ଼ ଯୋଗେ ପଠେଇବା ନିମନ୍ତେ (୨) ଅନୁସୂଚୀରେ ଥିବା ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଯୋଗାଣ ହେତୁ ଉପଯୁକ୍ତ ତଥ୍ୟ ଏବଂ ବିଧିମାନ୍ୟ ଲାଇସେନ୍ସ ଥିବା ଆବଶ୍ୟକ ।

୨. ଉପରୋକ୍ତ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ବିବରଣୀ **https://www.mstcecommerce.com/eprochome/rbi** ୱେବସାଇଟରେ ଉପଲବ୍ଧ । ସମ୍ପୂର୍ଣ୍ଣ ବିବରଣୀ ତଥା ଯୋଗ୍ୟତା ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ତଥ୍ୟ ବ୍ୟାଙ୍କର ୱେବସାଇଟ **https://www.rbi.org.in** ରେ ଉପଲବ୍ଧ । ଏହି ଟେଣ୍ଡରର ସମସ୍ତ ପ୍ରକ୍ରିୟା **M/s MSTC Ltd** ର **e-tendering portal https://www.mstcecommerce.com/eprochome/rbi** ରେ କାର୍ଯ୍ୟକାରୀ ହେବ । ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା ଠିକାଦାରମାନେ ନିଜକୁ ଉପରୋକ୍ତ ୱେବସାଇଟରେ ରେଜିଷ୍ଟ୍ରେସନ କରିବାକୁ ପଡିବ ।
୩. ଟେଣ୍ଡର ଆବେଦନର ଶେଷ ତାରିଖ ୨୮.୦୨.୨୦୧୯ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ରହିବ । ଟେଣ୍ଡରର ଭାଗ-୧ (ବୈଷୟିକ ବିଡ୍ ) ସେହି ଦିନ ଅପରାହ୍ନ ୦୩.୦୦ ଘଟିକାରେ ଖୋଲା ହେବ ଏବଂ ଭାଗ-୧ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବା କେବଳ ସେହି ଠିକାଦାରଙ୍କ ଭାଗ-୨ (ମୂଲ୍ୟ ବିଡ୍ ) ଖୋଲା ଯିବ ।
୪. କୌଣସି କାରଣ ନ ଦର୍ଶାଇ ଏହି ସମ୍ବନ୍ଧୀୟ କୌଣସି ଏକ ଆବେଦନପତ୍ର ବା ସମସ୍ତ ଆବେଦନପତ୍ରକୁ ନାକଚ କରିବାର ଅଧିକାର ବ୍ୟାଙ୍କର ରହିଛି ।

ବି.ଦ୍ର. : ସମସ୍ତ ଠିକାଦାର ମାନଙ୍କୁ ଅବଗତ କରାଇ ଦିଆ ଯାଉଛି ଯେ ଟେଣ୍ଡର ସମ୍ବନ୍ଧୀୟ କୌଣସି ସଂଶୋଧନ / ଶୁଦ୍ଧିପତ୍ରର ଭବିଷ୍ୟତରେ **RBI** ଓ **MSTC Ltd** ୱେବସାଇଟରେ ଅଧିସୂଚିତ ହେବ ଏବଂ ଏହି ତଥ୍ୟ କୌଣସି ସମ୍ବାଦ ପତ୍ରରେ ପ୍ରକାଶିତ ହେବ ନାହିଁ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭାରତୀୟ ରିଜର୍ଭ ବ୍ୟାଙ୍କ
ଭୁବନେଶ୍ୱର

> ଭୁଲ୍ ବେଳେବେଳେ ହୋଇଥାଏ। ଷ୍ଟିଭେନ ସ୍ମିଥ୍‌ଙ୍କୁ ଆମେ ଭଲପାଇବା ସହ ଟିମ୍‌କୁ ସ୍ୱାଗତ କରିବୁ ।
>
> –ଅଜିଙ୍କ୍ୟ ରାହାନେ
> ରାଜସ୍ଥାନ ରୟାଲ୍ସ ଅଧିନାୟକ



> ୨୦୧୯ ଆଇସିସି ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଲାଗି ରିଷଭ ପନ୍ତ, ବିଜୟ ଶଙ୍କର ଓ ଅଜିଙ୍କ୍ୟ ରାହାନେ ଦାବିଦାର ରହିଛନ୍ତି ।
>
> –ଏମ୍.ଏସ୍.କେ. ପ୍ରସାଦ, ଭାରତୀୟ ଚୟନ କମିଟି ଅଧ୍ୟକ୍ଷ



## ସଂକ୍ଷେପରେ

### ପାକିସ୍ତାନର ସ୍ମରଣୀୟ ଦିନିକିଆ ସିରିଜ ବିଜୟ

**ଦୁବାଇ, ୧୧।୨:** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ୍ ଟିମ୍ ବିପକ୍ଷରେ ସୋମବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌କୁ ପାକିସ୍ତାନ ୪ ଉଇକେଟ୍‌ରେ ଜିତିନେଇଛି। ପାକିସ୍ତାନ ମହିଳା କ୍ରିକେଟ ଟିମ୍ ଏଥିସହ ୨-୧ରେ ସିରିଜ ବିଜୟୀ ହୋଇଛି। ଏଥିସହ ପାକିସ୍ତାନ ପ୍ରଥମଥର ଲାଗି ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଦିନିକିଆ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଛି। ପୂର୍ବରୁ ପ୍ରଥମ ଦିନିକିଆକୁ ୱେଷ୍ଟଇଣ୍ଡିଜ ୧୪୬ ରନରେ ଏବଂ ୨ୟ ଦିନିକିଆକୁ ପାକିସ୍ତାନ ୩୪ ରନରେ ଜିତିଥିଲା। ସୋମବାର ସ୍ଥାନୀୟ ଆଇସିସି କ୍ରିକେଟ୍ ଏକାଡେମୀଠାରେ ଖେଳାଯାଇଥିବା ଏହି ଲୋ-ସ୍କୋରିଂ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୪୭.୩ ଓଭରରେ ୧୫୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଷ୍ଟାଫିନ ଟେଲର ୫୨ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ଡିଆନ ବେଗ୍ ଓ ନଶ୍ରା ସାନ୍ଧୁ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଓପନର୍ ସିଦ୍ରା ଅମିନ୍ (୫୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ୬ ଉଇକେଟ୍ ହରାଇ ୧୬ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟ ସହ ପାକିସ୍ତାନ (୧୨ ପଏଣ୍ଟ) ଆଇସିସି ୱିମେନ୍ସ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅଷ୍ଟ୍ରେଲିଆ (୧୬), ନ୍ୟୁଜିଲାଣ୍ଡ (୧୪) ଓ ଭାରତ (୧୨) ମହିଳା କ୍ରିକେଟ୍ ଟିମ୍ ଯଥାକ୍ରମେ ତାଲିକାର ଟପ୍-୩'ରେ ରହିଛନ୍ତି।

### କମିନ୍ସଙ୍କୁ ଆଲାନ ବର୍ଡର ମେଡାଲ

**ସିଡନୀ, ୧୧।୨:** ଚଳିତ ବର୍ଷର ଅଷ୍ଟ୍ରେଲିଆ କ୍ରିକେଟ ପୁରସ୍କାର ପ୍ରଦାନ କରାଯାଇଛି। ପ୍ୟାଟ କମିନ୍ସ ଓ ହାର୍ଡ ହିଟିଂ ଅଲିଶା ହିଲି ଶ୍ରେଷ୍ଠ ପୁରସ୍କାର ହାସଲ କରିଛନ୍ତି। କମିନ୍ସ ୨୦୧୯ ଆଲାନ ବର୍ଡର ପୁରସ୍କାର ଓ ହିଲିଙ୍କୁ ବେଲିଣ୍ଡା କ୍ଲାର୍କ ପୁରସ୍କାର ପ୍ରଦାନ କରାଯାଇଛି। କ୍ରିକେଟ ଅଷ୍ଟ୍ରେଲିଆ ଓ ଅଷ୍ଟ୍ରେଲିଆନ୍ କ୍ରିକେଟର୍ସ ଆସୋସିଏଶନ ନୂଆ ରୂପରେ ଏହି ପୁରସ୍କାରମାନ ପ୍ରଦାନ କରିଛି। ହିଲି ଦିନିକିଆ, ଟି୨୦ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିବା ବେଳେ ବେଲିଣ୍ଡା କ୍ଲାର୍କ ମେଡାଲ ହାସଲ କରିଛନ୍ତି। ମିଚେଲ ଜନସନଙ୍କ ପରେ କମିନ୍ସ ପ୍ରଥମ ବୋଲରଭାବେ ନାଥନ ଲିୟନଙ୍କୁ ପଛରେ ପକାଇ ଆଲାନ ବର୍ଡର ମେଡାଲ ପାଇଛନ୍ତି। ଲିୟନ ଅବଶ୍ୟ ଟେଷ୍ଟ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ଡିନ୍ ଜୋନ୍ସ, ବିଲି ମୁର୍ଡୋଚ୍ ଓ କାଥରିନ ଫିଜପାଟ୍ରିକ ଅଷ୍ଟ୍ରେଲିଆନ୍ ହଲ ଫେମ୍‌ରେ ସାମିଲ ହୋଇଛନ୍ତି।

### ପିଙ୍କ୍ ଜର୍ସି ପିନ୍ଧିବ ରାଜସ୍ଥାନ ରୟାଲ୍ସ


**ନୂଆଦିଲ୍ଲୀ, ୧୧।୨:** ରାଜସ୍ଥାନ ରୟାଲ୍ସ ଦଳ ଆଗାମୀ ଆଇପିଏଲ୍‌ରେ ପିଙ୍କ୍ ରଙ୍ଗର ଜର୍ସି ପିନ୍ଧି ଖେଳିବ। ଏଥିନେଇ ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯାଇଛି। ଗତ ସଂସ୍କରଣରେ ପିଙ୍କ୍ ଜର୍ସିକୁ ପ୍ରଶଂସକଙ୍କଠାରୁ ସମର୍ଥନ ମିଳିବା ପରେ ଜର୍ସିର ରଙ୍ଗରେ ପରିବର୍ତ୍ତନ କରାଯାଇଛି। ଏହି ରଙ୍ଗକୁ ଅଫିସିଆଲ ଜର୍ସି ଭାବେ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି ଫ୍ରାଞ୍ଚାଇଜ ମାଲିକ ମନୋଜ ବାଦଲେ କହିଛନ୍ତି।

# କୁଲଦୀପଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା

## ଟି୨୦ ର୍‍ୟାଙ୍କିଙ୍ଗ୍

**ଦୁବାଇ,୧୧।୨(ପିଟି)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ନୂଆ ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ସେ ମଧ୍ୟ ବୋଲରଙ୍କ ର୍‍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଏହା ତାଙ୍କ ଟି୨୦ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। ତାଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବୋଲର ଟପ୍ ୧୦ରେ ସ୍ଥାନ ପାଇନାହାନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଆଫଗାନିସ୍ତାନ ସ୍ପିନର ରସିଦ୍ ଖାଁ। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ମାନ୍ୟତାରେ ଅବନତି ଦେଖାଯାଇଛି। ସେ ପୂର୍ବାପେକ୍ଷା ୬ଟି ସ୍ଥାନ ତଳକୁ ଖସି



୧୭ତମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ପେସର ଭୁବନେଶ୍ୱର କୁମାର (୧୮ତମ)। ପାକିସ୍ତାନ ବ୍ୟାଟ୍ସମ୍ୟାନ ବାବର ଆଜମଙ୍କ ନେତୃତ୍ୱାଧୀନ ତାଲିକାରେ ରୋହିତ ୭ମ ସ୍ଥାନ ଅଧିକାର କରିଥିବାବେଳେ ଲୋକେଶ ରାହୁଲ ଟପ୍ ୧୦ରୁ ଖସିଯାଇଛନ୍ତି। ରୋହିତ୍‌ଙ୍କ ଓପନିଂ ପାର୍ଟନର ଶିଖର ଧାୱନ ୧୧ତମ ସ୍ଥାନ ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ନ ଖେଳିବାରୁ ବିରାଟ କୋହଲିଙ୍କ ମାନ୍ୟତାରେ ହ୍ରାସ ଘଟିଛି। ଭାରତୀୟ ଅଧିନାୟକ ୪ ସ୍ଥାନ ତଳକୁ ଖସି ଜିମ୍ବାୱେର ହାମିଲଟନ ମାସ୍‌କାଡ୍‌ଜାଙ୍କ ସହ ମିଳିତ ୧୯ତମ ର୍‍ୟାଙ୍କିଙ୍ଗ୍ ପାଇଛନ୍ତି। ବାମହାତୀ ସ୍ପିନର କ୍ରୁନାଲ ପାଣ୍ଡ୍ୟା ୩୯ ପାହ୍ୟା ଉପରକୁ ଉଠି ୫୯ତମ ଅଧିକାର କରିଛନ୍ତି। ଏହା ତାଙ୍କ ପାଇଁ ଶ୍ରେଷ୍ଠ ମାନ୍ୟତା। ଏହାବାଦ୍ ନ୍ୟୁଜିଲାଣ୍ଡ ଦଳଠାରୁ ଗତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ହାରିବା ପରେ ମଧ୍ୟ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ହେଲେ ଦୁଇ ପଏଣ୍ଟ ହରାଇବାକୁ ପଡ଼ିଛି। ପାକିସ୍ତାନ ଦଳ ପୂର୍ବଭଳି ଶୀର୍ଷରେ ରହିଛି।

# ଆଜିଠାରୁ ଇରାନୀ କପ୍: ଅବଶିଷ୍ଟ ଭାରତ-ବିଦର୍ଭ ମୁକାବିଲା

**ନାଗପୁର,୧୧।୨(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାରଠାରୁ ଇରାନୀ କପ୍ ଆରମ୍ଭ ହେବ। ୫ଦିନ ଧରି ଚାଲିବାକୁ ଥିବା ଏହି ମ୍ୟାଚ୍‌ରେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଅବଶିଷ୍ଟ ଭାରତ ଓ ଏଥରର ରଣଜୀ ଚାମ୍ପିୟନ ବିଦର୍ଭ ପରସ୍ପରକୁ ଭେଟିବେ। ଆଗକୁ ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଚୟନକର୍ତ୍ତାମାନେ ଏହି ମ୍ୟାଚ୍ ଉପରେ ନଜର ରଖିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିବାକୁ ଆଶା ରଖିଥିବା ରାହାନେ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛନ୍ତି। ଗତଥର ବିଦର୍ଭ ଉଭୟ ରଣଜୀ ଟ୍ରଫି ଓ ଇରାନୀ କପ୍ ହାସଲ କରିଥିଲା। ଅବଶିଷ୍ଟ ଭାରତୀୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼। ରାହାନେଙ୍କ ସମେତ ମୟଙ୍କ ଅଗ୍ରୱାଲ, ଶ୍ରେୟାସ ଆୟର, ହନୁମା ବିହାରୀଙ୍କ ଭଳି ବ୍ୟାଟ୍ସମ୍ୟାନ ବିଦର୍ଭ ପାଇଁ ସମସ୍ୟା ସୃଷ୍ଟି କରିବେ। ବିଦର୍ଭ ଦଳରେ ବରିଷ୍ଠ ବୋଲର ଉମେଶ ଯାଦବ ଇଞ୍ଜୁରୀ କାରଣରୁ ଖେଳିବେ ନାହିଁ। ତାଙ୍କୁ ବିଶ୍ରାମ କରିବାକୁ ପରାମର୍ଶ ଦିଆଯାଇଛି। ତାଙ୍କ ବଦଳରେ ଯଶ ଠାକୁର ଦଳରେ ସାମିଲ ହୋଇଛନ୍ତି। ତେବେ ଦଳରେ ୪୧ ବର୍ଷୀୟ ଅଭିଜ୍ଞ ବ୍ୟାଟ୍ସମ୍ୟାନ ୱାସିମ ଜାଫର, ବାମହାତୀ ସ୍ପିନର ଆଦିତ୍ୟ ସରୱାତେ, ଉଇକେଟ କିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଡେକର ଓ ଦ୍ରୁତ ବୋଲର ରଜନୀଶ ଗୁର୍ବାନୀ ରହିଛନ୍ତି। ଉଭୟ ଦଳରେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନଙ୍କ ସମେତ ଦ୍ରୁତ ବୋଲର ଓ ସ୍ପିନର ରହିଛନ୍ତି। ଫଳରେ ଏହି ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ସହ ରୋମାଞ୍ଚ ହେବ ବୋଲି ଆଶା କରାଯାଉଛି।

**ଅବଶିଷ୍ଟ ଭାରତୀୟ ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଅନମୋଲପ୍ରୀତ ସିଂ, ହନୁମା ବିହାରୀ, ଶ୍ରେୟାସ ଆୟାର, ଇଶାନ କିଷନ, କ୍ରିଷ୍ଣାପ୍ପା ଗୋଥାମ, ଧର୍ମେନ୍ଦ୍ରସିନ ଜାଡେଜା, ରାହୁଲ ଚହର, ଅଙ୍କିତ ରାଜପୁତ, ଟିଏମ୍ ଉଲ ହକ, ରୋନିତ ମୋରେ, ସନ୍ଦୀପ ୱାରିୟର, ରିଙ୍କୁ ସିଂ ଓ ସ୍ନେଲ ପଟେଲ।

**ବିଦର୍ଭ ଦଳ:** ଫୈଜ ଫଜଲ (ଅଧିନାୟକ), ସଞ୍ଜୟ ରଘୁନାଥ, ୱାସିମ ଜାଫର, ମୋହିତ କାଲେ, ଗଣେଶ ସତୀଶ, ଅକ୍ଷୟ ୱାଡେକର, ଆଦିତ୍ୟ ସରୱାତେ, ଅକ୍ଷୟ କର୍ନେୱାର, ଅକ୍ଷୟ ୱାଖରେ, ଉମେଶ ଯାଦବ, ରଜନୀଶ ଗୁର୍ବାନୀ, ଶ୍ରୀକାନ୍ତ ୱାଘ୍, ଲଳିତ ଏମ୍ ଯାଦବ, ଯଶ ଠାକୁର, ଆଦିତ୍ୟ ଠାକରେ ଓ ଅର୍ଥବ ତାଇଡେ।

# କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ

## ଷ୍ଟାଡିୟମ ଅନୁଧ୍ୟାନ କଲେ କ୍ରୀଡ଼ା ସଚିବ

**କଟକ ଅଫିସ,୧୧।୨:** ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି)ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣ ଓଡ଼ିଶାରେ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ତେବେ ଏହା କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବ ବୋଲି ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ସ୍ପଷ୍ଟ ଘୋଷଣା କରାଯାଇଛି। କଟକ କିମ୍ବା ଭୁବନେଶ୍ୱର କେଉଁଠାରେ ଏହି ଚାମ୍ପିୟନଶିପ ହେବ ସେ ନେଇ ସଂଘ ପୂର୍ବରୁ ଦୋ ଛକିରେ ରହିଥିଲା। ଅନ୍ୟପକ୍ଷରେ ସୋମବାର ପ୍ରତିଯୋଗିତା ଆୟୋଜନ ନେଇ ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ରାଜ୍ୟ ସଂଘ ସଭାପତି ଏଲ୍.ଏନ୍ ଗୁପ୍ତା ଓ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏବେ କେବଳ ଖେଳାଳିମାନଙ୍କ ରହଣି ଓ ଯାତାୟାତ ବ୍ୟବସ୍ଥା ନେଇ ଚିନ୍ତା ରହିଛି। ସେ ଦିଗରେ ଖୁବଶୀଘ୍ର ଆଲୋଚନା କରାଯିବ ବୋଲି ସମ୍ପାଦକ ପରିଡ଼ା କହିଛନ୍ତି। ଏହି ଚାମ୍ପିୟନଶିପ ଉତ୍ତରପ୍ରଦେଶର ଲକ୍ଷ୍ନୌରେ କରାଯିବ ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ସ୍ଥିର କରିଥିଲା। ମାତ୍ର ଗତ ମାସରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳପୂର୍ଣ୍ଣ ଭାବେ ଆୟୋଜିତ ହେବା ପରେ ଫେଡେରେଶନ ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଥିଲା। ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ୍.ପି ସିଂ ଅତିଥି ଭାବେ ଯୋଗ ଦେବା ସହ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ ହେବ ବୋଲି କହିଥିଲେ।

# ଅଶୋକ ଦିଣ୍ଡା ଆହତ

**କୋଲକାତା,୧୧।୨:** ଭାରତୀୟ ପେସର ଅଶୋକ ଦିଣ୍ଡା ସୋମବାର ଏକ ଅଭ୍ୟାସ ମ୍ୟାଚ୍‌ବେଳେ ଆହତ ହୋଇଛନ୍ତି। ସ୍ଥାନୀୟ ଇଡେନ ଗାର୍ଡେନରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନ ବିବେକ ସିଂଙ୍କ ଏକ ଷ୍ଟ୍ରେଟ୍ ଡ୍ରାଇଭ ଶର୍ଟ ବୋଲିଂ କରୁଥିବା ଦିଣ୍ଡାଙ୍କ କପାଳରେ ଖୁବ୍ ଜୋରରେ ବାଜିଥିଲା। ବଲ୍ ବାଜିବା ପରେ ସେ ତୁରନ୍ତ ପିଚ୍‌ରେ ପଡ଼ିଯାଇଥିଲେ। ତୁରନ୍ତ ସେଠାରେ ଉପସ୍ଥିତ ଥିବା ଖେଳାଳି ଓ ଫିଜିଓ ତାଙ୍କ ନିକଟକୁ ଦୌଡ଼ି ଆସିଥିଲେ। ତେବେ ଓଭର ଶେଷ କରିବା ପରେ ୩୪ ବର୍ଷୀୟ ବୋଲରଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ସିଟି ସ୍କାନ୍ କରାଯିବା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ୱାର୍ଲ୍ଡ ପାରା ଗେମ୍ସରେ ପ୍ରମୋଦ, ରମେଶ



ପ୍ରମୋଦ ଭଗତ



ଭି. ରମେଶ ରାଓ

**ଭୁବନେଶ୍ୱର, ୧୧।୨(ସ୍ପୋର୍ଟସ ବ୍ୟୁରୋ):** ୱାର୍ଲ୍ଡ ପାରା ଗେମ୍ ଚଳିତ ମାସ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ୟୁଏଇର ଶାରଜାଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଦୁଇ ତାରକା ପାରା କ୍ରୀଡ଼ାବିତ୍ ପ୍ରମୋଦ ଭଗତ୍ ଓ ଭି. ରମେଶ ରାଓ ଅଂଶଗ୍ରହଣ କରିବେ। ପ୍ରମୋଦ ବ୍ୟାଡ୍‌ମିଣ୍ଟନରେ ଏବଂ ରମେଶ ହୁଇଲ୍ ଚେୟାର୍ ଫେନ୍ସିରେ ଭାଗନେବେ। ଛ' ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଆଥ୍‌ଲେଟିକ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ରୋଇଂ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ ଓ ହ୍ୱିଲ ଚେୟାର ଫେନ୍ସିଂରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦୁଇ ଓଡ଼ିଆ ପ୍ରତିଯୋଗୀ ଏଥିରେ ଭଲ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ପାରା ପ୍ଲେୟାର ଫୋରମ୍‌ର ସାଧାରଣ ସମ୍ପାଦକ ରାଖେଲ କୁମାର ସେଠୀ ଆଶାବାଦୀ ରହିଛନ୍ତି।

# ତରସିଲାଙ୍କ ହ୍ୟାଟ୍ରିକ: ଓଡ଼ିଶା ବିଜୟୀ

**କଟକ ଅଫିସ,୧୧।୨:** ହରିୟାଣାର ହିସାରଠାରେ ଚାଲିଥିବା ୯ମ ସିନିୟର ମହିଳା ହକି ଜାତୀୟ ଚାମ୍ପିୟନଶିପ (ଡିଭିଜନ-ଏ)ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୫-୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ତରସିଲା ବେକ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ। ସଙ୍ଗୀତା ରୋଜ କୁଲୁ, ଅସୀମ ବାର୍ଲା ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ୨ଟି ମ୍ୟାଚ୍‌ରେ କର୍ଣ୍ଣାଟକଠାରୁ ୩-୦ ଗୋଲରେ ଓ ୮-୦ ଗୋଲରେ ରେଲୱେ ସ୍ପୋର୍ଟସ ପ୍ରମୋସନ ବୋର୍ଡ(ଆରଏସ୍‌ପିବି)ଠାରୁ ପରାସ୍ତ ହେବା ପରେ ଓଡ଼ିଶାର ଏହା ପ୍ରଥମ ବିଜୟ।


**GOVERNMENT OF ODISHA**
**EXECUTIVE ENGINEER, BOUDH (R&B) DIVISION, BOUDH**
E-mail- eeboudhrb@gmail.com
**INVITATIONS FOR BIDS (IFB)**
**"e" Procurement Notice**
1252-B

Letter No. 357 dtd. 07.02.2019

**Bid Identification No. EE (R and B)-BDH 23/2018-19**

1) Name of the work : 01 (One) No. of Internal Electrification work (Double cover)
2) Estimated Cost : Rs.56.00 lakhs
3) Period of Completion : 1 (One) Calendar months
4) Date & Time of availability of Bid documents in the portal : From 14.02.2019, 10.00 AM to 23.02.2019, 5.00 PM
5) Last date/time for seeking of Tender Clarification : 22.02.2019 upto 5.00 PM
6) Last date / time for receipt of bids in the portal : upto 5.00 PM of dated 23.02.2019
7) Date & time of opening of tender /Bid : 25.02.2019 at 11.30 AM
8) Name and address of the O.I.T. : Executive Engineer, Boudh (R&B) Division.

Further details corrigendum(s) can be seen from the website http://tendersorissa.gov.in

*Sd./- Executive Engineer, Boudh (R&B) Division, Boudh*

34134/11/0037/1819



**GOVERNMENT OF ODISHA**
**ST& SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI,**
**INVITATION FOR BID (IFB)** NO-CAD-1396

**Bid Identification No. PA ITDA PLB-03 of 2018-19**

**Letter No.258** **Date.08.02.2019**

The Project Administrator ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 11 Nos. Road / Bridge / Building / Water Supply Works. The bidders have to participate in "online" bidding only. The website for online bidding is **www.tendersorissa.gov.in.** The details of bid documents will be available in above website from 11.00 AM. of 13.02.2019 to 5.00 PM. of 23.02.2019. The bidders must possess compatible Digital Signature Certificate (DSC) of Class- II or Class- III, Bids received online shall be opened at 11.30 A.M. on 25.02.2019 in the office of the Project Administrator, ITDA, Phulbani, Further details can be seen from the website **www.tendersorissa.gov.in.**

*Sd./- Project Administrator ITDA, Phulbani*

19069/11/0005/1819



OFFICE OF THE D.F.O., BHADRAK AND SECRETARY MANAGEMENT SOCIETY, DHAMARA FISHING HARBOUR, DHAMARA
**www.dhamarafishingharbour.org, EID: manager.msdfh@gmail.com, Ph. No: 06786-222500**

**Notice No. 42** **Dt. 29.01.2019**

**EXPRESSION OF INTEREST (E.O.I.) OF SCRAP MATERIALS**

Management Society, Dhamara Fishing Harbour, Dhamara of Bhadrak District invites sealed tenders/ E.O.I. from registered Govt./ Private organizations for unused Scrap materials of Dhamara Fishing Harbour. The agencies/ company having good track record with GSTIN, PAN, Regd. License and other relevant experience with documents in this line is eligible to apply. Interested Regd. Organizations/ Regd. Agencies should submit their proposal (Technical as well as Financial Bids) along with all supporting documents in sealed envelope must superscribed with "Application for SCRAP MATERIALS of Management Society, Dhamara Fishing Harbour, Dhamara" through Regd. Post/ Speed Post to the Office of the Manager, Management Society, Dhamara Fishing Harbour, Dharama from 1st February 2019 to 19th February 2019 with Office hour Positively. They are requested to appear before the selection committee on Dt. 20th February 2019 at time 11.30 AM when the tender will open in the office of the District Fisheries Officer, Bhadrak and Secretary, Management Society, Dhamara Fishing Harbour, Dhamara, Bhadrak near Bonth Chhak Bus Stand along with their related documents. The details E.O.I. Paper can be available in the office of the Manager, Management Society, Dhamara Fishing Harbour, Dhamara on payment of Rs. 1000/- (Rupees One Thousand) only through Cash/ NEFT with our IDBI banks SB A/c No. 255104000014827, IFSC No. IBKL0000255. The undersigned has reserve the rights to cancel any or all application without assigning any reason thereof.

**Sd./- Santosh Kumar Dalai**
**DFO, Bhadrak & Secretary**
**Management Society, Dhamara Fishing Harbour, Dhamara**



**GOVERNMENT OF ODISHA** 1263-A
**Office of the Executive Engineer, Berhampur Irrigation Division, Berhampur**
Phone/FAX No. 0680 2281983, e-mail: eebam_irr@yahoo.com

**e-Procurement Notice No. e-BEID-5/2018-19**

1. Name of the Scheme : Flood Restoration works and Canal/Flood Embankment & road Works for the year 2019-20.
2. Total No. of Works : 30 (Thirty) Nos. of individual works.
3. Estimated cost : Varies from Rs.6.21 Lakhs to Rs.28.03 Lakhs.
4. Period of Completion : Two to Three months.
5. Other details as follows :

| Sl. No. | Procurement Officer | Bid identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 30 | Executive Engineer, Berhampur Irrigation Division, Berhampur | e-BEID-149/ 2018-19 to e-BEID-178/ 2018-19 | From 14.02.2019 (10.00AM) to 23.02.2019 (5.00PM) | From 14.02.2019 (10.00AM) to 23.02.2019 (5.00PM) | 25.02.2019 (11.30AM) in the office of the Executive Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

32025/11/0007/1819 *Executive Engineer, Berhampur Irrigation Division*



**e-PROCUREMENT NOTICE**

No.1652-O:- **Tender Online No. 12 of 2018-19**

| | | |
|---|---|---|
| 1 | Name of the Work | Building works for 2018-19 mentioned in column 2 of table of N.I.T. |
| 2 | Estimated cost | Specified against each work in column 3 of table of N.I.T. excluding Goods and Services Tax. |
| 3 | Earnest Money Deposit | Specified against each work in column 4 of table of N.I.T. |
| 4 | Period of completion | Specified against each work in column 6 of table of N.I.T. |
| 5 | Class of contractors | Specified against each work in column 5 of table of N.I.T. |
| 6 | Cost of Tender Paper | Specified against each work in column 7 of table of N.I.T |

Other details for the N.I.T.:

| | | |
|---|---|---|
| 1 | Procurement Officer | Executive Engineer, Rural Works Division, Jagatsinghpur |
| 2 | Date & time of availability of bid documents in Portal | 15/02/2019 at 11:00 hrs |
| 3 | Last date & time for receipt of bids in Portal | 23/02/2019 at 17:00 hrs |
| 4 | Last date & time of seeking of Bid clarification | 22/02/2019 at 15:00 hrs |
| 5 | Opening of tender | 25/02/2019 at 11:30 hrs at the Office of Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

**Executive Engineer**
**Rural Works Division**
**Jagatsinghpur**

25056/11/0012/1819



**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବୌଦ୍ଧ**

**ବିଜ୍ଞାପନ ନଂ. ୩୯୬** **ତା. ୦୭।୦୨।୨୦୧୯**

ଏତଦ୍ୱାରା ବୌଦ୍ଧ ଜିଲ୍ଲା ଅଧୀନରେ ବସବାସ କରୁଥିବା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆର୍ଥିକ ବର୍ଷ ୨୦୧୮-୧୯, ତା. ୦୧।୦୪।୨୦୧୮ରୁ ୩୦।୦୯।୨୦୧୮ ପର୍ଯ୍ୟନ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଅଧୀନରେ ଦିଆଯାଉଥିବା ସହାୟତା ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ଓ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଧାର୍ଯ୍ୟ ତାରିଖରେ ଉକ୍ତ ଗ୍ରାମ ପଞ୍ଚାୟତରେ ସକାଳ ୧୦.୦୦ ଘଟିକାରେ ଆରମ୍ଭ ହେବ। ତେଣୁ ସମସ୍ତ ନାଗରିକ, ହିତାଧିକାରୀ, କୁଶଳୀ, ଅଣକୁଶଳୀ ଶ୍ରମିକ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା ଆଦି ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଅଭିଯୋଗର ସମାଧାନ କରିବେ।

**ସାମାଜିକ ସମୀକ୍ଷା ଓ ଗ୍ରାମ ସଭାର କାର୍ଯ୍ୟସୂଚୀ**

| ବ୍ଲକ | ଗ୍ରାମ ପଞ୍ଚାୟତର ନାମ | (ଏନ୍‌ଏସ୍‌ଏପି) | | (ଏମ୍‌ଜିଏନ୍‌ଆର୍‌ଇଜିଏସ୍) | | ଗ୍ରାମ ସଭା ତାରିଖ |
|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | ସାମାଜିକ ସମୀକ୍ଷା ଆରମ୍ଭ | ସାମାଜିକ ସମୀକ୍ଷା ଶେଷ | |
| ବୌଦ୍ଧ | ଗୋଛାପଡ଼ା | ୧୮।୦୨।୨୦୧୯ | ୨୧।୦୨।୨୦୧୯ | ୨୨।୦୨।୨୦୧୯ | ୨୮।୦୨।୨୦୧୯ | ୨୮।୦୨।୨୦୧୯ |
| କଣ୍ଟାମାଳ | ଖଟଖଟିଆ | ୧୮।୦୨।୨୦୧୯ | ୨୧।୦୨।୨୦୧୯ | ୨୨।୦୨।୨୦୧୯ | ୨୮।୦୨।୨୦୧୯ | ୨୮।୦୨।୨୦୧୯ |
| ହରଭଙ୍ଗା | ବାମଣ୍ଡା | ୦୯।୦୩।୨୦୧୯ | ୧୨।୦୩।୨୦୧୯ | ୧୩।୦୩।୨୦୧୯ | ୧୯।୦୩।୨୦୧୯ | ୧୯।୦୩।୨୦୧୯ |

**ସ୍ୱା./- ଜିଲ୍ଲାପାଳ, ବୌଦ୍ଧ**



“ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି ଅନ୍ୟତମ। ସେ ଅତ୍ୟନ୍ତ ସ୍ପଷ୍ଟବାଦୀ । ତେଣୁ ସମସ୍ତେ ତାଙ୍କୁ ଭଲ ପାଇଥାନ୍ତି ।

–ସେନ୍ ୱର୍ନ, କିମ୍ବଦନ୍ତୀ ଅଷ୍ଟ୍ରେଲିଆ ବୋଲର



“ଦୀନେଶ କାର୍ତ୍ତିକ ଦର୍ଶନୀୟ ଶଟ୍‌ମାନ ଖେଳୁଥିଲେ। କିନ୍ତୁ ଅନ୍ତିମ ଓଭରରେ ସିଙ୍ଗଲ ନ ନେବା ତାଙ୍କର ଏକ ଭୁଲ୍ ନିଷ୍ପତ୍ତି ଥିଲା। ଟି୨୦ରେ ଛୋଟିଆ ଭୁଲ ଫଳାଫଳରେ ବଡ଼ ପ୍ରଭାବ ପକାଇଥାଏ ।

–ସଞ୍ଜୟ ମଞ୍ଜରେକର, ପ୍ରାକ୍ତନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ପ୍ରଥମ ମହାଦେଶୀୟ ମ୍ୟାଚ୍ ଖେଳିବ ମିନର୍ଭା

**ତେହେରାନ,୧୧।୨(ପି.ଟି.):** ଘରୋଇ ଆଇ- ଲିଗ୍ ଫୁଟବଲରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରି ନ ଥିଲେ ମଧ ମିନର୍ଭା ପଞ୍ଜାବ ଏଫ୍‌ସି ପ୍ରଥମଥର ପାଇଁ ଏକ ମହାଦେଶୀୟ ମ୍ୟାଚ୍ ଖେଳିବାକୁ ଯାଉଛି। ମଙ୍ଗଳବାର ତେହେରାନ୍‌ରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଏକ ପ୍ରିଲିମିନାରୀ ରାଉଣ୍ଡ ମ୍ୟାଚ୍‌ରେ ମିନର୍ଭା ଇରାନର ସାଇପା ଏଫ୍‌ସିକୁ ଭେଟିବ। ପୂର୍ବରୁ ଅବଶ୍ୟ ୨୦୧୭- ୧୮ ଆଇଲିଗ୍ ବିଜେତା ହିସାବରେ ମିନର୍ଭା ଏହି ଚାମ୍ପିୟନ୍ସ ଲିଗ୍‌ର ପ୍ରିଲିମିନାରୀ ପର୍ଯ୍ୟାୟ ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିଥିଲା। ୧୧ଟି ଦଳକୁ ନେଇ ଖେଳାଯାଉଥିବା ଆଇ- ଲିଗ୍ ପଏଣ୍ଟ ତାଲିକାରେ ମିନର୍ଭା ୧୬ଟି ମ୍ୟାଚ୍ ଖେଳି ୩ଟି ବିଜୟ, ୮ଟି ପରାଜୟ ଓ ୫ଟି ଡ୍ର ସହ ମୋଟ ୧୪ ପଏଣ୍ଟ ପାଇ ୯ମ ସ୍ଥାନରେ ରହିଛି। ଏହି ମହାଦେଶୀୟ ଟୁର୍ନାମେଣ୍ଟରେ ଆଗକୁ ବଢ଼ିବାକୁ ହେଲେ ଏହି ମ୍ୟାଚ୍‌ରେ ମିନର୍ଭାକୁ ଉଚ୍ଚକୋଟୀର ପଦର୍ଶନ କରିବାକୁ ହେବ। ଅନ୍ୟପଟେ ସାଇପା ଦ୍ୱିତୀୟ ଥର ପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ଯଦି ଏହି ମ୍ୟାଚ୍‌ରେ ବିଜୟୀ ହେଲେ ମିନର୍ଭା କାତାରର ଅଲ ରାୟାନ ଏସ୍‌ସିକୁ ଦୋହାରେ ଫେବୃୟାର ୧୯ରେ ଭେଟିବ। ପୁଣି ଯଦିବି ପରାସ୍ତ ହୁଏ ତେବେ ମିନର୍ଭା ଏଏଫ୍‌ସି କପ୍‌ରେ ତା'ର ସ୍ଥାନ ବଜାୟ ରଖିବ। ଏଏଫସି କପ୍ ସେକେଣ୍ଡ ଟାୟର କଣ୍ଟିନେଣ୍ଟାଲ କ୍ଲବ କମ୍ପିଟିସନ ରୂପେ ବିବେଚିତ ହେଉଛି।

### ଜେଏମ୍‌ଡି କ୍ଲବ ଚାମ୍ପିୟନ

**ଫୁଲନଖରା, ୧୧।୨:** କଟକ ସଦର ଡାହାଳିଆବାଗ ଖେଳ ପଡ଼ିଆରେ ଚାଲିଥିବା ଲେଲିନ୍ କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ବି. ଲାୟନ ଟିମ୍‌କୁ ପରାସ୍ତ କରି ଜେଏମ୍‌ଡି କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ବି. ଲାୟନ ୮ ଓଭରରେ ୧୧୫ ରନ କରିଥିଲା। ଜବାବରେ ଜେଏମ୍‌ଡି ୯ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଉଦ୍‌ଯାପନୀ ଉତ୍ସବରେ ଡାହାଳିଆବାଗ ଗ୍ରାମ୍ୟ କମିଟିର ଉପସଭାପତି ପ୍ରଶାନ୍ତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତକୁ ହରାଇ ବିପର୍ଯ୍ୟୟ ଘଟାଇଲା ନେପାଳ

**ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ**

**ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ବଡ଼ ବିପର୍ଯ୍ୟୟ ଘଟାଇଛି ନେପାଳ। ସମ୍ପ୍ରତି ୧୦୮ତମ ର୍‍ୟାଙ୍କିଙ୍ଗ୍‌ରେ ଥିବା ଏହି ଦଳ ୬୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆୟୋଜକ ଭାରତକୁ ୨–୧ ଗୋଲରେ ପରାସ୍ତ କରିଛି। ନେପାଳ ପକ୍ଷରୁ ସାବିତ୍ରା ଭଣ୍ଡାରୀ ୨ଟି ଗୋଲ ଦେଇଥିବାବେଳେ ଭାରତ ପକ୍ଷରୁ ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଭାରତର ଫାଇନାଲ ପ୍ରବେଶ ଆଶା ଝୁଲି ରହିଥିବାବେଳେ ନେପାଳର ଆଶା ଉଜ୍ଜୀବିତ ହୋଇଛି। କାରଣ ଶନିବାର ପ୍ରଥମ ମ୍ୟାଚରେ ଭାରତ ୧–୦ ଗୋଲରେ ଇରାନକୁ ହରାଇଥିବାବେଳେ ନେପାଳ ୦–୩ ଗୋଲରେ ମ୍ୟାନମାରଠାରୁ ହାରି ଯାଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ମ୍ୟାନମାର ୨–୦ ଗୋଲରେ ଇରାନକୁ ପରାସ୍ତ କରିଥିଲା। ଫଳରେ ୪ଟି ଯାକ ଦଳ ୨ଟି ଲେଖାଏ ମ୍ୟାଚ ଖେଳି ସାରିବାପରେ ମ୍ୟାନମାର ୬ ପଏଣ୍ଟ ସହିତ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଭାରତ ଓ ନେପାଳ ୩ ପଏଣ୍ଟ ଲେଖାଏ ପାଇ ସମାନ ସ୍ଥିତିରେ ରହିଛନ୍ତି। ବୁଧବାର ଶେଷ ଲିଗ୍ ମ୍ୟାଚରେ ଉଚ୍ଚ ର୍‍ୟାଙ୍କିଙ୍ଗ(୪୦ତମ) ପ୍ରାପ୍ତ ମ୍ୟାନମାରକୁ ଭେଟିବ ଭାରତ। ସେହିଦିନ ଅନ୍ୟ ଏକ ମ୍ୟାଚରେ ନେପାଳ ଓ ଇରାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚର ଫଳାଫଳ ପରେ ଟୁର୍ନାମେଣ୍ଟର ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବେ। ଶୁକ୍ରବାର ଫାଇନାଲ ଖେଳାଯିବ। ଭାରତ କ୍ରମାଗତ ୫ ବିଜୟ ପରେ ପ୍ରଥମ ପରାଜୟବରଣ କରିଛି। ଗୋଲ୍ଡ କପ୍ ପୂର୍ବରୁ ଦଳ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ୪ଟି ମ୍ୟାଚରେ ବିଜୟ ହାସଲ କରିଥିଲା।

ହକି ଅଲିମ୍ପିଆନ ପଦ୍ମଶ୍ରୀ ଦିଲୀପ ତିର୍କୀ ଖେଳାଳିଙ୍କ ସହ ପରିଚିତ ହେବାପରେ ଭାରତ–ନେପାଳ ମ୍ୟାଚ ଆରମ୍ଭ ହୋଇଥିଲା।

ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ୪ ମିନିଟ ମଧ୍ୟରେ ଦଳ ୨ ଥର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ମାତ୍ର ନେପାଳ ଗୋଲକିପର ଆଞ୍ଜିଲା ତୁମ୍ବାପୋ ସୁବ୍ବାଙ୍କ ଚମତ୍କାର ସେଭ୍ ଯୋଗୁ ଗୋଲ ହୋଇପାରି ନ ଥିଲା। ମାତ୍ର ଏହାପରେ ୨ ମିନିଟ ମଧ୍ୟରେ ନେପାଳ ୨ଟି ଗୋଲ ଦେଇ ମ୍ୟାଚରେ ବିପର୍ଯ୍ୟୟ ଭରି ଦେଇଥିଲା। ଭାରତର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ସାବିତ୍ରା ଭଣ୍ଡାରୀ ୫ମ ମିନିଟରେ ନେପାଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରି ଦଳୀୟ ଶିବିରରେ ଉତ୍ସାହ ଭରି ଦେଇଥିଲେ। ଭାରତୀୟ ଖେଳାଳିମାନେ ଗୋଲ ପରିଶୋଧ କଥା ଚିନ୍ତା କରୁଥିବାବେଳେ ୭ମ ମିନିଟରେ ଭଣ୍ଡାରୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ନେପାଳ ଖେଳାଳିଙ୍କ ଦ୍ୱାରା ମରାଯାଇଥିବା ଶଟ୍ ଭାରତୀୟ ଗୋଲକିପର ଅଧିନାୟିକା ଅଦିତି ଚୌହାନଙ୍କ ହାତରେ ବାଜି ଫେରି ଆସୁଥିବାବେଳେ ଭଣ୍ଡାରୀ ଫାଙ୍କା ଗୋଲପୋଷ୍ଟର ସୁଯୋଗ ନେଇ ବଲ୍‌କୁ ପୋଷ୍ଟ ଭିତରକୁ ଠେଲି ଦେଇଥିଲେ। ଫଳରେ ସ୍ୱାଭାବିକ ଭାବେ ଭାରତ ଚାପକୁ ଚାଲି ଆସିଥିଲା। ଏହାପରେ ନେପାଳ ଏହାର ରକ୍ଷଣଭାଗକୁ ଅଧିକ ଦୃଢ଼ କରି ଦେଇଥିଲା। ତେଣୁ ଭାରତୀୟ ଖେଳାଳିମାନେ ଅଧିକାଂଶ ସମୟ ନେପାଳ ହାଫ୍‌ରେ ବଲ୍ ରଖିଥିଲେ ହେଁ ଏହାର ରକ୍ଷଣଭାଗ ଭେଦ କରିପାରି ନ ଥିଲା। ଅଗ୍ରଣୀ ନେଇଥିବାରୁ ନେପାଳ ଖେଳାଳିଙ୍କ ବଡି ଲାଙ୍ଗୁଏଜ୍‌ରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ସେମାନେ ଉତ୍ସାହୀ ପ୍ରଦର୍ଶନ କରି ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ୨୧ତମ ମିନିଟରେ ଭାରତର ଇନ୍ଦୁମତୀ ମାରିଥିବା ଶଟ୍ ଅଳ୍ପକେ ନେପାଳ ଗୋଲପୋଷ୍ଟ ଉପର ଦେଇ ଚାଲିଯାଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୯ତମ ମିନିଟରେ ଗୋଲପୋଷ୍ଟ ନିକଟରେ ନେପାଳ ଖେଳାଳିଙ୍କ ଫାଉଲ୍ ଯୋଗୁ ଭାରତକୁ ଫ୍ରି-କିକ୍ ମାରିଥିଲା। ମାତ୍ର ଇନ୍ଦୁମତିଙ୍କ ଦୁର୍ବଳ ଶଟ୍ ନେପାଳ ଖେଳାଳିଙ୍କ ପ୍ରାଚୀରଭେଦ କରିପାରି ନ ଥିଲା। ୫୩ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ମାତ୍ର ନେପାଳ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଅନୁଜ ତମାଙ୍ଗ ବଲ୍ ନେପାଳ ଗୋଲଲାଇନ୍ ନିକଟରେ ପହଞ୍ଚି ଯାଇଥିଲେ। ଗୋଲକିପର ୱାଇଡ୍‌ରେ ଥିଲେ ହେଁ ଫାଙ୍କା ଗୋଲପୋଷ୍ଟ ଭିତରକୁ ବଲ୍ ପୁଶ୍ କରିପାରି ନ ଥିଲେ ତମାଙ୍ଗ। ୭୨ତମ ମିନିଟରେ ମଧ୍ୟ ଦଳପାଇଁ ଆଉ ଏକ ସୁଯୋଗ ଆସିଥିଲା। ନେପାଳ ଡି ଏରିଆ ଭିତରେ ବଲ୍ ପାଇଁ ସଂଘର୍ଷ ମଧ୍ୟରେ ସଞ୍ଜୁ ଓ ଆର.ସାନ୍ଧିୟା ରଙ୍ଗନାଥନ ଗୋଲ ଦେବାର ୨ ଥର ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। ୭୪ତମ ମିନିଟରେ ସଞ୍ଜୁ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ ହେଁ ରେଫରି ତାହାକୁ ଅଫ୍‌ସାଇଡ୍ ଦର୍ଶାଇଥିଲେ। ଫଳରେ ଭାରତୀୟ ଖେଳାଳି କିଛି ସମୟ ଖୁସି ମନାଇଥିଲେ ହେଁ ପରେ ବାସ୍ତବିକତାକୁ ହୃଦୟଙ୍ଗମ କରିଥିଲେ। ୮୨ତମ ମିନିଟରେ ଗୋଲପୋଷ୍ଟ ନିକଟରେ ନେପାଳ ଖେଳାଳିଙ୍କ ଫାଉଲ ଯୋଗୁ ଭାରତକୁ ଫ୍ରି-କିକ୍ ମିଳିଥିଲା। ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଚମତ୍କାର ଶଟ୍ ମାରି ରାଇଟ କର୍ନରରେ ବଲ୍‌କୁ ନେପାଳ ଗୋଲପୋଷ୍ଟ ଭିତରେ ଭର୍ତ୍ତି କରିଦେଇଥିଲେ। ଫଳରେ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ଏହାପରେ ଭାରତ ପକ୍ଷରୁ ଘନଘନ ଆକ୍ରମଣ ହୋଇଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା। ଶେଷ ହ୍ୱିସିଲ ବାଜିବାକ୍ଷଣି ନେପାଳ ଖେଳାଳିମାନେ ଦୌଡ଼ି ଆସି ପ୍ରଥମେ କୋଚ୍ ହରି ଖାଡ୍‌କାଙ୍କୁ କୁଣ୍ଢାଇ ପକାଇଥିଲେ ଏବଂ ପରେ ନାଚିକୁଦି ଖୁସି ମନାଇଥିଲେ।



ଭାରତ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## କଳିଙ୍ଗ କର୍ନର

### ଇଣ୍ଡିଆ ଇଣ୍ଡିଆ

ଭାରତ– ନେପାଳ ମ୍ୟାଚ ବେଳକୁ ଦର୍ଶକ ଗ୍ୟାଲେରୀରେ ଆଇ–ଲିଗ୍ ଟିମ୍ ଇଣ୍ଡିଆନ ଆରୋଜ ଏବଂ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ପିଲାମାନେ ଉପସ୍ଥିତ ଥିଲେ। ସେମାନେ ଇଣ୍ଡିଆ ଇଣ୍ଡିଆ ଧ୍ୱନି ଦେବା ସହ କରତାଳି ମାରି ଭାରତୀୟ ଖେଳାଳିଙ୍କୁ ଭରପୂର ଉତ୍ସାହିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିଛି ନେପାଳ ସମର୍ଥକଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ନେପାଳ ଜାତୀୟ ପତାକା ଧରିବା ସହ ନେପାଳ ନେପାଳ ଧ୍ୱନି ଦେଇ ଜାତୀୟ ଦଳକୁ ଉତ୍ସାହିତ କରିଥିଲେ।

### ଦର୍ଶକ ଷ୍ଟାଣ୍ଡରେ ମ୍ୟାନ୍‌ମାର ସମର୍ଥକ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଷ୍ଟାଡିୟମ ଗ୍ୟାଲେରି ଫାଙ୍କା ରହୁଥିବାବେଳେ ସୋମବାର ପ୍ରଥମ ମ୍ୟାଚ ସମୟରେ ୫୦ରୁ ଉର୍ଦ୍ଧ୍ୱ ମ୍ୟାନମାର ସମର୍ଥକଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା। ଦର୍ଶକମାନେ ବ୍ୟାନର ଟାଙ୍ଗିବା ସହ ତାଳିମାରି ବିଭିନ୍ନ ସମୟରେ ମ୍ୟାନମାର ଦଳକୁ ଉତ୍ସାହିତ କରିଥିଲେ। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ଇଞ୍ଜୁରି ଟାଇମ୍‌ରେ ୨ଟି ଗୋଲ ଦେଇ ମ୍ୟାନମାର ୨–୦ରେ ଇରାନକୁ ପରାସ୍ତ କରିଥିଲା।



ଗୋଲ୍‌ସ୍କୋର ପରେ ଉଲ୍ଲସିତ ମ୍ୟାନମାର ଖେଳାଳି।

# ମ୍ୟାନମାରର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ମ୍ୟାନମାର କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ମ୍ୟାନମାର ୨–୦ ଗୋଲରେ ଇରାନକୁ ପରାସ୍ତ କରିଛି। ମ୍ୟାନମାର ପକ୍ଷରୁ ବଦଳ ଖେଳାଳି ୟି ୟି ଉ ୨ଟି ଯାକ ଗୋଲ ଦେଇଥିଲେ। ଏଥିସହ ମ୍ୟାନମାରର ଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଅନ୍ୟପକ୍ଷରେ ଇରାନ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବତନ ଖେଳାଳି ଓ କୋଚ୍ ଗୀତାଞ୍ଜଳି ଖୁଣ୍ଟିଆ ଅତିଥିଭାବେ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମ୍ୟାନମାର ୩–୦ ଗୋଲରେ ନେପାଳକୁ ହରାଇଥିବାବେଳେ ଭାରତ ୧–୦ ଗୋଲରେ ଇରାନକୁ ପରାସ୍ତ କରିଥିଲା।

### ୟି'ଙ୍କ ଡବଲ ଗୋଲ

ମ୍ୟାନମାର ଉଚ୍ଚ ର୍‍ୟାଙ୍କିଙ୍ଗ ପ୍ରାପ୍ତ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଇରାନ। ପ୍ରଥମାର୍ଦ୍ଧରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ ଫିନିଶିଂ ଭଲ ହୋଇ ନ ପାରିବାରୁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମ୍ୟାନମାର ଆକ୍ରମଣକୁ ଜୋରଦାର କରିଥିଲା। ମାତ୍ର ଇରାନର ଦୃଢ଼ ରକ୍ଷଣଭାଗ ଏବଂ ଗୋଲକିପର ଜାହରା ଖାଜାଭିଙ୍କ ଭଲ ପ୍ରଦର୍ଶନ ଯୋଗୁ ଗୋଲ ହୋଇ ନ ଥିଲା। ୫୫ତମ ମିନିଟରେ ଇରାନର ଗୋଲପୋଷ୍ଟରେ ଗ୍ୟାପ୍ ଦେଖି ଖିନ୍ ମୋଏ ୱାଇ ଏକ କ୍ରସ୍ ପାସ୍ ଦେଇଥିଲେ ହେଁ ତାହାକୁ ଅନ୍ୟପଟୁ ଟଚ୍ କରିବାକୁ କେହି ଖେଳାଳି ନ ଥିବାରୁ ମ୍ୟାନମାର ସୁବର୍ଣ୍ଣ ସୁଯୋଗ ହରାଇଥିଲା। ରଣନୀତି ବଦଳାଇ ଇରାନ ମଧ୍ୟ ଆକ୍ରମଣାତ୍ମକ ଖେଳିଥିଲେ ହେଁ ବଲ୍ ଅଧିକାଂଶ ସମୟ ମ୍ୟାନମାର ନିୟନ୍ତ୍ରଣରେ ରହିଥିଲା।

### ଇଞ୍ଜୁରି ଟାଇମ୍‌ର ରୋମାଞ୍ଚ

୯୦ ମିନିଟ ପର୍ଯ୍ୟନ୍ତ ଖେଳ ୦–୦ରେ ରହିବାରୁ ମ୍ୟାଚ ଡ୍ର ହେବା ଆଶା କରାଯାଉଥିଲା। ମାତ୍ର ଇଞ୍ଜୁରି ଟାଇମ୍‌ରେ ଅସଲ ଖେଳ ଦେଖାଇଥିଲା ମ୍ୟାନମାର। ମ୍ୟାଚର ୯୦+୧ ମିନିଟରେ ଏକ କ୍ରସ୍ ପାସ୍‌କୁ ୟି' ଗୋଲରେ ପରିଣତ କରି ମ୍ୟାନମାରକୁ ଅଗ୍ରଣୀ କରାଇଥିଲେ। ଏହାପରେ ଖେଳାଳିମାନେ ପରସ୍ପର ମଧ୍ୟରେ ପାସ୍ ଦେଇ ଅବଶିଷ୍ଟ ସମୟ ଅତିବାହିତ କରିବାକୁ ଚେଷ୍ଟା କରିଥିଲେ। ଅନ୍ୟପକ୍ଷରେ ମ୍ୟାଚକୁ ଫେରିବା ପାଇଁ ସମୟ କମ୍ ଥିବାରୁ ଇରାନ ସ୍ୱତଃ ଚାପକୁ ଚାଲି ଆସିଥିଲା। ଫଳରେ ଦଳର ପ୍ରଦର୍ଶନରେ ଅବନତି ଦେଖା ଦେଇଥିଲା। ଏହାର ଫାଇଦା ଉଠାଇଥିଲା ମ୍ୟାନମାର। ୯୦+୩ ମିନିଟରେ ୟି ଦ୍ୱିତୀୟ ଗୋଲଟି ଦେଇ ମ୍ୟାନମାରର ଅଗ୍ରଣୀକୁ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ଏହାର ଅଳ୍ପ ସମୟ ପରେ ରେଫରିଙ୍କ ଶେଷ ହ୍ୱିସିଲ ବାଜିବା ସହିତ ମ୍ୟାନମାର ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

# କାର୍ତ୍ତିକ ନିଜ ଭୁଲ ହୃଦୟଙ୍ଗମ କରିଥିବେ

**ମହିନ୍ଦର ଅମରନାଥ**

ନ୍ୟୁଜିଲାଣ୍ଡ ଟି୨୦ ସିରିଜ ବେଶ୍ ରୋମାଞ୍ଚକ ଥିଲା। ଯେମିତି ଆଶା କରାଯାଉଥିଲା ଠିକ୍ ସେହିଭଳି ମ୍ୟାଚ୍ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଭ୍ରମଣକାରୀ ଦଳ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁଥାନ୍ତି। କିନ୍ତୁ ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ କଥା ଅଲଗା ହୋଇଥିଲା। କଡ଼ା ସଂଘର୍ଷ ଓ ରୋମାଞ୍ଚ ସହ ଏହି ନିର୍ଣ୍ଣାୟକ ମ୍ୟାଚ୍ ଶେଷ ହୋଇଥିଲା। ଭାରତ ହାରିଥିଲେ ମଧ ଦମ୍‌ଦାର ପ୍ରଦର୍ଶନ କରି ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ଖାସ୍ କରି ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଜବରଦସ୍ତ ବ୍ୟାଟିଂ କରିଥିଲେ। ଫଳରେ ଭାରତ ମ୍ୟାଚ୍‌କୁ ଫେରିଥିଲା। ଭାରତର ଫିଲ୍ଡିଂ ଆଶାନୁରୂପ ହୋଇପାରି ନ ଥିଲା। ଫିଲ୍ଡିଂ ବିଭାଗରେ ଭାରତ ଭଲ ବୋଲି କୁହାଯାଉଥିଲେ ମଧ ଏହି ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଭାରତୀୟ ଖେଳାଳିମାନେ କେତୋଟି କ୍ୟାଚ୍ ହାତଛଡ଼ା କରିବା ସହ ବାଉଣ୍ଡରୀ ଛାଡିଥିଲେ। ମାତ୍ର ୪ ରନରେ ହାରିବା ଅବଶ୍ୟ ଭାରତୀୟ ପ୍ରଶଂସକଙ୍କର ହଜମ ହୋଇ ନ ଥିବ। ତେବେ କ୍ରିକେଟରେ ୧ ରନ ବ୍ୟବଧାନରେ ହାରିବା ଜିତିବାର ଫଇସାଲା ହୋଇଥାଏ। ଏହି ଉଇକେଟ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥିଲା। ଆଗକୁ ଯାଇ ଲାଇନ୍‌ରେ ବଲ୍‌କୁ ବାଡେଇଲେ ଏହି ଛୋଟିଆ ବାଉଣ୍ଡାରୀରେ ଜଣେ ବ୍ୟାଟ୍ସମ୍ୟାନ ବିପୁଳ ସଂଖ୍ୟାରେ ରନ୍ ସଂଗ୍ରହ କରିପାରିବ।

କ୍ରୁନାଲ ଓ କାର୍ତ୍ତିକ ବ୍ୟାଟିଂ କରିବା ବେଳେ ଉଚ୍ଚକୋଟୀର ଷ୍ଟ୍ରୋକ ପ୍ଲେ କରିବା ସହ ଲମ୍ବା ଶଟ୍‌ମାନ ଖେଳିଥିଲେ। କିନ୍ତୁ ଶେଷ ଓଭରରେ ସିଙ୍ଗଲ ନ ନେଇ ଭଲ ବ୍ୟାଟିଂ କରୁଥିବା କ୍ରୁନାଲଙ୍କୁ ଷ୍ଟ୍ରାଇକ୍ ନ ଦେବା ସମସ୍ତଙ୍କୁ ଚକିତ କରିଛି। କାର୍ତ୍ତିକ ବୋଧହୁଏ ନିଜେ ମ୍ୟାଚ୍ ଫିନିଶ କରିବାକୁ ଚାହିଁଥିଲେ। କିନ୍ତୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଜଣେ ଟେଲଏଣ୍ଡର ଥିଲେ ଜଣେ ବ୍ୟାଟ୍ସମ୍ୟାନ ସିଙ୍ଗଲ ନେଇ ନ ଥାଏ। କିନ୍ତୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଜଣେ ସେଟ ହୋଇଥିବା ବ୍ୟାଟ୍ସମ୍ୟାନ ଥିବା ବେଳେ ସିଙ୍ଗଲ୍ ନେବା ଉଚିତ୍ ହୋଇଥାନ୍ତା। କାର୍ତ୍ତିକ ଯଦି ସେହି ସିଙ୍ଗଲ ରନ ନେଇଥାନ୍ତେ ତାହେଲେ ମ୍ୟାଚ୍‌ର ଫଳାଫଳ ଅଲଗା ହୋଇଥାନ୍ତା। ଗୋଟିଏ ଲମ୍ବା ଶଟ୍ ଖେଳାଯାଇଥିଲେ ଭାରତ ବିଜୟୀ ହୋଇଥାନ୍ତା। ବିଜୟୀ ହେବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନ ଥିଲା। ରୋମାଞ୍ଚକ ସ୍ଥିତିରେ ଏପରି ହୋଇଥାଏ। କାର୍ତ୍ତିକ ନିଜ ଭୁଲ ବୁଝିପାରିଥିବେ ବୋଲି ମୁଁ ନିଶ୍ଚିତ। ନିଜ ପାର୍ଟନରକୁ ଭରସା କରିବା ନିହାତି ଦରକାର। ତେବେ ନ୍ୟୁଜିଲାଣ୍ଡକୁ ଶ୍ରେୟ ଦିଆଯିବା ଉଚିତ୍। ଜବରଦସ୍ତ ଫିଲ୍ଡିଂ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ଘରୋଇ ଦଳ ସଫଳ ହୋଇଥିଲା। ବ୍ୟାଟ୍ସମ୍ୟାନମାନେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ଚ୍ୟାଲେଞ୍ଜିଂ ସ୍କୋର ଛିଡା କରିଥିଲେ ଓ ଏହାକୁ ଭାରତ ଚେଜ୍ କରିବାର ନିଶ୍ଚିତ ଭାବେ ସହଜ ନ ଥିଲା।


ତେବେ ଏହି ଗସ୍ତରେ ଭାରତ ବେଶ୍ ଉନ୍ନତି କରିଛି ବୋଲି କୁହାଯାଇପାରିବ। ବିଶ୍ୱକପ୍ ପୂର୍ବରୁ ଏହା ନିଶ୍ଚିତ ଭାବେ ଶୁଭଙ୍କର। ନ୍ୟୁଜିଲାଣ୍ଡ ବହୁ ଖେଳାଳିଙ୍କୁ ନିଜ ପ୍ରତିଭା ପ୍ରମାଣିତ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା। ଚୟନକର୍ତ୍ତାମାନେ ଏବେ ନୂଆ କମ୍ବିନେଶନ ପାଇଁ ସୂତ୍ର ପାଇଥିବେ। ପ୍ରାୟ ସବୁ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ତେଣୁ ଚୟନକର୍ତ୍ତାମାନେ ଦଳ ଚୟନ ବେଳେ ସମସ୍ୟାର ସମ୍ମୁଖୀନ ହେବେ। ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ସ୍ଥାନ ପକ୍କା ହୋଇଥିବା ବେଳେ ରିଷଭ ପନ୍ତ ଓ କାର୍ତ୍ତିକଙ୍କ ମଧ୍ୟରୁ ଜଣକୁ ବସିବାକୁ ପଡିବ। ଏବେ ଭାରତ ଗସ୍ତରେ ଅଷ୍ଟ୍ରେଲିଆ ଆସିବ। ଘରୋଇ ପରିବେଶ୍‌ରେ ଭାରତ ସ୍ଲୋ ଉଇକେଟ୍‌ରେ ଭଲ କରିବ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ଅପେକ୍ଷା ଭାରତକୁ ଏହି ଉଇକେଟ ବେଶ୍ ସୁହାଇବ। ନିୟମିତ ଅଧିନାୟକ ବିରାଟ କୋହଲି ଓ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ଫଳରେ ଭାରତ ପୂର୍ଣ୍ଣ ସାମର୍ଥ୍ୟ ସହ ଏହି ସିରିଜ ଖେଳିବ ଓ ବିଶ୍ୱକପ୍ ପାଇଁ ତା'ର ପ୍ରସ୍ତୁତି ଜୋରଦାର କରିବ।

–(ଗେମ୍ ପ୍ଲାନ୍)




# ପୂର୍ବତନ କ୍ରିକେଟରଙ୍କୁ ଆକ୍ରମଣ

**ନୂଆଦିଲ୍ଲୀ,୧୧।୨:** ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍ ଗ୍ରାଉଣ୍ଡଠାରେ ୨୩ ବର୍ଷରୁ କମ୍ ବୟସ ବର୍ଗର ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନ ପ୍ରକ୍ରିୟା ବେଳେ ପୂର୍ବତନ ଭାରତୀୟ ପେସର ଅମିତ୍ ଭଣ୍ଡାରିଙ୍କୁ କେତେଜଣ ଅଜଣା ବ୍ୟକ୍ତି ମାଡ଼ ମାରିଛନ୍ତି। ଭଣ୍ଡାରି ଏବେ ଦିଲ୍ଲୀ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ)ର ସିନିୟର ଚୟନ କମିଟିର ଅଧ୍ୟକ୍ଷ ପଦରେ ଅଛନ୍ତି। ତାଙ୍କ ମୁଣ୍ଡ ଓ କାନରେ ଆଘାତ ଲାଗିଛି। ଚୟନ କମିଟି ସଦସ୍ୟ ସୁଖ୍‌ବିନ୍ଦର ସିଂ ତାଙ୍କୁ ଶାନ୍ତ ପରମାନନ୍ଦ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଏ ଘଟଣା ସମ୍ପର୍କରେ ଡିଡିସିଏ ଅଧ୍ୟକ୍ଷ ରଜତ ଶର୍ମା ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ। ଆମେ ଘଟଣାର ସବୁକିଛି ଜାଣିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଖେଳାଳିଙ୍କୁ ସମ୍ଭାବ୍ୟ ତାଲିକାରେ ସାମିଲ କରା ନ ଯିବାରୁ ସେ ଉତ୍ତ୍ୟକ୍ତ ହୋଇ ଏଭଳି ଘଟଣା ଭିଆଇଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଦିଲ୍ଲୀ ସିନିୟର ଓ ୨୩ ବର୍ଷରୁ କମ୍ ଦଳର ମ୍ୟାନେଜର ଶଙ୍କର ସାଇନିଙ୍କ କହିବା ଅନୁଯାୟୀ, ଚୟନ ଲାଗି ଆସିଥିବା ଦୁଇ ଖେଳାଳି ଭଣ୍ଡାରିଙ୍କ ସହ ଯୁକ୍ତିତର୍କ କରିବା ପରେ ପ୍ରାୟ ୧୫ରୁ ଅଧିକ ଲୋକ ହକି ଷ୍ଟିକ୍, ରଡ୍ ଓ ସାଇକେଲ ଚେନ୍‌ରେ ଆକ୍ରମଣ କରିଥିଲେ। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଅନ୍ୟ ଖେଳାଳି ଓ ଆମେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲୁ। ଭଣ୍ଡାରି ୨୦୦୦ ମସିହାରେ ଭାରତ ପକ୍ଷରୁ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ।



ଅମିତ ଭଣ୍ଡାରି

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୨/୨୦୧୯ Balasore, Tuesday, February 12/2019

## ଭୀମକୁଣ୍ଡରେ ଛାତ୍ର ନିଖୋଜ ଘଟଣା
# ୪୫ ଦିନ ପରେ ମିଳିଲା ମୃତଦେହ

ପାଟଣା/ଠାକୁରମୁଣ୍ଡା, ୧୧।୨(ସ୍ୱ.ପ୍ର./ଡି.ଏନ୍.ଏ.)


ରୋହନ ମିଶ୍ରଙ୍କ ଫାଇଲ ଫଟୋ।

କେନ୍ଦୁଝର ଜିଲା ପାଟଣା ବ୍ଲକ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ୪୫ ଦିନ ଧରି ନିଖୋଜ ଥିବା ଛାତ୍ରଙ୍କ ମୃତଦେହ ସୋମବାର ଉଦ୍ଧାର ହୋଇଛି। ଛାତ୍ର ଜଣଙ୍କ ହେଉଛନ୍ତି କଟକ ନୂଆପଡ଼ା ଲେବର କଲୋନୀର ଦୀପକ ନାରାୟଣ ମିଶ୍ରଙ୍କ ପୁଅ ରୋହନ। ରୋହନ ଯୁକ୍ତ୨ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର। କଟକ ମଧୁପାଟଣା ବିଦ୍ୟାର୍ଥୀ କ୍ଲାସେସ୍ କୋଚିଂ ସେଣ୍ଟରରେ ଅଧ୍ୟୟନ କରୁଥିବା ରୋହନ ବଣଭୋଜି କରିବାକୁ ଆସି ଡିସେମ୍ବର ୨୮ରେ ଭୀମକୁଣ୍ଡର ପ୍ରଥମ କୁଣ୍ଡରେ ପଡ଼ି ଭାସି ଯାଇଥିଲେ। ସେବେଠାରୁ ରୋହନ ନିଖୋଜ ଥିଲେ।

ଭୀମକୁଣ୍ଡଠାରୁ ୨ କି.ମି. ଦୂର ବୈତରଣୀର ଋଷି ମଠ ଓ ନାଗଫେଣି ମଧ୍ୟରେ ରୋହନଙ୍କ ମୃତଦେହ ଭାସୁଥିଲା। ଠାକୁରମୁଣ୍ଡା ଅଗ୍ନିଶମ ବାହିନୀ, ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହ ଉଦ୍ଧାର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧/୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଠାକୁରମୁଣ୍ଡା ଥାନା ଅଧିକାରୀ ଧୀରେଶ କୁମାର ଦାଶ କହିଛନ୍ତି।

## 'ପିଠା' କାର୍ଯ୍ୟକ୍ରମରେ ବିଧାୟକଙ୍କୁ ବିରୋଧ

ବାଲେଶ୍ୱର ଅଫିସ,୧୧।୨

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କଷାଫଳଠାରେ ସୋମବାର ଆୟୋଜିତ 'ପିଠା' କାର୍ଯ୍ୟକ୍ରମରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶଙ୍କୁ ବିରୋଧ କରାଯାଇଛି। ଏହି ଅଞ୍ଚଳରେ ବିଜେଡି ସରକାରଙ୍କ ଶାସନରେ ଚାଲିଥିବା ଅରାଜକତା, ପିସି କାରବାର, ଦଳୀୟ ଭିତ୍ତିକ ଚୟନ, ପଞ୍ଚାୟତରାଜ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ସାମନ୍ତବାଦ ଢାଞ୍ଚାରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ କରିବା ଇତ୍ୟାଦି ବିଷୟରେ ଲୋକମାନେ ତାଙ୍କୁ ପ୍ରଶ୍ନ ପଚାରିଥିଲେ। ବିଧାୟକ ଦାଶ ଏହାର ଉତ୍ତର ଦେବା ପୂର୍ବରୁ ସ୍ଥାନୀୟ ଲୋକେ ବିଭିନ୍ନ ପ୍ରକାର ବିରୋଧ କରିଥିବା ଦେଖିବାକୁ ମିଳିଥିଲା।

# ୧୫ ଘଣ୍ଟା ପଡ଼ିରହିଲା ମୃତଦେହ
## ହତ୍ୟା ଅଭିଯୋଗ କରି ସଂସ୍କାର କଲେନି ଗାଁ ଲୋକେ

ତିହିଡ଼ି, ୧୧।୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ କାଁପଡ଼ା ପଞ୍ଚାୟତ ଚିଲପଦା ଗ୍ରାମର ହେମନ୍ତ ମଳିକଙ୍କ ମୃତଦେହ ରବିବାର ସ୍ଥାନୀୟ ଏକ ପୋଖରୀରୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ କରି ଗାଁ ଲୋକେ ଅନ୍ତିମ ସଂସ୍କାର କରି ନ ଥିଲେ। ଫଳରେ ୧୫ ଘଣ୍ଟା ଧରି ମୃତଦେହ ଗାଁରେ ପଡ଼ିରହିଥିଲା। ଘଟଣାର ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଥିଲେ। ଖବର ପାଇ ସୋମବାର ପୂର୍ବାହ୍ନରେ ତିହିଡ଼ି ଥାନା ପୋଲିସ ଗ୍ରାମରେ ପହଞ୍ଚିଥିଲା। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ପୋଲିସ କହିବା ପରେ ମୃତଦେହକୁ ସଂସ୍କାର କରାଯାଇଥିଲା।

ପ୍ରକାଶ ଯେ, ରବିବାର ସକାଳେ ପୋଖରୀରୁ ହେମନ୍ତଙ୍କୁ ଉଦ୍ଧାର କରାଯାଇ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରାତିରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁକୁ ଫେରିଥିଲା। ମାତ୍ର ଗ୍ରାମବାସୀ ଏହାକୁ ସଂସ୍କାର କରି ନ ଥିଲେ।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍, ୧୫ ପଞ୍ଚାୟତ ଅନ୍ଧାର

ସଜନାଗଡ଼,୧୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ଶେରଗଡ଼ ଉଦଳା ରାସ୍ତା ବାଉଁଶନାଳ ଛକ ଠାରେ ରବିବାର ରାତି ପ୍ରାୟ ୧୦ଟାରେ ଏକ କାର୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଏଥିରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ ଗାଡ଼ି ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ୧୫ଟି ପଞ୍ଚାୟତରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି। କାର୍‌ଟି ସଜନାଗଡ଼ରୁ ନୀଳଗିରି ଅଭିମୁଖେ ଯାଉଥିବା ଜଣାପଡ଼ିଛି। ଖବର ପାଇ ନୀଳଗିରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।


ଦୁର୍ଘଟଣାଗ୍ରସ୍ତ କାର୍।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ: ଜୋତାମାଡ଼ ଖାଇଲେ ବୀମା ଏଜେଣ୍ଟ

ଚାନ୍ଦବାଲି, ୧୧।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରି ଜୋତାମାଡ଼ ଖାଇଛନ୍ତି ଜନୈକ ବୀମା ଏଜେଣ୍ଟ। ଘଟଣାରେ ଆପୋଷ ସମାଧାନ ହେବା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ସୂଚନା ଅନୁସାରେ, ସୋମବାର ଅପରାହ୍ଣରେ ନାବାଳିକାଙ୍କ ଘରକୁ ବୀମା ଟଙ୍କା ଆଣିବାକୁ ଜନୈକ ଏଜେଣ୍ଟ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ସେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ନାବାଳିକାଙ୍କ ପାଟି ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚି ଏଜେଣ୍ଟଙ୍କୁ ଘେରିଯାଇ ମାରଧର କରିବା ସହ ଏକ ଇଲେକଟ୍ରିକ ଖୁଣ୍ଟରେ ବାନ୍ଧି ପକାଇଥିଲେ। ଗାଁର ଅନ୍ୟ ମହିଳା ଏବଂ ପୁରଷ ତାଙ୍କୁ ଜୋତାରେ ମଧ୍ୟ ପିଟିଥିଲେ।

# ବିଦ୍ୟାଳୟରେ ପଶି ଛାତ୍ରଙ୍କୁ ମାଡ଼

ଯୋଡ଼ା,୧୧।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବନେଇକଳା ଉଚ୍ଚ ବିଦ୍ୟାଳୟରେ ରବିବାର ପଶି କେତେ ଜଣ ଛାତ୍ରଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ବାହାରେ କିଛି ଅଣଛାତ୍ର ମାରପିଟ୍ କରୁଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଧରିବା ପରିବର୍ତ୍ତେ ବିଦ୍ୟାଳୟ ପରିସରରେ ପଶି ନବମ ଓ ଦଶମ ଶ୍ରେଣୀର ୭ ଜଣ ଛାତ୍ରଙ୍କୁ ମାଡ଼ ମାରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇବା ପରେ ମଧ୍ୟ ସେ ଛାତ୍ରଙ୍କୁ ପୋଲିସରେ ଦେଇଥିଲେ। ମେଟ୍ରିକ ପରୀକ୍ଷାରୁ ବଞ୍ଚିତ କରିବା ପାଇଁ ଧମକ୍ ଦେଇଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ମହାନ୍ତଙ୍କୁ ପଚାରିବାରୁ ଛାତ୍ରମାନଙ୍କୁ ଏପରି କୌଣସି ଧମକ ଦେଇ ନାହିଁ। ବଡ଼ବିଲରୁ କେତେକ ଅଣଛାତ୍ର ଆସି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ସେମାନଙ୍କ ସହ କେତେକ ଛାତ୍ର ମିଶୁଥିବାରୁ ଏ ପ୍ରକାର ପରିସ୍ଥିତି ସୃଷ୍ଟି ହୋଇଥିବା ସେ କହିଛନ୍ତି। ଏ ନେଇ ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତଙ୍କୁ ପଚାରିବାରୁ ବିଦ୍ୟାଳୟ ସମ୍ମୁଖରେ ବହୁ ଅଣଛାତ୍ର ଆଡ୍ଡା ଜମାଇ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଖବର ପାଇବ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା ବୋଲି ସେ କହିଛନ୍ତି।

# ଘରେ ପଶି ବନ୍ଧା ହେଲେ ଯୁବକ

ଖଇରା, ୧୧।୨


ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଗ୍ରାମର ନାରାୟଣ ମାଝୀଙ୍କ ଘରୁ ଚୋରି ଉଦ୍ୟମରେ ଜଣେ ଯୁବକ ପଶିଥିଲେ। ଘରମାଲିକ ନାରାୟଣ ଯୁବକଙ୍କୁ ଶିକୁଳିରେ ବାନ୍ଧିବାପରେ ସେ କ୍ଷମା ମାଗିଥିଲେ। ତାପରେ ତାଙ୍କୁ ଛାଡି ଦିଆଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନାରାୟଣଙ୍କ ପରିବାର ଲୋକ ରବିବାର ରାତିରେ ଶୋଇ ପଡିବା ପରେ ଗଡପୋଖରୀ ଅଞ୍ଚଳର ଜଣେ ଯୁବକ ତାଙ୍କ ଛାତ ପଟେ ଘରେ ପଶିଥିଲେ। ଘରେ କାମ କରୁଥିବା ଶ୍ରମିକ ମାନେ କେହି ଜଣେ ପଶିବାର ଦେଖି ତାଙ୍କୁ ଏକ ଘରଭିତରେ ବନ୍ଦ କରିଦେଇଥିଲେ। ହେଲେ କୌଶଳ କ୍ରମେ ଏକ ସ୍କୃଡ୍ରାଇଭର ଏବଂ ରେଞ୍ଚି ସାହାଯ୍ୟରେ ଯୁବକ ଜଣକ କବାଟ ଖୋଲି ଦୌଡିବା ଆରମ୍ଭ କରିଥିଲେ। ପୁଣି ଘରମାଲିକ ଓ ଶ୍ରମିକ ମାନେ ତାଙ୍କୁ କାବୁ କରି ହାତ ଗୋଡକୁ ଶିକୁଳିରେ ବାନ୍ଧି ଦେଇଥିଲେ। ସକାଳେ ଗ୍ରାମବାସୀ ପହଞ୍ଚିବା ପରେ ଡ୍ରାଇଭର ଜଣକ ନିଶାସକ୍ତ ହୋଇ ଏଭଳି କରିଥିବାର ସ୍ୱୀକାର କରିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ଶେଷରେ ଗ୍ରାମବାସୀ ତାଙ୍କୁ ତାଗିଦ କରି ଛାଡିଦେଇଥିଲେ।


ରାସ୍ତାରେ ଗ୍ରାମବାସୀଙ୍କ ଅନଶନ।

## ବ୍ଲାଷ୍ଟିଂବନ୍ଦ, ଶ୍ରମିକ ନିଯୁକ୍ତି ଦାବି
# ୩ ଗ୍ରାମବାସୀଙ୍କ କୁପାରୀ–ଶାରିଶୁଆ ରାସ୍ତା ଅବରୋଧ

ଖଇରା,୧୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ ସଂଲଗ୍ନ ଅଞ୍ଚଳରେ ହାତୀ ଚଲାପଥ ନିୟମ କାର୍ଯ୍ୟ କରୁନି। ଠିକାଦାର ମାନେ ୱାଗନ ମେସିନର ବ୍ଲାଷ୍ଟିଂ କରୁଥିବା ଯୋଗୁଁ ଗଗୁଆ, ଗୁଆପାଳ,କଦଳୀଗଡିଆ ଗ୍ରାମର ବାସିନ୍ଦା ମାନେ ଶାନ୍ତିରେ ଶୋଇ ପାରୁ ନାହାନ୍ତି। ଓଡିଶା ପରିବହନ ନିଗମ, ରାଜସ୍ୱ ବିଭାଗ ଜାଣତରେ ସବୁ କିଛି ଅନିୟମିତତା ହେଉଥିଲେ ହେଁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗତ ୭ଦିନ ତଳୁ ଏହି ୩ଗ୍ରାମର ଅଧିବାସୀ ମାନେ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କୌଣସି କର୍ଣ୍ଣପାତ ନ କରିବା ଅଭିଯୋଗରେ ସୋମବାର ଠାରୁ ଗ୍ରାମବାସୀ ବିଜୟ କୁମାର ବାରିକ, ନିଳକଣ୍ଠ ପାତ୍ର, ନିରଞ୍ଜନ ପାତ୍ର, ମନ୍ମଥ ପାତ୍ର, ସୁରେନ୍ଦ୍ର ଜେନାଙ୍କ ନେତୃତ୍ୱରେ କୁପାରୀ–ଶାରିଶୁଆ ରାସ୍ତାରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସୀ ଅଧିକାରୀ ଅନଶନ ସ୍ଥଳରେ ପହଞ୍ଚି ନ ଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବେବିନାଙ୍କୁ ନ୍ୟାୟ ଦିଆଯାଉ

**ତେଲକୋଇ, ୧୧।୨(ଡି.ଏନ.ଏ.):** ତେଲକୋଇ ବ୍ଲକ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବେବିନାଙ୍କୁ ନ୍ୟାୟ ଦାବିରେ ଏକ ରାଲି ହୋଇଥିଲା। ଏଥିସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକୀ ପତ୍ର ପ୍ରେରଣା କରାଯାଇଥିଲା। ମହିଳା ନେତ୍ରୀ ପୁଷ୍ପ ମଞ୍ଜରୀ ପାତ୍ରଙ୍କ ସହ ସବିତା ହାଇବୃ, ସାନ୍ତୀ ସେଠୀ ପ୍ରମୁଖ ଶତାଧିକ ମହିଳା ସାମିଲ ହୋଇଥିଲେ।

### ବିଦ୍ୟୁତ୍ ତାର ପାଇଁ କଟା ଗଲା ଗଛ



**ତେଲକୋଇ, ୧୧।୨(ଡି.ଏନ.ଏ.):** ତେଲକୋଇ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ପଞ୍ଚାୟତ ଗୋଲାବନ୍ଧ ଗ୍ରାମର ସୁବୁଦ୍ଧି ସାହିରେ ବିଦ୍ୟୁତ୍ ତାର ଟାଣିବା ପାଇଁ ଚାଷୀଙ୍କ ଆମ୍ବ ଗଛ କଟା ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଚାଷୀମାନେ ଜିଲା ବନାଞ୍ଚଳ ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। କାହିଁକି କେବୁଲ ଦିଆଯାଇ ନାହିଁ ବୋଲି ବିଦ୍ୟୁତ୍ ବିଭାଗଠାରେ ମଧ ଅଭିଯୋଗ ହୋଇଛି। ଏ ନେଇ ଚାଷୀ ଚିନ୍ମୟ ସାହୁ, କଷ୍ଟୁ ନାଏକ, ଭ୍ରମର ନାଏକ, ଉଦୟ ନାଏକ, ଡାକୁ ନାଏକ, ବାବୁଲି ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି।

### ବାଇକ୍ ଧକ୍କାରେ ଯୁବକ ମୃତ

**ଖୁଣ୍ଟା, ୧୧।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା - ବାରିପଦା ପୁରୁଣାପାଣି ଛକ ରାସ୍ତା ନିକଟରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାମହଦ ଗ୍ରାମର ଦିଲୀପ ବଙ୍ଗାଳ। ରବିବାର ରାତିରେ ସେ ନିଜ ଘରକୁ ଚାଲି ଚାଲି ଫେରୁଥିବା ବେଳେ ବାରିପଦାରୁ ଉଦଳା ଅଭିମୁଖେ ଆସୁଥିବା ଏକ ବାଇକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଉଭୟେ ଛିଟିକି ପଡ଼ିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିଲୀପଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ବାଇକ ଆରୋହୀ ସାର୍ଥକ ସ୍ୱରୂପ ପଣ୍ଡାଙ୍କୁ ପ୍ରଥମେ ଖୁଣ୍ଟା ଏବଂ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଦିଲୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

# ମଜୁରି ଦାବିରେ କାର୍ଯ୍ୟାଳୟ ଘେରାଉ

- ଚାରାରୋପଣରେ ଅର୍ଥ ହେରଫେର
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅ

**କେନ୍ଦୁଝର, ୧୧।୨(ସ୍ୱ.ପ୍ର.)**

କାମ କରିଥିବା ଶ୍ରମିକଙ୍କୁ ମଜୁରି ମିଳି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ସୋମବାର ରେଶମ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି। ସଦର ବ୍ଲକ କାଠବାରୀ ଓ ଜଗନ୍ନାଥପୁର ମୌଜାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଯଥାକ୍ରମେ ୨୦ ଓ ୧୦ ହେକ୍ଟର ଜମିରେ ଅର୍ଜୁନ ଓ ଅସନ ଗଛ ବନୀକରଣ ମନରେଗା ଯୋଜନାରେ ରେଶମ ବିଭାଗ ପକ୍ଷରୁ କରାଯାଇଥିଲା। ଅଗଷ୍ଟରୁ ଅଦ୍ୟାବଧି ଗାତ ଖୋଳିବା, ସଫାକରିବା, ଗଛ ଲଗାଇବା, ସାର ଦେବା, ବାଡ ଦେବା ଆଦି କାର୍ଯ୍ୟରେ ଜବକାର୍ଡଧାରୀଙ୍କୁ କାମ ଦିଆଯାଇଥିଲା। କାମ କରିଥିବା ଶ୍ରମିକଙ୍କୁ ଅଦ୍ୟାବଧି ମଜୁରି ମିଳି ନ ଥିବା ଅଭିଯୋଗ ହୋଇଛି। ଯେଉଁମାନଙ୍କୁ ଟଙ୍କା ମିଳିଛି ସରକାରଙ୍କ ନିର୍ଦ୍ଧାରିତ ମଜୁରିଠାରୁ କମ ଦିଆଯାଇଥିବା ଅଭିଯୋଗ ହୋଇଛି। ଜବକାର୍ଡ ନ ଥିବା ଲୋକଙ୍କଠାରୁ କାମ ବାବଦକୁ ୨୦୦ ଟଙ୍କା ଲେଖାଏଁ ଏହାର ତଦାରଖ କରୁଥିବା ଜଣେ କର୍ମଚାରୀ ଆଦାୟ କରିଛନ୍ତି।

ଉକ୍ତ ପ୍ରକଳ୍ପ ପାଇଁ ସୂଚନା ଫଳକରେ କାଠବାରୀ ମୌଜାର କାମ ବାବଦକୁ ଖର୍ଚ୍ଚ ପରିମାଣ ୩୪ ଲକ୍ଷ ୩୮ ହଜାର ୬୨୦ ଟଙ୍କା। ଜଗନ୍ନାଥପୁର ମୌଜାର କାମ ବାବଦକୁ ୧୭ ଲକ୍ଷ ୧୯ ହଜାର ୩୧୦ ଟଙ୍କା ଲେଖାଯାଇଛି। କାମରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଦେଶରେ କେବଳ ଅର୍ଜୁନ ଚାରା ଲଗାଯିବା ପାଇଁ କୁହାଯାଇଥିବା ବେଳେ ଅସନ ଚାରା ମିଶାଇ ରୋପଣ କରି ଅର୍ଥ ହେରଫେର ହୋଇଛି। ଏ ନେଇ ପ୍ରତିବାଦ କଲେ ଓ ମଜୁରି ମାଗିଲେ ଧମକଚମକ ମିଳୁଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଖଜିରିପାଣି, କୁମୁଳାବାହାଲି,ଭୋଦବାହାଲି, ଲକ୍ଷ୍ମିପଶି, ଧନୁର୍ଯ୍ୟୟପୁର, କାଠବାରୀ ଗ୍ରାମର ବହୁ ଆଦିବାସୀ ଲୋକଙ୍କ ନାମରେ ମିଥ୍ୟା ମୋଷ୍ଟର ରୋଲ ପ୍ରସ୍ତୁତ କରି ଅର୍ଥ ହେରଫେର କରାଯାଇଛି। ଏଭଳି ସାଂଘାତିକ ଦୁର୍ନୀତିରେ କେତେକ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ପୂର୍ବତନ ବ୍ଲକ ଅଧକ୍ଷା କିରଣବାଳା ନାୟକ ଦାବି କରିଛନ୍ତି। ଶିରୋପାଣି ନାୟକ, ବସନ୍ତ ମହାରଣା, ହେମନ୍ତ ମହାରଣା, ଭୂଜନ ନାୟକ, ସୁଲୋଚନା ନାୟକ ପ୍ରମୁଖ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ରେଶମ କାର୍ଯ୍ୟାଳୟରେ ଶ୍ରମିକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ଡାଲି,
ଟିକିଏ ମାଗିଲେ ଦଉଥା ଡାଲି ।**

ଆଗକାଳରେ କୋଳଥ ଗରିବମାନଙ୍କର ଖାଦ୍ୟ ରୂପେ ଗଣା ହେଉଥିଲା। ସହଜରେ ମିଳୁଥିବା ଓ ଅଳ୍ପ ଦାମିକିଆ ଜିନିଷ ଟିକିଏ ମାଗୁଥିଲେ ତାକୁ ବହୁତ ବା ଅଧିକ ଦେଲେ କିଛି କ୍ଷତି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଂସା ଲୋଟା;
ଯାହା ହାବୁଡୁଛି ଅଣ୍ଟାକୁ ଉଠା ।**

ଚୋରର ପ୍ରକୃତି ଚୋରି କରିବା। ସୁବିଧା ସୁଯୋଗ ପାଇଲେ ଆଗପଛ କି ଭଲମନ୍ଦ ନ ବିଚାରି ଜିନିଷ ଉଠେଇନେବା ସେମାନଙ୍କ ଚିରାଚରିତ ଅଭ୍ୟାସ ହୋଇଥାଏ। ଯାହା ପାଉଛ ଧର ନୀତିରେ ଯେତେବେଳେ ଯାହା ମିଳୁଛି ତାକୁ ନେବା ଲାଗି ବ୍ୟାକୁଳ ହୋଇ ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଦିବାସୀଙ୍କ ସେଙ୍ଗେଲ ଅଭିଯାନ




ସେଙ୍ଗେଲ ଅଭିଯାନରେ ସାମିଲ ହୋଇଥିବା ଆଦିବାସୀ।

**ଆନନ୍ଦପୁର, ୧୧।୨(ସ୍ୱ.ପ୍ର.)**

ସାରନା ଧର୍ମକୁ ସାମ୍ବିଧାନିକ ଅଧିକାର ଓ ସାନ୍ତାଳି ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦାବିରେ ଆଦିବାସୀମାନଙ୍କ ଦ୍ୱାରା ସେଙ୍ଗେଲ ଅଭିଯାନରେ ବାହାରିଥିଲା। ଏହି ଅଭିଯାନ କେନ୍ଦୁଝର ଜୋନାଲ ତରଫରୁ ଆନନ୍ଦପୁର ବ୍ରିଜଛକ ଠାରୁ ଶୋଭାଯାତ୍ରାରେ ବାହାରି ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ପଥପ୍ରାନ୍ତ ସଭା କରିଥିଲେ। ସାମ୍ବିଧାନିକ ଧାରା ୨୫ ଓ ୨୮ ବଳରେ ଆଦିବାସୀଙ୍କ ପ୍ରକୃତି ପୂଜାର ଧର୍ମ ସାରନା ଧର୍ମକୁ ମାନ୍ୟତା ପ୍ରଦାନ କରିବା, ସାନ୍ତାଳି ଭାଷାକୁ ରାଜ୍ୟର ଦ୍ୱିତୀୟ ମାତୃଭାଷା ରୂପେ ମାନ୍ୟତା ପ୍ରଦାନ କରିବା, ସାନ୍ତାଳି ସାହିତ୍ୟ ଏକାଡେମୀ ପ୍ରତିଷ୍ଠା କରିବା, ସାରା ଦେଶରେ ଏସଟିଏସି ପ୍ରିଭେନସନ ଅଫ ଆଟ୍ରୋସିଟି ଆକ୍ଟ କୁ ଲାଗୁ କରିବା, ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟର ଉତ୍ପନ୍ନ ଓ ସମୃଦ୍ଧିକୁ ନେଇ ଏକ ମାନଦଣ୍ଡ ନିର୍ଦ୍ଧାରଣ କରିବା, ମୂଳ ଆଧିବାଷୀ ଭାବେ ଆଦିବାସୀଙ୍କ ଜମିକୁ ସୁରକ୍ଷା କରିବା, ଅଷ୍ଟମ ପରିଛଦ ଅନୁଯାୟୀ ହୋ, ମୁଣ୍ଡା, କୁଡୁଖ ଖଡିଆ ଭାଷା ମାନ୍ୟତା ପ୍ରଦାନ କରିବା, ଆଦିବାସୀ ଜମିକୁ କୌଣସି କମ୍ପାନୀକୁ ବଳପୂର୍ବକ ହସ୍ତାନ୍ତର ନକରିବା ଦାବିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆନନ୍ଦପୁର ଉପଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଦିବାସୀ ସେଙ୍ଗେଲ ଅଭିଯାନ ସଭାପତି କାଲ୍ୟାନ ବାସ୍କେ, ଝାଡଖଣ୍ଡ ଦିଷମ ପାର୍ଟି ଜଗନ୍ନାଥ ହେମ୍ବ୍ରମ, ମାଝୀ ପାରଗାନ୍, ମାଡଓା ସୁନାରାମ ମୁର୍ମୁ, ମହିଳା ମୋର୍ଚ୍ଚା ସଲମା ମୁର୍ମୁ, ଯୁବ ମୋର୍ଚ୍ଚା ଅର୍ଜୁନ ଟୁଡୁ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଆଦିବାସୀ ସାମିଲ ଥିଲେ।

# ରଥ କାଠ ଅନୁକୂଳ

**କପ୍ତିପଦା,୧୧।୨(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍‌ର ନୁଦଡ଼ିହା ଜଗନ୍ନାଥ ମନ୍ଦିରର ରଥ ନିର୍ମାଣ ପାଇଁ ପୂର୍ବ ପରମ୍ପରା ଅନୁଯାୟୀ ରବିବାର ଶ୍ରୀପଞ୍ଚମୀ ଅବସରରେ ରଥ କାଠ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ଅଧାପକ ନକୁଳ ଜେନା, ଉପଦେଷ୍ଟା ସୁଧାଂଶୁ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସର୍ବଣାଘାଟି ଗ୍ରାମରେ ଏକ ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିଲା । ମନ୍ଦିରର ପୂଜକ ଓ ବହୁ କର୍ମକାଣ୍ଡବିତ୍ ବୈଦିକ ବିଧି ଅନୁସାରେ ସୋମବାର ପୂର୍ବାହ୍ନରେ ଯଜ୍ଞକର୍ମ ଆରମ୍ଭ କରିଥିଲେ। ଗୁରୁ ପୂଜା, ସୂର୍ଯ୍ୟ ପୂଜା ସମ୍ପାଦନ ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା। ଗ୍ରାମର ଦିବାକର ନାୟକ, ଭଗବାନ ବେହେରା, ଚିନ୍ତାମଣି ବେହେରା ଓ ତାଙ୍କର ସହଧର୍ମିଣୀ ଯଜ୍ଞର କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ ପରେ ଚିହ୍ନଟ ହୋଇଥିବା ଗଛକୁ କଟାଯାଇ ଏକ ସୁସଜ୍ଜିତ ଶଗଡ଼ିରେ ନୁଦଡ଼ିହାସ୍ଥିତ ଜଗନ୍ନାଥ ମନ୍ଦିର ରଥଖଳାକୁ ଅଣାଯାଇଥିଲା। ଏହି ସମୟରେ ଶଙ୍ଖ, ଘଂଟା, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସର୍ବଣାଘାଟିଠାରୁ ନୁଦଡ଼ିହା ମନ୍ଦିର ପର୍ଯ୍ୟନ୍ତ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଶୋଭାଯାତ୍ରାରେ ପିଙ୍ଗୁ, ନୁଦଡ଼ିହା ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ମନ୍ଦିର କମିଟିର ପୁରୋଧା ସୁଧାଂଶୁ ଦାଶ, ସମାଜସେବୀ ମନୋରଞ୍ଜନ ମଲ୍ଲିକ୍, ଶଶଧର ସ୍ୱାଇଁ, ମନରଥ ଲେଙ୍କା, ବୃନ୍ଦାବନ ମହାନ୍ତି, ବିଜୟାନନ୍ଦ ନାୟକ, ବୃନ୍ଦାବନ ବେହେରା, ବୃନ୍ଦାବନ ବେହେରା, ଜଗନ୍ନାଥ ରାଉତ, ମଳୟ ସିଂବାବୁ, ଚନ୍ଦ୍ରଶେଖର ଦାସବାବୁ ପ୍ରତାପ ବେହେରା, ଗ୍ରାମର ବହୁ ଉତ୍ସାହୀ ଯୁବକଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସଂପନ୍ନ ହୋଇଥିଲା। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଭାସ୍କର ମଢ଼େଇ, ବିଜେଡ଼ିର ଆଶାୟୀ ପ୍ରାର୍ଥୀ ଭାସ୍କର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ଡାକ୍ତରଖାନା ଘେରାଉ



ଡାକ୍ତରଖାନା ଘେରାଉ କରାଯାଇଛି।

**ଆନନ୍ଦପୁର,୧୧।୨(ସ୍ୱ.ପ୍ର.)**

ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ରୋଗୀଙ୍କୁ ଭୁଲ ଅସ୍ତ୍ରୋପଚାର କରି ହରଡଘଣାରେ ପଡିଛନ୍ତି ଡାକ୍ତରଖନା କର୍ତ୍ତୃପକ୍ଷ। ଜଣେ ଡାକ୍ତର ଓ କର୍ମଚାରୀଙ୍କ ଭୁଲ ଅସ୍ତ୍ରୋପଚାରର ଶିକାର ହୋଇଥିବା ମହିଳାଙ୍କ ସ୍ୱାମୀଙ୍କ ନେତୃତ୍ୱରେ ଗ୍ରାମବାସୀ ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଘସିପୁରା ଥାନାରେ ଅଭିଯୋଗ କରିବା ସହିତ ଡାକ୍ତରଖାନା ଘେରାଉ କରିଥିଲେ। ପରେ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଧନେଶ୍ୱରୀ ସେଠୀ, ଘସିପୁରା ଆଇଆଇସି ବିରଞ୍ଚି ବାଗ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାରିପଦା ଅଫିସ,୧୧।୨**

ବାରିପଦା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ସଭାପତି ପ୍ରବୀର କୁମାର ବସାଙ୍କ ନେତୃତ୍ୱରେ ୭ ଶହରୁ ଅଧିକ ସଦସ୍ୟଙ୍କ ସମେତ ଜିଲାର ବେତନଟୀ, କରିଆ, ରାଇରଙ୍ଗପୁର, ଉଦଳା ଓ ଉପଖଣ୍ଡ ଓକିଲ ସଂଘର ସଦସ୍ୟ କଚେରି ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅତିରିକ୍ତ ଜିଲାପାଳ ଆବୋଲି ନରଭାଣେଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରିତ କରାଯାଇଛି। ଓକିଲ ତଥା ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ବୀମା ବ୍ୟବସ୍ଥା କରାଯାଉ, ୧୦ ହଜାର ଷ୍ଟାଇପେଣ୍ଡ ପ୍ରଦାନ ଏପରି ଆଦି ଦାବି ଉପସ୍ଥାପନ କରାଯାଇଥିଲା ବୋଲି ଜିଲା ଓକିଲ ସଂଘର ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାଛଡା ଓକିଲ ସଂଘର ସଦସ୍ୟମାନେ ଭୁବନେଶ୍ୱର ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ମଙ୍ଗଳବାର ମଧ କାର୍ଯ୍ୟରୁ ନିବୃତ ରହିବେ ବୋଲି ଜଣାଇଛନ୍ତି।

# ସରିଲା ସୋର ମହୋତ୍ସବ

**ସୋର,୧୧।୨(ଡି.ଏନ.ଏ.)**

ଦୀର୍ଘ ୧ସପ୍ତାହ ଧରି ଚାଲିଥିବା ସୋର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବନ୍ଦେ ମାତ୍‌ରମ୍ କଲ୍‌ଚରାଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ମହୋତ୍ସବରେ ଗୌରୀଶଙ୍କର ଘଡ଼େଇଙ୍କ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଡା. କରୁଣାକର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସୋର ଉପେନ୍ଦ୍ରନାଥ କଲେଜର ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମିକାନ୍ତ ପାଢୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସୋର ପୁରୁବାଇ କନ୍ୟାଶ୍ରମର ସମ୍ପାଦିକା ସୁମତି ମହାନ୍ତି ଯୋଗଦେଇଥିଲେ। ସୋର ମହୋତ୍ସବ କମିଟି ଅଧକ୍ଷ ଶଶି କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କଣ୍ଠଶିଳ୍ପୀ ସାରେଗାମା ମେଗା ସିରିଏଲ୍‌ର ଅବିନାଶ କୁମାର, ତ୍ରୀଷା ଦାସ ଏବଂ ଧାରାବାହିକ କ୍ୱାଇଁ ନଂ ୱାନ୍‌ର ଅଙ୍କିତ୍, ସୁଲଗ୍ନା ଓ ନନ୍‌ସେନ୍ସମଣି ପ୍ରମୁଖଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସମ୍ପାଦକ ଅଜିତ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Janata Finance**
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

**T.F. FINANCE**
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

**LOAN**
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**GET INSTANT CASH AGAINST GOLD**
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**FINANCE**
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

**CO-OPERATIVE INADIA**
Co-Operative India ଦ୍ୱାରା। P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**SHRI DURGA FINANCE**
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

**FINANCE**
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

**LOAN**
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ୫ ଶିଶୁ ଉଦ୍ଧାର

**ବଡ଼ବିଲ, ୧୧।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଗୋପବନ୍ଧୁ ଛକ ନିକଟରୁ ରବିବାର ରାତିରେ ଏଣେତେଣେ ବୁଲୁଥିବା ୫ ଶିଶୁଙ୍କୁ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଶିଶୁଙ୍କୁ ସୋମବାର ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନେ ହେଲେ (ଛଦ୍ମନାମ) ଭଦ୍ରାସାହି ଅଞ୍ଚଳର ଚନ୍ଦନ ନାଏକ, ନନ୍ଦିନୀ ନାଏକ, ରାଜମଣି ନାଏକ, ରାନୀ କେରେଇ, ସୁମିତ୍ରା କେରେଇ ଏବଂ ଗୋରୀ କେରେଇ। ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରିଥିଲା ବୋଲି ବଡ଼ବିଲ ଥାନା ଆଇଆଇସି ଅନିଲ କୁମାର ପ୍ରଧାନ କହିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ତେଲକୋଇ, ୧୧।୨(ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ ଅଧୀନ ବାଲିଯୋଡ଼ି ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଲୋକନାଥ ମହାନ୍ତ(୪୫)। ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ଗାଡ଼ି ନଂ. ଓଆର୧୯ଏଚ୍-୬୮୪୪ ଯୋଗେ ତେଲକୋଇରୁ ଘରକୁ ଫେରୁଥିଲେ। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଦୁର୍ବ୍ୟବହାର ଅଭିଯୋଗରେ ୨ ଗିରଫ

**ଚମ୍ପୁଆ, ୧୧।୨(ଡି.ଏନ.ଏ.):** ରିମୁଳିଠାରେ କାର୍ଯ୍ୟରତ ଚମ୍ପୁଆ ପୁଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ୨ ବ୍ୟକ୍ତି ଗିରଫ ହୋଇଛନ୍ତି। ଏକ ଜମିଜମା ସଂକ୍ରାନ୍ତୀୟ ମାମଲାରେ ରିମୁଳିରେ ପୋଲିସ କାର୍ଯ୍ୟ କରୁଥିଲା। ସେଠାରେ ଗୋଦାବରିଷ ବ୍ରହ୍ମ ଏବଂ ତାଙ୍କ ଭଉଣୀ ସନ୍ଧ୍ୟାରାଣୀ ମିଶ୍ର କାର୍ଯ୍ୟରତ ମହିଳା ପୋଲିସ କନଷ୍ଟେବଲଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଭୟଙ୍କୁ ଗିରଫ କରି ଗିରଫ କୋର୍ଟଚାଲାଣ କରାଯାଇଛି ବୋଲି ଚମ୍ପୁଆ ଥାନା ଆଇଆଇସି ସୁମିତ କୁମାର ସୋରେନ କହିଛନ୍ତି।

### ଖାଲି ପଡ଼ିଛି ଯୋଗାଣ ସହାୟକ ପଦବୀ

**ହାଟଡିହୀ, ୧୧।୨(ଡି.ଏନ.ଏ.):** ହାଟଡିହୀ ବ୍ଲକର କେତେକ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ପୂରଣ ହୋଇପାରିନାହିଁ। ଯୋଗାଣ ସାମଗ୍ରୀ ବଣ୍ଟନରେ ବ୍ୟାପକ ଅବ୍ୟବସ୍ଥା ଦେଖା ଦେଇଛି। ଉପଖଣ୍ଡ ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନା କହିଛନ୍ତି ଯେ, ଉପଖଣ୍ଡ ଅଧୀନ ଆନନ୍ଦପୁର, ଘସିପୁରା, ହାଟଡିହୀ ୩ ବ୍ଲକ ଅଧୀନରେ ୭୫ଟି ପଞ୍ଚାୟତ ଅଛି। ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ଯୋଗାଣ ସହାୟକ ନିଯୁକ୍ତି ହେବା କଥା। ଏହି ପଦବୀ ପୂରଣ ହେଲେ ଅଧିକାଂଶ କ୍ଷେତ୍ରରେ ଯୋଗାଣ ସାମଗ୍ରୀ କ୍ଷେତ୍ରରେ ଉଠୁଥିବା ସମସ୍ୟାକୁ ଦୂର କରିହେବ। ହାଟଡିହୀ ଯୋଗଣ ଅଧିକାରୀ ରମେଶ ମାଝୀଙ୍କୁ ପଚାରିବାରୁ ଏହି ପଦବୀ ନିଯୁକ୍ତି ପାଇଁ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେବାକୁ ବିଭିନ୍ନ ପଞ୍ଚାୟତକୁ ଚିଠି କରାଯାଇଛି। ପଞ୍ଚାୟତ ତରଫରୁ କୌଣସି ତଥ୍ୟ ପ୍ରଦାନ କରାଯାଉନି। ଯୋଗାଣ ସହାୟକ ପଦବି ନିଯୁକ୍ତି ହୋଇପାରୁନି ବୋଲି ସେ କହିଛନ୍ତି।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**କେନ୍ଦୁଝର, ୧୧।୨(ସ୍ୱ.ପ୍ର.):** କେନ୍ଦୁଝର ସହରର ନଗରଭବନ ଆନୁକୂଲ୍ୟରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କବି ଓ କବୟିତ୍ରୀଙ୍କ ଦ୍ୱାରା ସଡକ ସୁରକ୍ଷା ଜୀବନ ରକ୍ଷାକୁ ବିଷୟ କରି ବିଭିନ୍ନ କବିତା ପାଠ କରିଥିଲେ। ଜିଲାର ବହୁ କବି ଓ କବୟିତ୍ରୀ ଉପସ୍ଥିତ ଥିଲେ। ଅତିଥି ରୂପେ ଜିଲା ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି ତଥା ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସ, କବି ଚିନ୍ତାମଣି ମହାଲିକ ଉପସ୍ଥିତ ଥିଲେ। ମମତାରାଣୀ ଦାସ ଓ ରିତାଞ୍ଜଳି ସାହୁ କବିତା ଆଶର ସଂଯୋଜନା କରିଥିଲେ। ପି.ସି କାରବାର ନ କରି ଉନ୍ନତ ମାନର ରାସ୍ତା କାର୍ଯ୍ୟ ହେଲେ ନିଶ୍ଚିତ ଭାବରେ ସୁରକ୍ଷିତ ହେବେ ପଥଚାରି ବଲି କବିତା ମାଧମରେ କବୟିତ୍ରୀ ମମତା ଦାସ ପାଠ କରିଥିଲେ। ଟ୍ରାଫିକ ନିୟମ ମାନି ଗାଡି ଚଳାଇ ସୁରକ୍ଷିତ ରହିବା ବୋଲି ଅଧାପକ ସୁମନ୍ତ୍ର ନାଏକ କହିଥିଲେ।

# କାରିଗରଙ୍କୁ ପ୍ରଶାସନିକ ଅଣଦେଖା

- ଝୋଟରୁ ତିଆରି ହେଉଛି ସାମଗ୍ରୀ
- ବୁଡ଼ିବାକୁ ବସିଛି କୌଳିକ ବୃତ୍ତି
- ସରକାରୀ ପ୍ରୋତ୍ସାହନ ମିଳୁନି

**ହାଟଡ଼ିହୀ, ୧୧।୨(ଡି.ଏନ.ଏ.)**

ସରକାର କ୍ଷୁଦ୍ର ଶିଳ୍ପଗୁଡ଼ିକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି କୁହାଯାଉଛି। କାରିଗରଙ୍କୁ ପ୍ରୋତ୍ସାହନ ଦେଇ ସ୍ୱାବଲମ୍ବୀ କରାଯାଇଛି ବୋଲି ପ୍ରଶାସନ କହୁଥିବା ବେଳେ କେନ୍ଦୁଝର ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଶାସନିକ ଅବହେଳା କାରଣରୁ କୌଳିକ ବୃତ୍ତି ବୁଡ଼ିବାକୁ ବସିଛି। ଓଡ଼ିଆ ଘରର ପରମ୍ପରା ଓ କାରିଗରର ପ୍ରତିଭା ଲୋପ ପାଇବାକୁ ବସିଛି। ଏପରି ଅବସ୍ଥା କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରେଇଗାଁ ଗ୍ରାମକୁ ଦେଖିଲେ ସହଜେ ଅନୁମେୟ କରିହେବ। ଏଠାରେ ଝୋଟନିର୍ମିତ ବିଭିନ୍ନ ଡିଜାଇନ୍‌ର ପଟି ପ୍ରସ୍ତୁତ ହେଉଛି। ଏହି ପଟି କାରିଗର ଅବହେଳିତ ହୋଇ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛନ୍ତି। ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମରେଇଗାଁର ପ୍ରାୟ ୬ ଶହରୁ ଊର୍ଦ୍ଧ୍ୱ କାରିଗର ଝୋଟପଟି ନିର୍ମାଣ କରି ଗୁଜରାଣ ମେଣ୍ଟାଉଛନ୍ତି। ନିର୍ମାଣ କାର୍ଯ୍ୟରେ ପରିବାରର ମହିଳା ଓ ଅନ୍ୟ ସଦସ୍ୟ ସାମିଲ ହୋଇଥାନ୍ତି। ଝୋଟକୁ ପ୍ରଥମେ ସୁତୁଲି ବନାଇ ପୁରୁଣା ପ୍ରଣାଳୀରେ କାଠ ଦ୍ୱାରା ନିର୍ମିତ ଟାକୁଆରେ ଦଉଡ଼ି ବୋଲିଥାନ୍ତି। ସେହି ଦଉଡ଼ିରେ ପଟି ବନାଇଥାନ୍ତି। ଏଭଳି ସୂକ୍ଷ୍ମ କୌଶଳଧାରୀ କାରିଗର ଝୋଟରେ ଆକର୍ଷଣ କରି ରାଜ୍ୟ ଓ ଜିଲାରେ ନିଜର ସ୍ଥିତି ଜାହିର କରିପାରିଛନ୍ତି। ଝୋଟରେ



କାରିଗର ସାମଗ୍ରୀ ତିଆରି କରୁଛନ୍ତି।

ପଟି, ଖଟପଟି, ଆସନ, ଦୋଳି, ପାଦପୋଛା, ଡିଜାଇନ କାରପେଟ, ଭ୍ୟାନିଟି, ଡ୍ରଇଂରୁମ୍ ପଟି ଇତ୍ୟାଦି ନିର୍ମାଣ କରାଯାଉଛି। କାରିଗରମାନେ ଏହି ଝୋଟପଟିକୁ କୌଳିକ ବୃତ୍ତି ଭାବେ ନେଇଥିବା ବେଳେ ପ୍ରଶାସନିକ ଅଣଦେଖାର ଶିକାର ହୋଇଛନ୍ତି। ଅଭିଜ୍ଞ କାରିଗରଙ୍କୁ ପ୍ରୋତ୍ସାହନ ମିଳୁନି। ଉତ୍ସାହ ସୃଷ୍ଟି କରିବାରେ ପ୍ରୟାସ କରାଯାଉନି। ଏ ନେଇ କାରିଗରଙ୍କ ପ୍ରତିଭା ବିକାଶ ହେଉନି। ସୁତୁଲିରୁ ନିର୍ମିତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରିବାକୁ ବ୍ଲକ ଓ ଜିଲାରେ କୌଣସି ସୁବିଧା କରାଯାଇନି। ବହୁ କଷ୍ଟରେ ବିଭିନ୍ନ ଅଞ୍ଚଳ ବୁଲି ବୁଲି ବିକ୍ରି କରିବାକୁ ପଡେ। ବିକ୍ରି ପାଇଁ ଭଦ୍ରକ, ବାଲେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଦେବଗଡ଼, ଭୁବନେଶ୍ୱର, କଟକ, ବାରିପଦା, କେନ୍ଦୁଝର, ଜାମଦା, ପାରାଦୀପ, ନୂଆମୁଣ୍ଡି, ଯାଜପୁର ଆଦି ସ୍ଥାନ ଯିବାକୁ ପଡୁଛି। ଗୋଟିଏ ପଟି ୬୦ରୁ ୭୦ ଟଙ୍କାରେ ବିକ୍ରି ହୋଇଥାଏ।

ଆଧୁନିକ ଯୁଗରେ ପୁରୁଣା ଓ କାଠ ମେଶିନରେ ଏହି ପଟି ତିଆରି ହେଉଛି। ସମୟ ଅଧିକ ଲାଗିବା ସହ ସୂକ୍ଷ୍ମ ଏବଂ ଡିଜାଇନ୍ କରିହେଉନାହିଁ। ପ୍ରୋତ୍ସାହନ ମିଳୁ ନ ଥିବାରୁ ଏହାର କାରିଗରମାନେ ନିଜର ପ୍ରତିଭା ଦେଖାଇପାରୁ ନାହାନ୍ତି। ବର୍ତ୍ତମାନର ଶିକ୍ଷିତ ଯୁବତୀଯୁବକ ଏହି କୌଳିକ ପରମ୍ପରାକୁ ଭୁଲି ରାଜ୍ୟ ବାହାରକୁ କାର୍ଯ୍ୟ ଅନ୍ୱେଷଣରେ ଯାଉଛନ୍ତି। ଅନ୍ୟପକ୍ଷେ ମଜୁରି ବୃଦ୍ଧି ହେଉ ନ ଥିବାରୁ ଏ କାର୍ଯ୍ୟ ଲାଗି କାରିଗର ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ଝୋଟପଟି ନିର୍ମାଣ କରି ରାଜ୍ୟ ଓ ଜିଲାର ଟେକ ରଖିପାରିଥିବା ବେଳେ ପ୍ରଶାସନର ଅବହେଳା, ବିଭାଗୀୟ ଅଧିକାରୀଙ୍କ ଅନଭିଜ୍ଞତା ପାଇଁ କାରିଗରଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି। ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ଯୋଗାଇବା ସହ ନିର୍ମିତ ସାମଗ୍ରୀର ବିକ୍ରି ପାଇଁ ଉକ୍ତ ଅଞ୍ଚଳରେ ଏକ କେନ୍ଦ୍ର ଖୋଲିବାକୁ କାରିଗର ରଙ୍ଗାଧର ସା କୁହନ୍ତି। ଏ ନେଇ କାରିଗର ତଥା ଟ୍ରେନିଂ ମାଷ୍ଟର ଗୋଲକ ମହାନ୍ତିଙ୍କୁ ପଚାରିବାରୁ ପ୍ରଶାସନ ପକ୍ଷରୁ ଝୋଟନିର୍ମିତ ସାମଗ୍ରୀ ଯୋଗାଇ ଦିଆଯାଉ। ପଟିରେ ଲଗାଯାଉଥିବା ବିଭିନ୍ନ ରଙ୍ଗ ଯେଭଳି ନ ଛାଡ଼ିବ ତା'ର ଜ୍ଞାନକୌଶଳ ଏବଂ ଆଧୁନିକ ଯନ୍ତ୍ରାଂଶ ଯୋଗାଇଦେଲେ ଝୋଟପଟି କରିବା ପାଇଁ ଆଗ୍ରହ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଏହାକୁ ବଞ୍ଚାଇ ରଖିବାକୁ କାରିଗର କ୍ଷେତ୍ରବାସୀ ସା, ସୁନୀଲ ସା, ପ୍ରେମଚାନ୍ଦ ଘଡ଼େଇ, ବିଷ୍ଣୁପଦ ଜେନା, ଧନେଶ୍ୱର ମହାନ୍ତି, ଦେବେନ୍ଦ୍ର ଜେନା, ଶରତ ଗିରି, ଅରୁଣ ମହାନ୍ତି, ଜଗନ୍ନାଥ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

■ ବିବାହିତା ମହିଳାଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା

# ହତ୍ୟା ଅଭିଯୋଗ ଆଣିଲେ ବାପା

**କେନ୍ଦୁଝର, ୧୧।୨(ସ୍ୱ.ପ୍ର.)**

ସ୍ଥାନୀୟ ଟାଉନ ଥାନା ଅନ୍ତର୍ଗତ ବଣିଆପାଟରେ ସୋମବାର ଜଣେ ବିବାହିତା ମହିଳାଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଛି। ତଣ୍ଟିଚିପି ହତ୍ୟା କରିବା ପରେ ତାଙ୍କୁ ଝୁଲାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ମହିଳାଙ୍କ ନାମ ସୁଭାଷିନୀ ପାତ୍ର। ବାପଘର ଘୁଙ୍ଗୁକେଶ୍ୱରୀ ଗ୍ରାମରେ। ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ୨୦୧୨ ମସିହାରେ ଶିବ ପାତ୍ର ନାମକ ଜଣେ ଯୁବକଙ୍କ ସହ ସୁଭାଷିନୀଙ୍କ ବିବାହ ହୋଇଥିଲା। ଉଭୟ ସ୍ତ୍ରୀସ୍ୱାମୀ ୫ ବର୍ଷର ଗୋଟିଏ ପୁଅ ସହ ବଣିଆପାଟ ସାହିରେ ଭଡାଘରେ ରହୁଥିଲେ। ରବିବାର ରାତି ୯ଟା ୩୦ ମିନିଟରେ ସୁଭାଷିନୀ ତାଙ୍କ ବାପାଙ୍କ ସହ ଫୋନରେ କଥା ହୋଇଥିଲେ। ସୋମବାର ମା'କୁ ପଠାଇବା ଲାଗି ଝିଅ କହିଥିଲା ବୋଲି ବାପା ଧନେଶ୍ୱର ଦାସ କହିଛନ୍ତି। ହେଲେ ରାତିରେ ହଠାତ ଝିଅର ଆତ୍ମହତ୍ୟା ଖବର ମିଳିବା ପରିବାର ଲୋକଙ୍କୁ ବ୍ୟଥିତ କରିଛି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଟାଉନ ଥାନାରେ ଧନେଶ୍ୱର ଲିଖିତ ଅଭିଯୋଗ କରିଛନ୍ତି।

# ଚମ୍ପୁଆରେ ଖୋଲିଲା ଆହାର କେନ୍ଦ୍ର



ଉଦ୍‌ଘାଟନୀରେ ଯୋଗଦେଇଥିବା ଅତିଥି।

**ଚମ୍ପୁଆ, ୧୧।୨(ଡି.ଏନ.ଏ.)**

ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଆହାର କେନ୍ଦ୍ର ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଯାଇଛି। ଚମ୍ପୁଆ ପୁରୁଣା ବାଣିଜ୍ୟକର ତନଖି ଫାଟକ କାର୍ଯ୍ୟାଳୟଠାରେ ଚମ୍ପୁଆ ଆହାର କେନ୍ଦ୍ର ବର୍ତ୍ତମାନ ଅସ୍ଥାୟୀ ରୂପେ ଚାଲିଛି। ଆଗାମୀ ଦିନରେ ଏହା ଚମ୍ପୁଆ ବସ୍‌ଷ୍ଟାଣ୍ଡ ଠାରେ କାର୍ଯ୍ୟ କରିବ ବୋଲି ଜଣାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟ୍ଟାୱରୀ, ସହରାଞ୍ଚଳ ଏଡିଏମ୍ ଘାସିନାଥ ମୁର୍ମୁ, ଚମ୍ପୁଆ ଏନ୍ଏସି ଚେୟାରମ୍ୟାନ ଗୀତାରାଣୀ ନାଏକ, ଉପାଧ୍ୟକ୍ଷ ମାନସ ରଞ୍ଜନ ପଶାୟତ, ସ୍ଥାନୀୟ ସହକାରୀ ଜିଲାପାଳ ତଥା ଏନ୍ଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଆଇଆଇସି ସୁମିତ କୁମାର ସୋରେନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ପ୍ରମୁଖ ଯୋଗଦେଇ ଆହାର କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଧିବଦ୍ଧ ଭାବେ ୩୦୦ ଲୋକଙ୍କ ପାଇଁ ୫ ଟଙ୍କାରେ ଭାତ, ଡାଲମା ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ସୂଚନା ଦେଇଥିଲେ। ଉଦ୍‌ଘାଟନର ପ୍ରଥମ ଦିନରେ ଏନ୍ଏସି ଉପାଧ୍ୟକ୍ଷ ୩ ଶହ ଲୋକଙ୍କ ଖାଦ୍ୟ ବାବଦକୁ ୧୫ ଶହ ଟଙ୍କା ପ୍ରଦାନ କରିଥିଲେ। ସଭା ପରେ ମୁଖ୍ୟଅତିଥି ଆହାର କେନ୍ଦ୍ରର ନୂତନ ଫଳକକୁ ଉନ୍ମୋଚନ କରିଥିଲେ।

# ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆନନ୍ଦପୁର/ ବଡ଼ବିଲ, ୧୧। ୨(ସ୍ୱ.ପ୍ର.)**

ବାରକାଉନସିଲ ଅଫ ଇଣ୍ଡିଆର ଆହ୍ୱାନକ୍ରମେ ଓ ରାଜ୍ୟ ବାରକାଉନସିଲର ପରାମର୍ଶରେ ଆନନ୍ଦପୁର ଓକିଲ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଆନ୍ଦୋଳନ କରାଯାଇଛି। ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଇନଜୀବୀମାନେ କୋର୍ଟ ପରିସରରୁ ଏକ ବିଶାଳ ଶୋଭାଯାତ୍ରା ସହରପରିକ୍ରମା କରିଥିଲେ। ଆନନ୍ଦପୁର ଉପଜିଲାପାଳଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଓକିଲ ସଂଘ ପାଇଁ ଅତ୍ୟାବଶ୍ୟକ ଗୃହ, ସରଞ୍ଜାମ, ଲାଇବ୍ରେରୀ, ଇଣ୍ଟରନେଟ, ଟଏଲେଟ୍‌ର ବ୍ୟବସ୍ଥା, ଓକିଲମାନଙ୍କ କଲ୍ୟାଣ ନିମନ୍ତେ ବାର୍ଷୀକ ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିବା, ଓକିଲ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ବୀମା ସୁବିଧା, ନୂତନ ଭାବେ ଯୋଗଦେଇଥିବା ଓକିଲମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ମାସିକ ୧୦ ହଜାର ଷ୍ଟାଇପେଣ୍ଡର ବ୍ୟବସ୍ଥା,




ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବଡବିଲ ଆଇନଜୀବୀ ସଂଘର ସଦସ୍ୟ।

ହରିଆନା ସରକାରଙ୍କ ପରି ଆମ ରାଜ୍ୟରେ ଗୃହ ନିର୍ମାଣ ପାଇଁ ସସ୍ତାରେ ଜମି ଯୋଗାଇ ଦେବା ଆଦି ଦାବିରେ ଆନ୍ଦୋଳନ ଆରମ୍ଭ ହୋଇଛି।

ସେହିପରି ବଡ଼ବିଲ ଆଇନଜୀବୀ ସଂଘର ସଦସ୍ୟ ସୋମବାର ଜେଏମଏଫସି କୋର୍ଟ ନିକଟରୁ ଏକ ଶୃଙ୍ଖଳିତ ପଦଯାତ୍ରା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ।ଏ ନେଇ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଇନଜୀବୀଙ୍କ କଲ୍ୟାଣ ନିମିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଡ଼ବିଲ ଆଇନଜୀବୀ ସଂଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆଇନଜୀବୀ କାର୍ଯ୍ୟରୁ ନିବୃତ ରହିବାକୁ ସଂଘ ନିଷ୍ପତ୍ତି ନେଇଥିବା ସଭାପତି ଚିନ୍ମୟ ବାରିକ ସୂଚନା ଦେଇଛନ୍ତି। ଏହି ଶୃଙ୍ଖଳିତ ପ୍ରତିବାଦ ଯାତ୍ରାରେ ସଭାପତି ଚିନ୍ମୟ ବାରିକ, ଉପସଭାପତି ବଳରାମ ମହାନ୍ତି, ସମ୍ପାଦକ ପ୍ରତାପ ଜେନା, ଯୁଗ୍ମ ସମ୍ପାଦକ ଦେବପ୍ରିୟ ରଣା, କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ଆଇନଜୀବୀ ସଦସ୍ୟମାନଙ୍କ ମଧ୍ୟରେ ରଞ୍ଜୀତ ବାରିକ, ସୁଜିତ କର, ପ୍ରମୋଦାନନ୍ଦ ପଟ୍ଟନାୟକ, ଅବଦୁଲ ଲତିଫ, ବିଭୂତିଭୂଷଣ ଷଡ଼ଙ୍ଗୀ, ମମତା ଦାସ, ଅନିତା ମହାନ୍ତ, ଲକ୍ଷ୍ମୀ ଖୁଣ୍ଟିଆ, ଜ୍ୟୋତିରଞ୍ଜନ ମହାନ୍ତି, ତରୁଣ ସେନ, ପ୍ରଦୀପ୍ତ ଧଳ, ତୁଳସୀ ମହାନ୍ତ, ସତୀଶ ଲାଗୁରୀ ଓ ନରେଶ ପାତ୍ରଙ୍କ ସହ ସମସ୍ତ ଆଇନଜୀବୀ ସଦସ୍ୟ ସାମିଲ ହୋଇଥିଲେ।



ଆନ୍ଦୋଳନରତ ଆଇନଜୀବୀ।

# ଧାନର ଅଭାବୀ ବିକ୍ରି, ଚାଷୀ ହତାଶ

**ହାଟଡିହୀ,୧୧।୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଅଧୀନରେ ଖୋଲାଯାଇଥିବା ଧାନମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ଏ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସମବାୟ ସମିତି ଗୁଡିକରେ ସରକାରଙ୍କ ତରଫରୁ ଧାନ ମଣ୍ଡି ଖୋଲାଯାଇଛି। ସମବାୟ ସମିତିର ଜଣେ କର୍ମକର୍ତ୍ତା କହିଛନ୍ତି ଯେ, ଧାର୍ଯ୍ୟ ବାରିରେ ମିଲରମାନେ ଗାଡି ପଠାଉ ନ ଥିବାରୁ ଚାଷୀଙ୍କ ଠାରୁ ଧାନ କିଣାରେ ବିଭ୍ରାଟ ସୃଷ୍ଟି ହେଉଛି। ବହୁ ସମୟରେ ଚାଷୀ ଆକ୍ରୋଶର ସମ୍ମୁଖୀନ ହେଉଛନ୍ତି। ଚାଷୀ କମ ମୂଲ୍ୟରେ ବେପାରୀଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ଆନନ୍ଦପୁର ଉପଖଣ୍ଡ ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନାଙ୍କୁ ପଚାରିବାରୁ ଆନନ୍ଦପୁର ଉପଖଣ୍ଡରେ ମୋଟ ୨୪ ଧାନମଣ୍ଡି ଖୋଲାଯାଇଛି। ଉକ୍ତ ମଣ୍ଡି ଗୁଡିକରୁ ୬ ମିଲର ଧାନ ସଂଗ୍ରହ କରୁଛନ୍ତି। ଏହି ମଣ୍ଡି ଗୁଡିକ ଜିଲାର ଅନ୍ୟ ବ୍ଲକ ଅଧୀନ ମଣ୍ଡି ଗୁଡିକରୁ ମଧ ଧାନ ସଂଗ୍ରହ କରୁଛନ୍ତି। ଏପରିସ୍ଥଳେ ମିଲରମାନେ ମଣ୍ଡିରୁ ଧାନ ସଂଗ୍ରହ କରିବାରେ ବାଧା ସୃଷ୍ଟି ହେଉଛି।

### ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର

**ରାଇସୁଆଁ, ୧୧।୨(ଡି.ଏନ.ଏ.)**

ସର୍ବଶିକ୍ଷା ଅଭିଯାନ ତରଫରୁ ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗାରେ ୧ମରୁ ୫ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ଉଜ୍ଜ୍ୱଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଜ୍ଜ୍ୱଳ ଯୋଜନାର ପ୍ରଥମ ପର୍ଯ୍ୟାୟରେ ପଳାଶପଙ୍ଗାଠାରେ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ପୁରୁଷୋତ୍ତମ ସାହୁ, ରଣଜିତ ମହାନ୍ତ, ରଞ୍ଜିତା ସୋରେନ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପଦ୍ମପୁର ସିଆରସିସି ସଞ୍ଜୀବ ସାହୁ, ଭୁବନେଶ୍ୱର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜପଥ ଅବରୋଧ କଲେ ଚାଷୀ



ଚାଷୀ ରାଜପଥରେ ବସି ରହିଛନ୍ତି।

**ପାଟଣା, ୧୧।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ପ୍ରାଇସ ପ୍ରେଷ୍ଟିଜ ଓ ପେନଶନ ଦାବିରେ ପାଟଣା ନିନୁଆଁ ଛକ ନିକଟ ୪୯ ନମ୍ବର ଜାତୀୟ ରାଜପଥକୁ ସୋମବାର ଚାଷୀ ରାସ୍ତା ଅବରୋଧ କରିଥିଲେ। ଶତାଧିକ ମହିଳାପୁରୁଷ ଚାଷୀ ରାଜରାସ୍ତା ଉପରେ ବସି ରହିଥିଲେ। ଯାନବାହାନ ଗୁଡିକ ଦିନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାସୁଝା କରିଥିଲା। ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହିବାରୁ ପୋଲିସ ୧୪୦ ଆନ୍ଦୋଳନକାରୀଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏହି ଆନ୍ଦୋଳନରେ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ କେଶରୀ ଓ ଲିଳାବତୀ ମହାନ୍ତ ନେତୃତ୍ୱରେ ନେଇଥିଲେ। ତୁରୁମୁଙ୍ଗା ଥାନା ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ସାହାରପଡା ଅତିରିକ୍ତ ତହସିଲଦାର ସାଏବ ରାମ ବାସ୍କେ ଘଟଣାସ୍ଥଳରେ ଉପସ୍ଥିତ ରହି ଆଇନଶୃଙ୍ଖଳା ରକ୍ଷା କରିଥିଲେ।

# ମାଘେ ପର୍ବରେ ଝୁମିଲେ ଆଦିବାସୀ

**ତେଲକୋଇ, ୧୧।୨(ଡି.ଏନ.ଏ.)**

ଆଦିବାସୀ ବହୁଳ ସଲେଇକେନା ପଞ୍ଚାୟତର ଦାମଦର ଗୌଣିଠାରେ ମାଘେ ପର୍ବ ପାଳିତ ହୋଇଛି। ଏ ନେଇ ୯ ମୌଜାର ଲୋକେ ଏକତ୍ରିତ ହୋଇ ମାଘେ ପର୍ବର ଉତ୍ସବ ମନାଇଛନ୍ତି। ଚାଷ କାର୍ଯ୍ୟର ସୁରକ୍ଷା ଲାଗି ମାଘେ ପର୍ବରେ ଆଦିବାସୀ ନାଚଗୀତରେ ଝୁମିଥିଲେ। ଦାମଦର ଗୌଣିଠାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଧନୁର୍ଯ୍ୟୟ ସିଙ୍କୁ ସାମିଲ ହୋଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର ବିର୍ଶାମୁଣ୍ଡା ବିକାଶ ମଞ୍ଚର ସଭାପତି ଇଶ୍ୱର ଚନ୍ଦ୍ର ପିଙ୍ଗୁଆ, ସମ୍ପାଦକ ଚନ୍ଦ୍ର ମୋହନ ମୁଣ୍ଡାରୀ ପ୍ରମୁଖ ଯୋଗ ରହିଥିଲେ ।



ଆଦିବାସୀଙ୍କ ସହ ଅତିଥି।

# ଚିନ୍ତାରେ କେନ୍ଦୁପତ୍ର ତୋଳାଳି

**ଜିଏସ୍‌ଟି ମାଡ଼**
- କମୁଛି ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ
- ମିଳୁନି ସରକାରୀ ସହାୟତା
- କିଣିବାକୁ ବ୍ୟବସାୟୀ ଅମଙ୍ଗ

**କେନ୍ଦୁଝର, ୧୧।୨(ସ୍ୱ.ପ୍ର.)**

କେନ୍ଦୁପତ୍ର ଉପରେ ଜିଏସ୍‌ଟି ଲାଗୁହେବା ପରେ ଶ୍ରମିକ ଚିନ୍ତାରେ ରହିଛନ୍ତି। କେନ୍ଦୁପତ୍ର ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ହ୍ରାସ ପାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ବିନା ଅର୍ଥ ବିନିଯୋଗରେ କେନ୍ଦୁପତ୍ର ଏକ ଲାଭଜନକ ବ୍ୟବସାୟ ହୋଇଛି। ସରକାର ଏଥିରୁ ବହୁ ଅର୍ଥ ଆୟ କରୁଛନ୍ତି। କେନ୍ଦୁପତ୍ର ତୋଳି ମହିଳାପୁରୁଷ ବିଶେଷକରି ବନବାସୀ ରୋଜଗାରକ୍ଷମ ହୋଇପାରୁଛନ୍ତି। ସରକାରୀ ଉଦାସୀନତାରୁ ଉକ୍ତ ବ୍ୟବସାୟ କମିଛି। ଏଥିଯୋଗୁ କେନ୍ଦୁପତ୍ର ତୋଳାଳି, ଶ୍ରମିକ ଓ କର୍ମଚାରୀ ଚିନ୍ତାରେ ରହିଛନ୍ତି। ଅନ୍ୟ ଶ୍ରମିକଙ୍କ ପାଇଁ ସରକାର ନିର୍ଦ୍ଧାରଣ କରି ମଜୁରି ବୃଦ୍ଧି କରିଥିବା ବେଳେ କେନ୍ଦୁପତ୍ର ଶ୍ରମିକଙ୍କ ମଜୁରି, କର୍ମଚାରୀଙ୍କ ଦରମା, ବୀମା ଆଦି ଲାଗୁ କରାଯାଉ ନ ଥିବା ଅଭିଯୋଗ କରି ଆନ୍ଦୋଳନ କରାଯାଇଥିଲା। ନିର୍ବାଚନ ଆଚରଣବିଧି ଲାଗୁହେବା ପୂର୍ବରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ଦାବି ହୋଇଛି। ଆଗରୁ ଏହାର ଲାଭାଂଶରୁ ତୋଳାଳିଙ୍କ ପାଇଁ ଭତ୍ତା ଓ ବୋନସ ଏବଂ ତାଙ୍କ ପିଲାମାନେ ଷ୍ଟାଇପେଣ୍ଟ ପାଉଥିଲେ। କେନ୍ଦୁପତ୍ର ସଂଗ୍ରହ ହ୍ରାସ ପାଇଲେ ନିଯୁକ୍ତି କମିବା ସହ ସେମାନଙ୍କ ଭତ୍ତା ଓ ବୋନସ କମିଯିବ ବୋଲି ଆଶଙ୍କା କରି ଚିନ୍ତାରେ ରହିଛନ୍ତି। ଏ ନେଇ ଅନିଶ୍ଚିତତା ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘର ଉପସଭାପତି ରୋହିତ ଚୌଧୁରୀ କହିଛନ୍ତି।

ଜିଏସ୍‌ଟି ଲାଗୁହେବା ଫଳରେ କେନ୍ଦୁପତ୍ର ବିକ୍ରି ହୋଇପାରୁନାହିଁ। ଆଗଭଳି କିଣିବାକୁ ବ୍ୟବସାୟୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ନେଇ ଉଚ୍ଛେଦ କରିବା ଆବଶ୍ୟକ ବୋଲି କୁହାଯାଉଛି। ବିଜୁ ପଟ୍ଟନାୟକଙ୍କ ସମୟରେ ରାଜ୍ୟର ୧୯ ଡିଭିଜନ୍‌ରେ ୪ ଲକ୍ଷ କୁଇଣ୍ଟାଲ କେନ୍ଦୁପତ୍ର ଉତ୍ପାଦନ ହେଉଥିଲା। ୨ ହଜାରରୁ ଏହି ସଂଗ୍ରହ ଲକ୍ଷ୍ୟ କମିବାକୁ ଲାଗୁଥିବାରୁ ନିଯୁକ୍ତି କମିଛି। ସରକାର ଉତ୍ପାଦନ ବୃଦ୍ଧି କରିବା ପରିବର୍ତ୍ତେ ହ୍ରାସ କରାଯାଇ ଚଳିତ ବର୍ଷ ପାଖାପାଖି ୧ ଲକ୍ଷ କୁଇଣ୍ଟାଲ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ପାଖାପାଖି ୧୨ ଲକ୍ଷ କେନ୍ଦୁପତ୍ର ତୋଳାଳି ଅଛନ୍ତି। ଏଥିରେ ପାଖାପାଖି ୧୦ ଲକ୍ଷ ପରିବାର ଉପକୃତ ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। କେନ୍ଦୁଝର ଡିଭିଜନ୍‌ରେ ଏକଦା ୩୦ ହଜାର କୁଇଣ୍ଟାଲ କେନ୍ଦୁପତ୍ର ତୋଳିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଗତବର୍ଷ ପାଖାପାଖି ୧୮ ହଜାର କୁଇଣ୍ଟାଲ ସଂଗ୍ରହ ଲକ୍ଷଧାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ୧ ହଜାର କୁଇଣ୍ଟାଲ ସଂଗ୍ରହ କରିବାକୁ ଧାର୍ଯ୍ୟ ନେଇ ତୋଳାଳି ଚିନ୍ତା ପ୍ରକଟ କରୁଛନ୍ତି। କେନ୍ଦୁଝର ଡିଭିଜନ ଅଧୀନରେ ୭ କେନ୍ଦୁପତ୍ର ରେଞ୍ଜ୍, ଢେଙ୍କାନାଳ ଜିଲାରେ ୩, କେନ୍ଦୁଝରରେ ୩ ଓ ମୟୂରଭଞ୍ଜରେ ଗୋଟିଏ ରହିଛି। ସମୁଦାୟ ଫଡି ଘର ୨୬୦ ରହିଛି। ପୂର୍ବରୁ ଫଡି ଘର ପାଖାପାଖି ୩୫୦ ଥିଲା। ବହୁ ଆଗରୁ ମୟୂରଭଞ୍ଜ ଜିଲାର ବିଶୋଇ ରେଞ୍ଜ୍‌କୁ ବନ୍ଦ କରିଦିଆଯାଇଛି। ଅନିଶ୍ଚିତତା ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଡିଏଫ୍‌ଓଙ୍କ ଜରିଆରେ ଦାବିପତ୍ର ଦେଇଛୁ ବୋଲି ଚୌଧୁରୀ କହିଛନ୍ତି।